# ଉତ୍କଳ ପ୍ରସଙ୍ଗ

ଜାନୁଆରୀ-୧୯୯୯





ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ  କୋଣାର୍କ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି
ଉଦ୍‌ଘାଟନ କରୁଛନ୍ତି । 1/12




ଜୟଦେବ ଭବନଠାରେ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ ଦ୍ୱାରା ଆୟୋଜିତ ନୂଆଖାଇ ଭେଟଘାଟ-୨୪ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମରଣିକା ଉନ୍ମୋଚନ କରୁଛନ୍ତି । 27/12

# ଉତ୍କଳ ପ୍ରସଙ୍ଗ

୫୫ ଭାଗ ୬ଷ୍ଠ ସଂଖ୍ୟା ପୌଷ–ମାଘ ୧୯୨୦ ଶକାବ୍ଦ ଜାନୁଆରୀ ୧୯୯୯

**ଶ୍ରୀ ସଂଜୀବ ଚନ୍ଦ୍ର ହୋତା**
ପ୍ରମୁଖ ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ରବୀନ୍ଦ୍ରନାଥ ଦାଶ**
ନିର୍ଦ୍ଦେଶକ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ମାନସ ନାୟକ

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । "ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ ରେ ମୁଦ୍ରିତ
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

# ସୂଚୀ


| | | |
|---|---|---|
| ଓଡ଼ିଶାରେ ନବଯୁଗର ପ୍ରବର୍ତ୍ତକ ଡଃ ମହତାବ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଖାରବେଳଙ୍କ ଶିଳାଲେଖ | ଡଃ ସ୍ନିଗ୍ଧା ତ୍ରିପାଠୀ | ୫ |
| ଭାରତର ପ୍ରଥମ ସଶସ୍ତ୍ର ଗଣ-ବିପ୍ଳବ | ଶ୍ରୀ ବ୍ରଜ ପାଇକରାୟ | ୧୦ |
| ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତି : ଏକ ସମୀକ୍ଷା | ଶ୍ରୀ ବଳଭଦ୍ର ଘଡ଼ାଇ | ୧୫ |
| ଭାରତ ଭାବନା ଓ ସ୍ୱାମୀ ବିବେକାନନ୍ଦ | ଡକ୍ଟର ଶରତ ଚନ୍ଦ୍ର ରଥ | ୧୭ |
| ରାଜତନ୍ତ୍ର ବିରୁଦ୍ଧରେ କନିକା ପ୍ରଜା ଆନ୍ଦୋଳନ | ଶ୍ରୀ ବଂଶୀଧର ଭୋଇ | ୨୦ |
| ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ଆନ୍ଦୋଳନ | ଡଃ ଦଣ୍ଡପାଣି ବେହେରା | ୨୩ |
| ଦେଶପ୍ରାଣ ମଧୁସୂଦନ | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି | ୨୫ |
| ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀରେ ଭାରତୀୟ ଅର୍ଥନୀତି | ଡକ୍ଟର ହୃଷିକେଶ ମିଶ୍ର | ୩୦ |
| ଓଡ଼ିଶାର ଯୋଦ୍ଧ ସଂସ୍କୃତି | ଡକ୍ଟର ଭଗବାନ ପଣ୍ଡା | ୩୩ |
| ଡକ୍ଟର ମହତାବଙ୍କ ଦୃଷ୍ଟିରେ ଗାନ୍ଧିଜୀ | ଶ୍ରୀ ଗୌରୀବନ୍ଧୁ କର | ୩୭ |
| ମୂଲ୍ୟବୋଧର ଅବକ୍ଷୟ ଓ ଗଣତନ୍ତ୍ର | ଶ୍ରୀ ପଠାଣି ପଟ୍ଟନାୟକ | ୪୧ |
| ଓଡ଼ିଶାର ଯୁଗମାନବ ମହତାବଜୀ | ଶ୍ରୀ ଆର୍. ପି. ଶାସ୍ତ୍ରୀ | ୪୪ |
| ଜାତୀୟ ସଂଗ୍ରାମର ପୃଷ୍ଠଭୂମିରେ କଳାହାଣ୍ଡି | ଡକ୍ଟର ହୃଷିକେଶ ପଣ୍ଡା | ୪୭ |
| ନେତାଜୀ ସୁଭାଷ : ଏକ ଅମ୍ଳାନ ପ୍ରତିଭା | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର | ୫୧ |
| ଓଡ଼ିଶାରେ ଟସର ଶିଳ୍ପ ଓ ନିରନ୍ତର ବିକାଶ | ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି | ୫୪ |
| ସଫଳ କାହାଣୀ | .. | ୫୭ |
| ସମ୍ବାଦ ପରିକ୍ରମା | .. | ୫୯ |

# ଜାତୀୟ ସଙ୍ଗୀତ

"ଜନ–ଗଣ–ମନ–ଅଧିନାୟକ ଜୟ ହେ
ଭାରତ–ଭାଗ୍ୟ–ବିଧାତା
ପଞ୍ଜାବ–ସିନ୍ଧୁ–ଗୁଜୁରାଟ–ମରାଠା
ଦ୍ରାବିଡ଼–ଉତ୍କଳ–ବଙ୍ଗ
ବିନ୍ଧ୍ୟ–ହିମାଚଳ–ଯମୁନା–ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ–ମଙ୍ଗଳଦାୟକ ଜୟ ହେ,
ଭାରତ–ଭାଗ୍ୟ–ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା :

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତି ବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃ ଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ ଆମ୍ଭମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରିଛୁ ।"

# ୫୦ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ସି. ରଙ୍ଗରାଜନ୍‌ଙ୍କ

# ବାର୍ତ୍ତା



ପ୍ରିୟ ଭାଇ ଓ ଭଉଣୀମାନେ,

୫୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ତଥା ଶୁଭେଚ୍ଛା ଜ୍ଞାପନ କରୁଛି ।

୫୦ତମ ସାଧାରଣତନ୍ତ୍ର ଦିବସ ଆମର ସଫଳତା ଓ ତ୍ରୁଟିବିଚ୍ୟୁତିଗୁଡ଼ିକର ଆକଳନ କରିବା ପାଇଁ ପ୍ରକୃଷ୍ଟ ଅବସର । ଆମେ ଖ୍ରୀଷ୍ଟୀୟ ତୃତୀୟ ସହସ୍ର ବର୍ଷ ଆଡ଼କୁ ଅଗ୍ରସର ହେଉଥିବା ଦୃଷ୍ଟିରୁ ଏହା ଅଧିକ ପ୍ରାସଙ୍ଗିକ ମନେହୁଏ । ବିଗତ ଅର୍ଦ୍ଧଶତାବ୍ଦୀ ଧରି ଧର୍ମ ନିରପେକ୍ଷ ତଥା ଗଣତାନ୍ତ୍ରିକ ପରମ୍ପରା ଅଧିକ ସୁଦୃଢ଼ ହୋଇଛି । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରୂପେ ଭାରତ ତା'ର ମୁକ୍ତ ତଥା ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା, ସ୍ୱଚ୍ଛ ତଥା ନିରପେକ୍ଷ ନ୍ୟାୟପାଳିକା, ମୁକ୍ତ ସମ୍ବାଦପତ୍ର ତଥା ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ଗଣତାନ୍ତ୍ରିକ ଅନୁଷ୍ଠାନକୁ ନେଇ ଗର୍ବିତ, ଯାହାକି ଏକ ସାର୍ବଭୌମ ଗଣତାନ୍ତ୍ରିକ ଏବଂ ଧର୍ମ ନିରପେକ୍ଷ ରାଷ୍ଟ୍ରର ଭିତ୍ତିଭୂମି । ଆର୍ଥିକ ଉଦାରୀକରଣ ଆରମ୍ଭ ହେବା ପରେ ଆମ ଦେଶ ଦ୍ରୁତ ବିତ୍ତ ଓ ଅର୍ଥନୈତିକ ସଂସ୍କାର ପଥରେ ଗତି କରୁଛି ଏବଂ ଆର୍ଥିକ ବିକାଶ ଧାରାକୁ ସୁଦୃଢ଼ କରିବା ପାଇଁ ମୌଳିକ ପରିବର୍ତ୍ତନର ପନ୍ଥା ଗ୍ରହଣ କରିଛି । ଏଥି ସହିତ ଦାରିଦ୍ର୍ୟ ହ୍ରାସ ଓ ସାମାଜିକ ପ୍ରଗତି ଦିଗରେ ଉଦ୍ୟମ ଅବ୍ୟାହତ ରହିଛି । ଆମର ଅର୍ଥନୀତି ବିଶ୍ୱବ୍ୟାପୀ ଆର୍ଥିକ ସଂକଟକୁ ମୁକାବିଲା କରିବାରେ ସକ୍ଷମ ହୋଇ ପାରିଛି । ଏହା ଆମର ଦୃଢ଼ତା ଓ ମୌଳିକ ସାମର୍ଥ୍ୟକୁ ପ୍ରମାଣିତ କରିଛି ।

ଏ ସମସ୍ତ ସାଫଲ୍ୟ ସତ୍ତ୍ୱେ ଆମର କେତେକ ତ୍ରୁଟିବିଚ୍ୟୁତି ମଧ୍ୟ ରହିଛି । ବିଭିନ୍ନ ଧର୍ମ, ଭାଷା ଓ ସଂସ୍କୃତିକୁ ବହନ କରିଥିବା ଏହି ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଅଧିକରୁ ଅଧିକ ଉଦ୍ୟମ ହେବା ଆବଶ୍ୟକ । ଦାରିଦ୍ର୍ୟ ହାର ଦ୍ରୁତ ଭାବରେ ହ୍ରାସ ପାଇବା ଉଚିତ । ଆର୍ଥିକ ପ୍ରଗତି ଭିତ୍ତିଭୂମି ଉନ୍ନୟନ ଉପରେ ନିର୍ଭରଶୀଳ ହୋଇଥିବାରୁ ଏହାର ଅଭିବୃଦ୍ଧି ଏକାନ୍ତ ଜରୁରୀ । ଏକ ସୁଦୃଢ଼ ଭାରତ ଗଠନ କରିବା ପାଇଁ ଆମ୍ଭେମାନେ ସଂକୀର୍ଣ୍ଣ ଗୋଷ୍ଠୀ କନ୍ଦଳ, ଭାଷାଗତ ଅସହିଷ୍ଣୁତା ଓ ଉଗ୍ର ଧର୍ମାନ୍ଧତାଠାରୁ ଊର୍ଦ୍ଧ୍ୱରେ ରହିବା ଉଚିତ ।

ଆମ ରାଜ୍ୟ ଶିଳ୍ପ କାରଖାନା ଓ ଭିତ୍ତିଭୂମି, କୃଷି, ଜଳସେଚନ, ଶିକ୍ଷା ଓ ସମାଜ କଲ୍ୟାଣ ଏବଂ ଅନ୍ୟାନ୍ୟ ବିବିଧ କ୍ଷେତ୍ରରେ ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ନିଷ୍ଠାପର ଉଦ୍ୟମ କରିଛି । ସୁବିଧା ସୁଯୋଗରୁ ବଞ୍ଚିତ–ଜନଙ୍କର କଲ୍ୟାଣ ଏବଂ ଦାରିଦ୍ର୍ୟର ଲାଘବ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଅବ୍ୟାହତ ରହିଛି । ଏହି ସବୁ କ୍ଷେତ୍ରରେ ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ଜନସାଧାରଣ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବା ବାଞ୍ଛନୀୟ ।

ଏହି ସ୍ମରଣୀୟ ଦିବସ ଅବସରରେ ଆସନ୍ତୁ, ଆମେ ସମସ୍ତେ ଆମର ଦେଶ ତଥା ଆମର ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ପରମ୍ପରା ପ୍ରତି ପୁନଃବିଶ୍ୱାସ ସ୍ଥାପନ କରିବା ସଙ୍ଗେ ସଙ୍ଗେ ସାମୂହିକ ପ୍ରଗତି ହାସଲ ପାଇଁ ସମ୍ମିଳିତ ଉଦ୍ୟମ କରିବା ।

ଜୟହିନ୍ଦ୍

# ୫୦ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ

# ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବାର୍ତ୍ତା



ଭାରତର ୫୦ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାର ପ୍ରିୟ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି । ଭାରତର ସାଧାରଣତନ୍ତ୍ର କେବଳ ଆମ ଦେଶ ପାଇଁ ନୁହେଁ, ସାରା ପୃଥିବୀ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ । ଏହି ସାଧାରଣତନ୍ତ୍ର ଜନ୍ମ ନେଲା ଶହ ଶହ ବର୍ଷର ପରାଧୀନତାର ଇତିହାସ ମଧ୍ୟରୁ । ପ୍ରଥମଥର ପାଇଁ ଭାରତର ସମସ୍ତ ଅଞ୍ଚଳ ଏକତ୍ର ଗୋଟିଏ ଶାସନାଧୀନ ହେଲା । ସ୍ୱାଧୀନ ଭାରତବର୍ଷ ନିଜକୁ ସାଧାରଣତନ୍ତ୍ର ଘୋଷଣା କରିବା ସଙ୍ଗେ ସଙ୍ଗେ ନିଜର ଏକ ଗଣତାନ୍ତ୍ରିକ ସମ୍ବିଧାନ ମଧ୍ୟ ପ୍ରଣୟନ କଲା । ଏହି ସମ୍ବିଧାନ ୫୦ ବର୍ଷ ଧରି ଆମକୁ ଚଳେଇ ଆସିଛି ଏବଂ ୫୦ ବର୍ଷ ଭିତରେ ବହୁ ଉତ୍‌ଥାନ–ପତନ, ବହୁ ଆହ୍ୱାନ ସତ୍ତ୍ୱେ ଏ ସମ୍ବିଧାନ ଦେଶକୁ ଚଳେଇବାର ଏକମାତ୍ର ଆଦର୍ଶ ସମ୍ବିଧାନ ରୂପେ ପ୍ରମାଣିତ ହୋଇଛି । ଆମକୁ ଏହି ଗଣତାନ୍ତ୍ରିକ ସମ୍ବିଧାନ ଦେବାରେ ଯେଉଁମାନଙ୍କର ମହତ୍ତ୍ୱପୂର୍ଣ୍ଣ ଦାନ ଅଛି, ସେମାନଙ୍କର ଅବଦାନକୁ ଆମେ ସ୍ମରଣ କରିବା ଉଚିତ । ଜାତିର ଜନକ ମହାତ୍ମାଗାନ୍ଧୀ ସ୍ୱାଧୀନତା ପରେ ଯେଉଁ ଶାସନ ଭାରତବର୍ଷରେ ପ୍ରବର୍ତ୍ତିତ ହେବ, ତାହା ଏକ ଗଣତାନ୍ତ୍ରିକ ଶାସନ ହେବା ଦରକାର ବୋଲି ଜୋର୍ ଦେଉଥିଲେ ଏବଂ ଯେତେବେଳେ ଆମର ସମ୍ବିଧାନ ସଭା ବସିଲା, ସେତେବେଳେ ଏହାର ପଣ୍ଡିତ ଜବାହରଲାଲ ନେହେରୁ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଏହାର ରୂପରେଖ ଦେଇଥିଲେ । ସେ ଥିଲେ ଗଣତନ୍ତ୍ରର ଏକ ପ୍ରଧାନ ପୂଜାରୀ ଏବଂ ଗଣତନ୍ତ୍ର ପାଇଁ ସେ କେବଳ ଭାରତବର୍ଷରେ ନୁହେଁ, ସାରା ପୃଥିବୀରେ ଜାଗରଣ ଆଣିଥିଲେ । ଯେଉଁମାନେ ସମ୍ବିଧାନ ସଭାକୁ ପରିଚାଳନା କରିଥିଲେ ଏବଂ ସମ୍ବିଧାନ ରଚନାରେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଅନ୍ୟତମ ଏବଂ ସମ୍ବିଧାନକୁ ରଚନା କରିବାରେ ଡକ୍ଟର ବି: ଆର୍: ଆମ୍ବେଦକରଙ୍କର ଅବଦାନ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ।

ଆଜି ଏହି ସମ୍ବିଧାନ ଦ୍ୱାରା ଭାରତବର୍ଷ ସାରା ପୃଥିବୀରେ ଏକ ଶ୍ରେଷ୍ଠ ଗଣତନ୍ତ୍ର ଭାବରେ ଦେଖାଦେଇଛି । ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ମାନବାଧିକାର ପ୍ରତି ସମ୍ମାନ, ଧର୍ମନିରପେକ୍ଷତା ବା ସର୍ବଧର୍ମ ପ୍ରତି ସମଭାବ ଓ ସମସ୍ତଙ୍କ ପ୍ରତି ସମ୍ମାନ ହେଉଛି ଆମ ସମ୍ବିଧାନର ବିଶେଷତ୍ୱ । ପୃଥିବୀର ଚାରିଆଡ଼େ ବହୁ ଏକଛତ୍ର ବାଦର ଅଭ୍ୟୁତ୍ଥାନ ହୋଇଛି । ସେମାନେ ସବୁ ଲୋପ ପାଇ ଯାଇଛନ୍ତି । ଅନେକ ଚେଷ୍ଟା କରୁଛନ୍ତି ଗଣତନ୍ତ୍ର ଆଡ଼କୁ ଅଗ୍ରସର ହେବା ପାଇଁ । ଭାରତ ସମସ୍ତଙ୍କୁ ଏ ଦିଗରେ ପଥ ପ୍ରଦର୍ଶନ କରି ଚାଲିଛି । ଆଜି ଆମେ ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ବିଚାର କଲାବେଳେ ଆମକୁ ମନେ ରଖିବାକୁ ହେବ ଯେ ଆମେ ଅନେକ ସମସ୍ୟାର ସମାଧାନ କରିଛେ ଏବଂ ଅନେକ ସମସ୍ୟା ଏ ପର୍ଯ୍ୟନ୍ତ ଅସମାହିତ ରହିଛି । ଆମେ ଯେତେବେଳେ ସ୍ୱାଧୀନ ହେଲେ, ସେତେବେଳେ ଯଥେଷ୍ଟ ଖାଦ୍ୟ ଏ ଦେଶରେ ଉତ୍ପାଦିତ ହେଉନଥିଲା । ବାହାରୁ ଆମକୁ ଖାଦ୍ୟ ଆମଦାନୀ କରିବାକୁ ପଡୁଥିଲା । ବର୍ତ୍ତମାନ ଦେଶର ଆବଶ୍ୟକତା ମେଣ୍ଟାଇବା ପାଇଁ ଆମେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ କରୁଛେ । କୃଷି କ୍ଷେତ୍ରରେ ଓ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତର ସଫଳତା ପୃଥିବୀରେ ଏକ ଉଲ୍ଲେଖଯୋଗ୍ୟ ଘଟଣା । ଏହା ସହିତ ଶିଳ୍ପ କ୍ଷେତ୍ରରେ ଆଜି ଆମେ ପ୍ରାୟ ଆତ୍ମନିର୍ଭରଶୀଳ ହୋଇ ପାରିଛେ ଏବଂ ପୃଥିବୀର ମୁଖ୍ୟ ଶିଳ୍ପ ସମୃଦ୍ଧ ଦେଶମାନଙ୍କ ମଧ୍ୟରେ ଆମକୁ ଆଜି ଗଣାଯାଇ ପାରୁଛି । କୃଷି ଏବଂ ଶିଳ୍ପ ସହିତ ସାମରିକ କ୍ଷେତ୍ରରେ ମଧ୍ୟ ଆମେ ସ୍ୱାବଲମ୍ବୀ ହୋଇ ପାରିଛେ । ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭ କରି ଆଣବିକ ଅସ୍ତ୍ର ପର୍ଯ୍ୟନ୍ତ ଭାରତ କାହା ଉପରେ ନିର୍ଭର କରିବାର ପ୍ରଶ୍ନ ଉଠୁନାହିଁ, କାହାଦ୍ୱାରା ଡରିଯିବାର ପ୍ରଶ୍ନ ଉଠୁ ନାହିଁ । ଆଜି ନିର୍ଭୟ ଭାବରେ ଭାରତ ନିଜର ସ୍ୱାଧୀନ ନୀତି ଅବଲମ୍ବନ କରିବାର

ଆରମ୍ଭ ହୋଇଛି, ଓଡ଼ିଶା ମଧ୍ୟ ସେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛି । ଓଡ଼ିଶାର ଦାରିଦ୍ର୍ୟ ସୁବିଦିତ । କିନ୍ତୁ ଓଡ଼ିଶାର ପ୍ରାଚୀନ ଗୌରବ ମଧ୍ୟ ସାରା ଭାରତକୁ ଦିନେ ଚମତ୍କୃତ କରିଥିଲା । ଆଜି ଇତିହାସର ସେହି ସୁଦିନର କଥା ଚିନ୍ତା କରି ଆମକୁ ଆଗେଇ ଯିବାକୁ ପଡ଼ିବ ।

ଏବର୍ଷଟି 'କଳିଙ୍ଗ ଖାରବେଳ ବର୍ଷ' ରୂପେ ପାଳନ କରାଯାଉଛି । କାରଣ କଳିଙ୍ଗର ଜଣେ ବୀରପୁତ୍ର ୨୦୦୦ ବର୍ଷ ତଳେ ସାରା ଭାରତବର୍ଷକୁ ନିଜର ଦିଗ୍‌ବିଜୟ ଦ୍ୱାରା ଚମତ୍କୃତ କରିଦେଇ ଥିଲେ । ନିଜର ଦେଶାତ୍ମବୋଧ ଦ୍ୱାରା ସାରା ଭାରତବର୍ଷକୁ ସେ ଉଦ୍‌ବୁଦ୍ଧ କରିଥିଲେ । ଖାରବେଳ ପ୍ରଥମେ 'ଭାରତବର୍ଷ' ଶବ୍ଦ ତାଙ୍କର ଶିଳାଲେଖରେ ବ୍ୟବହାର କରିଥିଲେ ଏବଂ ତା' ସଙ୍ଗେ ସଙ୍ଗେ ବୈଦେଶିକ ଆକ୍ରମଣକାରୀଙ୍କୁ ଭାରତବର୍ଷରୁ ବିତାଡ଼ିତ କରି ଦେଇ ପ୍ରମାଣିତ କରିଥିଲେ ଯେ ଦେଶ ମଧ୍ୟରେ ବିବାଦ ଥାଇପାରେ, କିନ୍ତୁ ବୈଦେଶିକ ଆକ୍ରମଣର ପ୍ରତିରୋଧ କରିବା ପ୍ରତ୍ୟେକ ଭାରତୀୟର ଧର୍ମ ଏବଂ କର୍ତ୍ତବ୍ୟ । ଖାରବେଳଙ୍କ ସମୟରେ ଓଡ଼ିଶାରେ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ, କେନାଲ ଆଦିର ଉନ୍ନୟନ, ସମସ୍ତ ପ୍ରଜାଙ୍କର ଉନ୍ନତି ସାଧିତ ହୋଇଥିଲା । ସେହି ସବୁ କଥାକୁ ସ୍ମରଣ କରି ଏହି ବର୍ଷକୁ କଳିଙ୍ଗ 'ଖାରବେଳ ବର୍ଷ' ଭାବରେ ପାଳନ କରିବା ପାଇଁ ରାଜ୍ୟ ସରକାର ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି । ସେହି କାର୍ଯ୍ୟକ୍ରମ ମଧ୍ୟରେ ସବୁ ଲୋକଙ୍କୁ ଘରଡ଼ିହ ଯୋଗାଇ ଦେବା । ଯାହାର ଘରଡ଼ିହ ନାହିଁ, ସମସ୍ତେ ଯେପରି ଘରଡ଼ିହ ପାଇବେ ଏବଂ ବାସହୀନ ଲୋକଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ମଧ୍ୟ ପ୍ରତିଜ୍ଞା କରାଯାଇଛି । ଏହା ସହିତ ଓଡ଼ିଶାରେ ଯେପରି ଶିଳ୍ପର ଅଭିବୃଦ୍ଧି ହୋଇ ବେକାର ସମସ୍ୟାର ଅବସାନ ଘଟେ, କୃଷିର ବିକାଶ ହୋଇ ସର୍ବଭାରତୀୟ ସ୍ତରରେ ଆମେ ଯେପରି ପହଞ୍ଚି ପାରିବା, ପର୍ଯ୍ୟଟନର ବିକାଶ ହୋଇ ଓଡ଼ିଶା ଭାରତରେ ଏକ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀରେ ପରିଗଣିତ ହେବ, ଏସବୁ ବିଷୟରେ ମଧ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ନିଶ୍ଚିତ ଭାବରେ ଏ ସମସ୍ତ କାର୍ଯ୍ୟକ୍ରମ ସଫଳ ହେବ, କାରଣ ଓଡ଼ିଶାରେ ପ୍ରାକୃତିକ ବିଭବର ଅଭାବ ନାହିଁ, ଲୋକଶକ୍ତିର ଅଭାବ ନାହିଁ, ରାଜନୈତିକ ସ୍ଥିରତା ଓ ଦୃଢ଼ତା ରହିଛି ଏବଂ ଏକ ନିଷ୍ଠାପର ନେତୃତ୍ୱ ରହିଛି । ଏସବୁକୁ ବିସ୍ମର କଲେ ଆଜିର ଦିନରେ ଭାରତବର୍ଷର ଗଣତନ୍ତ୍ର ଓ ସ୍ୱାଧୀନତା ପାଇଁ ଆମେ ଗର୍ବ ଓ ଗୌରବ ଅନୁଭବ କରିବା । ମୁଁ ଆପଣମାନଙ୍କୁ ପୁଣି ଥରେ ଅଭିନନ୍ଦନ ଜଣାଉଛି । ଓଡ଼ିଶା ଯେପରି ଭାରତବର୍ଷରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ସେଥିପାଇଁ ଆପଣମାନେ ସମସ୍ତେ ଆଜି ଉଦ୍‌ବୁଦ୍ଧ ହୋଇ ସଂକଳ୍ପ ନେବେ ବୋଲି ଆଶା କରୁଛି ।

'ଜୟ ଉତ୍କଳ ଜନନୀ'

'ଜୟ ଭାରତ'

ଜୟହିନ୍ଦ୍

## ୫୦ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ
## ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ
## ଶ୍ରୀ ଭୂପିନ୍ଦର ସିଂହଙ୍କ
# ବାର୍ତ୍ତା



୫୦ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଜାନୁଆରୀ ୨୬ ତାରିଖ ଦିନଟି ଭାରତବର୍ଷ ପାଇଁ ଏକ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ଦିବସ । ଆଜକୁ ୪୯ ବର୍ଷ ପୂର୍ବେ ଏହି ଦିନ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା ଏବଂ ଭାରତବର୍ଷ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଗଣିତ ହୋଇଥିଲା । ଏହିଭଳି ଏକ ପୁଣ୍ୟ ଅବସରରେ ଆଜି ସ୍ମରଣ କରିବାର କଥା ସେହି ଦୀପ୍ତିମନ୍ତ ନେତୃବର୍ଗ, ଶହୀଦ୍, ଦେଶପ୍ରେମୀ, ବିପ୍ଳବୀ, କବି, ଔପନ୍ୟାସିକ, କଳାକାର, ଯୋଗୀ ଏବଂ ସାମ୍ବାଦିକମାନଙ୍କୁ, ଯେଉଁମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ, ତ୍ୟାଗ ଓ ପ୍ରେରଣା ବିନା ଭାରତ ସ୍ୱାଧୀନତାର ଆଲୋକ ଦେଖି ପାରିନଥାନ୍ତା ।

ଆମ ଭାରତବର୍ଷ ଏକ ବୈଚିତ୍ର୍ୟପୂର୍ଣ୍ଣ ଦେଶ । ବହୁ ଧର୍ମ, ବହୁ ଭାଷା, ବହୁ ସଂସ୍କୃତିର ସମାହାର ଏହି ଭାରତବର୍ଷ । ତଥାପି ବହୁ ବୈଷମ୍ୟ ମଧ୍ୟରେ ସାମ୍ୟ ଯୁଗ ଯୁଗ ଧରି ଏ ଦେଶରେ ପ୍ରତିଷ୍ଠିତ ହୋଇଆସିଛି । ଅନୈକ୍ୟ ମଧ୍ୟରେ ଐକ୍ୟ, ବୈଷମ୍ୟ ମଧ୍ୟରେ ସାମ୍ୟ ଏବଂ ବୈସାଦୃଶ୍ୟ ମଧ୍ୟରେ ସାଦୃଶ୍ୟ ହେଉଛି ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ଏହି ଭାରତର ମହାମାନବର ସାଗର ତୀରରେ ସମସ୍ତ ଜାତି, ଧର୍ମ, ସଂସ୍କୃତି ସମ୍ମିଳିତ ହୋଇ ମାନବିକତାର ବାଣୀ ପ୍ରଚ୍ଚରିତ ହୋଇଅଛି ।

ଏହି ପବିତ୍ର ଦିବସ ସାମ୍ପ୍ରତିକ ପରିସ୍ଥିତିର ସମୀକ୍ଷା ପାଇଁ ମଧ୍ୟ ପ୍ରକୃଷ୍ଟ ଅବସର । ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଆମେ ଯେଉଁ ଅଗ୍ରଗତି କରିଛେ, ସେଥିପାଇଁ ଆମେ ଗର୍ବ ଓ ଗୌରବ ଅନୁଭବ କରିବା କଥା । କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ବୈଷୟିକ, ସୂଚନା ପ୍ରଯୁକ୍ତି ଓ ସାମରିକ କ୍ଷେତ୍ରରେ ଆମେ ବିଶ୍ୱରେ ଏକ ପ୍ରମୁଖ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିପାରିଛୁ ।

ଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଆମର ସବୁଠାରୁ ସଫଳତା ଜନସାଧାରଣଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନାର ବିକାଶ । ଗଣତାନ୍ତ୍ରିକ ଭିତ୍ତିଭୂମି ପ୍ରତିଷ୍ଠା, ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟରେ ଜନସାଧାରଣଙ୍କ ହାତରେ କ୍ଷମତା ପ୍ରଦାନ ଓ ମହିଳାମାନଙ୍କର ଶାସନ କ୍ଷମତାଠାରୁ ଶିକ୍ଷାଦାନ ପର୍ଯ୍ୟନ୍ତ ଦକ୍ଷତାର ସହିତ କାର୍ଯ୍ୟନିର୍ବାହ ପ୍ରଭୃତି ସଫଳତାର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ।

ବିଗତ ୫୦ ବର୍ଷ ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ପ୍ରଭୂତ ସଫଳତା ହାସଲ କରିଥିଲେ ମଧ୍ୟ କେତେକ କ୍ଷେତ୍ରରେ ଆମକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି । ଏହା ନିଃସନ୍ଦେହ ଯେ ଆମେ ହାସଲ କରିଥିବା ସଫଳତା ପ୍ରଶଂସନୀୟ, ତଥାପି ଆମକୁ ଆହୁରି ବହୁ ପଥ ଅତିକ୍ରମ କରିବାକୁ ପଡ଼ିବ । "ଗ୍ଳଲିବି ଗ୍ଳଲିବି ନପଡ଼ିବି ଥକି, ମୁଦିବା ଆଗରୁ ଆଖି ।" ଥକିଗଲେ ଚଳିବନାହିଁ । ଉଦ୍ୟମ ଜାରି ରଖିବାକୁ ପଡ଼ିବ ।

ଆମକୁ ସବୁବେଳେ ମନେ ରଖିବାକୁ ହେବ ଯେ ଆମେମାନେ ହେଉଛୁ ସର୍ବପ୍ରଥମେ ଭାରତୀୟ । ତେଣୁ ଆମର ଦେଶପ୍ରତି ଯେଉଁ ଆହ୍ୱାନ, ତାହାକୁ ଆମପ୍ରତି ଆହ୍ୱାନ ଭାବରେ ଗ୍ରହଣ କରିବା ଉଚିତ । ଜାତୀୟତା ବିନା ଗୋଟିଏ ଜାତି କେବେ ବଞ୍ଚି ନପାରେ । ତେଣୁ ଆଜିର ଏହି ପବିତ୍ର ଦିବସ ପାଳନ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ବିନମ୍ର ନିବେଦନ—ଭେଦଭାବ ଭୁଲି ଦେଶ ତଥା ଜାତିର ସର୍ବାଙ୍ଗୀନ ଉନ୍ନତି ତଥା ଦେଶର ଏକତା ଓ ଅଖଣ୍ଡତା ରକ୍ଷା ସହ ଦେଶକୁ ତଥା ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୁଅନ୍ତୁ ।

**ଜୟହିନ୍ଦ୍**

# ମୁକ୍ତି-ସଂଗ୍ରାମର ମହାରଥୀ



ନେତାଜୀ ସୁଭାଷଚନ୍ଦ୍ର



ବୀର ସୁରେନ୍ଦ୍ର ସାଏ



ବକ୍ସି ଜଗବନ୍ଧୁ

# ଖାରବେଳ ମହୋତ୍ସବର ଶୁଭାରମ୍ଭ



ଖାରବେଳ ମହୋତ୍ସବ ଓ 'ଓଡ଼ିଶାରେ ଜୈନ ପରମ୍ପରା' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡା. ସି.ରଙ୍ଗରାଜନ୍ ପ୍ରଦୀପ ଜାଳି ଉଦ୍ଘାଟନ କରୁଛନ୍ତି



ଉଦ୍ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଋଷଭଦେବ ଫାଉଣ୍ଡେସନ ପକ୍ଷରୁ କର୍ଣ୍ଣାଟକର ଶ୍ରୀ ଜୀ. ବ୍ରହ୍ମପ୍ପାଙ୍କୁ 'ଇତିହାସ ରତ୍ନ' ପୁରସ୍କାର ପ୍ରଦାନ କରୁଛନ୍ତି

ଗତ ଜାନୁଆରୀ ୧୬ ତାରିଖରେ ଭୁବନେଶ୍ୱର ସୂଚନାଭବନଠାରେ ବର୍ଷବ୍ୟାପୀ ଖାରବେଳ ମହୋତ୍ସବ ଉଦ୍ଘାଟନ କରି ରାଜ୍ୟପାଳ ଡା. ସି.ରଙ୍ଗରାଜନ୍ କହିଲେ, ଯେ ଦିଗ୍‌ବିଜୟୀ ସମ୍ରାଟ, ପ୍ରଜାନୁରାଗୀ ଶାସକ ଏବଂ କଳା, ସାହିତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉପାସକ ଭାବରେ ଖାରବେଳ ଇତିହାସରେ ଉଜ୍ଜ୍ୱଳ ହୋଇ ରହିବେ । ତାଙ୍କ ଶାସନକାଳରେ କଳିଙ୍ଗର ଗୌରବ ଅତି ଉଚ୍ଚରେ ରହିଥିଲା । କୃଷ୍ଣାନଦୀ ପର୍ଯ୍ୟନ୍ତ ତାଙ୍କର ସାମ୍ରାଜ୍ୟ ବିସ୍ତୃତି ଲାଭ କରିଥିଲା । ଦେଶର ନବନିର୍ମାଣ ତଥା ଓଡ଼ିଶାବାସୀଙ୍କ କଲ୍ୟାଣ କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ । ଜୈନ ଧର୍ମାବଲମ୍ବୀ ଥିଲେ ମଧ୍ୟ ସବୁ ଧର୍ମକୁ ସେ ସମ୍ମାନ ପ୍ରଦର୍ଶନ କରୁଥିଲେ । ଖାରବେଳ ଯୁଗର ଐତିହ୍ୟ ଆଜି ମଧ୍ୟ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ।

ଏହି ଉତ୍ସବ ଅବସରରେ 'ଓଡ଼ିଶାରେ ଜୈନ ପରମ୍ପରା' ଶୀର୍ଷକ ଏକ ତିନିଦିନିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଦିଲ୍ଲୀର ଋଷଭ ଦେବ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରର [illegible] ସେଣ୍ଟର ଫର ଇଣ୍ଡୋଲୋଜିକାଲ ଷ୍ଟଡିଜ୍ ସହଯୋଗରେ ଏହି ଉତ୍ସବର ଆୟୋଜନ କରାଯାଇଥିଲା ।

୧୮ ତାରିଖ ଉଦ୍ଘାଟନ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଲେ ଯେ ଖାରବେଳ ହେଉଛନ୍ତି ଓଡ଼ିଆ ଜାତିର ପ୍ରେରଣାର ପ୍ରତୀକ । ତାଙ୍କ ଶାସନ କାଳରେ କଳିଙ୍ଗ ଯେପରି ସମୃଦ୍ଧିର ଶିଖରରେ ପହଞ୍ଚି ପାରିଥିଲା, ଆଜିର ଓଡ଼ିଶାକୁ ସେହିଭଳି ସବୁ କ୍ଷେତ୍ରରେ ସମୃଦ୍ଧିଶାଳୀ କରିବାକୁ ସରକାର ସଂକଳ୍ପବଦ୍ଧ । ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପାଇଁ ସରକାର ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏକକୋଟି ଟଙ୍କା ବ୍ୟୟରେ ଦିଲ୍ଲୀରେ ଫାଉଣ୍ଡେସନ ପକ୍ଷରୁ ନିର୍ମାଣ କରାଯାଉଥିବା ଖାରବେଳ ଭବନ ପାଇଁ ଓଡ଼ିଶା ସରକାର ୫୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

# ଓଡ଼ିଶାରେ ନବଯୁଗର ପ୍ରବର୍ତ୍ତକ
# ଡଃ ମହତାବ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଓଡ଼ିଶାରେ... ଡକ୍ଟର ମହତାବଙ୍କର ଶତବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଶତବାର୍ଷିକୀ ଜୟନ୍ତୀ କମିଟି ଗଠନ କରାଯାଇଛି । ଡକ୍ଟର ମହତାବ ଓଡ଼ିଶାରେ ଏକ ଯୁଗ ପ୍ରବର୍ତ୍ତକ । ପ୍ରତ୍ୟେକ ଜାତି ଗର୍ବ କରେ, ତା'ର ଇତିହାସରେ ଯେଉଁମାନେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟି ହୋଇ ରହିଥାନ୍ତି, ଯେଉଁମାନେ ଗୋଟିଏ ଗୋଟିଏ ନୂଆ ଯୁଗର ପ୍ରବର୍ତ୍ତନ କରିଥାନ୍ତି । ଆଜି ଓଡ଼ିଆ ଜାତିର ଇତିହାସରେ ସେହିପରି ଭାବରେ ଡକ୍ଟର ମହତାବଙ୍କୁ ଏକ ପ୍ରଧାନ ଯୁଗ ପ୍ରବର୍ତ୍ତକ ଭାବରେ ଆମେମାନେ ପ୍ରଣାମ କରିବା ଏବଂ ଶ୍ରଦ୍ଧାଞ୍ଜଳି ଦେବା ।"



ଯେତେବେଳେ ଓଡ଼ିଆ ଜାତିର ଏକ ଘୋର ଅନ୍ଧକାରମୟ ସମୟ, ଆମ ଭାଷାର ସ୍ୱତନ୍ତ୍ରତା ନେଇ ଏକ ପ୍ରଶ୍ନବାଚକ, ଯେତେବେଳେ ଆମର ସ୍ୱତନ୍ତ୍ର ପ୍ରଦେଶ ନଥିଲା, ଆମେ ବାରଦୁଆର ଗୁଣ୍ଡିପିଣ୍ଡା ହେଉଥିଲେ, ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗଳା ଓ ବିହାର ପ୍ରଦେଶ ଅନ୍ତର୍ଭୁକ୍ତ ହୋଇ ଖଣ୍ଡବିଖଣ୍ଡିତ ଅବସ୍ଥାରେ ରହିଥିଲେ, ନିଜର ସ୍ୱତନ୍ତ୍ର ସତ୍ତା ନଥିଲା ସେହି ଅନ୍ଧକାରମୟ ଯୁଗରେ ଯେଉଁମାନେ ଓଡ଼ିଆ ଜାତିକୁ ଆଲୋକର ବର୍ତ୍ତିକା ଦେଖାଇଥିଲେ, ସାହିତ୍ୟ, ସଂସ୍କୃତି ଏବଂ ରାଜନୈତିକ କ୍ଷେତ୍ରରେ ଯେଉଁମାନେ ଦୀପସ୍ତମ୍ଭପରି ଦେଖା ଦେଇଥିଲେ, ସେମାନଙ୍କୁ ଆମେ ଶ୍ରଦ୍ଧାଞ୍ଜଳି ଜଣେଇବା । ସେମାନଙ୍କ ମଧ୍ୟରେ ପ୍ରଧାନ ଉତ୍କଳଗୌରବ ମଧୁସୂଦନ ଦାସ । ନିଜର ଗର୍ବ ଏବଂ ଅଭିମାନ, ମାନ ମହତ୍ତ୍ୱକୁ ବଜାୟ ରଖିବା ପାଇଁ ଓଡ଼ିଆଜାତି ଏକାଠି ହୋଇ ଉତ୍କଳ ସମ୍ମିଳନୀ ପୀଠରେ ସଂଗ୍ରାମ କରିଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତିକୁ ଏକାଠି କରେଇଥିଲେ । ନିଜର ଶିକ୍ଷା, ବ୍ୟକ୍ତିତ୍ୱ ଓ ବୁଦ୍ଧି ବଳରେ ସେ ଭାରତବର୍ଷରେ ଜଣେ ବିଶିଷ୍ଟ ବୁଦ୍ଧିଜୀବୀ, ପ୍ରଖ୍ୟାତ ନେତା ଭାବରେ ସମ୍ମାନିତ ହୋଇଥିଲେ । ତାଙ୍କୁ ବଙ୍ଗଳାର ସେତେବେଳେ ଜଣେ ପ୍ରଧାନ ନେତା ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସହିତ ତୁଳନା କରାଯାଉଥିଲା ।

ଓଡ଼ିଆ ଜାତି ପାଇଁ ମଧୁବାବୁଙ୍କର ସେବା ସ୍ମରଣୀୟ ହୋଇ ରହିବ । ସବୁବେଳେ ସେ କହୁଥିଲେ, ଓଡ଼ିଶା ସ୍ୱତନ୍ତ୍ର ହେବା ମୁଁ ଦେଖିବି । ଅବଶ୍ୟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ସେ ଆଖିବୁଜି ଦେଇଥିଲେ । କିନ୍ତୁ ଓଡ଼ିଆ ଜାତି ପାଇଁ ତାଙ୍କର ତ୍ୟାଗ ଓ ସେବାକୁ ଆମେ କେବେହେଲେ ଭୁଲିପାରିବା ନାହିଁ ।

ଯେତେବେଳେ ଭାରତର ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହେଲା ଏବଂ ସେ ଆନ୍ଦୋଳନର ନେତୃତ୍ୱ ମହାତ୍ମାଗାନ୍ଧୀ ନେଲେ, ତାହା ଏକ ଗଣ ବିପ୍ଳବରେ ପରିଣତ ହେଲା । ଜନସାଧାରଣ ସେଥିରେ ଯୋଗ ଦେଲେ । କେବଳ ଅଳ୍ପକେତେକ ଲୋକଙ୍କ ଭିତରେ ଏ ଆନ୍ଦୋଳନ ସୀମାବଦ୍ଧ ନଥିଲା । ସାରାଭାରତରେ ଜନଗଣଙ୍କ ମଧ୍ୟରେ ଏକ ମହାନ୍ ବିପ୍ଳବରେ ପରିବ୍ୟାପ୍ତ ହେଲା । ସେହି ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱକୁ ଗ୍ରହଣ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ମହାଭାରତୀୟ ସ୍ରୋତରେ ଓଡ଼ିଆ ଜାତୀୟତାର ସ୍ରୋତକୁ ମିଶାଇ ଦେଇଥିଲେ । ଭଗୀରଥ ଗଙ୍ଗାକୁ ମର୍ତ୍ତ୍ୟଲୋକକୁ ଆଣିବା ଭଳି ଭାରତୀୟ ଜାତୀୟ କଂଗ୍ରେସର ପ୍ରବାହକୁ ସେ ଓଡ଼ିଶାରେ ଆଣି ପ୍ରବାହିତ କରିଥିଲେ । ସାଧାରଣ ଜନତାର ଭାଷା ତାଙ୍କର ମୁହଁରୁ ଫୁଟି ଉଠିଥିଲା । ସେ ଓଡ଼ିଶାର ଦରିଦ୍ର ନାରାୟଣଙ୍କ ସେବା ପାଇଁ ନିଜକୁ ସମର୍ପିତ କରିଥିଲେ । ଭାରତକୁ ସ୍ୱାଧୀନ କରି ସେହି ସ୍ୱାଧୀନ ଭାରତରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଓ ଗୌରବାନ୍ୱିତ ସ୍ଥାନ ପାଇଁ ସେ ସଂଗ୍ରାମ କରିଥିଲେ । ସେ କହୁଥିଲେ, "ଭାରତବର୍ଷ ହେଉଛି ଜଗତ ସରୋବରରେ ପଦ୍ମଫୁଲ । ସେ ପଦ୍ମଫୁଲ ଭିତରେ ଓଡ଼ିଶା ହେଉଛି କେଶର ।" ସେ ସବୁବେଳେ ବିଶ୍ୱଜନୀନ ମନୋଭାବ ସହିତ ଭାରତବର୍ଷକୁ ସମ୍ପୃକ୍ତ କରିଥିଲେ ଏବଂ ଭାରତବର୍ଷ ସହିତ ଓଡ଼ିଶାକୁ ସମ୍ପୃକ୍ତ କରିଥିଲେ । ଗରିବ ଲୋକଙ୍କ

ପାଇଁ ସେ ତାଙ୍କ ଜୀବନକୁ ଉତ୍ସର୍ଗୀତ କରିଥିଲେ । ସେ ତୁଳିରୁ ଉତ୍କଳମଣି ଗୋପବନ୍ଧୁ ଦାସ ଆମର ଦ୍ୱିତୀୟ ଯୁଗପ୍ରବର୍ତ୍ତକ । ସାହିତ୍ୟର କ୍ଷେତ୍ରରେ ସେ ସେତେବେଳେ ପଞ୍ଚସଖା ଯୁଗ ଆରମ୍ଭ କରିଥିଲେ । ସେହିପରି ଭାବରେ ଶିକ୍ଷାର କ୍ଷେତ୍ରରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।, ସାମ୍ବାଦିକ କ୍ଷେତ୍ରରେ 'ସମାଜ' ଆରମ୍ଭ କରିଥିଲେ । ସମସ୍ତ କ୍ଷେତ୍ରରେ ତତ୍କାଳୀନ ଓଡ଼ିଶାର ଦ୍ରୁତ ବିକାଶ ପାଇଁ ସେ ଉଦ୍ୟମ କରିଥିଲେ । ମଧୁବାବୁ ଯେପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଦେଖିପାରିଲେ ନାହିଁ, ତା'ର ୨ ବର୍ଷ ପୂର୍ବରୁ ଇହଧାମ ତ୍ୟାଗ କରିଥିଲେ, ସେହିପରି ଭାବରେ ପଣ୍ଡିତ ଗୋପବନ୍ଧୁ ଦାସ ଭାରତର ସ୍ୱାଧୀନତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଦେଖି ପାରିଲେ ନାହିଁ । ତାଙ୍କ ପରେ ଓଡ଼ିଶାରେ ନେତୃତ୍ୱର ଯେଉଁ ଶୂନ୍ୟସ୍ଥାନ ଥିଲା, ତାହାକୁ ପୂରଣ କଲେ ଡକ୍ଟର ହରେକୃଷ୍ଣ ମହତାବ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲେ ମଧ୍ୟ ତାହା ଏକ ଖଣ୍ଡିତ ଓ କ୍ଷୁଦ୍ର ପ୍ରଦେଶରେ ସୀମାବଦ୍ଧ ହୋଇ ରହିଥିଲା । ଏ ଓଡ଼ିଶାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ, ବିଶାଳ କରିବା ପାଇଁ ମହତାବଙ୍କର ଉଦ୍ୟମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଭାରତବର୍ଷରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶ ମିଶ୍ରଣ ଆନ୍ଦୋଳନ ଆରମ୍ଭ କରିଥିଲେ । ସେତେବେଳେ ଯେତେ ଦେଶୀୟ ରାଜ୍ୟ ଥିଲା, ସେସବୁକୁ ଭାରତବର୍ଷ ସହିତ ସେ ମିଶ୍ରଣ କରେଇଥିଲେ । ସବୁ ଦେଶୀୟ ରାଜ୍ୟ ସ୍ୱାଧୀନ ହେବା ପାଇଁ ଚାହୁଁଥିଲେ । ସବୁ ଦେଶୀୟ ରାଜ୍ୟକୁ ଭାରତରେ ମିଶାଇ ଏକ ବିଶାଳ ରାଷ୍ଟ୍ର ଗଠନ କରିବା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ସେ ଉଦ୍ୟମର ପ୍ରବର୍ତ୍ତକ ହେଲେ ଡକ୍ଟର ହରେକୃଷ୍ଣ ମହତାବ । ଗଡ଼ଜାତ ମିଶ୍ରଣ ଓଡ଼ିଶାରେ ପ୍ରଥମେ ଆରମ୍ଭ ହେଲା । ୨୬ଟି ଯାକ ଗଡ଼ଜାତ ମିଶିଲା ପରେ ଏକ ବିଶାଳ ଓଡ଼ିଶାରେ ପରିଣତ ହେଲା । ବିଶାଳ ଓଡ଼ିଶାର ଜନକ ବୋଲି ଯଦି କାହାକୁ କୁହାଯାଏ, ତା'ହେଲେ ସେ ହେଉଛନ୍ତି ଡକ୍ଟର ହରେକୃଷ୍ଣ ମହତାବ । କେବଳ ସେତିକିରେ ତାଙ୍କର କାର୍ଯ୍ୟକାଳ ସୀମାବଦ୍ଧ ନଥିଲା । ସେ ଚାହୁଁଥିଲେ ଓଡ଼ିଶାକୁ ଏକ ଆଧୁନିକ ଓଡ଼ିଶାରେ ପରିଣତ କରିବା ପାଇଁ । ଶିଳ୍ପରେ, କୃଷିରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ । ସାହିତ୍ୟ, ଶିକ୍ଷା ସବୁ କ୍ଷେତ୍ରରେ ଓଡ଼ିଶାକୁ ଉଠେଇବା ପାଇଁ । ଏଥିପାଇଁ ସେ ଅବିଶ୍ରାନ୍ତ ଉଦ୍ୟମ କରିଥିଲେ । ଯେତେଦିନ ପର୍ଯ୍ୟନ୍ତ ହୀରାକୁଦ ବନ୍ଧ ରହିଥିବ, ସେତେଦିନ ପର୍ଯ୍ୟନ୍ତ ତାଙ୍କର ନାମ ରହିଥିବ । ତତ୍କାଳୀନ ଭାରତବର୍ଷର ଯେଉଁ ସବୁ ନଦୀବନ୍ଧ ଯୋଜନା ଆରମ୍ଭ କରାଯାଇଥିଲା, ହୀରାକୁଦ ଥିଲା ତା'ଭିତରେ ପ୍ରଥମ । ପଣ୍ଡିତ ଜବାହରଲାଲ ନେହେରୁ ଆସି କହିଥିଲେ :–"ଆଧୁନିକ ଭାରତ ବର୍ଷର ଏ ପ୍ରଥମ ମନ୍ଦିର । ମୁଁ ଏ ମନ୍ଦିରକୁ ତୀର୍ଥଯାତ୍ରୀ ପରି ଆସିଛି । ଭାରତବର୍ଷର ଅଭ୍ୟୁତ୍ଥାନ ପାଇଁ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ତା' ଭିତରେ ହୀରାକୁଦ ଅନ୍ୟତମ ।"

ପ୍ରାଚୀନ କାଳରୁ ଭୁବନେଶ୍ୱର ଥିଲା ଓଡ଼ିଶାର ରାଜଧାନୀ । ତା'ପରେ କଟକ ହେଲା ରାଜଧାନୀ । କିନ୍ତୁ କଟକ ସହରର ବିସ୍ତୃତି ପାଇଁ ବିଶେଷ ସୁବିଧା ସେତେବେଳେ ନଥିଲା । କେବଳ କାଠଯୋଡ଼ି, ମହାନଦୀ ଭିତରେ କଟକ ସୀମାବଦ୍ଧ ହୋଇ ରହିଥିଲା । ତେଣୁ ଓଡ଼ିଶାର ନୂଆରାଜଧାନୀ କଥା ଯେତେବେଳେ ଉଠିଲା, ଡକ୍ଟର ହରେକୃଷ୍ଣ ମହତାବ ଭୁବନେଶ୍ୱରକୁ ନିର୍ବାଚନ କଲେ ।। ସେତେବେଳେ ଅନେକ ତା'ର ବିରୋଧ କରିଥିଲେ । କିନ୍ତୁ ଆଜି ଭୁବନେଶ୍ୱରର ଯେଉଁ ବିସ୍ତୃତି ତାହ ମଧ୍ୟ ଯଥେଷ୍ଟ ହେଉ ନାହିଁ ରାଜଧାନୀ ପାଇଁ । ତା'ର ଚତୁର୍ଦ୍ଦିଗରେ ବର୍ତ୍ତମାନ ଆରମ୍ଭ କରାଯାଇଛି ନୂଆ ନୂଆ ପ୍ରକଳ୍ପ । ଭୁବନେଶ୍ୱରର ବିସ୍ତୃତି ପାଇଁ ଉଦ୍ୟମ ଚାଲିଛି । ୩୦ ବର୍ଷ ପରେ ଭୁବନେଶ୍ୱର–ଖୋର୍ଦ୍ଧା ମିଶିଯାଇ ପାରେ । ଭୁବନେଶ୍ୱର–ଡେଲାଙ୍ଗ ମିଶିଯାଇ ପାରେ, ଭୁବନେଶ୍ୱର–ବାଲକାଟି ମିଶିଯାଇ ପାରେ । ଭୁବନେଶ୍ୱରର ବିସ୍ତୃତି ପାଇଁ ଯଥେଷ୍ଟ କ୍ଷେତ୍ର ଅଛି । କଟକ ସହରରେ ତାହା ନଥିଲା । ତେଣୁ ଡଃ ମହତାବ ଦୂରଦୃଷ୍ଟି ସହିତ ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ ଘୋଷଣା କରିଥିଲେ ଏବଂ ସୁପରିକଳ୍ପିତ ଭାବରେ ଭୁବନେଶ୍ୱରର ବିକାଶ ଆରମ୍ଭ କରିଥିଲେ ।

ଓଡ଼ିଶାର ଶିଳ୍ପର ବିକାଶ ପାଇଁ ସେ ଓଡ଼ିଶା ଟେକ୍ସଟାଇଲସ୍ ମିଲ୍ ସ୍ଥାପନ .କଲେ । ସେତେବେଳେ ଗାନ୍ଧୀବାଦୀମାନେ ତା'ର ଘୋର ବିରୋଧ କଲେ । ସେମାନେ କହିଲେ, ବଡ଼ବଡ଼ ଶିଳ୍ପ, କାରଖାନା ଏ ହେଉଛି ଗାନ୍ଧୀ ନୀତିର ବିରୋଧୀ । ଡଃ ମହତାବ ସେତେବେଳେ ସମସ୍ତ ବିରୋଧର ସାମନା କରିଥିଲେ ଏବଂ କହିଥିଲେ ଯେ ଦାରିଦ୍ର୍ୟ କେବେହେଲେ ଗାନ୍ଧୀନୀତି ନୁହେଁ । ଶିଳ୍ପର ବିସ୍ତାର ଦ୍ୱାରାହିଁ ଲୋକଙ୍କ ଦାରିଦ୍ର୍ୟ ଦୂର ହେବ, ଏହାକୁ ଗାନ୍ଧୀନୀତିର ବିରୋଧୀ ବୋଲି କୁହାଯାଇ ନପାରେ । ପରବର୍ତ୍ତୀ କାଳରେ ସେ ଓଡ଼ିଶାକୁ ସବୁ କ୍ଷେତ୍ରରେ ଉଠେଇବା ପାଇଁ ଉଦ୍ୟମ କରିଛନ୍ତି ।

ଓଡ଼ିଶା ପାଇଁ ସେତେବେଳେ ଏକ ନୂତନ ସମ୍ବାଦପତ୍ରର ଆବଶ୍ୟକତା ପଡ଼ିଲା, ଯେଉଁ ଦେଶ ମିଶ୍ରଣର କଥା କହିବ, ନୂଆ ରାଜଧାନୀର କଥା କହିବ, କଳକାରଖାନାର ବିସ୍ତାର କଥା କହିବ । ସେଥିପାଇଁ ସେ 'ପ୍ରଜାତନ୍ତ୍ର' ପ୍ରତିଷ୍ଠା କଲେ । ସେ ପ୍ରଜାତନ୍ତ୍ର ସହିତ ମୁଁ ସମ୍ପୃକ୍ତ ଥିଲି । ପୂର୍ବତନ ରାଜ୍ୟପାଳ ଶ୍ରୀଯୁକ୍ତ ଚିନ୍ତାମଣି ପାଣିଗ୍ରାହୀ ଏବଂ ବହୁ ଯୁବକ ତା' ସହିତ ସମ୍ପୃକ୍ତ ରହିଥିଲେ । ସାମ୍ବାଦିକତା କ୍ଷେତ୍ରରେ ଡଃ ମହତାବ ଏକ ନୂତନ ଯୁଗର ଆବାହନ କରିଥିଲେ ।

ସେହିପରି ସାହିତ୍ୟର କ୍ଷେତ୍ରରେ ସେ ନୂଆ ପତ୍ରିକା ପ୍ରକାଶ କରିଥିଲେ । ନୂଆ ନୂଆ ଲେଖକ ସୃଷ୍ଟି କରିଥିଲେ । କଳାର କ୍ଷେତ୍ରରେ ତାଙ୍କର ଉଦ୍ୟମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଓଡ଼ିଶା ମ୍ୟୁଜିୟମ୍, ଷ୍ଟେଟ ଲାଇବ୍ରେରୀ ତାଙ୍କ ସମୟରେ ପ୍ରତିଷ୍ଠା ହୋଇଥିଲା । ଓଡ଼ିଶାକୁ ଭାରତରେ ଗୋଟିଏ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସେ ଉଦ୍ୟମ କରିଥିଲେ । ତାଙ୍କୁ ସେତେବେଳେ ଭାରତର ରାଜନୀତି କ୍ଷେତ୍ରରେ ଅନ୍ୟତମ ରଥୀ ହିସାବରେ ଗଣାଯାଉଥିଲା । ଅହମ୍ମଦ ନଗର ଜେଲରେ ୨୧ ଜଣ ବନ୍ଦୀ ଥିଲେ । ସେମାନେ ଭାରତବର୍ଷର ବଛାବଛା ଯୋଦ୍ଧା, ଇତିହାସର ମହାପୁରୁଷ । ସେହି ଜେଲ୍ ଭିତରେ ହରେକୃଷ୍ଣ ମହତାବ ଓଡ଼ିଶାରୁ ଥିଲେ । ପ୍ରଥମେ କେନ୍ଦ୍ରରେ ମନ୍ତ୍ରୀମଣ୍ଡଳ ଗଢ଼ିବାପାଇଁ କ୍ୟାବିନେଟ୍ ମିଶନ୍ ଯେଉଁ ୬ ଜଣଙ୍କର ନାଁ ଦେଲେ, ତା' ଭିତରେ ଡକ୍ଟର ହରେକୃଷ୍ଣ ମହତାବଙ୍କର ନାଁ ଥିଲା । ଓଡ଼ିଶାରେ ଆଉ ମଧ୍ୟ ସର୍ବଭାରତୀୟ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ନେତା ଭାବରେ ସେ ନିଜକୁ ପରିଚିତ କରେଇ ପାରିଥିଲେ ।

ଆଜି ତାଙ୍କର ଶତବାର୍ଷିକୀ ପାଳନ କରି ତାଙ୍କ ପ୍ରତି ଆମେ ସାମାନ୍ୟତମ କର୍ତ୍ତବ୍ୟମାତ୍ର ପାଳନ କରୁଛେ । ଯେଉଁମାନେ ଆମର ପୂର୍ବସୂରୀ, ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ଆମର କର୍ତ୍ତବ୍ୟ । ତା'ସଙ୍ଗେ ସଙ୍ଗେ ତାଙ୍କ ଜନ୍ମତିଥିରେ ଆମକୁ ପ୍ରତିଜ୍ଞା କରିବାକୁ ହେବ, ଓଡ଼ିଶାକୁ ଭାରତରେ ଆଗେଇନେବା ପାଇଁ ଯେଉଁ ସବୁ କାର୍ଯ୍ୟ ବାକି ରହିଛି, ସେ ସମସ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ହେଉଛି ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ତା'ହେଲେ ଯାଇ ଆମେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିପାରିବା । ହରେକୃଷ୍ଣ ମହତାବଙ୍କର ଜନ୍ମ ଶତବାର୍ଷିକୀ ଗୋଟିଏ ବର୍ଷ ପାଳନ କରାଯିବ । ତାଙ୍କର ଗୁଣକୀର୍ତ୍ତନ କରିବା ସାଙ୍ଗେ ସଙ୍ଗେ ଆମେ ନିଜେ ଉତ୍ସାହିତ ହେବା । ଓଡ଼ିଶାକୁ ଗଠନ କରିବା ପାଇଁ, ଭାରତରେ ଆମର ଆତ୍ମସମ୍ମାନକୁ ବଜାୟ ରଖିବାପାଇଁ ଏବଂ ଓଡ଼ିଆ ଜାତିକୁ ଭାରତବର୍ଷରେ ଏକ ମହାନ ଜାତି ରୂପେ ପ୍ରତିଷ୍ଠିତ କରେଇବା ପାଇଁ ଆମେ ଯଥେଷ୍ଟ ପ୍ରେରଣା ପାଇବା । ସେ ଆମର ଜଣେ ପ୍ରେରଣାଦାୟକ ପୁରୁଷ ହୋଇ ଚିରଦିନଧରି ରହିବେ । ଯଦି କେହି ଓଡ଼ିଶାରେ ମରଣୋତ୍ତର ସମ୍ମାନ ପାଇବା ପାଇଁ ଯୋଗ୍ୟ, ତା'ହେଲେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ 'ଭାରତରତ୍ନ' ସମ୍ମାନ ଦିଆଯିବା ଦରକାର । କାରଣ ସମସ୍ତ କ୍ଷେତ୍ରରେ ସେ ଓଡ଼ିଶାକୁ ଆଗେଇ ନେଇଛନ୍ତି । ସେଥିପାଇଁ ଆମେ ଆନ୍ଦୋଳନ କରିବା । ଦିଲ୍ଲୀରେ ଯେପରି ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହୁଏ, ତାଙ୍କ ନାମରେ କୌଣସି ରାସ୍ତା କରାଯାଏ, ସେଦିଗରେ ମଧ୍ୟ ଉଦ୍ୟମ କରିବା । ଡକ୍ଟର ମହତାବଙ୍କ ଜନ୍ମ ଶତବାର୍ଷିକୀକୁ ଓଡ଼ିଆ ଜାତିର ଆତ୍ମସମ୍ମାନର ଆନ୍ଦୋଳନ ରୂପେ ବର୍ଷ ବ୍ୟାପୀ ଆମେ ପାଳନ କରିବା ।

---

୧୯୯୮ ନଭେମ୍ବର, ୨୧
ସୂଚନା ଭବନଠାରେ ମହତାବ ଜନ୍ମ ଶତବାର୍ଷିକୀ ଉତ୍ସବରେ
ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ

## ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଗତ ନଭେମ୍ବର ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ ।

ନଗରାଂଚଳରେ ରହୁଥିବା ହିତାଧିକାରୀମାନଙ୍କୁ ଆତ୍ମନିଯୁକ୍ତି ଯୋଗାଇ ଦେବାପାଇଁ ଏବଂ ଶ୍ରମଭିତ୍ତିକ କର୍ମନିଯୁକ୍ତି ଜରିଆରେ କାମଧଂଦା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଗ୍ରାମାଂଚଳରେ ଗୃହ ନିର୍ମାଣ ଯୋଜନାରେ ନିମ୍ନ ଓ ମଧ୍ୟମ ଆୟକାରୀ ଲୋକମାନଙ୍କୁ ଗୃହ ନିର୍ମାଣ ନିମନ୍ତେ ସହାୟତା ଯୋଗାଇ ଦେବା ସଙ୍ଗେ ସଙ୍ଗେ ଜାତୀୟ କାର୍ଯ୍ୟକ୍ରମ ଅନୁସାରେ ରାଜ୍ୟରେ ୬୪ ହଜାର ୧୦୧ ଗୃହ ନିର୍ମାଣ ଲକ୍ଷ୍ୟ ପୂରଣ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସହରାଂଚଳରେ ରହୁଥିବା ଲୋକଙ୍କ ଉପରେ ହୋଲଡିଂ ଟ୍ୟାକ୍ସ ବୃଦ୍ଧି ନ କରି ହୋଲଡିଂ ଟ୍ୟାକ୍ସ ବାବଦ ଦେୟର ଆଦାୟ ବୃଦ୍ଧି କରିବାପାଇଁ ଦୃଢ଼ ପଦକ୍ଷେପ ନିଆଗଲେ ସମ୍ବଳ ସଂଗ୍ରହ ବୃଦ୍ଧି ହୋଇପାରିବ । ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ସଂପୃକ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଖାରବେଳ ଯୁଗର ଅକ୍ଷୟ କୀର୍ତ୍ତି




ରାଣୀଗୁମ୍ଫା—ଉଦୟଗିରି



ଅନନ୍ତ ଗୁମ୍ଫା—( ଖଣ୍ଡଗିରି )



ଗଣେଶ ଗୁମ୍ଫା—ଉଦୟଗିରି



ବ୍ୟାଘ୍ରଗୁମ୍ଫା—( ଉଦୟଗିରି )

# ଖାରବେଳଙ୍କ ଶିଳାଲେଖ

ଡ଼ଃ ସ୍ନିଗ୍ଧା ତ୍ରିପାଠୀ

କଳିଙ୍ଗାଧିପତି ଖାରବେଳଙ୍କ ରାଜତ୍ୱକାଳୀନ ଓଡ଼ିଶାର ଇତିହାସ ଏ ପର୍ଯ୍ୟନ୍ତ ରହସ୍ୟାବୃତ। ବିଗତ ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ପର୍ଯ୍ୟନ୍ତ ଉକ୍ତ କଳିଙ୍ଗାଧିପତି ଐତିହାସିକମାନଙ୍କଠାରେ ଅଜ୍ଞାତ ଥିଲେ। ତେବେ, ଭୁବନେଶ୍ୱରସ୍ଥ ଯୁଗ୍ମ ପାହାଡ଼ ଉଦୟଗିରି–ଖଣ୍ଡଗିରିଠାରେ, ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀୟ ବ୍ରାହ୍ମୀ ଅକ୍ଷରରେ ଉତ୍‌କୀର୍ଣ୍ଣ ପ୍ରାକୃତଭାଷାର ଶିଳାଲେଖ ସମୂହ ଆବିଷ୍କାର ଓ ସେଗୁଡ଼ିକର ପାଠୋଦ୍ଧାର ଫଳରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ଅଧ୍ୟାୟ ଉନ୍ମୋଚିତ ହେଲା। ଉଦୟଗିରିସ୍ଥିତ ହାତୀଗୁମ୍ଫାରେ ଉତ୍‌କୀର୍ଣ୍ଣ ସର୍ବବୃହତ୍ ଶିଳାଲେଖଟି କଳିଙ୍ଗାଧିପତି ଖାରବେଳଙ୍କ ତ୍ରୟୋଦଶ ବର୍ଷ ବ୍ୟାପୀ ଘଟଣାବହୁଳ ରାଜତ୍ୱର ବିବରଣୀ। କଳିଙ୍ଗ ଏକଦା ଅନ୍ୟତମ ବିଶାଳ ସାମ୍ରାଜ୍ୟରେ ପରିଣତ ହୋଇଥିଲା ଏବଂ ଏହାର ସାର୍ବଭୌମ ଅଧିପତି ଖାରବେଳ ତାଙ୍କ ତ୍ରୟୋଦଶ ବର୍ଷ ରାଜତ୍ୱକାଳରେ ଅଧିକାଂଶ ସମୟ ଉତ୍ତର ତଥା ଦକ୍ଷିଣ ଭାରତୀୟ ନାନା ରାଜ୍ୟ ବିରୁଦ୍ଧରେ ଯୁଦ୍ଧ–ବିଗ୍ରହରେ ଅତିବାହିତ କରି ସୁଦ୍ଧା ନିଜ ସାମ୍ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନରେ ନିଜକୁ ନିୟୋଜିତ କରିଥିଲେ, ଏହି ସୂଚନା ଉକ୍ତ ଶିଳାଲେଖରେ ଉତ୍‌କୀର୍ଣ୍ଣ ହୋଇଛି।

କିନ୍ତୁ ଦୁର୍ଭାଗ୍ୟର କଥା, ଖାରବେଳଙ୍କ ସମ୍ପର୍କରେ ଆଲୋକପାତ କରୁଥିବା ଏକମାତ୍ର ଶିଳାଲେଖଟି କାଳର କରାଳ କବଳରେ ଅତି ଶୋଚନୀୟ ଭାବେ କ୍ଷତ ବିକ୍ଷତ। ଏହାର ପ୍ରତ୍ୟେକ ଧାଡ଼ିରେ ଉତ୍‌କୀର୍ଣ୍ଣ ଅଧିକାଂଶ ଅକ୍ଷର ବର୍ତ୍ତମାନ ଲୁପ୍ତପ୍ରାୟ। ଏହାର ଆବିଷ୍କାର ଦିନଠାରୁ, ଅସଂଖ୍ୟ ବିଦେଶୀ ଓ ସ୍ୱଦେଶୀ ଐତିହାସିକ, ଲିପିତତ୍ତ୍ୱ ବିଶାରଦଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ସତ୍ତ୍ୱେ ଲେଖଟିର ନିର୍ଭୁଲ ତଥା ଯୁକ୍ତିସମ୍ମତ ପାଠୋଦ୍ଧାର ସମ୍ଭବ ହୋଇନାହିଁ। ବସ୍ତୁତଃ, ଏହି କାରଣରୁ ଅସଂଖ୍ୟ ବିତର୍କ ସୃଷ୍ଟି ହୋଇ ପ୍ରାଚୀନ କଳିଙ୍ଗର ଇତିହାସ ଜଟିଳ ସମସ୍ୟାବହୁଳ ହୋଇପଡ଼ିଛି। ଖାରବେଳଙ୍କ ବଂଶ ପରିଚୟ, ତାଙ୍କ ରାଜତ୍ୱ ସମୟ, କଳିଙ୍ଗ ସାମ୍ରାଜ୍ୟର ଅବସ୍ଥିତି ଓ ବିସ୍ତୃତି, ତାଙ୍କ ରାଜଧାନୀ ତଥାକଥିତ କଳିଙ୍ଗ–ନଗରୀର ଅବସ୍ଥିତି ଇତ୍ୟାଦି ଏବଂ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ଗବେଷକ, ଐତିହାସିକମାନଙ୍କୁ ବିଭ୍ରାନ୍ତ କରେ। ପୁନଶ୍ଚ, ହାତୀଗୁମ୍ଫା ଶିଳାଲେଖ ବ୍ୟତୀତ କଳିଙ୍ଗାଧିପତି ଖାରବେଳଙ୍କ ଦ୍ୱିତୀୟ କୌଣସି ଅଭିଲେଖ ଏପର୍ଯ୍ୟନ୍ତ ଭାରତର କୌଣସି ଅଞ୍ଚଳରେ ଆବିଷ୍କୃତ ହୋଇନାହିଁ। ଅନ୍ୟ କୌଣସି ପ୍ରତ୍ନତାତ୍ତ୍ୱିକ ଅଥବା ପ୍ରାଚୀନ ସାହିତ୍ୟିକ ଉପକରଣରେ ମଧ୍ୟ ଖାରବେଳ ଓ ତାଙ୍କ ରାଜତ୍ୱକାଳ ସମ୍ପର୍କୀୟ କୌଣସି ପରିପୂରକ ତଥ୍ୟ ମିଳିନାହିଁ। ହାତୀଗୁମ୍ଫା ଅଭିଲେଖର ପାଠ ତଥା ଅର୍ଥାନ୍ତରରେ ବିଶାରଦମାନଙ୍କ ମଧ୍ୟରେ ମତଭେଦ ରହିଥିବା କାରଣରୁ ଖାରବେଳଙ୍କୁ କେନ୍ଦ୍ରକରି ଐତିହାସିକ ତଥା ସାଧାରଣ ଲୋକଙ୍କ ମନରେ ନାନା ବିଭ୍ରାନ୍ତିକର ଧାରଣା ଜନ୍ମ ନେଇଛି। ଫଳରେ ଐତିହାସିକ ସମସ୍ୟାଗୁଡ଼ିକ କ୍ରମଶଃ ଜଟିଳତର ହେବାରେ ଲାଗିଛି। ଖାରବେଳଙ୍କ ରାଜତ୍ୱକାଳୀନ ଇତିହାସ ସମ୍ବନ୍ଧରେ ଏକ ଯୁକ୍ତିଯୁକ୍ତ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଉକ୍ତ ଅଭିଲେଖର ଯୁକ୍ତଯୁକ୍ତ ପାଠୋଦ୍ଧାର ଓ ଅର୍ଥାନ୍ତର ନିତାନ୍ତ ପ୍ରୟୋଜନ। ତେବେ ଅଭିଲେଖଟିର ଶୋଚନୀୟ ଜୀର୍ଣ୍ଣାବସ୍ଥା ବର୍ତ୍ତମାନ ଗବେଷକମାନଙ୍କୁ କେତେଦୂର ସାହାଯ୍ୟ କରିବ ସେଥିରେ ସନ୍ଦେହ ରହିଛି। ଏହାଛଡ଼ା,କେବଳ ହାତୀଗୁମ୍ଫା ଶିଳାଲେଖକୁ ଆଧାର କରି ଖାରବେଳଙ୍କ ରାଜତ୍ୱକାଳୀନ ଇତିହାସ ପୁନର୍ଗଠନ ବର୍ତ୍ତମାନ ପରିସ୍ଥିତିରେ କଷ୍ଟସାଧ୍ୟ। ଅନ୍ୟାନ୍ୟ ପ୍ରାମାଣିକ ତଥ୍ୟ ଅନୁସନ୍ଧାନ ନିତାନ୍ତ ପ୍ରୟୋଜନ। ଗତାନୁଗତିକ, ବିଭ୍ରାନ୍ତିକର ଧାରଣା ସମୂହର ପରିବର୍ତ୍ତନ ବିନା ଖାରବେଳ ଏବଂ ସଂଶ୍ଳିଷ୍ଟ ଐତିହାସିକ ସମସ୍ୟା ସମୂହର ସ୍ଥିର ସମାଧାନ ସମ୍ଭବ ନୁହେଁ। ଏଥିପାଇଁ ପରିବର୍ତ୍ତିତ ଦୃଷ୍ଟିକୋଣରୁ ଖାରବେଳ ଓ ତାଙ୍କ ଶିଳାଲେଖର ବିସ୍ତୃତ ଆଲୋଚନା ହେବା ଉଚିତ।

ହାତୀଗୁମ୍ଫା ଅଭିଲେଖରେ ସୂଚିତ ଖାରବେଳଙ୍କ ବଂଶ ପରିଚୟକୁ କେନ୍ଦ୍ର କରି ଯେଉଁ ସବୁ ବିଭ୍ରାନ୍ତିକର ଧାରଣାଏପର୍ଯ୍ୟନ୍ତ ବଦ୍ଧମୂଳ ରହିଛି, ସେ ବିଷୟରେ ନୂତନ ତଥ୍ୟଭିତ୍ତିକ ଆଲୋଚନା ଏହି ପ୍ରବନ୍ଧରେ କରାଯାଇଛି। ଶିଳାଲେଖଟିର ପ୍ରଥମ ଧାଡ଼ିରେ ମହାରାଜ ଖାରବେଳଙ୍କ ବିରୁଦାବଳୀ ସହ ତାଙ୍କର ବଂଶ ପରିଚୟ ମଧ୍ୟ ପ୍ରାକୃତ ଭାଷାରେ ଉତ୍‌କୀର୍ଣ୍ଣ ହୋଇଛି– "ଐରେଣ–ମହାରାଜେନ– ମହାମେଘବାହନେନ– ଚେତରାଜ ବଂସବଧନେନ–ପସଥ– ସୁଭ ଲଖନେନ–ଚତୁରଂତ ଲୁଠଣ–ଗୁଣ ଉପିତେନ କଳିଂଗାଧିପତିନା–ସିରି–ଖାରବେଲେନ...."। ଏହା ସଂସ୍କୃତ ଭାଷାରେ ରୂପାନ୍ତର କଲେ–"ଆର୍ଯ୍ୟେଣ ମହାରାଜେନ ମହାମେଘବାହନେନ ଚେତରାଜବଂଶ ବର୍ଦ୍ଧନେନ

ପ୍ରଶସ୍ତ ସୁଭ ଲକ୍ଷଣେନ ଚତୁରନ୍ତ–ଲୁଣ୍ଠନଗୁଣୋପେତେନ
କଳିଙ୍ଗାଧିପତିନା ଶ୍ରୀ ଖାରବେଳେନ...."। ଏଥିରୁ କେତେକ
ଶବ୍ଦର ପାଠାନ୍ତରରେ ବିଶାରଦମାନଙ୍କ ମଧ୍ୟରେ ମତଭେଦ
ରହିଛି। ଖାରବେଳଙ୍କୁ ପ୍ରଥମତଃ, 'ଐର'(ଆର୍ଯ୍ୟ) ସମ୍ମାନସୂଚକ
ଶବ୍ଦରେ ଭୂଷିତ କରାଯାଉଛି। ପୂର୍ବେ ଅନେକେ ଏହି ଶବ୍ଦଟି
ଖାରବେଳଙ୍କ ବଂଶର ଅନ୍ୟ ଏକ ନାମ ହୋଇଥିବା ଅନୁମାନ
କରୁଥିଲେ। ଏପରିକି କେହି କେହି, ଏହା ଖାରବେଳଙ୍କ ଅନ୍ୟ
ଏକ ନାମ ହୋଇଥିବା ମଧ୍ୟ ସନ୍ଦେହ ପ୍ରକାଶ କରୁଥିଲେ। ତେବେ
'ଐର' ଶବ୍ଦଟିର ସଂସ୍କୃତ ସମାର୍ଥକ ଶବ୍ଦ ଯେ 'ଆର୍ଯ୍ୟ', ବର୍ତ୍ତମାନ
ଅନେକେ ହୃଦୟଙ୍ଗମ କଲେଣି। ଖ୍ରୀଷ୍ଟିୟ ୧ମ/୨ୟ ଶତାବ୍ଦୀର
ବହୁ ପ୍ରାକୃତ ଭାଷାର ଅଭିଲେଖରେ ଏହି ସମ୍ମାନସୂଚକ ଶବ୍ଦଟି
ଶାସକ କିମ୍ବା ତାଙ୍କ ପୂର୍ବଜଙ୍କ ପ୍ରତି ବ୍ୟବହୃତ ହୋଇଥିବା
ଦେଖାଯାଇଛି (ଦାକ୍ଷିଣାତ୍ୟର ସାତବାହନ, ଇକ୍ଷ୍ୱାକୁ ଆଦି ପ୍ରାଚୀନ
ରାଜବଂଶୀୟ ଅଭିଲେଖରେ ଶାସକମାନଙ୍କୁ କେବେ କେବେ
ଐରକ, ମହା–ଐରକ ଅର୍ଥାତ୍ 'ଆର୍ଯ୍ୟକ', 'ମହାର୍ଯ୍ୟକ' ବିରୁଦରେ
ଭୂଷିତ କରାଯାଇଛି)।

ଅନେକେ 'ମହାମେଘବାହନ' ଶବ୍ଦଟିକୁ ଖାରବେଳଙ୍କ ନାମ
ସହିତ ଯୁକ୍ତ ଅନ୍ୟତମ ବିରୁଦ ବୋଲି ବିଶ୍ୱାସ କରନ୍ତି। କିନ୍ତୁ
ଦାକ୍ଷିଣାତ୍ୟର ସାତବାହନ ରାଜବଂଶ ପରି 'ମହାମେଘବାହନ'
ନାମରେ ଏକ ରାଜବଂଶ ପ୍ରାଚୀନ କଳିଙ୍ଗରେ ପ୍ରତିଷ୍ଠା ଲାଭ
କରିଥିବା ବିଷୟ, ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ ଛଡ଼ା,
ନିକଟ ଅତୀତରେ ଆବିଷ୍କୃତ ଅନ୍ୟାନ୍ୟ ପୁରାଭିଲେଖରୁ
ପ୍ରମାଣିତ। ଏହାଛଡ଼ା, ଉଦୟଗିରି ସ୍ଥିତ ମଞ୍ଚପୁରୀ ଗୁମ୍ଫାରେ
ଖାରବେଳଙ୍କ ଅଗ୍ରମହିଷୀ ଏବଂ ଉତ୍ତରାଧିକାରୀ ସମ୍ପର୍କରେ ସୂଚନା
ଦେଉଥିବା କେତେକ ଅଭିଲେଖରେ ମହାମେଘବାହନ ବଂଶର
ଉଲ୍ଲେଖ ରହିଛି। ଖାରବେଳଙ୍କ ଉତ୍ତରାଧିକାରୀ କୁଦେପ–ସିରିଙ୍କୁ
(ସମ୍ଭବତଃ ଜ୍ୟେଷ୍ଠ ପୁତ୍ର, ଏହାଙ୍କ ନାମ କେହି କେହି ବକଦେବ
ପାଠ କରିଥିବା ବେଳେ ଆଉ କେହି କେହି କୁଦେପ ସିରି–କଦର୍ପ
ସିରି ଅର୍ଥାତ୍ ସଂସ୍କୃତରେ କନ୍ଦର୍ପଶ୍ରୀ ପାଠ କରିଛନ୍ତି)
ମହାମେଘବାହନ–କଳିଙ୍ଗାଧିପତି ରୂପେ ଉଲ୍ଲେଖ କରାଯାଇଛି।
ନିକଟ ଅତୀତରେ, ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲା
ଅନ୍ତର୍ଗତ ଗୁଣ୍ଟୁପଲ୍ଲୀର ଏକ ସୁବିସ୍ତୃତ ଅଞ୍ଚଳରେ ପ୍ରାଚୀନ ବୌଦ୍ଧ
କୀର୍ତ୍ତିର ଅବଶେଷ, ଭାରତୀୟ ପ୍ରତ୍ନ–ସର୍ବେକ୍ଷଣ ବିଭାଗ
ଅନୁକ୍ରମରେ ଆବିଷ୍କୃତ ହୋଇଛି। ଏଠାରେ ବିଭିନ୍ନ ଯୁଗରେ
ଉତ୍କୀର୍ଣ୍ଣ ପୁରାଭିଲେଖ ମଧ୍ୟରୁ ସର୍ବପ୍ରାଚୀନ (ଖ୍ରୀ: ପୂ:
ଆନୁମାନିକ ୧ମ ଶତାବ୍ଦୀର ପୂର୍ବ ଭାଗ) ଅଭିଲେଖଟି ବ୍ରାହ୍ମୀ ଲିପି
ଯୁକ୍ତ ପ୍ରାକୃତ ଭାଷାରେ ରଚିତ। ଏଥିରେ "ମହାମେଘବାହନ–
କଳିଙ୍ଗ– ମହିଷକାଧିପତି ସିରି– ସଦ ନାମରେ ମହାମେଘବାହନ
ବଂଶୀୟ ଜଣେ ଶାସକଙ୍କ ନାମ ଉଲ୍ଲେଖ ମିଳେ। ତେଣୁ
ଖାରବେଳ ଏବଂ କୁଦେପ–ସିରି ବ୍ୟତୀତ ଆଉ ଜଣେ
ମହାମେଘବାହନ ବଂଶୀୟ ଶାସକଙ୍କୁ ପୁରାଭିଲେଖ ସାହାଯ୍ୟରେ
ଜାଣିବାକୁ ପାଇଲୁ।

ହାତୀଗୁମ୍ଫା ଶିଳାଲେଖର ପ୍ରଥମ ଧାଡ଼ିରେ ଆଉ ଏକ
ସମସ୍ୟାମୂଳକ ବାକ୍ୟାଂଶ କେହି କେହି, ଖାରବେଳଙ୍କ ବଂଶ
ପରିଚୟ ସହ ସମ୍ପୃକ୍ତ ମନେ କରନ୍ତି। ବାକ୍ୟାଂଶଟି ହେଲା, ଚେତ
ରାଜ–ବଂସ ବଧନେନ (ଚେତ ରାଜବଂଶ ବର୍ଦ୍ଧନେନ) ଅର୍ଥାତ୍ ଯେ
ଚେତ ରାଜବଂଶର ବର୍ଦ୍ଧକ ବା ବିସ୍ତାରକ। କେହି କେହି 'ଚେତ'
ପାଠ କରିଥିଲେ ସୁଦ୍ଧା ଭ୍ରମବଶତଃ ଏହାକୁ ସଂଶୋଧନ କରି
'ଚେଟି' ଏବଂ ପରିଶେଷରେ 'ଚେଦି' ଅର୍ଥାତ୍ ଖାରବେଳ ଚେଦି
ରାଜବଂଶୀୟ ହୋଇଥିବେ ବୋଲି ବିଶ୍ୱାସ କରନ୍ତି। ଏହି ବିଶ୍ୱାସ
ବର୍ତ୍ତମାନ ବଦ୍ଧମୂଳ ଧାରଣାରେ ପରିଣତ ହୋଇଛି। ପ୍ରାଚୀନ
ଭାରତୀୟ ସାହିତ୍ୟିକ ଉପକରଣରେ ଚେଦିବଂଶର ଉଲ୍ଲେଖ ଥିବା
ହେତୁ ଏହି ବିଶ୍ୱାସ ଅଧିକ ସୁଦୃଢ଼। ଆହୁରି ମଧ୍ୟ, ହାତୀଗୁମ୍ଫା
ଶିଳାଲେଖର ଶେଷ ଧାଡ଼ିରେ, ଖାରବେଳଙ୍କ ଉଦ୍ଦେଶ୍ୟରେ ରଚିତ
କେତେକ ପ୍ରଶସ୍ତିମୂଳକ ଶବ୍ଦ ରହିଛି, ଯେପରି, "ଖେମରାଜ ସଃ,
ବୁଢ଼ିରାଜ ସଃ, ଧର୍ମରାଜଃ......ସର୍ବପାଷଣ୍ଡ ପୂଜକଃ,
ସର୍ବଦେବାୟତନ ସଂସ୍କାର–କାରକଃ......ରାଜର୍ଷି–ବସୁକୁଳ
ବିନିଃସୃତଃ......" ଇତ୍ୟାଦି। କେହି କେହି ମହାଭାରତ ବର୍ଣ୍ଣିତ
ପୌରବ ବସୁ ବା ଉପରିଚର ବସୁ, ଅଥବା ବୌଦ୍ଧ ଜାତକ ଗଳ୍ପ
ବର୍ଣ୍ଣିତ ଉପଚର କିମ୍ବା ଜୈନ ହରିବଂଶ ପୁରାଣ ବର୍ଣ୍ଣିତ ବସୁ ସହ
ଖାରବେଳଙ୍କ ଅଭିଲେଖର ରାଜର୍ଷି ବସୁଙ୍କୁ ଚିହ୍ନିତ କରି ପୌରାଣିକ
ସାହିତ୍ୟ ବର୍ଣ୍ଣିତ ଚେଦିବଂଶର ଉତ୍ତର ବଂଶଧର ରୂପେ ଖାରବେଳଙ୍କୁ
ମନେ କରନ୍ତି। କିନ୍ତୁ ଐତିହାସିକ ଚେଦିବଂଶ ସହ ଉକ୍ତ
ପୌରାଣିକ ସାହିତ୍ୟ ବର୍ଣ୍ଣିତ ଚେଦିବଂଶର ସଠିକ ଏବଂ ଯୁକ୍ତିଯୁକ୍ତ
ସମ୍ପର୍କ ଏପର୍ଯ୍ୟନ୍ତ ସ୍ଥାପିତ ହୋଇନାହିଁ। ଆଉ କେହି କେହି
'ବସୁକୁଳ' ଅର୍ଥାତ୍ ବାସବ ବା ଇନ୍ଦ୍ରଙ୍କ ଅର୍ଥାତ୍ "ମେଘ ଯାହାଙ୍କ
ବାହନ" ସେହି ଇନ୍ଦ୍ରଙ୍କ ବଂଶଜ ଥିଲେ ଖାରବେଳ, କହିଥାନ୍ତି ଏବଂ
'ରାଜର୍ଷି–ବସୁକୁଳ' ଏବଂ 'ମହାମେଘବାହନ' ସମାର୍ଥକ ଏବଂ
ଖାରବେଳଙ୍କ ବଂଶନାମକୁ ବୁଝାଉଥିବା ମନେ କରନ୍ତି। ତେବେ,
ଏଠାରେ ସୂଚନା ଯୋଗ୍ୟ, ନିଜ ନିଜ ବଂଶର ସ୍ୱନାମଧନ୍ୟ
ପୂର୍ବପୁରୁଷମାନଙ୍କୁ ସମ୍ମାନ ପ୍ରଦର୍ଶନାର୍ଥେ ପ୍ରଶସ୍ତିସୂଚକ 'ରାଜର୍ଷି'
ବିରୁଦ ବ୍ୟବହାର ପ୍ରଥା ଅଭିଲେଖ ତଥା ପ୍ରାଚୀନ ସାହିତ୍ୟିକ
ଉପକରଣରେ ବିରଳ ନୁହେଁ। ଖାରବେଳଙ୍କ ପୂର୍ବ
ବଂଶଧରମାନଙ୍କ ମଧ୍ୟରେ ସମ୍ଭବତଃ ବସୁ ନାମରେ କେହି ଜଣେ
ସ୍ୱନାମଧନ୍ୟ ଶାସକ ଥିଲେ, ଯାହାଙ୍କ ପ୍ରତି ସମ୍ମାନସୂଚକ 'ରାଜର୍ଷି'
ଶବ୍ଦ ବ୍ୟବହାର କରି ତାଙ୍କର ଉତ୍ତରବଂଶଧର ରୂପେ ଖାରବେଳ
ନିଜକୁ ଗୌରବାନ୍ୱିତ ମନେ କରୁଥିଲେ। ଅଥବା, ନିଜ ବଂଶ
ଗୌରବରେ ଗୌରବାନ୍ୱିତ ଖାରବେଳ ମହାମେଘବାହନ
ରାଜବଂଶକୁ 'ରାଜର୍ଷି–ବଂଶ ରୂପେ ସମ୍ମାନସୂଚକ ବର୍ଣ୍ଣନା କରିଥିବା

ମଧ୍ୟ ଅସମ୍ଭବ ମନେ ହୁଏ ନାହିଁ । ଦାକ୍ଷିଣାତ୍ୟର କେତେକ ପ୍ରାଚୀନ ରାଜବଂଶୀୟ ପ୍ରାକୃତ ଭାଷାର ଅଭିଲେଖରେ 'ରାଜର୍ଷି' ଶବ୍ଦ ବସ୍ତୁତଃ ନିଜ ନିଜ ବଂଶର ପୂର୍ବପୁରୁଷମାନଙ୍କ ସମ୍ମାନାର୍ଥେ ବ୍ୟବହାର କରାଯାଇଥିବା ଲକ୍ଷ୍ୟ କରାଯାଇଛି । ସାତବାହନବଂଶୀୟ ବାଶିଷ୍ଠୀପୁତ୍ର ପୁଲମାବି (ଆଃ ମାଃ ୨ୟ ଶତାବ୍ଦୀ)ଙ୍କ ଅଭିଲେଖରେ ତାଙ୍କ ପୂର୍ବ ବଂଶଧର ଶ୍ରୀଶାତକର୍ଣ୍ଣୀଙ୍କ (ଗୌତମୀ ପୁତ୍ର ଶାତକର୍ଣ୍ଣୀ) ମାତା ମହାଦେବୀ ଗୌତମୀ—ବଳଶ୍ରୀହାଙ୍କ ସମ୍ମାନାର୍ଥେ "ରାଜର୍ଷି—ବଧୁ—ଶବ୍ଦମଣ୍ଡଳମ୍......"ଇତ୍ୟାଦି ପ୍ରଶସ୍ତିମୂଳକ ଶବ୍ଦର ବ୍ୟବହାର ଲକ୍ଷ୍ୟ କରାଯାଏ ।

ଖାରବେଳଙ୍କ ଅଭିଲେଖରେ 'ଚେତ' ଶବ୍ଦଟି 'ଚେତି' ଏବଂ 'ଚେଦି' ପାଠାନ୍ତର କରିବା ଦ୍ୱାରା ଖାରବେଳଙ୍କ ମହାମେଘବାହନ ବଂଶ ସହିତ ପୌରାଣିକ ସାହିତ୍ୟ ବର୍ଣ୍ଣିତ ଚେଦିବଂଶର କି ପ୍ରକାର ସମ୍ପର୍କ ଥିଲା ଏବଂ ଏହାର ଐତିହାସିକ ସତ୍ୟତା ବିଷୟରେ ବିଶ୍ଳେଷଣାସକ ଆଲୋଚନା ଏପର୍ଯ୍ୟନ୍ତ ହୋଇନାହିଁ । ତେବେ 'ଚେତ' ଶବ୍ଦର ଐତିହାସିକ ଗୁରୁତ୍ୱ, ଭାଷାତାତ୍ତ୍ୱିକ ତଥା ପ୍ରତ୍ନତାତ୍ତ୍ୱିକ ତଥ୍ୟ ସମ୍ବଳିତ ଏକ ଭିନ୍ନ ଦୃଷ୍ଟିକୋଣରୁ ଏଠାରେ ଆଲୋଚନା କରାଯାଇ ପାରେ । ଦକ୍ଷିଣ ଭାରତୀୟ ପ୍ରାକୃତ ଭାଷାର ଅଭିଲେଖଗୁଡ଼ିକରେ ବ୍ୟବହୃତ ବହୁ ଶବ୍ଦର ଉଚ୍ଚାରଣଜନିତ ବୈଚିତ୍ର୍ୟ ହାତୀଗୁମ୍ଫା ଶିଳାଲେଖ ପରିପ୍ରେକ୍ଷୀରେ ବିଶେଷ ଅନୁଧ୍ୟାନସାପେକ୍ଷ । ଏପ୍ରକାର ବୈଚିତ୍ର୍ୟ ପୁରାଭିଲେଖର ପାଠାନ୍ତର ତଥା ପ୍ରାଚୀନ ଇତିହାସ ପୁନର୍ଗଠନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ହାତୀଗୁମ୍ଫା ଅଭିଲେଖରେ ମଧ୍ୟ ଏପ୍ରକାର ବହୁ ଶବ୍ଦ ରହିଛି ଯେଉଁଗୁଡ଼ିକର ଉଚ୍ଚାରଣଗତ ବୈଶିଷ୍ଟ୍ୟ ସମ୍ବନ୍ଧୀୟ ଆଲୋଚନା ବିଶେଷ କିଛି ହୋଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତେଲୁଗୁ, କନ୍ନଡ଼, ତାମିଲ ଆଦି ଦକ୍ଷିଣ ଭାରତୀୟ ଭାଷାରେ କେତେକ ଅକ୍ଷରର ବିଭିନ୍ନ ପ୍ରକାର ଉଚ୍ଚାରଣ ପରିଲକ୍ଷିତ ହୁଏ । ସେସବୁ ଭାଷାଭାଷୀ ଅଞ୍ଚଳର ପୁରାଭିଲେଖଗୁଡ଼ିକରେ ମଧ୍ୟ ଏହାର ପ୍ରଭାବ ଲକ୍ଷଣୀୟ । ଉଦାହରଣ ସ୍ୱରୂପ 'ତ'ର ଉଚ୍ଚାରଣ କେବେ କେବେ 'ଦ' ଏବଂ କେବେ କେବେ 'ଦ' ସ୍ଥାନରେ 'ତ' ଉଚ୍ଚାରଣ ହୋଇଥାଏ । ଶୌରସେଣୀ ପ୍ରାକୃତ ତଥା ପ୍ରାକୃତ ଭାଷାର ବ୍ୟାକରଣ ଅନୁଯାୟୀ 'ତ' ଓ 'ଥ' ସ୍ଥାନରେ ଯଥାକ୍ରମେ 'ଦ' ଓ 'ଧ' ଉଚ୍ଚାରଣ ହୋଇଥାଏ । ଦାକ୍ଷିଣାତ୍ୟର ପୁରାଭିଲେଖରେ ଏହାର ପ୍ରଭାବ ଅଧିକ ପରିଲକ୍ଷିତ ହୁଏ । ହାତୀଗୁମ୍ଫା ଅଭିଲେଖରେ ଏହାର ଯଥେଷ୍ଟ ଉଦାହରଣ ରହିଛି । 'ରଥ' ସ୍ଥାନରେ 'ରଧ' (ଧାଡ଼ି—୪), 'ପ୍ରଥମେ' ସ୍ଥାନରେ ପଧମେ(ଧାଡ଼ି—୩), 'ମଥୁରାମ୍' ପରିବର୍ତ୍ତେ ମଧୁରଂ ଧାଡ଼ି—୮) । ଦାକ୍ଷିଣାତ୍ୟର ସାତବାହନୀୟ ଅଭିଲେଖରେ କେବେ କେବେ 'ଥ' ପରିବର୍ତ୍ତେ 'ଠ' ମଧ୍ୟ ବ୍ୟବହାର ହୋଇଥାଏ । ହାତୀଗୁମ୍ଫା ଅଭିଲେଖର ପ୍ରାୟ ସମସାମୟିକ ଶାତକର୍ଣ୍ଣୀ ୧ମଙ୍କ ରାଣୀ ନାୟନିକା (ଆଃ ମାଃ ଖ୍ରୀଃପୂଃ ୧ମ ଶତକର ପୂର୍ବଭାଗ)ଙ୍କ ଅଭିଲେଖରେ ଦଖିନ ପଠ (ଦକ୍ଷିଣାପଥ) ଲେଖାଯାଇଛି । ସାତବାହନୀୟ ଅଭିଲେଖରେ ମଧ୍ୟ 'ତ' 'ଦ'ର ବ୍ୟବହାର ଅନେକ କ୍ଷେତ୍ରରେ ଦେଖାଯାଏ, ଯେପରି 'ସଦ' (ସାତ ବା ଶାତ), 'ସାଦବାହନ' (ସାତବାହନ ବା ଶାତବାହନ), 'ସଦକଂଣି' (ଶାତକର୍ଣ୍ଣୀ) ଇତ୍ୟାଦି । ଦକ୍ଷିଣ ଭାରତୀୟ ଭାଷାରେ 'ଚ' ସ୍ଥାନରେ 'ସ' ବା 'ଶ' ଏବଂ 'ସ' ପରିବର୍ତ୍ତେ 'ଚ' ଉଚ୍ଚାରଣ ବିଶେଷ ଲକ୍ଷଣୀୟ । ଆନ୍ଧ୍ର ପ୍ରଦେଶର ନାଗାର୍ଜୁନୀକୋଣ୍ଡାଠାରେ ଆବିଷ୍କୃତ ଇକ୍ଷ୍ୱାକୁ ରାଜବଂଶୀୟ (ଆଃ ମାଃ ୨ୟ—୩ୟ ଖ୍ରୀଷ୍ଟାବ୍ଦ) ପ୍ରାକୃତ ଭାଷାର ଅଭିଲେଖରେ 'ଶାନ୍ତମୂଳ' ପରିବର୍ତ୍ତେ 'ଚଂତମୂଳ', 'ଶାନ୍ତିଶ୍ରୀ' ସ୍ଥଳେ ଚତିସିରି ଲେଖା ହୋଇଥିବା ପରିଲକ୍ଷିତ ହୁଏ । ଆହୁରି ମଧ୍ୟ, 'କ'ର ଉଚ୍ଚାରଣ ତାମିଲ, ତେଲୁଗୁ, କନ୍ନଡ଼ ଭାଷାରେ 'ଗ' ଏବଂ 'ଘ'ର ଉଚ୍ଚାରଣ 'ଖ' ହୋଇଥାଏ । ଗୁଣ୍ଟୁପଲ୍ଲୀ ଅଭିଲେଖରେ 'ମହାମେଘବାହନ' ସ୍ଥଳେ 'ମହାମେଖବାହନ' ଲେଖା ଯାଇଛି । ପୈଶାଚୀ—ପ୍ରାକୃତ ଭାଷାରେ 'ଘ' ସ୍ଥାନରେ 'ଖ' ଉଚ୍ଚାରଣ ଅନ୍ୟତମ ବୈଶିଷ୍ଟ୍ୟ ଏବଂ ଦ୍ରାବିଡ଼ୀୟ ପ୍ରଭାବିତ ଦକ୍ଷିଣ ଭାରତୀୟ ଅଭିଲେଖରେ ଅଧିକ ପରିଲକ୍ଷିତ ହୁଏ । ତେଲୁଗୁ—କନ୍ନଡ଼ ଉଚ୍ଚାରଣ ପ୍ରଭାବରେ 'କ' ସ୍ଥାନରେ 'ଗ', ଉଦାହରଣ ସ୍ୱରୂପ, ଉଦକ—'ଉଦଗ', 'ପ' ସ୍ଥାନରେ 'ବ', ଯେପରି, ହାତୀଗୁମ୍ଫା ଲେଖରେ ଉପାସକ ସ୍ଥାନରେ 'ଉବାସଗ' (ଧାଡ଼ି—୧୪) ।

ଉପରୋକ୍ତ ଉଚ୍ଚାରଣ ବୈଚିତ୍ର୍ୟ ଦୃଷ୍ଟିରୁ, ମନେ ହୁଏ, ହାତୀଗୁମ୍ଫା ଶିଳାଲେଖ ଓ ସମସାମୟିକ ଅନ୍ୟାନ୍ୟ ପ୍ରାକୃତ ଅଭିଲେଖଗୁଡ଼ିକ (ଖଣ୍ଡଗିରି—ଉଦୟଗିରି) ଦକ୍ଷିଣ ଭାରତୀୟ ଲେଖକ—ଲିପିକାର ଦ୍ୱାରା ଉତ୍କୀର୍ଣ୍ଣ ହୋଇଥିଲା । ମନେ ହୁଏ, ଲେଖକ—ଲିପିକାର ସ୍ଥାନୀୟ ପ୍ରାକୃତ ଉଚ୍ଚାରଣ ଅନୁକରଣରେ ଲେଖଗୁଡ଼ିକ ଉତ୍କୀର୍ଣ୍ଣ କରିବାର ପ୍ରଚେଷ୍ଟା ସତ୍ତ୍ୱେ ନିଜସ୍ୱ ଦ୍ରାବିଡ଼ୀୟ ଉଚ୍ଚାରଣର କିଛି ନମୁନା ଉକ୍ତ ଲେଖଗୁଡ଼ିକରେ ରଖିଯାଇଛନ୍ତି । ଖାରବେଳଙ୍କ ବଂଶ ପରିଚୟ ପ୍ରସଙ୍ଗକ୍ରମେ, ତାଙ୍କ ଅଭିଲେଖର ପ୍ରଥମ ଧାଡ଼ିରେ ଉତ୍କୀର୍ଣ୍ଣ 'ଚେତରାଜ—ବଂଶ' ବାକ୍ୟାଂଶରେ କେତେକାଂଶ ଦକ୍ଷିଣ ଭାରତୀୟ ଉଚ୍ଚାରଣର ପ୍ରଭାବ ରହିଥିବା ମନେ ହୁଏ । ଚେତ—ସଦ—ସାଦ (ଶାତ) ମଧ୍ୟ ହୋଇଥିବା ଅସମ୍ଭବ ନୁହେଁ । ଗୁଣ୍ଟୁପଲ୍ଲୀ ଅଭିଲେଖ ଉଲ୍ଲେଖିତ ସିରି—ସଦ (ଶ୍ରୀ ଶାତ)ଙ୍କ ନାମ ଖାରବେଳଙ୍କ ଅଭିଲେଖରେ 'ଚେତ' ହୋଇଥିବା ଅସମ୍ଭବ ମନେ ହୁଏ ନାହିଁ । ତେଣୁ ହାତୀଗୁମ୍ଫା ଅଭିଲେଖର ପ୍ରଥମ ଧାଡ଼ିରେ ପ୍ରାକୃତ ଗଦ୍ୟ—କାବ୍ୟ ରୀତିରେ ଖାରବେଳଙ୍କ ଯେଉଁ ବିରୁଦାବଳୀ ରହିଛି, ସେଥିରେ ଲେଖାଥିବା ଚେତରାଜ—ବଂସ—ବଧନେନ (ଚେତ ରାଜବଂଶ—ବର୍ଦ୍ଧନେନ), ପ୍ରକୃତରେ 'ଚେଦି ରାଜବଂଶ' ନ

ବୁଝାଇ ଖାରବେଳଙ୍କ ପୂର୍ବପୁରୁଷ 'ଚେତ' ଅର୍ଥାତ୍ 'ସଦ' (ଶତ କିମ୍ବା ଶ୍ରୀଶାତଙ୍କୁ ବୁଝାଉଥିବା ଅଧିକ ଯୁକ୍ତିଯୁକ୍ତ ମନେ ହୁଏ । ଅର୍ଥାତ୍ ସିରି–ସଦ (ଶ୍ରୀ ଶାତ) ଖାରବେଳଙ୍କ ପୂର୍ବବର୍ତ୍ତୀ ମହାମେଘବାହନ ବଂଶୀୟ ଶାସକ ଥିବା ହେତୁ ଖାରବେଳଙ୍କୁ ସିରି–ସଦଙ୍କ 'ବଂଶ–ବର୍ଦ୍ଧ' ବା 'ବଂଶ–ବିସ୍ତାରକ' ରୂପେ ବର୍ଣ୍ଣନା କରାଯାଇଛି । 'ସଦ' ବା 'ଶାତ' (ଶାତ) ସାଧାରଣତଃ ଦାକ୍ଷିଣାତ୍ୟର ସାତ–ବାହନମାନଙ୍କ ନାମରେ ଦେଖାଗଲେ ମଧ୍ୟ ସମସାମୟିକ ଦାକ୍ଷିଣାତ୍ୟର ଅନ୍ୟାନ୍ୟ ରାଜବଂଶୀୟମାନେ ବ୍ୟବହାର କରୁଥିବା ସେମାନଙ୍କ ଅଭିଲେଖରୁ ଜଣାଯାଏ; ଯେପରି, କର୍ଣ୍ଣାଟକ ଅଞ୍ଚଳର (ପ୍ରାଚୀନ କୁନ୍ତଳ, ବନବାସୀ, ମହିଷକ ଇତ୍ୟାଦି ରାଜ୍ୟ) ଚୁଟୁକୁଳ–ସାତକର୍ଣ୍ଣୀ (ଆ: ମା: ଖ୍ରୀଷ୍ଟାବ୍ଦ ୨ମ ଶତକ)ମାନେ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାସ୍ଥିତ ବେଲପୁରୁ ଗ୍ରାମରୁ ଆବିଷ୍କୃତ 'ହାରିତିପୁତ–ସିରି–ମାନ ସଦ'ଙ୍କ ଶିଳାଲେଖରୁ (ଆ: ମା: ଖ୍ରୀଷ୍ଟାବ୍ଦ ୨ୟ ଶତକ) ସୂଚନା ମିଳୁଥିବା ଅଜ୍ଞାତ ରାଜବଂଶୀୟ ଶାସକ ସିରିମାନ–ସଦ (ଶ୍ରୀମାନ ଶାତ) ଇତ୍ୟାଦି । କେହି କେହି ଐତିହାସିକ ଉକ୍ତ ଶିଳାଲେଖର ଲିପି ଆଧାର କରି ହାରିତି–ପୁତ ସିରି ମାନସଦଙ୍କୁ ଗୁଣ୍ଟୁପଲ୍ଲୀ ଅଭିଲେଖର ମହାମେଘବାହନ–କଳିଙ୍ଗ–ମହିଷକାଧିପତି ସିରି–ସଦଙ୍କ ସହ ବଂଶଗତ ସମ୍ପର୍କ ଥିବା ବିଶ୍ୱାସ କରନ୍ତି । କେବଳ ଲିପିକୁ ଆଧାର କରି ଅଭିଲେଖ କିମ୍ବା ଲେଖ ବର୍ଣ୍ଣିତ ରାଜବଂଶର ସମୟ ନିର୍ଣ୍ଣୟ କରିବା ଅନେକ କ୍ଷେତ୍ରରେ ନିର୍ଭରଯୋଗ୍ୟ ନୁହେଁ । ଏଥି ସହିତ ପରିପୂରକ ତଥ୍ୟର ପ୍ରୟୋଜନୀୟତା ଅନସ୍ୱୀକାର୍ଯ୍ୟ । ଆହୁରି ମଧ୍ୟ, କେହି କେହି ଗୁଣ୍ଟୁପଲ୍ଲୀ ଅଭିଲେଖର ସିରି–ସଦଙ୍କୁ ଖାରବେଳଙ୍କ ବହୁ ପରବର୍ତ୍ତୀ ମହାମେଘବାହନ ବଂଶୀୟ ଶାସକ ବୋଲି ମନେ କରନ୍ତି । କିନ୍ତୁ ଉପରୋକ୍ତ ଆଲୋଚନା ଏହି ଅନୁମାନକୁ ସମ୍ପୂର୍ଣ୍ଣ ବିପରୀତ ପ୍ରମାଣ କରେ । ପରବର୍ତ୍ତୀ ଆଲୋଚନାରୁ ସ୍ପଷ୍ଟତଃ ଜଣାଯିବ ଯେ, ହାତୀଗୁମ୍ଫା ଅଭିଲେଖ ତଥା ଖଣ୍ଡଗିରି–ଉଦୟଗିରିର ଅନ୍ୟାନ୍ୟ ସମସାମୟିକ ବ୍ରାହ୍ମୀ ଅଭିଲେଖ ଏବଂ ଗୁଣ୍ଟୁପଲ୍ଲୀର ସିରି–ସଦଙ୍କ ସାମୟିକକାଳୀନ ଅଭିଲେଖର ଲେଖକ–ଲିପିକାର ଏକ ଏବଂ ଅଭିନ୍ନ ବ୍ୟକ୍ତି । ଏହି ସମସ୍ତ ଅଭିଲେଖରେ ବ୍ୟବହୃତ ଲିପିରେ କୌଣସି ଅସାମଞ୍ଜସ୍ୟତା ପରିଲକ୍ଷିତ ହୁଏ ନାହିଁ ।

ସଦ ବା ସାତ(ଶାତ) ନାମର ବ୍ୟବହାର ସାତବାହନ ବଂଶର ସମସାମୟିକ ଅନ୍ୟାନ୍ୟ ରାଜବଂଶରେ ମିଳୁଥିବାରୁ ଏବଂ ସାତବାହନ, ମହାମେଘବାହନ ଇତ୍ୟାଦି ବଂଶ ନାମରେ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିବା ଦୃଷ୍ଟିରୁ ଅନେକେ ମନେ କରନ୍ତି 'ସଦ', 'ସିରିମାନ ସଦ' ଆଦି ପ୍ରାୟ ସମସାମୟିକ ଶାସକମାନଙ୍କ ବଂଶ ସହିତ ସାତବାହନମାନଙ୍କ ସମ୍ପର୍କ ସ୍ଥାପିତ ହୋଇଥିଲା ଏବଂ ଉକ୍ତ ଶାସକମାନେ ସାତବାହନୀୟ ରାଜକନ୍ୟାମାନଙ୍କଠାରୁ ଜାତ ହୋଇଥିଲେ । ଏଠାରେ ଉଲ୍ଲେଖ୍ୟ, ଖାରବେଳଙ୍କ 'ଚେତରାଜବଂଶ–ବର୍ଦ୍ଧକ' ବିରୁଦ ପରି ସାତବାହନୀୟ ଲେଖରେ ମଧ୍ୟ ଅନୁରୂପ ବିରୁଦ ଦେଖାଯାଏ । ସାତବାହନୀୟ ରାଣୀ ନାୟନିକାଙ୍କ ନାନାଘାଟ (ମହାରାଷ୍ଟ୍ର) ଅଭିଲେଖରେ (ଖ୍ରୀ:ପୂ: ଆନୁମାନିକ ୧ମ ଶତାବ୍ଦୀର ପୂର୍ବଭାଗ) ସୂଚିତ ସାତକର୍ଣ୍ଣୀ ୧ମଙ୍କ ବିରୁଦରେ "ସାତବାହନସ–ବଂସ–ବଧନସ" (ଶାତବାହନସ୍ୟ ବଂଶ–ବର୍ଦ୍ଧକସ୍ୟ) ଏବଂ ମହାରଥିନଃ ଅଙ୍ଗିକ–କୁଳ–ବର୍ଦ୍ଧନସ୍ୟ ଇତ୍ୟାଦି ବର୍ଣ୍ଣନାରେ ବିଶେଷ ସାମଞ୍ଜସ୍ୟ ଲକ୍ଷଣୀୟ ।

ହାତୀଗୁମ୍ଫା ଶିଳାଲେଖର ସମସାମୟିକ ତିନୋଟି କ୍ଷୁଦ୍ର ଅଭିଲେଖ ଉଦୟଗିରିସ୍ଥିତ ସର୍ପଗୁମ୍ଫା ଓ ହରିଦାସ ଗୁମ୍ଫାରେ ଉତ୍କୀର୍ଣ୍ଣ ହୋଇଛି । ଖାରବେଳଙ୍କ ଶିଳାଲେଖର ପାଠୋଦ୍ଧାର ସଙ୍ଗେ ସଙ୍ଗେ ଏଗୁଡ଼ିକର ମଧ୍ୟ ପାଠୋଦ୍ଧାର ପୂର୍ବ ଲିପିତତ୍ତ୍ୱ ବିଶାରଦମାନେ କରିଯାଇଛନ୍ତି । ତେବେ ଏହି ଅଭିଲେଖଗୁଡ଼ିକର ସବିଶେଷ ଅନୁଧ୍ୟାନ ହୋଇନଥିବା ମନେ ହୁଏ । ଏଗୁଡ଼ିକ ପୁନରନୁଧ୍ୟାନ କଲେ କେତେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ତଥ୍ୟ ଉଦ୍‌ଘାଟନର ସମ୍ଭାବନା ରହିଛି । ସର୍ପଗୁମ୍ଫାରେ ଦୁଇଟି ଅଭିଲେଖରେ ଚୁଲକଂମ (ଚୁଲକର୍ମା) ନାମରେ, ସମ୍ଭବତଃ ଖାରବେଳଙ୍କ ଅନୁଗାମୀ ଜଣେ ରାଜକର୍ମଚାରୀଙ୍କ ନାମ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଏ । ଦୁଇଟି ଅଭିଲେଖ ମଧ୍ୟରୁ ଗୋଟିକରେ ଚୁଲକର୍ମଙ୍କ ସହ ଆଉ ଜଣେ ବ୍ୟକ୍ତିବିଶେଷଙ୍କ ନାମ ଲେଖା ହୋଇଥିବା ଦେଖାଯାଏ । ପ୍ରାକୃତ ଭାଷାରେ ଲେଖଟିର ପାଠ ହେଲା–ଚୁଲକଂମସ ହଲକ୍ଷିଣାୟା ଚ ପସାଦେ । ଏହାର ସଂସ୍କୃତ ପାଠାନ୍ତର ହେଲା ଚୁଲକର୍ମସ୍ୟ ସ(ସୁ) ଲକ୍ଷଣାୟା ଚ ପ୍ରସାଦଃ । ଏହି ଅର୍ଥାତ୍ ଚୁଲକର୍ମ ଓ ସୁଲକ୍ଷଣାଙ୍କ ପ୍ରଦତ୍ତ (ଗୁମ୍ଫା) । ଏହି ଅଭିଲେଖରେ ମଧ୍ୟ ଦକ୍ଷିଣ ଭାରତୀୟ ବିଭିନ୍ନ ଅକ୍ଷରର ଉଚ୍ଚାରଣ ବୈଚିତ୍ର୍ୟ ଲକ୍ଷଣୀୟ । 'ସ' ବା 'ଶ' ପରିବର୍ତ୍ତେ 'ହ' ଉଚ୍ଚାରଣ ଦକ୍ଷିଣ ଭାରତୀୟ ଅଭିଲେଖରେ ରହିଛି, ଯେପରି 'ହକ୍ତିସିରି' (ସାତବାହନ ଅଭିଲେଖ, ନାନାଘାଟ–ମହାରାଷ୍ଟ୍ର) ଅର୍ଥାତ୍ 'ଶକ୍ତିଶ୍ରୀ' ଇତ୍ୟାଦି । ସର୍ପଗୁମ୍ଫାର ଦ୍ୱିତୀୟ ଅଭିଲେଖରେ–ଚୁଲକଂମସ କୋଠାଜେୟା ଚ (ଚୁଲକର୍ମସ୍ୟ କୋଠାଜେୟା ଚ) ଅର୍ଥାତ୍ ଚୁଲକର୍ମଙ୍କ କୋଠରୀ । ହରିଦାସ ଗୁମ୍ଫାରେ ଚୁଲକର୍ମଙ୍କ ତୃତୀୟ ଅଭିଲେଖଟିରେ ମଧ୍ୟ ରହିଛି–ଚୁଲକମସ ପସାତୋ କୋଠାଜେୟା ଚ (ଚୁଲକର୍ମସ୍ୟ ପ୍ରସାଦଃ କୋଠଜେୟାଚ) ଅର୍ଥାତ୍ ଚୁଲକର୍ମଦ୍ୱାରା ପ୍ରଦତ୍ତ (ଗୁମ୍ଫା) ଏବଂ କୋଠରୀ । 'ଦ' ସ୍ଥାନରେ 'ତ'ର ଉଚ୍ଚାରଣ ଏଥିରେ ମଧ୍ୟ ଲକ୍ଷଣୀୟ । 'ପସାଦୋ' (ପ୍ରସାଦଃ) ସ୍ଥାନରେ 'ପସାତୋ' ଲେଖା ହୋଇଛି । ପୂର୍ବେ ଐତିହାସିକମାନେ, 'ହଲକ୍ଷିଣ' ଶବ୍ଦଟିର ସଠିକ ସଂସ୍କୃତ ରୂପାନ୍ତର ଓ ଅର୍ଥାନ୍ତର କରିବାକୁ ସକ୍ଷମ ହୋଇ ନଥିଲେ । ଆହୁରି ମଧ୍ୟ, 'ପସାଦୋ', 'ପସାତୋ' ଅର୍ଥାତ୍ ପ୍ରସାଦଃ ଶବ୍ଦଟିକୁ କେହି କେହି ପ୍ରାସାଦ ବା ମନ୍ଦିର ଅର୍ଥରେ

ଗ୍ରହଣ କରିଥିଲେ । ମନ୍ଦିର ଅର୍ଥରେ ବୁଝାଉଥିଲେ ପାସାଦୋ (ପ୍ରାସାଦଃ) ଲେଖା ହୋଇଥାନ୍ତା । କିନ୍ତୁ ଦୁଇଟି ଯାକ ଅଭିଲେଖରେ ପ୍ରସାଦଃ ଲେଖାଯାଇଛି । 'ପ୍ରସାଦ' ଏଠାରେ ଦାନ ଅର୍ଥରେ ବୁଝିବା ଅଧିକ ଯୁକ୍ତିଯୁକ୍ତ ମନେ ହୁଏ, ଅର୍ଥାତ୍ ଚୁଲକର୍ମ, ଜୈନ ସନ୍ନ୍ୟାସୀମାନଙ୍କ ଉଦ୍ଦେଶ୍ୟରେ ସସ୍ତ୍ରୀକ (ସୁଲକ୍ଷଣା ନିଃସନ୍ଦେହରେ ଚୁଲକର୍ମଙ୍କ ପତ୍ନୀ) ଗୁମ୍ଫାଟି ନିର୍ମାଣ କରାଇ ଦାନ କରିଥିଲେ । ଆହୁରି ମଧ୍ୟ, ଚୁଲକର୍ମ ସପତ୍ନୀଙ୍କ ବସବାସ ପାଇଁ ଆଉ ଏକ କୋଠରୀ ସହ ଏକ ଗୁମ୍ଫା ନିର୍ମାଣ କରାଇ ଦାନ କରିଥିବା ବିଷୟ ହରିଦାସ ଗୁମ୍ଫାର ଅଭିଲେଖରୁ ସ୍ପଷ୍ଟ ଜଣାପଡ଼େ । ସର୍ପଗୁମ୍ଫାର ଦ୍ୱିତୀୟ ଅଭିଲେଖରୁ ମଧ୍ୟ ମନେ ହୁଏ, ସେହି ଗୁମ୍ଫାରେ ନିଜ ପାଇଁ ଅନ୍ୟ ଏକ କୋଠରୀ ଚୁଲକର୍ମ ନିର୍ମାଣ କରାଇଥିଲେ ।

ଉପରୋକ୍ତ ଅଭିଲେଖରେ ଚୁଲକର୍ମଙ୍କ କୌଣସି ରାଜକୀୟ ପଦବୀର ଉଲ୍ଲେଖ ନ ଥିଲେ ମଧ୍ୟ, ସମ୍ଭବତଃ ସେ ରାଜକୀୟ ଲିପିକାର ଥିଲେ ଏବଂ ଖାରବେଳଙ୍କ ସହ ଏ ଅଞ୍ଚଳକୁ ଆସିଥିଲେ । ସିରି-ସଦଙ୍କ ରାଜତ୍ୱକାଳୀନ ଗୁଣ୍ଟୁପଲ୍ଲୀ ଅଭିଲେଖଟି ସବିଶେଷ ଅନୁଧ୍ୟାନ କଲେ ଏହି ଅନୁମାନର ଯୌକ୍ତିକତା ଜଣାପଡ଼େ । ଏହି ଅଭିଲେଖଟିର ବିଷୟବସ୍ତୁ ହେଉଛି, ମହାମେଘବାହନ ବଂଶଜ କଳିଙ୍ଗ-ମହିଷକାଧିପତି ମହାରାଜ ସିରି-ସଦଙ୍କ ଲେଖକ ଚୁଲଗୋମଙ୍କ ଦ୍ୱାରା ମଣ୍ଡପ ଦାନ । ଗୁଣ୍ଟୁପଲ୍ଲୀରୁ ଆବିଷ୍କୃତ ବିଶାଳ ବୌଦ୍ଧ କୀର୍ତ୍ତି ଅବଶେଷ ମଧ୍ୟରୁ ଚାରିଗୋଟି ସ୍ତମ୍ଭରେ ଏହି ଅଭିଲେଖଟିର ଚାରିଗୋଟି ସଂସ୍କରଣ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଇଛି । ପାଠଧାଡ଼ି ବିଶିଷ୍ଟ ଏହି ଅଭିଲେଖଟିର ପାଠୋଦ୍ଧାର ନିମ୍ନୋକ୍ତ ପ୍ରକାରେ କରାଯାଇଛି :-

(୧) ମହାରାଜସ କଳିଙ୍ଗ ମହି-

(୨) ସକାଧିପତିସ ମହାମେ-

(୩) ଖବାହନସ ସିରି ସଦ-

(୪) ସ ଲେଖକସ ଚୁଲଗୋମସ ମଂ-

(୫) ଡ଼ପ ଦାନଂ (॥)

ଲେଖଟିରେ ଲେଖକଙ୍କ ନାମଟି ବିଶେଷ ଅନୁଧ୍ୟାନ ସାପେକ୍ଷ । ପୂର୍ବେ କୁହାଯାଇଛି, ଦକ୍ଷିଣ ଭାରତୀୟ ଶବ୍ଦ ଉଚ୍ଚାରଣରେ ବୈଚିତ୍ର୍ୟ ଥିବା କାରଣରୁ ବର୍ଣ୍ଣ ପ୍ରକରଣରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ ଏବଂ ଏଥି ସହିତ ଆଞ୍ଚଳିକ ପ୍ରାକୃତ ଭାଷା ତଥା ଏହାର ଉଚ୍ଚାରଣର ପ୍ରଭାବ ଭିନ୍ନ ଭିନ୍ନ ଅଭିଲେଖରେ ନାନା ରୂପେ ପ୍ରକାଶ ପାଇଥାଏ । 'କ' ଅକ୍ଷରର ଉଚ୍ଚାରଣ ପ୍ରାୟଶଃ କଥିତ ଭାଷାରେ 'ଗ' ହେଉଥିବା ଯୋଗୁଁ ପ୍ରାଚୀନ ଲେଖକ-ଲିପିକାରମାନେ ଅଭିଲେଖରେ ଅନେକ କ୍ଷେତ୍ରରେ ଏହାର ବ୍ୟବହାର କରିଥିବା ଦେଖାଯାଏ । ସେ ଦୃଷ୍ଟିରୁ ସର୍ପଗୁମ୍ଫା ଓ ହରିଦାସ ଗୁମ୍ଫା ଅଭିଲେଖର ଚୁଲକଂମ, ଚୁଲକମ (ଚୁଲକର୍ମ) ଗୁଣ୍ଟୁପଲ୍ଲୀ ଅଭିଲେଖରେ ଚୁଲଗୋମ ହୋଇଥିବା ଅସମ୍ଭବ ମନେ ହୁଏ ନାହିଁ । ତେଣୁ ଏ ସମସ୍ତ ଅଭିଲେଖ ଉଲ୍ଲେଖିତ ଚୁଲକର୍ମ ଏକ ଏବଂ ଅଭିନ୍ନ ବ୍ୟକ୍ତି ହୋଇଥିବା ଅନୁମାନ କରାଯାଇପାରେ । ଜଣେ ବ୍ୟକ୍ତି ଦ୍ୱାରା ଏହି ଅଭିଲେଖ ସମୂହ ଉତ୍କୀର୍ଣ୍ଣ ହୋଇଥିବା ଦୃଷ୍ଟିରୁ ଏଗୁଡ଼ିକରେ ବ୍ୟବହୃତ ଲିପିରେ ବିଶେଷ ସାଦୃଶ୍ୟ ରହିଛି । ଅବଶ୍ୟ, ଅଭିଲେଖଗୁଡ଼ିକର ଲିପି ଦୃଷ୍ଟିରୁ ପୂର୍ବ ଲିପିତତ୍ତ୍ୱ-ବିଶାରଦମାନେ ଖାରବେଳଙ୍କୁ ସିରି-ସଦଙ୍କ ପୂର୍ବବର୍ତ୍ତୀ ଶାସକ ବୋଲି ଅନୁମାନ କରନ୍ତି, ଅର୍ଥାତ୍ ଖାରବେଳଙ୍କ ରାଜତ୍ୱର ବହୁ ପରବର୍ତ୍ତୀକାଳରେ ସିରି-ସଦ କଳିଙ୍ଗ ସିଂହାସନ ଆରୋହଣ କରିଥିବା ଅନୁମାନ କରାଯାଏ । କିନ୍ତୁ ବର୍ତ୍ତମାନ ଆବିଷ୍କୃତ ନାନା ଐତିହାସିକ ତଥ୍ୟ ପରିପ୍ରେକ୍ଷୀରେ, ଅଭିଲେଖଗୁଡ଼ିକରେ ବ୍ୟବହୃତ ଲିପି ସମୂହର ପୁନରନୁଧ୍ୟାନ ତଥା ପୁନର୍ମୂଲ୍ୟାୟନ ନିତାନ୍ତ ଆବଶ୍ୟକ । ଏହା ଖାରବେଳଙ୍କ ରାଜତ୍ୱକାଳୀନ ଇତିହାସ ପୁନରୁଦ୍ଧାର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

---

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର

**ଫସଲ ବୀମା ବାବଦରେ ୬ କୋଟି ୯୨ ଲକ୍ଷଟଙ୍କା କେନ୍ଦ୍ର ଦ୍ୱାରା ମଞ୍ଜୁର**

କେନ୍ଦ୍ର ସରକାର ଫସଲ ବୀମା ବାବଦରେ ଓଡ଼ିଶାକୁ ୬ କୋଟି ୯୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ବୋଲି ରାଜ୍ୟ ସମବାୟ ବିଭାଗ ସୂତ୍ରରୁ ପ୍ରକାଶ । ତନ୍ମଧ୍ୟରୁ ୫ କୋଟି ୨୪ ଲକ୍ଷ ଟଙ୍କା ୧୯୯୭ ଖରିଫ ଋତୁ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ୧୯୯୭-୯୮ ରବି ଋତୁ ପାଇଁ ୧ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ବୀମା ଅର୍ଥ ଖୁବ୍ ଶୀଘ୍ର ସଂପୃକ୍ତ ଚାଷୀମାନଙ୍କୁ ପ୍ରଦାନ କରାଯିବ ।

ଫସଲ ବୀମା ବ୍ୟବସ୍ଥାକୁ ବ୍ୟାପକ ତଥା ଅଧିକ ଫଳପ୍ରଦ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ପରିବର୍ଦ୍ଧିତ ବ୍ୟାପକ ଫସଲ ବୀମା ବ୍ୟବସ୍ଥା ଖୁବ୍ ଶୀଘ୍ର ପ୍ରବର୍ତ୍ତନ କରିବେ । ଏହି ନୂତନ ବ୍ୟବସ୍ଥାରେ ଉଭୟ ଋଣ ନେଇଥିବା ଏବଂ ଋଣ ନେଇ ନଥିବା ଚାଷୀମାନେ ଅନ୍ତର୍ଭୁକ୍ତ ହେବେ ଏବଂ ଏଥିରେ ସମସ୍ତ ପ୍ରକାରର ଫସଲ ଅନ୍ତର୍ଭୁକ୍ତ ହେବ । ବର୍ତ୍ତମାନ ଫସଲବୀମା କ୍ଷେତ୍ରରେ ଥିବା ସର୍ବୋଚ୍ଚ ୧୦,୦୦୦ ଟଙ୍କା କ୍ଷତିପୂରଣ ଭାବରେ ପ୍ରଦାନ କରାଯାଉଥିବା ବେଳେ ଏହି ନୂତନ ବ୍ୟବସ୍ଥାରେ କ୍ଷତିପୂରଣ ବାବଦରେ କୌଣସି ସୀମା ରଖାଯାଇନାହିଁ ।

# ଭାରତର ପ୍ରଥମ ସଶସ୍ତ୍ର ଗଣ–ବିପ୍ଳବ

ଶ୍ରୀ ବ୍ରଜ ପାଇକରାୟ

ଇଂରେଜ କମିଶନର ମିଃ ଉଓ୍ୱର (Ewer) ସାହେବ ଖୋର୍ଦ୍ଧା ପାଇକମାନଙ୍କ ସମ୍ପର୍କରେ ତାଙ୍କ ୧୮୦୮ ମସିହା ରିପୋର୍ଟରେ ଲେଖିଛନ୍ତି, "ଖୋର୍ଦ୍ଧାରେ ଆଉ ପାଇକମାନଙ୍କ ସାହାଯ୍ୟ ଦରକାର ହେଉନାହିଁ। ସୈନ୍ୟ ବିଭାଗରେ ସେମାନଙ୍କୁ ରଖିବା ବିପଦଜନକ. ଅତଏବ ତାଙ୍କୁ ସାଧାରଣ ରୟତଙ୍କ ସ୍ତରକୁ ପେଲି ଦେଇ ତାଙ୍କଠାରୁ ଖଜଣା ଅସୁଲ କରିବା ଦରକାର। ପାଇକମାନଙ୍କୁ ପୂର୍ବର ଜାଗିରି ଜମି ଦିଆଯିବା ଉଚିତ୍ ନୁହେଁ ଏଇ ଅଳ୍ପ ସମୟ ମଧ୍ୟରେ "ପାଇକ" ନାମ ଲୋପ ହୋଇ ଆସିଲାଣି। କିନ୍ତୁ ଏବେ ମଧ୍ୟ ଯେଉଁଠାରେ ପାଇକ ଅଛନ୍ତି, ପୂର୍ବର ଦୁର୍ଦ୍ଦାନ୍ତ ସ୍ୱଭାବ ଛାଡ଼ି ନାହାନ୍ତି। ସେମାନଙ୍କ ବିଷ ଦାନ୍ତ ଭାଙ୍ଗିବା ପାଇଁ ପୋଲିସ୍ କର୍ମଚାରୀଙ୍କୁ ଅନେକ କାଳ ସେମାନଙ୍କୁ ଜବତରେ ରଖିବାକୁ ପଡ଼ିବ। ପାଇକ କୁଳକୁ ସମୂଳେ ଧ୍ୱଂସ ନ କଲେ ମଙ୍ଗଳ ନାହିଁ।"

ବିଶିଷ୍ଟ ଇଂରେଜ ଐତିହାସିକ ଜି. ଟସନଟି ଖୋର୍ଦ୍ଧା ପାଇକ ବିଦ୍ରୋହର ପ୍ରଚଣ୍ଡତା ସମ୍ପର୍କରେ ଉଲ୍ଲେଖ କରି ଲେଖିଛନ୍ତି "The rising was a veritable storm, that burst with such relentless fury as to threaten the explusion of the British. if not from the whole of Orissa, at least from the territory of Khurda."

ବ୍ରିଟିଶ ସରକାର ପାଇକ ବାହିନୀକୁ କିଭଳି ଭୟ କରୁଥିଲେ ଏବଂ ପାଇକ ବିଦ୍ରୋହ ଫଳରେ ଓଡ଼ିଶାରେ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆ କିପରି ଦୋହଲି ଯାଇଥିଲା ତାହା ଉପରୋକ୍ତ ଉଦ୍ଧୃତାଂଶରୁ ସ୍ପଷ୍ଟ ରୂପେ ପ୍ରତୀୟମାନ ହୁଏ।

ବ୍ରିଟିଶମାନଙ୍କ ଦୃଷ୍ଟିରେ ଯାହା ପାଇକମାନଙ୍କ ବିଦ୍ରୋହ ଭାବରେ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି, ପ୍ରକୃତ ପକ୍ଷରେ ତାହା ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଆତ୍ମମର୍ଯ୍ୟାଦାବୋଧର ପରିପ୍ରକାଶ। ୧୮୫୭ ମସିହା ସିପାହି ବିଦ୍ରୋହର ବହୁବର୍ଷ ପୂର୍ବରୁ ଅର୍ଥାତ୍ ୧୮୧୭ ମସିହାରେ ସଙ୍ଗଠିତ ଉକ୍ତ ବିଦ୍ରୋହକୁ ସମଗ୍ର ଭାରତବର୍ଷର ପ୍ରଥମ ଗଣବିପ୍ଳବ ତଥା ସ୍ୱାଧୀନଚେତା ପାଇକମାନଙ୍କର ବୀରତ୍ୱର ଅବିସ୍ମରଣୀୟ କାହାଣୀ ବୋଲି କହିବା ଅଧିକ ଠିକ୍ ହେବ।

## ପାଇକ ବିଦ୍ରୋହର ପୃଷ୍ଠଭୂମି :

ଇଂରେଜମାନେ ଓଡ଼ିଶା ଶାସନ କରିବା ପୂର୍ବରୁ ଉତ୍ତରରେ ସମଗ୍ର ବଙ୍ଗଦେଶ ଏବଂ ଦକ୍ଷିଣରେ "ଦକ୍ଷିଣ ସରକାର"ର ଓଡ଼ିଆଜିଲ୍ଲା ଗଞ୍ଜାମ ମଧ୍ୟ ସେମାନଙ୍କର ଅଧୀନସ୍ଥ ହୋଇ ସାରିଥିଲା। ତେଣୁ ଇଂରେଜମାନେ ଓଡ଼ିଶାକୁ ତିନି ଦିଗରୁ ଆକ୍ରମଣ କରିବା ସହଜ ହୋଇଥିଲା। ମାନ୍ଦ୍ରାଜରୁ ଇଂରେଜ ବାହିନୀ ୧୮୦୩ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ ବାହାରି ମାଣିକ ପାଟଣା ବାଟ ଦେଇ ୧୬ ତାରିଖରେ ପୁରୀରେ ପହଞ୍ଚିଲେ। ମରହଟ୍ଟାଙ୍କ ତରଫରୁ ସେ ଅଞ୍ଚଳରେ ନିଯୁକ୍ତି ପାଇଥିବା [illegible] ମାଲୁଦର ଫତେ ମହମ୍ମଦର ସାହାଯ୍ୟକ୍ରମେ କର୍ଣ୍ଣେଲ ହାର୍କୋଟ୍ ଚିଲିକା ମୁହାଣ ପାରିହୋଇ ଦୁଇଦିନ ପରେ ନରସିଂହ ପାଟଣାରେ ପହଞ୍ଚିଲେ। ସେଠାରେ ଏବଂ ପୁରୀ ଅଧିକାର ବେଳେ ଇଂରେଜମାନେ କୌଣସି ପ୍ରକାର ପ୍ରତିରୋଧର ସମ୍ମୁଖୀନ ହୋଇ ନଥିଲେ। ପୁରୀର ଜଗନ୍ନାଥ ମନ୍ଦିରକୁ ଦଖଲ କରି କେତେକ ହିନ୍ଦୁ ସିପାହୀଙ୍କ ଦାୟିତ୍ୱରେ ଛାଡ଼ିଦେଇ କର୍ଣ୍ଣେଲ ହାର୍କୋଟ୍ କଟକ ଯାତ୍ରା କରିଥିଲେ। ଅଠରନଳା ପାଖରେ ମରହଟ୍ଟାମାନଙ୍କ ସାମାନ୍ୟ ପ୍ରତିରୋଧ ଏବଂ ଜଗନ୍ନାଥ ସଡ଼କରେ ସେମାନଙ୍କର ଆକ୍ରମଣକୁ ପ୍ରତିହତ କରି ଇଂରେଜ ସୈନ୍ୟମାନେ କଟକ ଆଡ଼କୁ ଅଗ୍ରସର ହେଲେ। ଇଂରେଜମାନଙ୍କଠାରୁ ପରାଜିତ ହୋଇ ମରହଟ୍ଟାମାନେ ଖୋର୍ଦ୍ଧା ଜଙ୍ଗଲ ଅଞ୍ଚଳକୁ ପଳାଇଗଲେ। କର୍ଣ୍ଣେଲ ହାରକୋଟ୍ ବାରଙ୍ଗଗଡ଼ ଦେଇ କାଠଯୋଡ଼ି ପାରି ହୋଇ କଟକରେ ପହଞ୍ଚିଲେ।

ବଙ୍ଗଳାରୁ କ୍ୟାପଟେନ ମୋରଗାନ୍ଙ୍କ ନେତୃତ୍ୱରେ, ଦଳେ ଇଂରେଜ ସୈନ୍ୟ ବାଲେଶ୍ୱର ଉପକୂଳବର୍ତ୍ତୀ ଯାମୁପଡ଼ାଠାରେ ଜାହାଜରୁ ଓହ୍ଲାଇ ମରହଟ୍ଟାମାନଙ୍କର ଦୁର୍ଗ ଅଧିକାର କରି ବାଲେଶ୍ୱର ଦଖଲ କଲେ। ଅନ୍ୟଦଳେ ଇଂରେଜ ସୈନ୍ୟ କର୍ଣ୍ଣେଲ ଫର୍ଗୁସନଙ୍କ ନେତୃତ୍ୱରେ ମେଦିନୀପୁର ବାଟେ ଆସି ବାଲେଶ୍ୱରରେ ଥିବା ଇଂରେଜମାନଙ୍କ ସହ ମିଶିଲେ। ଉକ୍ତ ମିଳିତ ବାହିନୀ ବାଲେଶ୍ୱରର [illegible] କର୍ଣ୍ଣେଲ ହାରକୋଟଙ୍କ ସୈନ୍ୟମାନଙ୍କ ସହ ମିଶି ବାରବାଟି ଦୁର୍ଗ ଦଖଲ କଲେ।

ଏହିଭଳି ଭାବରେ ୧୮୦୩ ମସିହାରେ ଓଡ଼ିଶା ଦଖଲ କରିବାପରେ କର୍ଣ୍ଣେଲ ହାର୍କୋଟ୍ ଏବଂ ମିଃ ମେଲ୍‌ଭିଲ୍ ଓଡ଼ିଶା

ସୁବାର ଶାସନକର୍ତ୍ତା ଭାବରେ ନିଯୁକ୍ତି ପାଇ ଗଡ଼ଜାତ ରାଜା ଓ ଜମିଦାରମାନଙ୍କଠାରୁ ଚୁକ୍ତିପତ୍ର ସ୍ୱାକ୍ଷରିତ କରିନେଲେ । ଓଡ଼ିଶାର ବିଭିନ୍ନ ଗଡ଼ଜାତ ରାଜାମାନଙ୍କ ସହ ଚୁକ୍ତି କରି ସାରିବା ପରେ କମ୍ପାନୀ ସରକାର ଦେଶର ମାଲିକ ହୋଇଯାଇଥିଲେ ।

୧୮୦୪ ମସିହାରେ ଖୋରଧାର ବରୁଣାଇ ପାହାଡ଼ ନିକଟରେ ଥିବା ଦୁର୍ଗକୁ ଇଂରେଜମାନେ ତିନି ସପ୍ତାହ ଧରି ଅବରୋଧ କରି ତୋପମାଡରେ ଭୂତଳଶାୟୀ କଲେ ଏବଂ ଖୋରଧାର ଗଜପତି ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ ଏବଂ ବିଦ୍ରୋହୀ ବୋଲି ଘୋଷଣା କଲେ । ପରିଶେଷରେ ରାଜା ଏବଂ ତାଙ୍କର ପ୍ରଧାନ ରାଜନୈତିକ ପରାମର୍ଶଦାତା ଜୟୀ ରାଜଗୁରୁ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ଗଜପତି ମୁକୁନ୍ଦଦେବ ନିଜକୁ ରକ୍ଷା କରିବା ଲାଗି ଜୟୀ ରାଜଗୁରୁଙ୍କ ପ୍ରରୋଚନା ଓ ପରାମର୍ଶ କ୍ରମେ ବିଦ୍ରୋହ ହୋଇଛି ବୋଲି ବ୍ରିଟିଶମାନଙ୍କୁ ଦେଇଥିବା ପ୍ରାର୍ଥନା ପତ୍ରରେ ଜଣାଇବା ପରେ ତାଙ୍କୁ ମେଦିନୀପୁର ଜେଲରୁ ମୁକ୍ତି ଦିଆଯାଇ ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ଅର୍ପଣ କରାଗଲା । ଜୟୀ ରାଜଗୁରୁ ଇଂରେଜମାନଙ୍କୁ ଠୋକ୍‌ଠାକ୍ ଜବାବ ଦେଇଥିବାରୁ ମେଦିନୀପୁରର ବାଘିତୋଟାଠାରେ ଥିବା ବରଗଛ ଡାଳରେ ତାଙ୍କର ଦୁଇଗୋଡ଼କୁ ବାନ୍ଧି ଛାଡ଼ି ଦିଆଯାଇଥିଲା । ଫଳରେ ଜୟୀ ରାଜଗୁରୁଙ୍କ ଶରୀର ଦୁଇଫାଳ ହୋଇଯାଇଥିଲା । ରାଜଗୁରୁଙ୍କ ପୈଶାଚିକ ହତ୍ୟା ପାଇକମାନଙ୍କୁ ବିଶେଷ କ୍ଷୁବ୍ଧ କରିଥିଲା ଏବଂ ସେମାନଙ୍କ ମଧ୍ୟରେ ବ୍ରିଟିଶ ବିରୋଧୀ ମନୋଭାବ ସୃଷ୍ଟି ହେବାରେ ସହାୟକ ହୋଇଥିଲା ।

## ପାଇକ ବିଦ୍ରୋହର ଅର୍ଥନୈତିକ ଓ ସାମାଜିକ କାରଣ :

ପାଇକମାନଙ୍କର ନିଷ୍କର ପାଇକ ଜାଗିର ଉପରେ କରଧାର୍ଯ୍ୟ, ଘନ ଘନ ବନ୍ଦୋବସ୍ତ ଫଳରେ କରବୃଦ୍ଧି ଓ ଖଜଣା ଅନାଦେୟରେ ଜମି ନିଲାମ୍, କଉଡ଼ି ପରିବର୍ତ୍ତେ ଟଙ୍କା ଆକାରରେ ଖଜଣା ଗ୍ରହଣ, ପାଇକମାନଙ୍କ ସ୍ୱାଧୀନଚେତା ମନୋବୃତ୍ତି ଏବଂ ମର୍ଯ୍ୟାଦାପୂର୍ଣ୍ଣ ସାମାଜିକ ଚଳଣି ସମ୍ବନ୍ଧରେ ଇଂରେଜ କର୍ମଚାରୀମାନଙ୍କ ଅଜ୍ଞତା ଏବଂ ସର୍ବୋପରି ବ୍ରିଟିଶ ପଦସ୍ଥ ଅଫିସର ଏବଂ ଅଧସ୍ତନ ବଙ୍ଗାଳୀ ଅମଲାମାନଙ୍କ ଅର୍ଥନୈତିକ ଶୋଷଣ ଓ ଜୁଲମ୍ ଯୋଗୁ ହିଁ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ବକ୍ସି ଜଗବନ୍ଧୁଙ୍କଠାରୁ ଅନ୍ୟାୟ ଭାବେ ଇଂରେଜମାନଙ୍କ ଦ୍ୱାରା ଜମିଦାରୀ ଉଚ୍ଛେଦ ଫଳରେ ହିଁ ଉକ୍ତ ବିଦ୍ରୋହ ତ୍ୱରାନ୍ୱିତ ହୋଇଥିଲା ।

ଖୋର୍ଦ୍ଧା ଖାସ୍‌ମହାଲରେ ପରିଣତହେବା ପରେ ପାଇକମାନେ ଆବହମାନ କାଳରୁ ଭୋଗ କରି ଆସୁଥିବା ନିଷ୍କର ଜମିକୁ ମେଜର ଫ୍ଲେଚର ସାହେବ ଛଡ଼ାଇ ନେଲେ । ୧୮୦୫ ଏବଂ ୧୮୧୭ ମସିହା ମଧ୍ୟରେ ବାରମ୍ବାର ଭୂ-ବନ୍ଦୋବସ୍ତ କରାଯାଇ ନୂତନ କରଧାର୍ଯ୍ୟ କରାଯାଇଥିଲା । ଏ ସମ୍ପର୍କରେ ତତ୍‌କାଳୀନ କଟକ କଲେକ୍ଟର William Trowerଙ୍କ ରିପୋର୍ଟ ବିଶେଷ ପ୍ରଣିଧାନ ଯୋଗ୍ୟ । Trowerଙ୍କ ବିବରଣୀରେ ଉଲ୍ଲେଖ ହୋଇଥିବା କେତେକ ଅଂଶ ନିମ୍ନରେ ପ୍ରଦାନ କରାଯାଇଛି ।

"Besides regular land revenue the ryote were over burdened with many unauthorised abwabs and impositions. The demands were nearly arbitrary and certainly oppressive."

ପାଇକ ବିଦ୍ରୋହର କାରଣ ସମ୍ବନ୍ଧରେ ସବିଶେଷ ରିପୋର୍ଟ ପ୍ରସ୍ତୁତ କରିବା ନିମିତ୍ତ ନିଯୁକ୍ତ ଅନୁସନ୍ଧାନକାରୀ କମିଶନର W. Ewer ଖୋର୍ଦ୍ଧା ଅଞ୍ଚଳରେ ଭୂ-ରାଜସ୍ୱ ବୃଦ୍ଧି କିପରି ଖୁବ୍ କମ୍ ସମୟ ମଧ୍ୟରେ ଆକାଶଛୁଆଁ ହୋଇଥିଲା, ସେ ସମ୍ପର୍କରେ ବିବରଣୀ ଦେଇ ଲେଖିଥିଲେ :—

"The taxation on the ryots in 1815-16 was as high as twice. the Jama of 1804-1805"xx xx xxIt is now well known and generally admitted that previous to insurrection, khurda was becoming strikingly depopulated. At least 5,000 to 6.000 families of ryots had deserted. The miserable remnants after dispossessing themselves of their little all their clothes, furniture, cooking utenils and sometimes their wives and children existed of course in a state of misery and irritation.

ସେତେବେଳେ ମୁଖ୍ୟତଃ ଓଡ଼ିଶାରେ ବଙ୍ଗାଳୀମାନେ ବ୍ରିଟିଶ ସରକାରଙ୍କ ଅଧୀନସ୍ଥ କର୍ମଚାରୀ ଥିଲେ । ଇଂରେଜମାନେ ବଙ୍ଗାଳୀମାନଙ୍କ ଉପରେ ନିର୍ଭର କରି ଶାସନ କାର୍ଯ୍ୟ କରୁଥିବାରୁ ତାହାର ସୁବିଧାନେଇ ସେମାନେ ଲୋକମାନଙ୍କ ଉପରେ କର ଆଦାୟ ନାମରେ ଜୁଲମ୍ ଓ ଅତ୍ୟାଚାର କରୁଥିଲେ ।

ଇଂରେଜ ରାଜତ୍ୱ ପୂର୍ବରୁ ଭୂରାଜସ୍ୱ ଶସ୍ୟ କିମ୍ବା କଉଡ଼ି ଆକାରରେ ନିଆ ଯାଉଥିଲା । କିନ୍ତୁ ଇଂରେଜ ଶାସନ ସମୟରେ କଉଡ଼ି ବଦଳରେ ଭୂ-ରାଜସ୍ୱ ଟଙ୍କା ଆକାରରେ ଗ୍ରହଣ କରାଗଲା । ଗୋଟିଏ ଟଙ୍କାର ମୂଲ୍ୟ ୫,୧୨୦ କଉଡ଼ି ରୂପେ ସ୍ଥିର କରାଗଲା । ଗାଁ ମହାଜନଙ୍କଠାରେ କଉଡ଼ି ବଦଳାଇ ନେଲେ ୭,୬୮୦ଟି କଉଡ଼ି ସାଧାରଣ ଲୋକଙ୍କୁ ଦେବାକୁ ପଡୁଥିଲା ।

ଏତଦ୍‌ବ୍ୟତୀତ ସରବରାକାର ଏବଂ ରାଜସ୍ୱ ଆଦାୟକାରୀ କର୍ମଚାରୀମାନଙ୍କ ବଦଳି ଆଦାୟ ମଧ୍ୟ ଥିଲା । ସରକାରଙ୍କ ନୂତନ ରାଜସ୍ୱନୀତି ଓ ନିୟମ ଯୋଗୁଁ ନିମ୍ନର ବୃତ୍ତିଭୋଗୀ ପାଇକମାନେ ବିଶେଷ କ୍ଷତିଗ୍ରସ୍ତ ହେଲେ ଏବଂ ସେମାନଙ୍କର ଅର୍ଥନୈତିକ ପରିସ୍ଥିତି ବିଶେଷ ଖରାପ ଆଡ଼କୁ ଗତି କଲା । ରାଜସ୍ୱ ଦେଇ ନ ପାରି ଅନେକ ରୟତ ଜମି ହରାଇଲେ । ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଡାଏଲସିଲ ଓଡ଼ିଶାର ବଙ୍ଗପ୍ରଦେଶ ପରି ୧୮୦୫ ମସିହାରେ ଚିରସ୍ଥାୟୀ ବନ୍ଦୋବସ୍ତ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ବାରମ୍ବାର ଭୂ-ବନ୍ଦୋବସ୍ତ କରାଯାଇ କର ବୃଦ୍ଧି କରାଗଲା ।

ରାଜାଙ୍କ ଶାସନ ସମୟରେ ରାଜକର୍ମଚାରୀ ଖଜଣା ବାକି ଯୋଗୁଁ ଅତ୍ୟାଚାର କଲେ ସମ୍ପୃକ୍ତ ପ୍ରଜାଗଣ ଆପତ୍ତି ଅଭିଯୋଗ କରି ନ୍ୟାୟ ବିଚାର ପାଉଥିଲେ । ଇଂରେଜ ଶାସନ ଅମଳରେ, ଅଣଓଡ଼ିଆ କର୍ମଚାରୀମାନେ କୌଣସି ଅଭିଯୋଗ ଶୁଣିବା ପରିବର୍ତ୍ତେ ୧୮୦୬ ମସିହାରେ ଖଜଣା ଅନାଦେୟରେ ସମ୍ପତ୍ତି ନିଲାମ୍ ପ୍ରଥା ପ୍ରବର୍ତ୍ତନ କରାଗଲା । ଓଡ଼ିଶାର ଜମିଦାରୀ କଲିକତାରେ ନିଲାମ୍ ହେବା ଯୋଗୁଁ ଠିକ୍ ସମୟରେ ଖଜଣା ପଇଠ କରି ନ ପାରି ବହୁ ପ୍ରାଚୀନ ଓଡ଼ିଆ ସମ୍ଭ୍ରାନ୍ତ ପରିବାର ଡଳିତଳାନ୍ତ ହୋଇଗଲେ । ଅନ୍ୟ ପକ୍ଷରେ କଲିକତାର ବଙ୍ଗାଳୀମାନେ ଅତି ଅଳ୍ପ ମୂଲ୍ୟରେ ଓଡ଼ିଶାର ବଡ଼ ବଡ଼ ଜମିଦାରୀମାନ ନିଲାମ୍ ନେଇ ରାତାରାତି ଜମିଦାର ପାଲଟିଗଲେ । ଘନ ଘନ ଜମି ବନ୍ଦୋବସ୍ତ କରାଯାଇ କମ୍ପାନୀ ସରକାର ପାଇକ, ଦଳେଇ ଓ ଦଳବେହେରାମାନଙ୍କ ରାଜଦତ୍ତ ଜାଗିର ଜମି ସେମାନଙ୍କ ମାଲିକାନାରୁ କାଢ଼ିନେଲେ ।

## ଇଂରେଜମାନଙ୍କ ଏକଚାଟିଆ ଲୁଣମରା ଅଧିକାର :

ଓଡ଼ିଶା ଅଧିକାର କରିବା ପରେ କମ୍ପାନୀ ସରକାର ସାଧାରଣ ପ୍ରଜା ସମୁଦ୍ର ଓ ଚିଲିକାରୁ ଲୁଣ ମାରି ପାରିବେ ନାହିଁ ବୋଲି ଆଇନ ପ୍ରଣୟନ କରି ନିଷେଧାଜ୍ଞା ଜାରି କଲେ । ଫଳରେ ଇଚ୍ଛା ନ ଥିଲେ ମଧ୍ୟ ଲୋକମାନେ ଇଂଲଣ୍ଡରୁ ଆମଦାନୀ କରାଯାଉଥିବା ଲୁଣ କିଣିବା ପାଇଁ ବାଧ୍ୟ ହେଲେ । ଏତଦ୍ ବ୍ୟତୀତ କୋର୍ଟ, କଚେରୀ, ଥାନା ଏବଂ ଲୁଣ ବ୍ୟବସାୟ ବିଭାଗ ଇତ୍ୟାଦିରେ ଓଡ଼ିଆ ଅମଲା ପରିବର୍ତ୍ତେ ମୁଖ୍ୟତଃ ଓଡ଼ିଶା ବାହାରୁ ଆସିଥିବା ବଙ୍ଗାଳୀ ଓ ମୁସଲମାନମାନେ ନିଯୁକ୍ତି ପାଉଥିଲେ । ଉକ୍ତ କର୍ମଚାରୀମାନେ ସାଧାରଣ ପ୍ରଜାମାନଙ୍କ ପ୍ରତି କଠୋର ଓ କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ କରୁଥିଲେ ଏବଂ ଅତ୍ୟନ୍ତ ଦୁର୍ନୀତିପରାୟଣ ଥିଲେ । ତତ୍କାଳୀନ ଅମଲାମାନଙ୍କ ଦୁର୍ନୀତି ସମ୍ବନ୍ଧରେ W. Ewer ଲେଖିଛନ୍ତି : "Almost all Amalas thrived on the business of loot. Plunder. and speculation."

## ବକ୍ସି ଜଗବନ୍ଧୁଙ୍କ ପ୍ରତି ଅନ୍ୟାୟ ଆଚରଣ :

ଖୋର୍ଦ୍ଧା ରାଜାଙ୍କ ମୁଖ୍ୟ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର, ମହାପାତ୍ର ଭ୍ରମରବରାୟ ସମୃଦ୍ଧିଶାଳୀ ରୋଡ଼ଙ୍ଗ କିଲ୍ଲାର ଅଧିକାରୀ ଥିଲେ । ସେ ଖୋର୍ଦ୍ଧା ଅଞ୍ଚଳରେ ପଦବୀ ଓ ସାହ୍ୟା ଦୃଷ୍ଟିରୁ ଜଣେ ବିଶେଷ ସମ୍ମାନାସ୍ପଦ ରାଜପୁରୁଷ ଥିଲେ ।

କଟକରେ ଅବସ୍ଥାପିତ କଲେକ୍ଟର ଚାର୍ଲସ୍ ଗ୍ରୋମଙ୍କ ବଙ୍ଗାଳୀ କର୍ମଚାରୀ କୃଷ୍ଣଚନ୍ଦ୍ର ସିଂହ ଚାକିରୀକାଳ ମଧ୍ୟରେ ଅସତ୍ ଉପାୟରେ ଉପାର୍ଜିତ ଅର୍ଥ ବଳରେ "ରାହାଙ୍ଗ" ଜମିଦାରୀ ହସ୍ତଗତ କରି କଟକରେ ବାସ କରୁଥିଲେ । ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର କରି ସେ ବକ୍ସି ଜଗବନ୍ଧୁଙ୍କ "ରୋଡ଼ଙ୍ଗ କିଲ୍ଲା"ର ଅଧିକାରୀ ହେବାପାଇଁ ମନ ବଳାଇଲେ । ଉକ୍ତ ଷଡ଼ଯନ୍ତ୍ରରେ ତାଙ୍କ ଭାଇ ଗୌରହରି ସିଂହ ଓ ଅନ୍ୟତମ ଆତ୍ମୀୟ ଚନ୍ଦ୍ରପ୍ରସାଦ ସିଂହ ବିଶେଷ ସହଯୋଗ କରିଥିଲେ । ବକ୍ସି ରୋଡ଼ଙ୍ଗ କିଲ୍ଲାର ଖଜଣା କଟକ କଲେକ୍ଟରଙ୍କ ଟ୍ରେଜେରୀରେ ପଇଠ କରୁଥିଲେ । କୃଷ୍ଣ ଚନ୍ଦ୍ରସିଂହଙ୍କ ପ୍ରସ୍ତାବ କ୍ରମେ କଟକଠାରେ ଖଜଣା ନ ଦେଇ ସେ ପୁରୀଠାରେ ଖଜଣା ଜମା କରିବା ଆରମ୍ଭ କଲେ । କାରଣ ପୁରୀ କଟକ ଅପେକ୍ଷା ବକ୍ସିଙ୍କୁ କମ୍ ବାଟ ପଡୁଥିଲା । ଖଜଣା ଦାଖଲ ସମୟରେ ସରକାରୀ କାଗଜପତ୍ରରେ "ରାହାଙ୍ଗ ଓଗେର" ବୋଲି ରେକର୍ଡ କରାଯାଇ ବକ୍ସିଙ୍କ "ରୋଡ଼ଙ୍ଗ କିଲ୍ଲା"ର ଖଜଣା ଗ୍ରହଣ କରାଗଲା । କୃଷ୍ଣଚନ୍ଦ୍ର ସିଂହଙ୍କ ସୁଚତୁର ଜାଲରେ ବକ୍ସି ନିଜ ଅଜାଣରେ ଛନ୍ଦି ହୋଇଗଲେ । ୧୮୦୯ ମସିହାରେ ସରକାରୀ ରେକର୍ଡ଼ରେ ଥିବା ପ୍ରଗଣା "ରାହାଙ୍ଗ ଓଗେର" ବିକ୍ରି ପାଇଁ ସରକାରଙ୍କ ବିଜ୍ଞପ୍ତି ଜାରି କରାଗଲା । ଚତୁର କୃଷ୍ଣଚନ୍ଦ୍ର ସିଂହ ଲିଜ୍ ସୂତ୍ରରେ ପୁନର୍ବାର ଉକ୍ତ ବୃତ୍ତିକୁ କ୍ରୟ କରି "ରୋଡ଼ଙ୍ଗ କିଲ୍ଲା" ଉପରେ ଜବରଦସ୍ତି ମାଲିକନା ସାବ୍ୟସ୍ତ କରିବାପାଇଁ ନିଜ ଲୋକ ପଠାଇଲେ । ବକ୍ସିଙ୍କ ଲୋକମାନେ ପ୍ରତିରୋଧ କରିବାରୁ କୃଷ୍ଣଚନ୍ଦ୍ର ସିଂହ ଦଖଲ ନେଇ ପାରିଲେ ନାହିଁ । ୧୮୧୩ ମସିହାରେ କୃଷ୍ଣଚନ୍ଦ୍ର ସିଂହ ପୁନର୍ବାର "ରୋଡ଼ଙ୍ଗ କିଲ୍ଲା"ର ଲିଜ୍ ନେଲେ । ଏ ସମ୍ବନ୍ଧରେ ବକ୍ସି ତତ୍କାଳୀନ ସେଟେଲମେଣ୍ଟ କମିଶନର ରିଚାର୍ଡ୍‌ସନଙ୍କ ପାଖରେ ଦରଖାସ୍ତ ପେଶ୍ କଲେ । ହେଲେ ତାଙ୍କୁ ନ୍ୟାୟ ମିଳିଲାନି ଏବଂ ନିଜ ଇଚ୍ଛା ବିରୁଦ୍ଧରେ ବକ୍ସି ଦେବାଳିଆ ହୋଇଗଲେ । ବ୍ରିଟିଶ ସରକାରଙ୍କ ଅନ୍ୟାୟ ବିରୁଦ୍ଧରେ ପ୍ରତିଶୋଧ ନେବା ପାଇଁ ପୁରୁଷ ସିଂହ ବକ୍ସି ଖୋର୍ଦ୍ଧାର ନିମ୍ନର ହରାଇଥିବା ପାଇକ, ଦଳେଇ, ଦଳବେହେରା ଏବଂ ପାଇକ ସର୍ଦ୍ଦାରମାନଙ୍କୁ ଏକତ୍ରିତ କରି ବିଦ୍ରୋହର ଅଗ୍ନି ପ୍ରଜ୍ୱଳନ କରିଥିଲେ ।

## ପାଇକ ବିଦ୍ରୋହ ଆରମ୍ଭ :

୧୮୧୭ ମସିହାରେ ଘୁମସର ରାଜା ଶ୍ରୀକର ଭଞ୍ଜଙ୍କ ବନ୍ଦୀ ପାଇଁ ଦାୟୀ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ତାଙ୍କର ଅନୁଗତ ୪୦୦ ଜଣ

ପ୍ରଜା ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବାଣପୁର ଅଞ୍ଚଳକୁ ପ୍ରବେଶ କଲେ । ବକ୍ସି ଜଗବନ୍ଧୁ ବିଦ୍ରୋହର ଏହା ସୁବର୍ଣ୍ଣ ସୁଯୋଗ ମନେ କରି ପାଇକ ବାହିନୀ ସହ ବାଣପୁର ଅଗ୍ରସର ହେଲେ । ଉକ୍ତ ବିଦ୍ରୋହରେ ଖୋର୍ଦ୍ଧା ଅଞ୍ଚଳର ପ୍ରାୟ ସମସ୍ତ ଦଳେଇ, ଦଳବେହେରା ଏବଂ ପାଇକ ସର୍ଦ୍ଦାରମାନେ ଯୋଗ ଦେଇ ବିଦ୍ରୋହକୁ ବଳଶାଳୀ କରିଥିଲେ । ବିଦ୍ରୋହୀମାନେ ବାଣପୁର ପୁଲିସ ଥାନାରେ ଅଗ୍ନି ସଂଯୋଗ କରି ପୁଲିସ୍ କର୍ମଚାରୀମାନଙ୍କୁ ହତ୍ୟା କଲେ ଏବଂ ବ୍ରିଟିଶ୍ ଖଜଣାଖାନା ଲୁଟ୍ କରି ଇଂରେଜ ଏବଂ ଇଂରେଜ ସମର୍ଥକମାନଙ୍କୁ ନିର୍ମମ ଭାବରେ ହତ୍ୟା କଲେ । ବାଣପୁରରେ ଅବସ୍ଥାପିତ ବ୍ରିଟିଶ୍ ଲୁଣ ଏଜେଣ୍ଟ ବେଚର ସାହେବ ବିଦ୍ରୋହୀମାନଙ୍କ କବଳରୁ ଅଳ୍ପକେ ଖସି ଯାଇଥିଲେ ମଧ୍ୟ ଚିଲିକାରେ ଥିବା ତାଙ୍କ ବାଣିଜ୍ୟ ତରୀକୁ ବିଦ୍ରୋହୀମାନେ ଲୁଟ୍ କଲେ । ବାଣପୁରଠାରୁ ଖୋର୍ଦ୍ଧାଆଡ଼କୁ ବିଦ୍ରୋହୀମାନେ ଅଗ୍ରସର ହେଉଥିବା ଖବର ପାଇ ଇଂରେଜମାନେ ଭୟରେ ଖୋର୍ଦ୍ଧାରୁ ପଳାୟନ କଲେ । ବିଦ୍ରୋହୀମାନେ ରଥପୁର ଗ୍ରାମରେ ଥିବା ବ୍ରିଟିଶ୍ ସାହାଯ୍ୟକାରୀ ଦେଶଦ୍ରୋହୀ ଚରଣ ପଟ୍ଟନାୟକକୁ ନିର୍ମମ ଭାବରେ ହତ୍ୟା କଲେ । କ୍ରମେ ଖୋର୍ଦ୍ଧା ନିକଟବର୍ତ୍ତୀ ବୋଲଗଡ଼ ଏବଂ ପାଥଗଡ଼ ଅଞ୍ଚଳକୁ ବିଦ୍ରୋହ ବ୍ୟାପିଗଲା । ହେଲେ ଗଡ଼ଜାତ ରାଜ୍ୟର ଶାସକମାନଙ୍କ ସହଯୋଗ ଅଭାବ ଯୋଗୁଁ ପାଇକ ବିଦ୍ରୋହ ସେ ଅଞ୍ଚଳକୁ ବ୍ୟାପୀ ନଥିଲା ।

କଟକରେ ଅବସ୍ଥାପିତ ମାଜିଷ୍ଟ୍ରେଟ ଇମ୍ପେ ସାହେବ ଇଣ୍ଟେଲିଜେନସ୍ ବିଭାଗର ଗୁପ୍ତ ଖବର ପାଇ ବିଦ୍ରୋହ ଦମନ ପାଇଁ ଲେଫଟ୍‌ନାଣ୍ଟ ପ୍ରିଡ଼ଉକ୍ସକୁ ଖୋର୍ଦ୍ଧା ଏବଂ ଲେଫଟ୍‌ନାଣ୍ଟ ଫାରିସ୍‌କୁ ପିପିଲି ପ୍ରେରଣ କଲେ । ନିଜେ ଇମ୍ପେ ସାହେବ ଲେଫଟ୍‌ନାଣ୍ଟ ଟ୍ରାଭିସ ଓ କେତେକ ଇଂରେଜ ସିପାହୀଙ୍କ ସହ ୧୮୧୭ ମସିହା ଅପ୍ରେଲ ୧ ତାରିଖରେ ଖୋର୍ଦ୍ଧା ନିକଟବର୍ତ୍ତୀ ଗଙ୍ଗପଡ଼ାଠାରେ ପହଞ୍ଚି ବିଦ୍ରୋହୀମାନଙ୍କ ରଣସଜ୍ଜାରେ ଭୟଭୀତ ହୋଇ କଟକ ଫେରି ଯାଇ ନିମ୍ନମତେ ରିପୋର୍ଟ କରିଥିଲେ ।

**"This instant I returned after a most fatiguing march of a day and night from Khurda. I can only write for the information of his Lordship in councel that my retreat was forced and that the whole of Khurda territory is in a complete state of insurrecation."**

ଲେଫଟ୍‌ନାଣ୍ଟ ଫାରିସ୍‌କୁ ଗଙ୍ଗପଡ଼ାରେ ବିଦ୍ରୋହୀ ପାଇକମାନେ ଗୁଳି କରି ହତ୍ୟା କଲେ । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୫,୦୦୦ (ପାଞ୍ଚହଜାର) ପାଇକ ଲେଫଟ୍‌ନାଣ୍ଟ ପ୍ରିଡ଼ଉକ୍ସକୁ ଖୋର୍ଦ୍ଧାଠାରେ ଆକ୍ରମଣ କରିବାପାଇଁ ଅଗ୍ରସର ହେବା ଦେଖି ସେ କୌଣସି ମତେ ନିଜ ପ୍ରାଣ ବଞ୍ଚାଇ ଭୟରେ ପିପିଲି ବାଟ ଦେଇ କଟକକୁ ଫେରିଗଲେ ।

ଅପ୍ରେଲ ୭ ତାରିଖ ୧୮୧୭ରେ ବିଦ୍ରୋହୀମାନେ ପିପିଲି ଅଧିକାର କରିବା ପରେ ଗଡ଼ ପଦ୍ମପୁରର ରାଜା ବଳଭଦ୍ର ଛୋଟରାୟ ବିଦ୍ରୋହରେ ଯୋଗଦେଲେ । ପୁରୀ ସହରକୁ ବିଦ୍ରୋହୀମାନଙ୍କ କବଳରୁ ରକ୍ଷା କରିବା ପାଇଁ ଏବଂ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ କ୍ୟାପଟେନ୍ ୱେଲିଙ୍ଗଟନ୍‌ଙ୍କୁ ପ୍ରେରଣ କରାଗଲା । ଅପ୍ରେଲ ୯ ତାରିଖ ୧୮୧୭ ମସିହାରେ କ୍ୟାପଟେନ୍ ଲେ: ଫେବ୍‌ରେ ୫୫୦ ଜଣ ସିପାହୀଙ୍କ ସହ ଖୋର୍ଦ୍ଧା ଯାତ୍ରା କରି ବିନା ପ୍ରତିରୋଧରେ ଖୋର୍ଦ୍ଧା ପୁନଃ ଅଧିକାର କଲେ । ଠିକ୍ ସେହିଦିନ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବିପୁଳ ସଂଖ୍ୟକ ପାଇକ ଲୋକନାଥ ଘାଟ ଦେଇ ପୁରୀରେ ପ୍ରବେଶ କଲେ । ବିଦ୍ରୋହୀମାନେ ସରକାରୀ କୋଠା ଓ କଚେରୀରେ ଅଗ୍ନି ସଂଯୋଗ କଲେ । ପୁରୀରେ ଥିବା ଇଂରେଜ କର୍ମଚାରୀମାନେ ଭୟରେ କଟକ ପଳାୟନ କଲେ । ଜଗନ୍ନାଥ ମନ୍ଦିରର ପଣ୍ଡା ଓ ସେବାୟତଗଣ ଓଡ଼ିଶାରୁ ବ୍ରିଟିଶ ଶାସନ ଲୋପ ହେଲା ବୋଲି ସର୍ବସାଧାରଣରେ ଘୋଷଣା କଲେ । ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧା ଗାଦିରେ ପୁନର୍ବାର ଅଭିଷିକ୍ତ କରିବା ପ୍ରସ୍ତାବ ନେଇ ବକ୍ସି ଜଗବନ୍ଧୁ ଏବଂ ବିଦ୍ରୋହୀ ପାଇକମାନେ ଶ୍ରୀନଅରକୁ ଗଲେ । ହେଲେ ବକ୍ସିଙ୍କ ପ୍ରସ୍ତାବରେ ରାଜି ହେବା ପରିବର୍ତ୍ତେ ଗୁପ୍ତ ପତ୍ର ଜରିଆରେ ରାଜା ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସାମରିକ ସାହାଯ୍ୟ ପାଇଁ ନିବେଦନ କରିଥିଲେ ।

## ବିଦ୍ରୋହ ଦମନ ପାଇଁ ବ୍ରିଟିଶ ସରକାରଙ୍କ ପଦକ୍ଷେପ :

ବିଦ୍ରୋହ ଦମନ ପାଇଁ ବ୍ରିଟିଶ ସରକାର ପ୍ରଥମେ ଖୋର୍ଦ୍ଧା, ଲେମ୍ବାଇ ପ୍ରଗଣା, ପୁରୀ ଓ କୋଠ ଦେଶ ଅଞ୍ଚଳରେ ସାମରିକ ଆଇନ ଜାରି କଲେ । ମେଜର ଜେନେରାଲ ଗେବ୍ରିଏଲ ମାର୍ଟ୍ରିନଡ଼େଲ ମିଲିଟାରୀ କମିଶନର ଭାବେ ନିଯୁକ୍ତି ପାଇ କଟକରେ ଅବସ୍ଥାନ କଲେ । ଅପ୍ରେଲ ୧୬ ତାରିଖ ୧୮୧୭ ମସିହାରେ କ୍ୟାପଟେନ ଲେ: ଫେବ୍‌ରେ ଖୋର୍ଦ୍ଧାଠାରୁ ପୁରୀ ଯାଇ ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଗିରଫ ଓ ବନ୍ଦୀ କଲେ । ଅପ୍ରେଲ ୨୮ ତାରିଖ ୧୮୧୭ରେ ମେଜର ହାମିଲଟନ୍ ରାଜା ଦ୍ୱିତୀୟ ମୁକୁନ୍ଦ ଦେବ ଏବଂ ତାଙ୍କ ପୁତ୍ରକୁ ବାରବାଟି ଦୁର୍ଗରେ ବନ୍ଦୀ କରି ରଖିଲେ ।

ଏହା ସତ୍ତ୍ୱେ ଗୋପ, ତିରଣ, କୁଜଙ୍ଗ, ପଚାମୁଣ୍ଡାଇ ଏବଂ ଅସୁରେଶ୍ୱର ଅଞ୍ଚଳକୁ ବିଦ୍ରୋହ ବ୍ୟାପିଗଲା । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବିଦ୍ରୋହୀ ପାଇକମାନେ ଇଂରେଜ ସମର୍ଥକ ଜମିଦାର ଓ ଅମଲାମାନଙ୍କ ସମ୍ପତ୍ତି ଲୁଟ୍ କରିବାକୁ ଲାଗିଲେ ।

ଗୋପ୍ ଅଞ୍ଚଳରେ କରୁଣାକର ସର୍ଦ୍ଦାରଙ୍କ ନେତୃତ୍ୱରେ ପାଇକମାନେ ଥାନା ଆକ୍ରମଣ କରି ପୋଲିସ୍‌ମାନଙ୍କୁ ତଡ଼ି ଦେଇଥିଲେ । କ୍ୟାପଟେନ୍ ଫେଥ୍‌ଫୁଲ ଏଠାରେ ବିଦ୍ରୋହ ଦମନ କରିବାକୁ ସମର୍ଥ ହୋଇଥିଲେ । କୁଜଙ୍ଗ ଅଞ୍ଚଳରେ ରାଜା ମଧୁସୂଦନ ଷେଣ୍ଡ ପାଇକମାନଙ୍କୁ ଗୁପ୍ତରେ ସାହାଯ୍ୟ କରିଥିଲେ । କୁଜଙ୍ଗରେ ସର୍ବଶ୍ରୀ ମଧୁସୂଦନ ମଙ୍ଗରାଜ, ବାମଦେବ ପଟ୍ଟଯୋଶୀ, ନାରାୟଣ ପରମଗୁରୁ ପ୍ରମୁଖ ପାଇକ ବିଦ୍ରୋହର ନେତୃତ୍ୱ

ନେଇଥିଲେ । କ୍ୟାପଟେନ୍ ସେପ୍‌ଟେମ୍ବର ୧୩ ତାରିଖ ୧୮୧୭ ମସିହାରେ ୨,୦୦୦ (ଦୁଇହଜାର) ବ୍ରିଟିଶ ସୈନ୍ୟଙ୍କ ସହ କୁଜଙ୍ଗ ଯାଇ କରି ବାଲୁକେଶ୍ୱର ଦାସ ଓ କୃପାସିନ୍ଧୁ ଛାମୁକରଣଙ୍କ ସହାୟତାରେ ବିଦ୍ରୋହ ଦମନ କରିବାକୁ ସମର୍ଥ ହୋଇଥିଲେ ।

## ବିଦ୍ରୋହୀମାନଙ୍କ ବିଚାର ଓ ଦଣ୍ଡ :

ଭବିଷ୍ୟତରେ ଯେପରି ଆଉ ଏକ ବିଦ୍ରୋହ ସଙ୍ଗଠିତ ନ ହୁଏ ସେଥିଲାଗି ବ୍ରିଟିଶ ସରକାର କଠୋର ପଦକ୍ଷେପ ଗ୍ରହଣ କରିଥିଲେ । ବିଦ୍ରୋହୀ ଓ ଯୁଦ୍ଧବନ୍ଦୀମାନଙ୍କ ବିଚାର ପାଇଁ W. Ewer (ୱାଲଟର ଇଓ୍ୱର) ଏବଂ ଗେବ୍ରିଏଲ ମାର୍ଟିନ୍‌ଡେଲଙ୍କୁ ନେଇ ଏକ କମିଟି ଗଠନ କରାଗଲା । ପାଇକ ବିଦ୍ରୋହର କାରଣ ନିର୍ଦ୍ଦେଶ ଏବଂ ଭବିଷ୍ୟତରେ ଯେପରି ପୁନର୍ବାର ବିଦ୍ରୋହର ଅଭ୍ୟୁଦୟ ନ ଘଟେ ସେଥିଲାଗି ବିଭିନ୍ନ ପ୍ରସ୍ତାବ ସହ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ଆଦେଶ ଦିଆଗଲା ।

ରାଜା ଦ୍ୱିତୀୟ ମୁକୁନ୍ଦଦେବ ନଭେମ୍ବର ୩୦ ତାରିଖ ୧୮୧୭ ମସିହାରେ କାରାଗାର ମଧ୍ୟରେ ମୃତ୍ୟୁବରଣ କଲେ । କୁଜଙ୍ଗର ରାଜା ମଧୁସୂଦନ ଷେଣ୍ଡ ଆତ୍ମସମର୍ପଣ କରି କେତେକ ବିଦ୍ରୋହୀନେତାଙ୍କୁ ଧରାଇବାରେ ବ୍ରିଟିଶ ସରକାରଙ୍କୁ ସାହାଯ୍ୟ ସହଯୋଗ କରିଥିବାରୁ ତାଙ୍କୁ ମୁକ୍ତି ଦିଆଗଲା । ବହୁ ବିଦ୍ରୋହୀଙ୍କୁ ରାଜକ୍ଷମା ଦିଆଯାଇଥିଲେ ମଧ୍ୟ ବକ୍ସି ଜଗବନ୍ଧୁ, କୃଷ୍ଣଚନ୍ଦ୍ର ବିଦ୍ୟାଧର, ଗୋପାଳ ଛୋଟରାୟ, ପଦ୍ମନାଭ ଛୋଟରାୟ, ପୀତବାସ ମଙ୍ଗରାଜ, ବିଷ୍ଣୁ ପାଇକରାୟ, ଓ ପିତ୍ତିକ ବାହୁବଳେନ୍ଦ୍ର ପ୍ରଭୃତି ପାଇକନେତାମାନଙ୍କୁ ବ୍ରିଟିଶ ସରକାର ରାଜକ୍ଷମା ଘୋଷଣାରୁ ବାଦ୍ ଦେଇଥିଲେ । ସେମାନଙ୍କୁ ମୃତ ବା ଜୀବନ୍ତ ଭାବରେ ଧରାଇ ଦେଲେ କମ୍ପାନୀ ସରକାର ଅର୍ଥ ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ । ୧୩ ଜଣ ପାଇକ ନେତାଙ୍କୁ ଦ୍ୱୀପାନ୍ତର ଦଣ୍ଡ, କୁଜଙ୍ଗର ବାମଦେବ ପଟ୍ଟଯୋଷୀ ଏବଂ ନାରାୟଣ ପରମଗୁରୁଙ୍କୁ ୪ ବର୍ଷ ଲେଖାଏଁ କାରାଦଣ୍ଡ ଏବଂ ଚରଣ ପଟ୍ଟନାୟକର ହତ୍ୟାକାରୀ ପର୍ଶୁରାମ ରାଉତରାୟଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

## ବକ୍ସି ଜଗବନ୍ଧୁଙ୍କ ଆତ୍ମସମର୍ପଣ :

ଇଂରେଜ ସରକାରଙ୍କ ସମସ୍ତ ମୂଲ୍ୟବ୍ୟଥାର କାରଣ ଏବଂ ପାଇକ ବିଦ୍ରୋହର ମୁଖ୍ୟ ନେତା ବକ୍ସି ଜଗବନ୍ଧୁ ଖୋର୍ଦ୍ଧାରୁ ପଳାୟନ କରି ଘୁମୁସର ଜଙ୍ଗଲରେ ଆତ୍ମଗୋପନ କଲେ । ଘୁମୁସରଠାରୁ କ୍ୱଲ୍ପଘର କେଉଁଝର ଯାଇ ସେଠାରେ କିଛିଦିନ ଅବସ୍ଥାନ ପରେ ସେ ବୌଦ ଓ ଦଶପଲ୍ଲା ଜଙ୍ଗଲ ଅଞ୍ଚଳକୁ ବୁଲିଗଲେ । ତାଙ୍କୁ ମୃତ ବା ଜୀବନ୍ତ ଅବସ୍ଥାରେ ଧରାଇ ଦେଲେ ପୁରସ୍କାର ଦିଆଯିବ ବୋଲି ବ୍ରିଟିଶ ସରକାର ଘୋଷଣା କଲେ । ବକ୍ସିଙ୍କୁ ଗିରଫ କରିବା ପାଇଁ ମେଜର୍ ରୋଘ୍‌ସେଜ୍ (Major Roughsedge) ବୌଦ ରାଜା ଚନ୍ଦ୍ରଶେଖର ଦେବଙ୍କ ସହ ସମ୍ପର୍କ ସ୍ଥାପନ କରିବା ଖବର ପାଇ ବକ୍ସି ପୁନର୍ବାର ଘୁମୁସର ଜଙ୍ଗଲରେ ଲୁଚି ରହିଲେ । ଏ ଭଳି ଦୁର୍ଦ୍ଦିନ ସମୟରେ ବକ୍ସିଙ୍କ ଭରଣପୋଷଣ ପାଇଁ ଖୋର୍ଦ୍ଧାବାସୀ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ଘଟଣାରୁ ତାଙ୍କ ଜନପ୍ରିୟତାର ପ୍ରମାଣ ମିଳେ ।

ବ୍ରିଗେଡ଼ିୟର ଜେନେରାଲ ଥୋମାସ୍ ଗୁପ୍ତ ଖବର ପାଇ ବକ୍ସି ଅବସ୍ଥାନ କରୁଥିବା ଘୁମୁସର ଅଞ୍ଚଳର ଏକ କନ୍ଧ ପଲ୍ଲୀକୁ ଆକସ୍ମିକ ଚଢ଼ାଉ କରିଥିଲେ ମଧ୍ୟ ବକ୍ସି ଜଗବନ୍ଧୁଙ୍କୁ ଧରିବାରେ ବିଫଳ ହୋଇଥିଲେ । ଶେଷକୁ ଅନ୍ୟ ଉପାୟ ନ ପାଇ ବ୍ରିଟିଶ କମିଶନର ଏକ ସରକାରୀ ଘୋଷଣାନାମା ଜାରି କରି ବକ୍ସି ଆତ୍ମସମର୍ପଣ କଲେ ତାଙ୍କ ଜୀବନ ପ୍ରତି କୌଣସି ଆଶଙ୍କା ନ ଥିବାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ବକ୍ସି ଜଗବନ୍ଧୁ ଉକ୍ତ ଘୋଷଣାନାମାକୁ କର୍ଣ୍ଣପାତ କରି ନ ଥିଲେ ।

ପରିଶେଷରେ ବକ୍ସିଙ୍କ ଆତ୍ମସମର୍ପଣ ନିମିତ୍ତ ଇଂରେଜମାନେ ଏକ ଅଭିନବ ପନ୍ଥା ଅନୁସରଣ ପୂର୍ବକ ୧୮୧୯ ମସିହାରେ ତାଙ୍କର ଦୁଇପତ୍ନୀ, ନାବାଳକ ପୁତ୍ର, ପୋଷ୍ୟପୁତ୍ର, ଗୁମାସ୍ତା, ଚାକର ପ୍ରଭୃତିଙ୍କୁ ବାରବାଟି ଦୁର୍ଗରେ ବନ୍ଦୀ କରି ରଖିଲେ । ତଥାପି ବକ୍ସି ଜଗବନ୍ଧୁ ଇଂରେଜ ସରକାର ନିକଟରେ ମଥାନତ କଲେ ନାହିଁ । ତେଣୁ ସରକାର ବାଧ୍ୟ ହୋଇ ୧୮୨୦ ମସିହାରେ ଜଗବନ୍ଧୁଙ୍କ ପରିବାରକୁ ମୁକ୍ତି ଦେଲେ ।

ଇଂରେଜ କମିଶନର ଟି: ପାକେନ୍‌ହାମ୍ (T. Pakenham) ବ୍ରିଟିଶ ସରକାରଙ୍କ ସର୍ତ୍ତରେ ରାଜି ହୋଇ ଆତ୍ମସମର୍ପଣ କରିବା ପାଇଁ ବକ୍ସିଙ୍କୁ ପ୍ରବର୍ତ୍ତାଇବା ନିମିତ୍ତ ନୟାଗଡ଼ ରାଜାଙ୍କ ପାଖକୁ ଏକ ପରୱାନା ପଠାଇଲେ । ସର୍ତ୍ତ ଥିଲା ଯେ ବକ୍ସି ଜଗବନ୍ଧୁଙ୍କ ଆଜୀବନ ଭରଣପୋଷଣ ପାଇଁ ବ୍ରିଟିଶ ସରକାର ମାସିକ ୧୫୦ ଟଙ୍କା ଭତ୍ତା ଦେବେ । ବକ୍ସି ଜଗବନ୍ଧୁ ତାଙ୍କର ପରିବାରବର୍ଗଙ୍କ ସହ କଟକରେ ଅବସ୍ଥାନ କରିବେ ।

କଟକ ବାହାରକୁ ଯିବା ପାଇଁ ହେଲେ ବକ୍ସିଙ୍କୁ ଇଂରେଜ କମିଶନରଙ୍କ ଅନୁମତି ନେବାକୁ ପଡ଼ିବ । ଉକ୍ତ ସର୍ତ୍ତରେ ବକ୍ସି ଜଗବନ୍ଧୁଙ୍କ ମର୍ଯ୍ୟାଦା ହାନି ହେବା ଭଳି କୌଣସି କଥା ନ ଥିବାରୁ ନୟାଗଡ଼ ରାଜା ବକ୍ସିଙ୍କୁ ଆତ୍ମସମର୍ପଣ ପାଇଁ ପରାମର୍ଶ ଦେଲେ । ମଇ ମାସ ୨୫ ତାରିଖ ୧୮୨୫ ମସିହାରେ ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କରି କଟକରେ ପରିବାର ସହ ଅବସ୍ଥାନ କଲେ । ଶେଷରେ ଉକ୍ତ ଐତିହାସିକ ପୁରୁଷ ଜାନୁୟାରୀ ମାସ ୨୪ ତାରିଖ ୧୮୨୯ ମସିହାରେ ଇହଲୀଳା ସମ୍ବରଣ କଲେ । ବକ୍ସିଙ୍କ ପରଲୋକ ଗମନ ପରେ ସର୍ତ୍ତ ଅନୁଯାୟୀ ବ୍ରିଟିଶ ସରକାର ପ୍ରଦାନ କରୁଥିବା ଭରଣପୋଷଣ ପେନ୍‌ସନ୍ ବନ୍ଦ କରି ଦିଆଯାଇଥିଲା ।

---

ଆଡ୍‌ଭୋକେଟ୍,
୩୪୦, ଜାଗମରା(ବେଲବାଡି), ଭୁବନେଶ୍ୱର-୩୦

# ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତି : ଏକ ସମୀକ୍ଷା

ଶ୍ରୀ ବଳଭଦ୍ର ଘଡ଼ାଇ

ଆମ ସମ୍ବିଧାନର ଚତୁର୍ଥ ଭାଗରେ ୩୬ଠାରୁ ୫୧ ଅନୁଚ୍ଛେଦରେ ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତି ବର୍ଣ୍ଣିତ ହୋଇଅଛି । 'ଆୟାରଲାଣ୍ଡ ଗଣତନ୍ତ୍ର'ର ସମ୍ବିଧାନକୁ ଅନୁସରଣ କରି ସମ୍ବିଧାନ ପ୍ରଣେତାମାନେ ଦେଶର ଅର୍ଥନୈତିକ ବିକାଶ, ସମାଜରୁ ଶୋଷଣ, ଦାରିଦ୍ର୍ୟ ଓ ବ୍ୟାଧି ଦୂରୀକରଣ, ଜନମଙ୍ଗଳ ରାଷ୍ଟ୍ରର ପ୍ରତିଷ୍ଠା, ଇତ୍ୟାଦି ମହତ୍ ଲକ୍ଷ୍ୟର ରୂପାୟନ ନିମିତ୍ତ ଏହି ନୀତିଗୁଡ଼ିକ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ପ୍ରଣୟନ କରିଥିଲେ । ସେଗୁଡ଼ିକ ହେଉଛି :– (୧) ସମାଜବାଦୀ ନୀତି, (୨) ଗାନ୍ଧୀବାଦୀ ନୀତି ଓ (୩) ଉଦାରବାଦୀ ବା ବିବିଧ ନୀତି ସମୂହ ।

ସମାଜବାଦୀ ନୀତିର ଅଭିମୁଖ୍ୟ ହେଉଛି, ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ସହିତ ପ୍ରତ୍ୟେକ ଭାରତୀୟଙ୍କ ଜୀବନଧାରଣର ମାନଦଣ୍ଡକୁ ସମୃଦ୍ଧ କରିବା । ଅଧିକନ୍ତୁ ଭାରତକୁ ଏକ ସମାଜବାଦୀ ରାଷ୍ଟ୍ରରେ ପରିଣତ କରିବା ଏହି ନୀତିର ଅନ୍ୟତମ ଲକ୍ଷ୍ୟ । ଏହି ନୀତିଗୁଡ଼ିକ ହେଉଛି :– (୧) ସମସ୍ତ ନାଗରିକଙ୍କ ନିମିତ୍ତ ସ୍ୱଚ୍ଛନ୍ଦ ଜୀବନଯାପନ ପାଇଁ ପର୍ଯ୍ୟାପ୍ତ ଅବକାଶ ଦେବା (୨) ରାଷ୍ଟ୍ରୀୟ ସମ୍ପତ୍ତି ମୁଷ୍ଟିମେୟ ଲୋକଙ୍କଠାରେ କେନ୍ଦ୍ରୀଭୂତ ନହୋଇ ଏହାର ସୁସମ ବଣ୍ଟନ ପାଇଁ ବ୍ୟବସ୍ଥା ଗ୍ରହଣ କରିବା (୩) ନାରୀ– ପୁରୁଷଙ୍କ ସମାନ ଓ ସମତୁଲ କାର୍ଯ୍ୟପାଇଁ ସମାନ ମଜୁରୀର ବ୍ୟବସ୍ଥା କରିବା (୪) ମହିଳା ଶ୍ରମିକ ଓ ଶିଶୁଶ୍ରମିକଙ୍କୁ ଦୈହିକ ଓ ଆର୍ଥିକ ଶୋଷଣରୁ ରକ୍ଷା କରିବା (୫) ବେକାର, ବୃଦ୍ଧ, ରୁଗ୍ଣ ଓ ଅକର୍ମଣ୍ୟ ଲୋକଙ୍କ ପାଇଁ ସହାୟତା ପ୍ରଦାନ କରିବା (୬) ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଜନଗଣଙ୍କୁ ସମୁଚିତ ସୁଯୋଗ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ବିକାଶ ଓ ସ୍ୱଚ୍ଛନ୍ଦ ଜୀବନଧାରାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନ୍ତରାୟ ସୃଷ୍ଟି କରୁଥିବା କାରଣଗୁଡ଼ିକର ନିରାକରଣ କରିବା । ସର୍ବୋପରି ଏହି ସମାଜବାଦୀ ନୀତି ପ୍ରତି ନାଗରିକଙ୍କୁ ଏକ ସ୍ୱଚ୍ଛନ୍ଦ ଓ ସୁଖମୟ ଜୀବନଯାପନ କରିବା ପାଇଁ ଅଭିପ୍ରେତ । ଏକ ଆଦର୍ଶ ଓ ପ୍ରଗତିଶୀଳ ରାଷ୍ଟ୍ରଗଠନ ପାଇଁ ଜାତିର ଜନକ ଗାନ୍ଧିଜୀଙ୍କ ସାମାଜିକ ଓ ଅର୍ଥନୈତିକ ନୀତିଗୁଡ଼ିକ "ଆଦର୍ଶ ଗାନ୍ଧୀବାଦୀ ନୀତି" ନାମରେ ସମ୍ବିଧାନରେ ଲିପିବଦ୍ଧ ହୋଇଅଛି । ତଦନୁଯାୟୀ :– (୧) ଶାସନର ବିକେନ୍ଦ୍ରୀକରଣ ନିମିତ୍ତ ଗ୍ରାମପଞ୍ଚାୟତ ବା ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରବର୍ତ୍ତନ । (୨) ଗ୍ରାମାଞ୍ଚଳରେ କୁଟୀରଶିଳ୍ପର ପ୍ରତିଷ୍ଠା ଓ ଗ୍ରାମୀଣ ଅର୍ଥନୀତିର ବିକାଶ (୩) ଅନୁନ୍ନତ ସମ୍ପ୍ରଦାୟଗୁଡ଼ିକର ଶିକ୍ଷା ଓ ଆର୍ଥିକ ମାନଦଣ୍ଡର ଉନ୍ନତି (୪) ନିଶାଦ୍ରବ୍ୟର ବ୍ୟବହାରକୁ ନିଷେଧ କରିବା ଓ ଗୋହତ୍ୟା ନିରୋଧ ଆଇନ୍ ପ୍ରବର୍ତ୍ତନ କରିବା (୫) କୃଷି ଓ ପଶୁପାଳନ କ୍ଷେତ୍ରରେ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳର ଉପଯୋଗ କରିବା (୬) ଶ୍ରମ ଶକ୍ତିର କଲ୍ୟାଣାର୍ଥେ ଶିକ୍ଷା ଓ ଅବସର ବିନୋଦନ କାର୍ଯ୍ୟକ୍ରମ ଗ୍ରହଣ କରିବା (୭) ଦେଶର କଳା, ସ୍ଥାପତ୍ୟ ଓ ଐତିହାସିକ ସ୍ମୃତିପୀଠର ସଂରକ୍ଷଣ ବ୍ୟବସ୍ଥା କରିବା ଆମ ସମ୍ବିଧାନର ଚତୁର୍ଥ ଭାଗର ଏହି ନିର୍ଦ୍ଦେଶ ତତ୍ତ୍ୱରେ ଅନ୍ତର୍ଭୁକ୍ତ ହୋଇଅଛି ।

"ଉଦାରବାଦୀ–ନୀତି" ମୁଖ୍ୟତଃ ମାନବବାଦୀ ଚିନ୍ତା ଓ ଚେତନାରେ ଉଦ୍ଦିମନ୍ତ । ଏକ ଉଦାରବାଦୀ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ଏହି ନୀତିକୁ "ବିବିଧ ନୀତି" ବୋଲି ମଧ୍ୟ କୁହାଯାଏ । ଏଗୁଡ଼ିକ ଯଥାକ୍ରମେ :–(୧) ଦେଶର ସମସ୍ତ ନାଗରିକଙ୍କ ନିମିତ୍ତ ଏକପ୍ରକାରର ଦେୱାନୀ ସଂହିତା (Uniform civil code)ର ପ୍ରଣୟନ (୨) ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ବାଳକ ଓ ବାଳିକାଙ୍କ ନିମିତ୍ତ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷାପ୍ରଦାନ (୩) କାର୍ଯ୍ୟନିର୍ବାହୀଠାରୁ ନ୍ୟାୟପାଳିକାର ପୃଥକୀକରଣ (୪) ପରିବେଶ ସୁରକ୍ଷା ଓ ବିକାଶ ଉଦ୍ୟୋଗରେ ସାମାଜିକ ବନୀକରଣ ସହିତ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ପ୍ରବର୍ତ୍ତନ (୫) ଆନ୍ତର୍ଜାତିକ କ୍ଷେତ୍ରରେ ଶାନ୍ତି, ସୁରକ୍ଷା ଓ ସୌହାର୍ଦ୍ଦ୍ୟମୟ ବାତାବରଣ ସୃଷ୍ଟି ଓ ରାଷ୍ଟ୍ର–ରାଷ୍ଟ୍ର ମଧ୍ୟରେ ଉତ୍ତମ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ପ୍ରତିଷ୍ଠା (୬) ଶିଳ୍ପ ପରିଚାଳନା କ୍ଷେତ୍ରରେ ଶ୍ରମିକମାନଙ୍କର ଯୋଗଦାନ ପ୍ରକ୍ରିୟାକୁ ଅଧିକ ଗଣତାନ୍ତ୍ରିକ ଓ ଫଳପ୍ରଦ କରିବା ଉଦ୍ଦେଶ୍ୟରେ ଆବଶ୍ୟକୀୟ ଆଇନ୍ ପ୍ରଣୟନ (୭) ବିଧିବିଧାନ ଯେପରି ସହଜ, ସୁଲଭ ଓ ସମତୁଲ ଭାବରେ ସକଳ ନାଗରିକଙ୍କ ଉପାଦେୟ ହୁଏ ଏବଂ ଆର୍ଥିକ ଅଥବା ଅନ୍ୟ ଅସାମର୍ଥ୍ୟ ଯୋଗୁଁ କୌଣସି ନାଗରିକ ଯେପରି ନ୍ୟାୟ ପ୍ରାପ୍ତିରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସମୁଚିତ ପଦକ୍ଷେପ ନେବା, ଏହି ଉଦାରବାଦୀ ବା ବିବିଧ ନୀତିର ପରିସରଭୁକ୍ତ ।

ପ୍ରସଙ୍ଗକ୍ରମରେ ଏଠାରେ ଉଲ୍ଲେଖନୀୟ ଯେ :–ଆମ
ସମ୍ବିଧାନରେ ସନ୍ନିବେଶିତ ଏହି "ନିର୍ଦ୍ଦେଶମୂଳକ ନୀତି" ଥାଇନ୍
ଅନୁଯାୟୀ କୋଣସି ବିଚାରାଳୟ ଦ୍ୱାରା ବିଚାରଯୋଗ୍ୟ ନୁହେଁ, କିମ୍ବା
କୌଣସି ଅଦାଲତ କେନ୍ଦ୍ର ବା ରାଜ୍ୟ ସରକାରଙ୍କୁ ଏହାର ପ୍ରବର୍ତ୍ତନ
ନିମିତ୍ତ ବାଧ୍ୟ କରିପାରିବେ ନାହିଁ। ମାତ୍ର ଏହା ଭାରତର
ଜନଗଣଙ୍କୁ ସମ୍ବିଧାନ ସ୍ୱୀକୃତ, ଆର୍ଥିକ, ସାମାଜିକ ନ୍ୟାୟ ପ୍ରଦାନ
ସମେତ ସ୍ୱାଧୀନତା, ସମତା ଓ ମୈତ୍ରୀ ଲକ୍ଷ୍ୟ ହାସଲ ପାଇଁ ଏକ
ମାର୍ଗନିର୍ଦ୍ଦେଶକର ଭୂମିକା ନିର୍ବାହ କରିଥାଏ । ଏତଦ୍‌ବ୍ୟତୀତ
ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକବର୍ଗଙ୍କ ନିମିତ୍ତ, ସେମାନଙ୍କ
ମତଦାତାଙ୍କ-ପ୍ରତି ଏକ ମୌଳିକ ଶିକ୍ଷାସୂତ୍ର ଭାବେ ବିବେଚିତ
ହୁଏ ।

କେତେକ ସମାଲୋଚକ ଓ ସମ୍ବିଧାନବିତ୍ ଏହାକୁ ଏକ 'ବ୍ଲାଙ୍କ
ଚେକ୍', 'ନବ ବର୍ଷର ପ୍ରତିଜ୍ଞା' ଓ "ଆଳଙ୍କାରିକ ନିରସ ଉକ୍ତି ଭାବେ
ଅଭିହିତ କରିଛନ୍ତି, ଅପରପକ୍ଷେ ବହୁ ରାଜନୀତି–ବିଜ୍ଞାନୀ ମୌଳିକ
ଅଧିକାରଠାରୁ ଏହି ନୀତି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି
ମତପୋଷଣ କରନ୍ତି । ଏହି ନିର୍ଦ୍ଦେଶମୂଳକ ନୀତିକୁ ବିଶ୍ଳେଷଣ
କଲେ ଜଣାଯାଏ ଯେ :–ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ସାମୂହିକ
କଲ୍ୟାଣ ନିମନ୍ତେ ଏହା ଅଭିପ୍ରେତ ।

ପରବର୍ତ୍ତୀ ସମୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି
ମର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ମୌଳିକ ଅଧିକାର ଓ
"ରାଷ୍ଟ୍ରର ନିର୍ଦ୍ଦେଶ ମୂଳକ ନୀତି" ଆମ ସମ୍ବିଧାନର ବିବେକ ବୋଲି
ଅଭିହିତ କରିଛନ୍ତି । ସମ୍ବିଧାନ–ପ୍ରଦତ୍ତ ମୌଳିକ ଅଧିକାର
ନାଗରିକମାନଙ୍କ ପାଇଁ ଅପରିହାର୍ଯ୍ୟ ହୋଇଥିଲେ ମଧ୍ୟ,ତତ୍‌ସହିତ
ସମ୍ବିଧାନରେ ସନ୍ନିବେଶିତ ଏହି ନୀତିକୁ ନିଷ୍ପ୍ରୟୋଜନକ ବୋଲି
ଉପେକ୍ଷା କରାଯାଇ ପାରିବ ନାହିଁ, ବରଂ ବିକାଶର ଧାରାକୁ
ତ୍ୱରାନ୍ୱିତ ଓ ସୁଗମ କରିବା ପାଇଁ ଏହା ଉଦ୍ଦିଷ୍ଟ ।

ସାର୍ ବି ଏନ୍ ରାୟଙ୍କ ମତରେ, "ରାଷ୍ଟ୍ର ପରିଚାଳକଙ୍କ ପାଇଁ
ଏହା କେବଳ ନୈତିକ ଆଦେଶ ନୁହେଁ, ଏହାର ଶିକ୍ଷାଗତ ମୂଲ୍ୟ
ମଧ୍ୟ ରହିଛି । ସାମାଜିକ ଓ ଅର୍ଥନୈତିକ ବିପ୍ଳବର ଲକ୍ଷ୍ୟ ହାସଲ
ପାଇଁ ଏହା ପ୍ରେରଣା ଯୋଗାଇଥାଏ । ଭାରତରେ ବହୁଦଳୀୟ
ଶାସନ ବ୍ୟବସ୍ଥା ଥିବାରୁ ଏହା ପ୍ରତ୍ୟେକ ରାଜନୈତିକ ଦଳ ପାଇଁ
ପ୍ରେରଣାର ଉତ୍ସରୂପେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସାମ୍ବିଧାନିକ ଓ
ନୈତିକ ମୂଲ୍ୟବୋଧ ପ୍ରକାଶ କରିଥାଏ ଓ ଶାସନକ୍ଷେତ୍ରରେ
ଧ୍ରୁବତାରା ପରି ଦିଗ୍‌ଦର୍ଶନ ଦେଇଥାଏ ।–ଏହା ଜାତିର ଜନକ
ମହାତ୍ମାଗାନ୍ଧୀଙ୍କ 'ରାମରାଜ୍ୟ'ର ସ୍ୱପ୍ନକୁ ସାକାର କରିବାରେ
ସହାୟକ ହୋଇଥାଏ । ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ପାରସ୍ପରିକ
ସହଯୋଗ ଓ ଆନ୍ତର୍ଜାତିକ ବୁଝାମଣା ଉପରେ ଏହା ଗୁରୁତ୍ୱ
ଦେଉଥିବାରୁ ଏହାର ଉପାଦେୟତା ଅନସ୍ୱୀକାର୍ଯ୍ୟ ।

ପରିବର୍ତ୍ତିତ ରାଜନୈତିକ ଓ ଅର୍ଥନୈତିକ ଦୃଶ୍ୟପଟରେ ଆଜି
ଆମେ ଅର୍ଥନୀତିର ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟା
ପଛରେ ଅଣନିଶ୍ୱାସୀ ହୋଇ ଧାବମାନ କରୁଥିବା ବେଳେ ଏହା
ସାମାଜିକ ସୁରକ୍ଷା ଓ କଲ୍ୟାଣକାରୀ ଅର୍ଥନୀତି ପ୍ରତି ଦୃଷ୍ଟି
ଫେରେଇ ଆଣିବାକୁ ନିର୍ଦ୍ଦେଶ ଦେଇଥାଏ । ଏହି ନୀତିଗୁଡ଼ିକର
କାର୍ଯ୍ୟକାରିତା ଉପରେ ଶାସନ କ୍ଷମତାରେ ଥିବା ରାଜନୈତିକ
ଦଳର ସଫଳତା ଓ ବିଫଳତାର ମୂଲ୍ୟାୟନ କରାଯାଇଥାଏ ।
ଏହା ଜାତୀୟ ବିବେକ ତଥା ପ୍ରଗତିର ମାନଦଣ୍ଡ ଭଳି କାର୍ଯ୍ୟ
କରେ । ରାଜନୀତିରେ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ
ଘଟୁଥିବାର ଅଭିଯୋଗ ହେଉଥିଲା ବେଳେ ଓ ରାଜନୈତିକ
ନେତୃତ୍ୱ ସାଧାରଣ ଜନଜୀବନଠାରୁ ଦୂରେଇ ଯାଉଥିବା ବେଳେ
ସାମ୍ପ୍ରତିକ ପରିସ୍ଥିତିରେ ସମ୍ବିଧାନରେ ସନ୍ନିବେଶିତ ଏହି "ନିର୍ଦ୍ଦେଶ–
ମୂଳକ ରାଷ୍ଟ୍ରନୀତି"ର ଗୁରୁତ୍ୱ ସମସ୍ତ ରାଜନୈତିକ ଦଳ ଓ ସକଳ
ନାଗରିକ ଉପଲବ୍ଧି କରିବା ଓ ଏଥିପ୍ରତି ସମ୍ବେଦନଶୀଳତା ପ୍ରକାଶ
କରିବା ଜନରାଜ୍ୟ ଦିବସର ଏକ ଉଦାର ଆହ୍ୱାନ ।

---

ଅଧ୍ୟକ୍ଷ,
ମା' କନକେଶ୍ୱରୀ ମହାବିଦ୍ୟାଳୟ, ଖୁଣ୍ଟ,
ମୟୂରଭଞ୍ଜ–୭୫୭୦୩୯

**ଅଗଷ୍ଟ ସୁଦ୍ଧା ରାଜ୍ୟରେ ୮୬୦୪ଟି ଇନ୍ଦିରା ଆବାସ ଗୃହ ନିର୍ମିତ**

ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ରାଜ୍ୟରେ
ବିଂଶସୂତ୍ରୀ ଅନ୍ତର୍ଗତ ଇନ୍ଦିରା ଆବାସ ଯୋଜନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ରାଜ୍ୟରେ ହରିଜନ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏହି
ସର୍ବମୋଟ ୮୬୦୪ ଟି ଗୃହ ନିର୍ମାଣ କରାଯାଇ ବାସହୀନ ଗରିବ ଆଦିବାସୀ ଓ ହରିଜନ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏହି
କାର୍ଯ୍ୟକ୍ରମରେ କେବଳ ଗତ ଅଗଷ୍ଟ ମାସରେ ନିର୍ମିତ ୧୮୬୧ଟି ଇନ୍ଦିରା ଆବାସ ଗୃହ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଯୋଜନା ଓ
ସମନ୍ୱୟ ବିଭାଗର ବିଂଶସୂତ୍ରୀ ଅନ୍ତର୍ଗତ ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ଉକ୍ତ ସମୟ ମଧ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ୫୩ଟି ଓ ସ୍ୱଳ୍ପ ଆୟକାରୀ ବ୍ୟକ୍ତିମାନଙ୍କୁ ୨୫ଟି ଗୃହ ଏବଂ ବାସହୀନ
ଲୋକମାନଙ୍କୁ ୨୨୮୮ଟି ପ୍ଲଟ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ଜମିହୀନ ଲୋକମାନଙ୍କ ମଧ୍ୟରେ ୨୦୬.୧୮ ଏକର ସିଲିଂ
ବହିର୍ଭୂତ ଜମି ଆବଣ୍ଟନ କରାଯାଇଛି ।

# ଭାରତ ଭାବନା ଓ ସ୍ୱାମୀ ବିବେକାନନ୍ଦ

ଡକ୍ଟର ଶରତଚନ୍ଦ୍ର ରଥ

ଭାରତବର୍ଷକୁ ମାଟି, ଗୋଡ଼ି ଓ ପଥରରେ ଗଢ଼ା ଏକ ଭୂଖଣ୍ଡ ମାତ୍ର ବୋଲି ନଭାବି ଜୀବନ୍ତ ଦେବୀ ଭାବରେ ଯେଉଁମାନେ ବିଶ୍ୱାସ କରିଥିଲେ, ସେମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦ ଅନ୍ୟତମ । ତାଙ୍କର ଜନ୍ମ ହୋଇଥିଲା ୧୮୬୩ ମସିହା ଜାନୁଆରୀ ମାସ ୧୨ ତାରିଖରେ କଲିକତା ଅନ୍ତର୍ଗତ ସିମୁଲିଆ ଗ୍ରାମରେ ।



ଆଦ୍ୟଯୌବନରୁ ଜୀବନର ଶେଷପର୍ଯ୍ୟନ୍ତ ପ୍ରାଣଭରି ସେ ଭଲପାଉଥିଲେ ଭାରତବର୍ଷକୁ । ଏପରି ଆତ୍ମୀୟତା ଅତ୍ୟନ୍ତ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତଚେତନା ସହ ଏକାତ୍ମହୋଇ ସେ ହୋଇ ଯାଇଥିଲେ ରକ୍ତମାଂସରେ ଗଢ଼ା ଭାରତ ପ୍ରତିମା । ତାଙ୍କର ସମସ୍ତ ଭାବନା, ଆବେଗ, ପ୍ରାଣସ୍ପନ୍ଦନର କେନ୍ଦ୍ରବିନ୍ଦୁ ଥିଲା ଭାରତବର୍ଷ । ସେ ଥରେ କହିଥିଲେ, "ମୁଁ ହେଉଛି ଭାରତ୍ବର୍ଷର ଘନୀଭୂତ ରୂପ' । ଭାରତର ମାଟି ତାଙ୍କ ପାଇଁ ଥିଲା 'ସ୍ୱର୍ଗାଦପି ଗରୀୟସୀ' ।

ବିଶ୍ୱଦରବାରରେ ଭାରତର ସ୍ଥାନ ନିରୂପଣ କରି ଦେଲେ ସ୍ୱାମୀ ବିବେକାନନ୍ଦ । ସେ ସନ୍ଦର୍ଭରେ ଉଦ୍‌ଘୋଷଣା କଲେ ଭାରତୀୟ ସଂସ୍କୃତିର ମହତ୍ତ୍ୱକୁ ଚିକାଗୋଠାରେ ଉପସ୍ଥିତ ପ୍ରାୟ ସାତ ହଜାର ଶ୍ରୋତାଙ୍କ ସମ୍ମୁଖରେ । ତାଙ୍କର ପ୍ରଥମ ବାକ୍ୟରେ ଫୁଟି ଉଠିଲା ବିଶ୍ୱଭ୍ରାତୃତ୍ୱର ଲଳିତରାଗିଣୀ । ଏମାଟିର ସିଂହ ଶିଶୁ କଣ୍ଠରେ ପ୍ରତିଧ୍ୱନିତ ହେଲା 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ 'ର ଅନ୍ୟରୂପ 'ଆମେରିକାବାସୀ ଭଉଣୀ ଓ ଭାଇମାନେ' । ସେ ଶବ୍ଦ ଉଚ୍ଚାରଣରେ ଆନ୍ତରିକତାର ଯେଉଁ ଯାଦୁକରୀ ସ୍ପର୍ଶଥିଲା, ତାହା ଭାଷାରେ ଅବର୍ଣ୍ଣନୀୟ । ଉପସ୍ଥିତ ଜନତାର ହୃଦୟରେ ଭରିଗଲା ଅପୂର୍ବ ପୁଲକ । ପ୍ରାୟ ଦୁଇମିନିଟ ଧରି କରତାଳିରେ ପ୍ରକମ୍ପିତ ହେଲା ସଭାସ୍ଥଳ । ସତେ ଅବା ତାହା ଥିଲା ଭାରତବର୍ଷର ଜୟଗାନ ପାଇଁ ପ୍ରୀତି ପୁଲକିତ ସହର୍ଷ ମୂର୍ଚ୍ଛନା ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ମଧ୍ୟରେ ସମନ୍ୱୟ ଚେତନାର ବାର୍ତ୍ତା ପ୍ରଚାର କଲେ ସ୍ୱାମୀଜୀ । ବାର୍ତ୍ତା ନୁହେଁ, ତାହା ଥିଲା ପାଶ୍ଚାତ୍ୟବାସୀଙ୍କ ହୃଦୟରେ ଶତ ପ୍ରତିଧ୍ୱନି ତୋଳୁଥିବା ମନମୋହିନୀ ମଧୁର ସଙ୍ଗୀତ । 'ମତ ଅନୁସାରେ ପଥ', 'ଯେତେ ମତ ସେତେ ପଥ' ଏବଂ ସବୁ ପଥର ମିଳନ ସ୍ଥଳ ଏକ ଓ ଅଭିନ୍ନ, ଏ କଥା ବୁଝାଇ ଦେଲେ ସ୍ୱାମୀଜୀ ବିଶ୍ୱବାସୀଙ୍କୁ । ଏକଇ ଭଗବାନ, ଭିନ୍ନ ମତ ଅନୁସାରେ କେବଳ ତାଙ୍କ ନାମ ଭିନ୍ନ । ଭିନ୍ନ ମତ ହିଁ ଭିନ୍ନ ପଥ । ପଥ ନେଇ ଅର୍ଥାତ୍ ମତ ନେଇ ପରସ୍ପର ମଧ୍ୟରେ କଳହ ସଂପୂର୍ଣ୍ଣ ନିରର୍ଥକ ବୋଲି ସେ ଚିକାଗୋଠାରେ ଘୋଷଣା କଲେ । ମୁହୂର୍ତ୍ତକ ପାଇଁ ହେଲେ ମଧ୍ୟ ବିଶ୍ୱର ଧର୍ମ କଳହ ସ୍ତବ୍ଧ ହୋଇଗଲା । ବିଶ୍ୱବାସୀ ବିସ୍ଫାରିତ ନେତ୍ରରେ ଉତ୍କର୍ଣ୍ଣ ହୋଇ ଶୁଣିଲେ ଏଇ ମନ୍ତ୍ରମୟୀ ବାଣୀର ମୂର୍ଚ୍ଛନାକୁ । ସତେ ଅବା କିଏ ଦେବଦୂତ ସଞ୍ଜୀବନୀସୁଧା ଆଣି ବରଷି ଗଲା ମର୍ତ୍ତ୍ୟର ମାଟିରେ । କ୍ଷଣକ ପାଇଁ ହେଲେ ମଧ୍ୟ ଭାରତୀୟ ପ୍ରଶସ୍ତ ଧାର୍ମିକ ଅନୁଚିନ୍ତାର ବିଜୟ ଧ୍ୱଜା ବିଶ୍ୱ ଆକାଶରେ ଉତ୍ତୋଳିତ ହେଲା । "ଏକଂ ସଦ୍‌ବିପ୍ରାଃ ବହୁଧା ବଦନ୍ତି"ର ସାରସତ୍ତା ବିଜୟଶ୍ରୀ ବିମଣ୍ଡିତ ହେଲା ବିଶ୍ୱ ଦରବାରରେ । ଭାରତୀୟ ଚେତନା ସତେ ଅବା ବାଙ୍ମୟ ରୂପ ନେଲା ସ୍ୱାମୀଜୀଙ୍କ କଣ୍ଠରେ ।

କେବଳ ଚିକାଗୋଠାରେ ନୁହେଁ, ବିଶ୍ୱର ଅନ୍ୟାନ୍ୟ କେତେକ ଦେଶରେ ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଭିଭାଷଣ ମାଧ୍ୟମରେ ସ୍ୱାମୀଜୀଙ୍କ କଣ୍ଠରେ ଉଦ୍‌ଘୋଷିତ ହେଲା ଭାରତର ମହିମା। ଛିଡିରେ ପ୍ରାଚୀନତା ହେଉଛି ଭାରତର ଅନ୍ୟତମ ବୈଶିଷ୍ଟ୍ୟ। ଅନ୍ୟ ଦେଶମାନେ ଗଭୀର ଅନ୍ଧକାରରେ ନିମଗ୍ନ ଥିବାବେଳେ ଭାରତୀୟ ଦିଗ୍‌ବଳୟରେ ହସି ଉଠିଥିଲା ଉଷାର ଆଲୋକ। ସେହି ଆଲୋକରେ ବନ, ଉପବନ ନଦୀ ନିର୍ଝର, ସାଗର, ଭୂଧର ଝଲସି ଉଠିଥିଲା ଅନୁପମ ଦିବ୍ୟ ଲାବଣ୍ୟରେ। ଜଡ଼ର ଗଭୀରତମ ଗଭୀରତାଠାରୁ ମନର ଉଚ୍ଚତମ ଉଚ୍ଚତା ଯାଏ ସର୍ବତ୍ର ଭରିଯାଇଥିଲା ଆଶାତୀତ ପ୍ରୀତିପୁଞ୍ଜ ସୁବର୍ଣ୍ଣ ଲହରୀ। କଲମ୍ବୋଠାରେ ଏହି ପ୍ରସଙ୍ଗରେ ସ୍ୱାମୀଜୀ କହିଥିଲେ– "Her activities prevailed when even Greece did not exist, when Rome was not thought of, when the very fathers of the modern Europeans lived in the forests and painted themselves blue." ଅର୍ଥାତ୍ "ଯେତେବେଳେ ଗ୍ରୀସ୍‌ର ଜନ୍ମ ହୋଇ ନାହିଁ, ରୋମ କଥା କେହି ଭାବି ନାହିଁ, ବର୍ତ୍ତମାନର ଇଉରୋପୀୟମାନଙ୍କ ପୂର୍ବପୁରୁଷଗଣ ବିଚିତ୍ର ଅଙ୍ଗରାଗରେ ରଞ୍ଜିତ ଅରଣ୍ୟବାସୀ ମାତ୍ର ଥିଲେ, ସେହି ସୁଦୂର ଯୁଗରେ ମଧ୍ୟ ଭାରତ, ତାହାର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା।"

ଅବଶ୍ୟ ଦୂର ଅତୀତରେ ଜଡ଼କୁ ଯେତିକି ଗୁରୁତ୍ୱ ଦେବା କଥା ସେତିକି ଗୁରୁତ୍ୱ ଭାରତ ଦେଇନାହିଁ। ଜଡ଼ ଏକ ଶକ୍ତି. ତାହାର ଅବମାନନା ହିଁ ଶକ୍ତିର ଅବମାନନା। ଆତ୍ମାର ସାଧନାରେ ବ୍ରତୀ ହୋଇ ଭାରତ ଟିକିଏ ଏକ ଦିଗ୍‌ଦର୍ଶୀ ହୋଇଯାଇଛି। ସ୍ୱାମୀଜୀ ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି ଜଡ଼ର ମହତ୍ତ୍ୱକୁ. ଜଡ଼ର ମୂଲ୍ୟବୋଧକୁ। ଶାରୀରିକ ଶକ୍ତି ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରିଥିଲେ। ସେ କହିଥିଲେ, "ହେ ମୋର ବନ୍ଧୁଗଣ, ତୁମେମାନେ ସବଳ ହୁଅ, –ଏହା ହିଁ ମୋର ତୁମମାନଙ୍କ ପ୍ରତି ଉପଦେଶ। ଗୀତାପାଠ ଅପେକ୍ଷା ଫୁଟବଲ ଖେଳିଲେ ତୁମେମାନେ ସ୍ୱର୍ଗର ଅଧିକତର ନିକଟବର୍ତ୍ତୀ ହେବ। ଶରୀର ଶକ୍ତ ହେଲେ ତୁମେମାନେ ଗୀତା ଅପେକ୍ଷାକୃତ ଭଲ ବୁଝିବ।"

ଭାରତୀୟ ସଂସ୍କୃତିର ଅନ୍ୟତମ ବରଣୀୟ ଉପାଦନ ହେଉଛି ଅନ୍ୟର ଶୁଭକାମନା। ସର୍ବୈଭବନ୍ତୁ ସୁଖୀନଃ"ର ଅନୁଚିନ୍ତା ହେଉଛି ଭାରତ ଐତିହ୍ୟର ଅମ୍ଳାନ ଐଶ୍ୱର୍ଯ୍ୟ। ପରବର୍ତ୍ତିତ ପରିବେଶରେ ଏହି ଅନୁଚିନ୍ତାର ସାମାନ୍ୟ ବ୍ୟତିକ୍ରମ ସ୍ୱାମୀଜୀଙ୍କୁ ମର୍ମାହତ କରିଛି। ପ୍ରାଚୀନ ମୂଲ୍ୟବୋଧର ପୁନରୁଦ୍ଧାର ନିମନ୍ତେ ସେ ଉଦ୍‌ବୋଧନ ଦେଇଛନ୍ତି ଭାରତବାସୀଙ୍କୁ। ଅତୀତର ଗର୍ଭରୁ ମୁକ୍ତା ସଂଗ୍ରହ କରିବା ତାଙ୍କ ମତରେ ଅତ୍ୟନ୍ତ ସ୍ପୃହଣୀୟ। ଧ୍ୱଂସ ନୁହେଁ, ଗଠନମୂଳକ ମନୋବୃତ୍ତିକୁ ଅଭିନନ୍ଦନ କରି ସେ କହିଥିଲେ– "ଧ୍ୱଂସବାଦୀ ସଂସ୍କାରକମାନେ ଜଗତର କୌଣସି ଉପକାର କରନ୍ତି ନାହିଁ। କୌଣସି କିଛି ପୁରାପୁରି ଭାଙ୍ଗିଦିଅ ନାହିଁ, ସଂପୂର୍ଣ୍ଣ ଧୂଳିସାତ କର ନାହିଁ, ବରଂ ଗଠନ କର।"

ଆଶାବାଦର ଜନ୍ମଭୂମି ଏଇ ଭାରତବର୍ଷରେ ହତାଶାର ହିମଶୀତଳ ପ୍ରବାହ ଅନୁଭବ କରି ସ୍ୱାମୀଜୀ ଚିନ୍ତିତ ହୋଇଥିଲେ। ହତାଶା ଏକ ଅପଶକ୍ତି, ଯାହା ରାହୁପରି ଗ୍ରାସ କରିଯାଏ ଚେତନାର ପୂର୍ଣ୍ଣଶଶୀକୁ। ଭାରତକୁ ଏହି ଅପଶକ୍ତିର ଆକ୍ରମଣରୁ ମୁକ୍ତ ରଖିବା ଉଚିତ। ସ୍ୱାମୀଜୀ ଆଶା ରଖିଛନ୍ତି ଯେ ଭାରତୀୟ ଜୀବନକୁଞ୍ଜରେ ହସି ଉଠିବ ନୂଆ ପତ୍ର, ନୂଆ ଫୁଲ, ନୂଆ ଚେତନା ତଥା ନୂଆ ଉନ୍ମାଦନା। ତେଣୁ ସେ କହିଛନ୍ତି, "କୁହ, ଅଛି, ଅଛି; ନାସ୍ତି, ନାସ୍ତି କୁହ ନାହିଁ, ନାସ୍ତି ନାସ୍ତି କୁହ ନାହିଁ। ନାସ୍ତି ନାସ୍ତି କରି ଦେଶଟା ଗଲା, କ'ଣ ନାହିଁ ? କାହାର ନାହିଁ ? ଆମେ ସବୁକିଛି କରିପାରିବା"। ଏହା କେବଳ କଥା ନୁହେଁ, ଏଥିରେ ଥିବା ପ୍ରତ୍ୟେକ ଶବ୍ଦ ମନ୍ତ୍ର ସଦୃଶ ଶକ୍ତିଶାଳୀ। ପ୍ରତ୍ୟେକ ଶବ୍ଦର ଉଚ୍ଚାରଣ ଭିତରେ 'ରହିଛି ଅସୀମ ପ୍ରାଣଶକ୍ତି ଓ ଅଫୁରନ୍ତ ସାମର୍ଥ୍ୟ।

ଭାରତୀୟ ସଂସ୍କୃତିରେ ଆତ୍ମବିଶ୍ୱାସର ମହତ୍ତ୍ୱ ଅତୀତରେ ପ୍ରତିଷ୍ଠିତ ଥିଲା। ଆତ୍ମବିଶ୍ୱାସ ବଳରେ ନଚିକେତା ଯାଇଥିଲେ ଯମଙ୍କୁ ଦର୍ଶନ କରିବା ନିମନ୍ତେ। ଆତ୍ମବିଶ୍ୱାସ ହିଁ ଈଶ୍ୱର ବିଶ୍ୱାସର ଅନ୍ୟ ରୂପ। ଅହଂ ଓ ଆତ୍ମବିଶ୍ୱାସ ଏକା କଥା ନୁହେଁ। ଉଭୟ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ସ୍ୱାମୀଜୀ କହୁଥିଲେ, ଯାହାର ଆତ୍ମବିଶ୍ୱାସ ନାହିଁ ସେ ହିଁ ନାସ୍ତିକ। ତାଙ୍କ ମତରେ–"ନିଜ ଉପରୁ ଯେ ବିଶ୍ୱାସ ହରାଇଛି, ସେ ତ ମୃତ୍ୟୁ ପଥରେ ଗଲିଛି। ନିଜ ଉପରେ ବିଶ୍ୱାସ, ଈଶ୍ୱରଙ୍କ ଉପରେ ବିଶ୍ୱାସ–ଏହା ହିଁ ଉନ୍ନତି ଲାଭର ଏକମାତ୍ର ଉପାୟ।"

ନାରୀ ଶିକ୍ଷାର ପ୍ରସାର ଉପରେ ସ୍ୱାମୀଜୀ ଅଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ନାରୀଶିକ୍ଷା ହିଁ ସାମାଜିକ ପ୍ରଗତିର ମୂଳ କଥା। ଅତୀତରେ ବହୁ ମହୀୟସୀ ମହିଳାଙ୍କ ପବିତ୍ର କ୍ରିୟାକଳାପରେ ଆମ ଦେଶର ଇତିହାସ ସମୃଦ୍ଧ। ସୁଦୂର ବୈଦିକ ଯୁଗରେ ନାରୀର ସ୍ଥାନ ସ୍ୱତନ୍ତ୍ର ଉଚ୍ଚତାରେ ସୁରକ୍ଷିତ ଥିଲା। ମନୁସ୍ମୃତି ଅନୁସାରେ ଯେଉଁଠି ନାରୀର ସମ୍ମାନ ସୁରକ୍ଷିତ ହୁଏ, ସେଠାରେ ଦେବତାମାନେ ବାସବିହାର କରିଥାନ୍ତି। ନାରୀଜାତୀର ବିକାଶ ନିମିତ୍ତ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ। ଶିକ୍ଷା କହିଲେ ଡିଗ୍ରୀକୁ ବୁଝାଏ ନାହିଁ, ଅନ୍ତର ଚେତନାର ଅଭିବୃଦ୍ଧିକୁ ବୁଝାଏ। ନାରୀତ୍ୱର ପୂର୍ଣ୍ଣାଙ୍ଗ ବିକାଶ ହିଁ ପ୍ରକୃତରେ ନାରୀର ବିକାଶ। ପୁରୁଷର ସମକକ୍ଷ ହେବାର ଏକ ଉତ୍କଟ ପ୍ରତିଯୋଗିତା ନାରୀ ବିକାଶର ମାପକାଠି ନୁହେଁ। ନାରୀ ଓ ପୁରୁଷ ଗୋଟିଏ ପକ୍ଷୀର ଦୁଇଟି ପକ୍ଷ। ଅତଏବ ମୂଳରୁ ଉଭୟେ ସମାନ ଗୁରୁତ୍ୱର ଅଧିକାରୀ। ନିଜକୁ ଅତିକ୍ରମ କରିଯିବା ହିଁ ନାରୀର ଭବିତବ୍ୟ। ଏଥିପାଇଁ ଆବଶ୍ୟକ ହେଉଛି ଶୃଙ୍ଖଳା, ଆତ୍ମଜ୍ଞାନ, ଆତ୍ମମର୍ଯ୍ୟାଦା ସର୍ବୋପରି ଆତ୍ମମର୍ଯ୍ୟାଦା। ଅପରର ଅନ୍ଧାନୁସରଣ ନାରୀ ପ୍ରଗତିର ବାଧକ। ସ୍ୱାମୀଜୀଙ୍କ ମତରେ "ଭାରତର

ନାରୀମାନଙ୍କୁ ଆଧୁନିକ କରିବା ଉଦ୍ଦେଶ୍ୟରେ ଆମେ ଯଦି ସେମାନଙ୍କୁ ସୀତାଙ୍କ ଆଦର୍ଶରୁ ବିଚ୍ୟୁତ କରିବାର ଚେଷ୍ଟା କରିଛୁ; ତେବେ ଆମର ସକଳ ଉଦ୍ୟମ ବିଫଳ ହେବ।" ନାରୀ ସ୍ୱାଧୀନତା ପ୍ରତି ସ୍ୱାମୀଜୀ ଗଭୀର ଶ୍ରଦ୍ଧା ପୋଷଣ କରିଥିଲେ। ସ୍ୱାଧୀନତାହିଁ ସକଳ ଉନ୍ନତିର ଶୁବିକାଠି। ସ୍ୱାଧୀନତା ଅପବ୍ୟବହୃତ ହେଲେ ତାହା ସ୍ୱେଚ୍ଛାଧୀନତାରେ ପରିଣତ ହୁଏ। ସ୍ୱେଚ୍ଛାଧୀନତାର ବିଷ ବାଷ୍ପରେ ବ୍ୟକ୍ତି, ସମାଜ ଓ ପରିବେଶ କଳୁଷିତ ହୁଏ। ନାରୀର ଶିକ୍ଷା, ସ୍ୱାଧୀନତା ଓ ସଚେତନତା ଉପରେ ଜାତିର ବିକାଶ ନିର୍ଭର କରେ। ନାରୀ ହୁଏ ଗୃହଲକ୍ଷ୍ମୀ, ତା'ସନ୍ତାନର ପ୍ରଥମ ଶିକ୍ଷୟିତ୍ରୀ। ସେ ଭଲ କଥା ଶିଖାଇଲେ ପିଲାଟି ଭଲ କଥା ଶିଖେ। ଗୁରୁ ଗୁରୁଜନଙ୍କୁ ସେ ସମ୍ମାନ ଦେଲେ ପିଲାଟି ତା'ଠାରୁ ଏହା ଅନାୟାସରେ ଶିଖି ପାରେ। ସେ ଅନ୍ୟମାନଙ୍କୁ ଅବମାନନା କଲେ, ନିନ୍ଦାକଲେ, ପିଲାଟି ତାହାହିଁ ଶିଖେ। ସ୍ୱେଚ୍ଛାଧୀନତାକୁ ପ୍ରବଳ ବିରୋଧ କରିଛନ୍ତି ସ୍ୱାମୀ ବିବେକାନନ୍ଦ। ତାଙ୍କ କଥାରେ, "ମୁଁ ତ ସନ୍ୟାସୀ, ସନ୍ୟାସୀ କଦାପି ବିବାହ କରେ ନାହିଁ। ମନେକରନ୍ତୁ, ମୁଁ ଯଦି ବିବାହ କରିଥାନ୍ତି ଏବଂ ମୋର ସ୍ତ୍ରୀ ଯଦି ମୋ' ମା'ଙ୍କର ଅସନ୍ତୋଷର କାରଣ ହୁଅନ୍ତା, ତାହାହେଲେ ମୁଁ ମଧ୍ୟ ସ୍ତ୍ରୀ ଉପରେ ବିରକ୍ତ ହୁଅନ୍ତି।"

ବିଶ୍ୱଚେତନା ସହ ଏକାସ ହେବା ଭାରତ ପାଇଁ ଏକାନ୍ତ ଆବଶ୍ୟକ। ବିଦେଶୀ ସଂସ୍କୃତି ଆମ ପାଇଁ ଘୃଣାର ବିଷୟ ନୁହେଁ କିମ୍ବା ବିଦେଶର ଭାବଧାରାର ଅନ୍ଧାନୁସରଣ ଆମର କାମ୍ୟ ନୁହେଁ। ବିଦେଶପ୍ରତି ଆନ୍ତରିକତା ଆମର ଆବଶ୍ୟକତାଠାରୁ କମ୍ ବା ଅଧିକ ହେବା ଉଚିତ ନୁହେଁ। ଅଧିକ ଯେପରି କ୍ଷତିକାରକ, କମ୍ ମଧ୍ୟ ସେପରି ଅନିଷ୍ଟକର। ଏକ ଦିଗଦର୍ଶୀ ନହୋଇ ସମ୍ପ୍ରସାରିତ ହେବା ଆବଶ୍ୟକ। ସ୍ୱାମୀଜୀଙ୍କ ମତରେ, "ସମ୍ପ୍ରସାରଣ ହିଁ ଜୀବନ, ସଂକୀର୍ଣ୍ଣତାହିଁ ମୃତ୍ୟୁ। ଯେଉଁଦିନଠାରୁ ଆମେ ଅନ୍ୟ ଜାତିକୁ ଘୃଣାକରିବାକୁ ଆରମ୍ଭ କଲୁ, ସେହିଦିନଠାରୁ ଧ୍ୱଂସ ଆରମ୍ଭ ହୋଇଗଲା। ଯେପର୍ଯ୍ୟନ୍ତ ଆମେ ପୁନର୍ବାର ସମ୍ପ୍ରସାରଣଶୀଳ ନହୋଇଛୁ, ଆମର ବିନାଶକୁ କେହି ଅଟକାଇ ପାରିବେ ନାହିଁ। ଅତଏବ ପୃଥିବୀର ସମସ୍ତ ଜାତି ସହିତ ଆମକୁ ମିଶିବାକୁ ପଡ଼ିବ।"

ଅର୍ଥ ଏକ ଶକ୍ତି, ଏହାର ଆବଶ୍ୟକତା ଅପରିହାର୍ଯ୍ୟ। ଜୀବନର ସ୍ଥିତି ଓ ସମୃଦ୍ଧି ପାଇଁ ଅର୍ଥର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅର୍ଥପାଇଁ ମଣିଷକୁ ଅବହେଳା କରିବା ଉଚିତ ନୁହେଁ। ମଣିଷ ହେବାଉଚିତ ଅର୍ଥର ମାଲିକ, ଅର୍ଥର ଦାସ ହେବା ଉଚିତ ନୁହେଁ। ଅର୍ଥଠାରୁ ମଣିଷ ବଡ଼, ମଣିଷକୁ ଆଦର କରିବା ଉଚିତ ବୋଲି ସ୍ୱାମୀଜୀ ବାରମ୍ବାର କହୁଥିଲେ। ଆଧୁନିକ ଭାରତୀୟ ଜୀବନଧାରାକୁ ପର୍ଯ୍ୟାଲୋଚନା କରି ସ୍ୱାମୀଜୀ ତହିଁରେ କେତେକ ଅପୂର୍ଣ୍ଣତା ଦେଖିଥିଲେ। ଭାରତରେ ଆଧୁନିକ ସମୟରେ କର୍ମାନୁସାରେ ମଣିଷକୁ ସାନ କିମ୍ବା ବଡ଼ ବୋଲି ବିଚାର କରାଯାଏ। ଏହି ତାରତମ୍ୟ ଦେଖି ସ୍ୱାମୀଜୀ ବ୍ୟଥିତ ହୋଇଥିଲେ। ଏହି ତାରତମ୍ୟକୁ ଦୂର କରିବା ପାଇଁ ସେ ଅଶେଷ ପ୍ରୟାସ ଓ ପ୍ରଯତ୍ନ କରିଥିଲେ। ସେ କହିଥିଲେ," ତୁମେ ଗୋଟିଏ ଦେଶ ଶାସନ କରିପାର, ମୁଁ ଗୋଟିଏ ଛିଣ୍ଡା ଯୋତା ମରାମତି କରିପାରେ, କିନ୍ତୁ ତାହାବୋଲି ତୁମେ ଆମ ଅପେକ୍ଷା ବଡ଼ ହୋଇ ନପାର। ମୁଁ ଯୋତା ସିଲାଇ କରିବାରେ ପଟୁ, ତୁମେ ବେଦ ପାଠରେ ପଟୁ। ତାହାବୋଲି ତୁମେ ମୋ ମୁଣ୍ଡରେ ଗୋଡ଼ ଦେଇ ପାରିବ ନାହିଁ।

ବିଭିନ୍ନ ଦିଗରୁ ବିଚାର କଲେ ଏହା ପ୍ରତିପାଦ୍ୟ ଯେ ଭାରତଭାବନା ଓ ସ୍ୱାମୀଜୀଙ୍କ ଚିନ୍ତା ଚେତନା ଏକ ଓ ଅଭିନ୍ନ। ସେ ଅନୁଭବ କରିଥିଲେ ଯେ ଭାରତର ବିକାଶରେ ବିଶ୍ୱର ବିକାଶ, ଭାରତର କଲ୍ୟାଣରେ ବିଶ୍ୱର କଲ୍ୟାଣ। ଭାରତରୁ ଚେତନାର ଆଲୋକ ବିଚ୍ଛୁରିତ ହେବ ଏବଂ ସେହି ଆଲୋକରେ ସମଗ୍ର ବିଶ୍ୱ ଆଲୋକିତ ହେବ। ବିଶ୍ୱକବି ରବୀନ୍ଦ୍ରନାଥ ଥରେ ରୋମାରୋଲାଙ୍କୁ କହିଥିଲେ, "ଯଦି ଭାରତବର୍ଷକୁ ଜାଣିବାକୁ ଚାହଁ, ତେବେ ବିବେକାନନ୍ଦଙ୍କୁ ପଢ଼।" ଏ ଉକ୍ତି ଆଜି ଆମ ପ୍ରତ୍ୟେକଙ୍କ ପାଇଁ ପ୍ରଯୁଜ୍ୟ। ବିଶ୍ୱ ଗ୍ରାମ (Global Village) ଗଠନର ଚାବିକାଠି ରହିଛି ଭାରତୀୟ ସଂସ୍କୃତିରେ। ଭାରତର ସର୍ବାଙ୍ଗୀନ ବିକାଶ କଳ୍ପେ କାର୍ଯ୍ୟ ହିଁ ବିଶ୍ୱସେବାର ଅନ୍ୟତମ ପରିଭାଷା। ସ୍ୱାମୀ ବିବେକାନନ୍ଦଙ୍କ ମନ୍ତ୍ରମୟୀ ବାର୍ତ୍ତାକୁ ଆଜି ଆମେ ବାରମ୍ବାର ଆବୃତ୍ତି କରିବା ଓ ତାହାକୁ କାର୍ଯ୍ୟରେ ପରିଣତ କରିବା ଯେ "ସଦର୍ପରେ କୁହ ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ, ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ। କୁହ–ଭାରତବାସୀ ମୋର ପ୍ରାଣ, ଭାରତର ଦେବଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ। କୁହ ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ।"

ପ୍ରାଧ୍ୟାପକ ଓଡ଼ିଆ ବିଭାଗ,
ବାଣୀବିହାର, ଭୁବନେଶ୍ୱର

# ରାଜତନ୍ତ୍ର ବିରୁଦ୍ଧରେ କନିକା ପ୍ରଜା ଆନ୍ଦୋଳନ

ଶ୍ରୀ ବଂଶୀଧର ଭୋଇ

୧୮୦୩ରେ ଇଂରେଜମାନେ ଓଡ଼ିଶା ଦଖଲ କରି ସାରିବା ପରେ ଓଡ଼ିଶାରେ ଜନଅସନ୍ତୋଷ ଦେଖାଦେଲା । ଫଳରେ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହେଲା । ୧୮୧୭–୨୪ ଖୋର୍ଦ୍ଧାର ପାଇକ ବିଦ୍ରୋହ, ଘୁମସୁର ମେଳୀ– ୧୮୩୫–୩୭, କନ୍ଧମେଳୀ– ୧୮୩୭–୫୬, ସମ୍ବଲପୁରମେଳୀ– ୧୮୫୭–୬୪, କେନ୍ଦୁଝରମେଳୀ– ୧୮୬୭–୬୮, ପୁରି ୧୮୯୧–୯୩ ଏବଂ, ୧୮୪୯–୫୬ରେ ନୟାଗଡ଼ର ରଣପୁରମେଳୀ । ଏସବୁ ଆନ୍ଦୋଳନ ଇଂରେଜ ସରକାରଙ୍କୁ ଆତଙ୍କିତ କରିଥିଲା । କିନ୍ତୁ ଭାରତର ପ୍ରଥମ ଜାତୀୟ ମୁକ୍ତି ସଂଗ୍ରାମ ଆରମ୍ଭ ହୁଏ ୧୮୫୭ ସିପାହୀ ବିଦ୍ରୋହ ପରେ । ଇଂରେଜ ସରକାରଙ୍କ ସୂର୍ଯ୍ୟାସ୍ତ ଆଇନ ବଳରେ ଅନେକ ପ୍ରଜା ଜମିଦାର ଗାଦୀଚ୍ୟୁତ ହେଲେ । ଯେଉଁମାନେ ଇଂରେଜ ସରକାରଙ୍କ ଆନୁଗତ୍ୟ ସ୍ୱୀକାର କଲେ ସେହି ରାଜା ଜମିଦାରମାନେ ଇଂରେଜ ସରକାରଙ୍କର କରଦ ରାଜା ହୋଇ ରହିଲେ । ଏହି ପରିପ୍ରେକ୍ଷୀରେ କରଦ ରାଜା ଜମିଦାରମାନେ ତାଙ୍କ ଅଧୀନସ୍ଥ ଇଲାକା ବା ପ୍ରଗନାଗୁଡ଼ିକର ପ୍ରଜାମାନଙ୍କ ଉପରେ ବିଭିନ୍ନ କର ବସାଇଲେ । ରାଜକର୍ମଚାରୀମାନେ ଏହି ସୁଯୋଗରେ ଆଖିବୁଜା ଅତ୍ୟାଚାର ଓ ଦମନ ଲୀଳା ଚଳାଇବାକୁ ମଧ୍ୟ ପଶ୍ଚାତପଦ ହେଲେ ନାହିଁ । ବିଭିନ୍ନ କିସମର କର ଦେଇ ଗରୀବ ପ୍ରଜାମାନେ ସର୍ବସ୍ୱାନ୍ତ ହୋଇ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ ଚଳାଇଲେ । ଏଠି ପ୍ରକାର ପ୍ରଜା ଆନ୍ଦୋଳନ ଇଂରେଜ ସରକାରଙ୍କ ବିରୁଦ୍ଧରେ ନଚଳାଇ ଅତ୍ୟାଚାରୀ ରାଜାମାନଙ୍କ ବିରୁଦ୍ଧରେ କଲେ । କନିକାର ପ୍ରଜାମାନେ ସର୍ବପ୍ରଥମେ କନିକା ରାଜାଙ୍କ ବିରୁଦ୍ଧରେ ୧୯୨୨ ମସିହାରେ ବିଦ୍ରୋହ ଆରମ୍ଭ କଲେ । ଏହି ପ୍ରଜାଆନ୍ଦୋଳନରେ କନିକାର ଅନ୍ୟତମ ବିପ୍ଳବୀ ଥିଲେ ସନ୍ଥଚରଣ ବେହୁରା ।

ଶ୍ରୀ ବେହୁରା ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଜଳେଶ୍ୱର ଗ୍ରାମରେ ଏକ ମଧ୍ୟବିତ୍ତ ପରିବାରରେ ୧୮୯୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟଶିକ୍ଷା ପରେ ସେ ଆଉ ଅଧିକ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ ନକରି ଦେଶ ସେବାରେ ନିଜକୁ ନିୟୋଜିତ କଲେ । ସେତେବେଳେ ଇଂରେଜ ରାଜତ୍ୱ ସାଙ୍ଗକୁ କେତେକ କରଦ ରାଜା ଜମିଦାରଙ୍କ ନିର୍ମମ ଅତ୍ୟାଚାର ଜନସାଧାରଣଙ୍କ ଜୀବନକୁ ବିପର୍ଯ୍ୟସ୍ତ କରୁଥିଲା ବେଳେ କନିକାର ପ୍ରଜାମାନେ କରଦେଇ ଦେଇ ନିଃସ୍ୱ ହୋଇ ଯାଉଥିଲେ । ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କେତେକ ସ୍ୱାଧୀନଚେତା ପ୍ରଜା ରାଜାରାଜୁଡ଼ା ଶାସନକୁ ତୀବ୍ର ନିନ୍ଦାକରି କନିକାର ପ୍ରଜାମାନଙ୍କୁ ସଂଗଠିତ କଲେ ।



ଏହି ମେଳୀର ଅଗ୍ରମାରମ୍ଭ ହୁଏ ଚାନ୍ଦବାଲି ବ୍ଲକର (ବର୍ତ୍ତମାନ ବାସୁଦେବପୁର ନିର୍ବାଚନ ମଣ୍ଡଳୀ) ପଞ୍ଚୁଟିକିରୀ ଗ୍ରାମରେ । ଏହି ଗ୍ରାମର ଜଣେ ଗରୀବ ପ୍ରଜାର ଘରଡ଼ିହକୁ ରାଜକର୍ମଚାରୀମାନେ ଜବରଦସ୍ତ ଦଖଲ କରିବାରୁ ପ୍ରଜାମାନେ ସେମାନଙ୍କୁ ବାଧାଦେବା ଫଳରେ ଆନ୍ଦୋଳନ ତେଜି ଉଠିଲା । ଫଳରେ ରାଜ କର୍ମଚାରୀମାନେ ପ୍ରଜାମାନଙ୍କ ବିରୁଦ୍ଧରେ କେଶ୍ ଦେଇ ୧୦୭ ଦଫାରେ ଅନେକ ନିରୀହ ପ୍ରଜାମାନଙ୍କୁ ଗିରଫ କଲେ । ଏହି ଘଟଣା ଘଟିବାର ଅନେକ ପୂର୍ବରୁ ସମଗ୍ର ଭାରତରେ ଅସହଯୋଗ ଆନ୍ଦୋଳନ ଚାଲିଥାଏ କିନ୍ତୁ ରାଜଶକ୍ତିକୁ ଭୟ ନକରି ନିର୍ଭୀକ ଭାବରେ ୧୯୨୨ ଜାନୁୟାରୀରେ ଚାନ୍ଦବାଲି ବ୍ଲକ ନିକଟସ୍ଥ ମେଘାନୁଆଗାଁଠାରେ ଏକ ସଭା ଅନୁଷ୍ଠିତ ହେଲା । ଏହାର ନେତୃତ୍ୱ ନେଇଥିଲେ ଚକ୍ରଧର ବେହେରା, ଭଗବାନ ଦୀକ୍ଷିତ, ଗଙ୍ଗାଧର ସାମଲ, କୈଳାସ ଚନ୍ଦ୍ର ସାମଲ, ବନମାଳୀ ନାୟକ ଏବଂ ସନ୍ଥଚରଣ ବେହୁରା ଓ ଛାତ୍ରମାନେ । ଏହି ସଭାରେ ପ୍ରସ୍ତାବ ହେଲା ରାଜାଙ୍କ ଦ୍ୱାରା ହେଉଥିବା କନିକାର ବନ୍ଦୋବସ୍ତକୁ (Settlement) ବିରୋଧ କରିବେ । ଏହି ଖବର ପ୍ରଚାରିତ ହେବା ମାତ୍ରେ କନିକା ରାଜାଙ୍କ ତରଫରୁ ସେହି ବ୍ଲକର ସିଙ୍ଗିଟି ଗ୍ରାମରେ ଫେବ୍ରୁୟାରୀ ମାସରେ ଏକ ସଭାର ଆୟୋଜନ ହେଲା କିନ୍ତୁ ଶ୍ରୀ ବେହୁରା ସେ ସଭାକୁ ବାନ୍ଚଇ କରିବା ପାଇଁ ସେଠାକାର ପ୍ରଜାମାନଙ୍କୁ ପ୍ରବର୍ତ୍ତାଇଲେ । ଫଳରେ ଜନ ଆନ୍ଦୋଳନ ହେବାରୁ ରାଜକର୍ମଚାରୀମାନେ ଉତ୍କ୍ଷିପ୍ତ ହୋଇ ବିଷ୍ଟୁଡ଼

ଜନତାଙ୍କ ପ୍ରତି ଦମନଲୀଳା ଚଳାଇଲେ । ପ୍ରଜାମାନଙ୍କ ଉପରେ କନିକା ରାଜାଙ୍କର ଅତ୍ୟାଚାର ବିଷୟରେ ଦୈନିକ "ସମାଜ"ରେ ପ୍ରକାଶ ପାଇଲା । ସେତେବେଳେ ସମାଜର ସମ୍ପାଦକ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ପ୍ରକାଶିତ ସମ୍ବାଦକୁ ପ୍ରତିବାଦ କରି ସମ୍ପାଦକ ନାମରେ ରାଜାଙ୍କ ତରଫରୁ ମାନହାନି ମୋକଦ୍ଦମା ହେଲା କିନ୍ତୁ ଯେକୌଣସି କାରଣରୁ ହେଉନା କାହିଁକି ରାଜା ବିନାସର୍ତ୍ତରେ ଗୋପବନ୍ଧୁ ବାବୁଙ୍କ ଉପରୁ କେଶ ଉଠାଇ ନେଲେ ସତ କିନ୍ତୁ ଚକ୍ରାନ୍ତ କରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ବିଭିନ୍ନ ଆଇନ୍ ଅମାନ୍ୟ କାର୍ଯ୍ୟ କରିଥିବା ଅଭିଯୋଗରେ ଗୋପବନ୍ଧୁ ବାବୁ ୧୯୨୩ ମସିହା ଜାନୁଆରୀ ୨୪ରେ ଗିରଫ ହୋଇ ହଜାରିବାଗ ଜେଲକୁ ଗଲେ । ୧୨୪ ଧାରା ଆଇନ ଅମାନ୍ୟ ଅଭିଯୋଗରେ ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟଙ୍କୁ ଏକବର୍ଷ ଜେଲ ଓ ପ୍ରମୁଖ କର୍ମୀମାନଙ୍କୁ ଗିରଫ କରାଯାଇ ଜେଲକୁ ପଠାଗଲା ।

୧୯୨୩ରେ ରାଜା କନିକାରେ ସରକାରୀ ବନ୍ଦୋବସ୍ତ କରିବାକୁ ଘୋଷଣା କଲେ । ତେଣୁ ପ୍ରଜାମାନଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଲା । ପ୍ରଜାମାନଙ୍କର ଆନ୍ଦୋଳନର ପ୍ରଥମ ପାହାଚରେ ବିଜୟର ସୂଚନା ମିଳିବାରୁ ସେବର୍ଷ (ରାଜନଗର ବ୍ଲକର ଘଣ୍ଟେଶ୍ୱରଠାରେ ଦୁର୍ଗାପୂଜା କରିବା ପାଇଁ ଆୟୋଜନ ଚାଲିଲା । ରାଜକର୍ମଚାରୀମାନେ ଏହି ବିଷୟକୁ ଦୃଷ୍ଟିରେ ରଖି ଏହି ଉତ୍ସବ କରାଇନଦେବାକୁ ବାଧା ସୃଷ୍ଟିକଲେ କିନ୍ତୁ ଶତ ବିରୋଧ ସତ୍ତ୍ୱେ ସେହିଠାରେ ଦୁର୍ଗାପୂଜା ହେଲା ଏବଂ ପ୍ରଜାମାନଙ୍କ ତରଫରୁ ପ୍ରସ୍ତାବ ହେଲା ମତେ ନିକଟବର୍ତ୍ତୀ ଗ୍ରାମ ପରମାନନ୍ଦପୁରଠାରେ ଆସନ୍ତାବର୍ଷଠାରୁ ଦୁର୍ଗାପୂଜା ହେବ । ତେଣୁ ଘଣ୍ଟେଶ୍ୱରଠାରେ ନିଆଯାଇଥିବା ପୂର୍ବ ପ୍ରସ୍ତାବ ଅନୁସାରେ ୧୯୨୪ରେ ପରମାନନ୍ଦପୁରଠାରେ ଦୁର୍ଗୋତ୍ସବ ପାଳିତ ହେଲା । ବାଲେଶ୍ୱର ଜିଲ୍ଲାବୋର୍ଡ଼ ସଭ୍ୟ ବାଞ୍ଛାନିଧି ମହାନ୍ତି (ଇରମ) ଏହି ଉତ୍ସବରେ ଯୋଗ ଦେଇ ସଚ୍ଚିଦାନନ୍ଦ ବେହୁରାଙ୍କ ସହିତ ପରମାନନ୍ଦପୁର ଗ୍ରାମରୁ ଫେରିଆସୁଥିଲେ । ଏହି ସମୟରେ ପରମାନନ୍ଦପୁର ଗ୍ରାମ ନିକଟସ୍ଥ ଭଦ୍ରକ–ଚାନ୍ଦବାଲି ରାସ୍ତାରେ ସେମାନଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ ହେଲା । ସଚ୍ଚିଦାନନ୍ଦ ବେହୁରାଙ୍କୁ ନିର୍ଘାତ ମାଡ଼ଦେଇ ତାଙ୍କ ମୁହଁରେ ପରିସ୍ରାକରି ରାସ୍ତାକଡ଼ ନୟନ ଯୋଡ଼ିରେ ପକାଇ ଦେଇ ଚାଲିଗଲେ । ସେହି ବର୍ଷ ବସେରେ କଂଗ୍ରେସ ଅଧିବେଶନ ଆରମ୍ଭ ହେଲା । ସଚ୍ଚିବାବୁ ଉକ୍ତ କଂଗ୍ରେସ ଅଧିବେଶନରେ ମହାତ୍ମାଗାନ୍ଧୀ, ରାଜଗୋପାଳାଚାରୀ, ଚିତ୍ତରଞ୍ଜନ ଦାସ ପ୍ରଭୃତିଙ୍କୁ ଭେଟି କନିକା ବିଷୟରେ ସମସ୍ତ ଘଟଣା ଅବଗତ କରାଇବାରୁ ଉକ୍ତ ବିଷୟ କଂଗ୍ରେସ କାର୍ଯ୍ୟକାରୀ ସୂଚୀରେ ଆଲୋଚନା ପାଇଁ ସ୍ଥାନ ପାଇଲା । ଏ ବିଷୟ ମଧ୍ୟ ସମ୍ବାଦପତ୍ର "ଆଶା" ନଭେମ୍ବର ୨୪ ଉତ୍କଳ ଦୀପିକା ଅକ୍ଟୋବର ୨୫ ତାରିଖ ୧୯୨୪ ମସିହା "କନିକା ଦୁର୍ଘଟଣା" ଶୀର୍ଷକ ଲେଖାରେ ପ୍ରକାଶ ପାଇଲା :–

"କନିକା ଇଲାକା ମତେଠାରେ ସଚ୍ଚିଦାନନ୍ଦ ବେହୁରାଙ୍କୁ ମାଡ଼ହେଲା ବୋଲି ପ୍ରକାଶ । କିଏ କାହିଁକି ମାରିଲା ଏପର୍ଯ୍ୟନ୍ତ ତାର ଠିକଣା ନାହିଁ । ତଥାପି ରାଜାଙ୍କ ଜଣାରେ ହେଉ ବା ତାଙ୍କ କର୍ମଚାରୀ କାହାର ପ୍ରରୋଚନାରେ ଏପରି ହେଉଛି ବୋଲି କିଏ କଳ୍ପନା କରି ପାରିଲେଣି । କନିକାର ରାଜା ତାଙ୍କ ଜଣାରେ ଏପରି ଅତ୍ୟାଚାର ହୋଇଥିବା କାହାର ବିଶ୍ୱାସ ହେଉନାହିଁ । ତଥାପି କନିକାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଯେଉଁ ସବୁ କଳହ ଓ ମାରପିଟ ହୁଏ ତା ଭିତରେ ରାଜା ଅଛନ୍ତି ବୋଲି କହି ବୁଲିବା କେତେକଙ୍କର ବୃତ୍ତି ହେଲାପରି ଦିଶୁଛି । ଏସମ୍ବନ୍ଧେ ଆମ୍ଭେମାନେ ପାଇଥିବା ପତ୍ର ଅତିରଞ୍ଜିତ ଓ ଅନାବଶ୍ୟକ ବୋଲି ପ୍ରକାଶ କରି ପାରିଲୁ ନାହିଁ । ଏପରି ବାଜେ ବିଷୟନେଇ ରାଜନୈତିକ ଆନ୍ଦୋଳନ ପ୍ରସ୍ତୁତ କରିବା ଅସଙ୍ଗତ ଓ ଅନ୍ୟାୟ ।"

ଡଃ ମହତାବ ୧୯୨୪ ମସିହାରେ ବାଲେଶ୍ୱର ଜିଲ୍ଲା ଲୋକାଲ ବୋର୍ଡ଼ର ଚେୟାରମ୍ୟାନ ଭାବେ ନିର୍ବାଚିତ ହେବାପରେ ସେ ପ୍ରସ୍ତାବ ଦେଲେ ଯେ ଗୋପବନ୍ଧୁବାବୁ ନିଜେ ରାଜକନିକା ଯାଇ ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ମିଳାମିଶା କରନ୍ତୁ କିନ୍ତୁ ଗୋପବନ୍ଧୁବାବୁ ରାଜି ହୋଇନଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଜିଦ୍ କରିବାରୁ ଗୋପବନ୍ଧୁବାବୁ ରାଜକନିକା ଯାଇ ରାଜବାଟୀରେ ରାଜାଙ୍କ ସହିତ କନିକା ବିଷୟ ଆଲୋଚନା କଲେ କିନ୍ତୁ ଆଲୋଚନା ଆଲୋଚନାରେହିଁ ରହିଗଲା । ଗୋପବନ୍ଧୁବାବୁ ବିରସରେ ତଙ୍ଗୀଯୋଗେ ନରେନ୍ଦ୍ରପୁରକୁ ଭଦ୍ରକ ଜିଲ୍ଲା ରାଜନଗର ପଞ୍ଚାୟତ) ଫେରିଆସିଲେ । ଡଃ ମହତାବ ଓ ଚକ୍ରଧର ବେହେରା ପ୍ରଭୃତି ମାନ୍ୟଗଣ୍ୟ ନେତୃବୃନ୍ଦ ସେଠାରେ ତାଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ । ଗୋପବନ୍ଧୁବାବୁ ନରେନ୍ଦ୍ରପୁରରେ ପହଞ୍ଚିବା ପରେ ସେଠାରେ ସ୍ୱରାଜ୍ୟ ଆଶ୍ରମ ଖୋଲାଗଲା । ଏହା ଗ୍ରାମସଙ୍ଗଠନ ଓ ଅସହଯୋଗ ଆନ୍ଦୋଳନର ଏକ କେନ୍ଦ୍ରସ୍ଥଳୀଭାବେ କାର୍ଯ୍ୟକଲା ଏହାର ଦାୟିତ୍ୱରେ ସେହି ଗ୍ରାମର ଗଦାଧର ସାମଲ ଓ ମାଧବ ସାମଲ ଏବଂ ସଚ୍ଚିଦାନନ୍ଦ ବେହୁରା ଅସହଯୋଗ ଆନ୍ଦୋଳନର ନେତୃବୃନ୍ଦମାନଙ୍କ ସହିତ ଯୋଗାଯୋଗ ଦାୟିତ୍ୱରେ ରହିଲେ ।

୧୯୩୦ ମସିହାରେ ଐତିହାସିକ ଲବଣ ସତ୍ୟାଗ୍ରହ । ଓଡ଼ିଶାରେ ପ୍ରଥମ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି, ଶ୍ରୀଜଙ୍ଗ, ଇରମ ଓ ଚାନ୍ଦବାଲି ପ୍ରଭୃତି ସମୁଦ୍ର ଉପକୂଳବର୍ତ୍ତୀ ସ୍ଥାନମାନଙ୍କରେ ଲବଣ ସତ୍ୟାଗ୍ରହ ସମଗ୍ର ଭାରତବର୍ଷରେ ଝଲକ ସୃଷ୍ଟି କରିଥିଲା । ଏହି ସତ୍ୟାଗ୍ରହରେ କନିକାର ପ୍ରଜାସଂଗଠନ ତରଫରୁ ନେତୃତ୍ୱ ନେଇ ସଚ୍ଚିଦାନନ୍ଦ ବେହୁରା କାରାବରଣ କରିଥିଲେ ।

ସଚ୍ଚିଦାନନ୍ଦ ବେହୁରା ପ୍ରଜାଆନ୍ଦୋଳନଠାରୁ ସ୍ୱାଧୀନତା ଆନ୍ଦୋଳନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ସଂଗ୍ରାମ କରି ଦେଶମାତୃକା ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କ ମହାପ୍ରୟାଣରେ ଏକ ଶୋକ ବାର୍ତ୍ତାରେ ତତ୍କାଳୀନ ସମାଜର ସମ୍ପାଦକ ଡଃ ରାଧାନାଥ ରଥ ଓ ଜାତୀୟକବି ବୀରକିଶୋର ଦାସଙ୍କ ବାର୍ତ୍ତାରୁ ତାଙ୍କ କାର୍ଯ୍ୟ ଦକ୍ଷତା ବିଷୟରେ ସୂଚନା ମିଳେ ।

"୧୯୨୧–୨୨ରେ କନିକା ପ୍ରଜାଆନ୍ଦୋଳନ ବେଳେ ସ୍ୱର୍ଗୀୟ ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ ଏବଂ ସାଥୀ ସଚ୍ଚିଦାନନ୍ଦ ବେହୁରା ସେତେବେଳେ ଯେଉଁ ଭୟାବହ ପୋଲିସ୍ ଅତ୍ୟାଚାର ଭିତରେ କନିକାର ପ୍ରଜାକୁଳକୁ ରକ୍ଷା କରିବା ପାଇଁ ଓ ପ୍ରତିକାର କରିବାକୁ ନିଜନିଜ ଜୀବନକୁ ବିପଦ ସଙ୍କୁଳ କରି କାର୍ଯ୍ୟ କରିଥିଲେ ଓ ସର୍ବପ୍ରଥମ ଜେଲ ଯାଇଥିଲେ ଓ ଛଅମୁକାର ପ୍ରଜାଆନ୍ଦୋଳନର ମୁଖ୍ୟ ଦୀନବନ୍ଧୁ ଖଣ୍ଡେଇତରାୟ ପ୍ରମୁଖଙ୍କର ଘର ଯେପରି

ଲୁଟତରାଜ କରାଗଲା ଓ ସନ୍ତଚରଣ ସମସ୍ତ ସମ୍ପତ୍ତିକୁ ଧ୍ୱଂସ ବିଧ୍ୱଂସ କରିଦେଇ ତାଙ୍କୁ ଯେପରି ଅସାଧାରଣ ମାଡ଼ ହୋଇଥିଲା ଏବଂ ଶ୍ରୀ ଚନ୍ଦ୍ରଧର ବେହେରା ଓ କନିକାର ବହୁକର୍ମୀ ଯେପରି ଦୁଃଖ ନିର୍ଯ୍ୟାତନା ଭୋଗିଥିଲେ ଏବଂ ଏସବୁ ସତ୍ତ୍ୱେ ସନ୍ତଚରଣ ପ୍ରମୁଖ ଯେପରି ସାହସ ଓ ଦୃଢ଼ତାର ସହିତ ଅତ୍ୟାଚାରର ପ୍ରତିବାଦ କରି ଶ୍ରୀ ଚନ୍ଦ୍ରଧର ବେହେରା ପ୍ରମୁଖଙ୍କ ସହିତ ପ୍ରଜାଶକ୍ତିର ସଂଗଠନ କରିଥିଲେ ସେ କଥା ଆଜି ମନେ ପଡ଼ିଲେ ଆଖିରେ ଲୁହ ଆସିଯାଏ । ଏଭଳି ସାହସୀ କର୍ମୀ ଦେଶରେ କ୍ୱଚିତ ଦେଖା ଯାଆନ୍ତି । ୧୯୨୨ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏ କନିକା ଆନ୍ଦୋଳନ ସମ୍ପର୍କରେ ଅଟଳବାବୁ ଓ ସନ୍ତବାବୁଙ୍କ ସହିତ ସଂଶୋଧିତ ଫୌଜଦାରୀ ଆଇନ ଅନୁସାରେ ଅଭିଯୁକ୍ତ ହୋଇ କଟକରେ ଡାଭସ ସାହେବଙ୍କ କୋର୍ଟରେ ଆସାମୀ ରୂପେ ବିଚାରାଧୀନ ଥିଲେ । ସେତେବେଳେ ଦେବାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର କଟକ ଜିଲ୍ଲାର ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ଥିଲେ । କଟକରେ ଏ ମୋକଦ୍ଦମାର ବିଚାର ବେଳେ ସାରା ଭାରତରେ ଗୋଟିଏ ଚହଳ ପଡ଼ିଥିଲା । ପାଟନାର ବାରିଷ୍ଟର ଅପସର ସାହେବ ପଣ୍ଡିତ ଗୋପବନ୍ଧୁ, ସନ୍ତବାବୁ ଓ ଅଟଳବାବୁଙ୍କ ପକ୍ଷରୁ ମୋକଦ୍ଦମା ଲଢୁଥିଲେ । ସେତେବେଳେ "ସମାଜ" ଓ ଉତ୍କଳଦୀପିକାର ସମ୍ପାଦକ, ପ୍ରକାଶକ ଓ ସମ୍ବାଦଦାତା ଅଟଳବାବୁ ଓ ସନ୍ତବାବୁଙ୍କ ବିରୁଦ୍ଧରେ ପୋଲିସ୍ ପକ୍ଷରୁ ମାନହାନୀ ମୋକଦ୍ଦମା କେନ୍ଦ୍ରାପଡ଼ା କୋର୍ଟରେ ଦାଏର ହୋଇ କଟକରେ ବିଚାର ହେଉଥିଲା । ଉତ୍କଳମଣି ଗୋପବନ୍ଧୁ, ସନ୍ତବାବୁ ଓ ଅଟଳବାବୁ ଜାମିନ୍‌ରେ ବିଚାରାଧୀନ ବନ୍ଦୀରୂପେ ଜେଲରେ ରହିଥିଲେ । ସେତେବେଳେ ମୋକଦ୍ଦମା ଏପରି ଅବସ୍ଥାକୁ ଆସିଗଲା ଯେ ପୋଲିସ୍ ଓ ଜମିଦାରୀ କୌଣସିମତେ କଳକୌଶଳରେ ମୋକଦ୍ଦମା ଉଠାଇ ନେବା ପାଇଁ ବାଧ୍ୟ ହେଲେ । ସନ୍ତବାବୁ ନାନା ପ୍ରଲୋଭନକୁ ଏଡ଼ି ଓ ଅସାଧାରଣ ବିପଦକୁ ବରଣ କରି ପ୍ରଜାପାଇଁ ଯେପରି ଲଢ଼େଇ କରିଥିଲେ ଓ ଅସହଯୋଗ ଆନ୍ଦୋଳନରେ ଝାସ ଦେଇ ଜେଲ ବରଣ କରିଥିଲେ ସେକଥା ଲୋକ କଳନା କରିପାରିବେ ନାହିଁ । ସନ୍ତଚରଣ ଜଣେ ନୀରବ କର୍ମୀଥିଲେ । ସେ ଜୀବନରେ ସବୁ ଦୁଃଖ ନିର୍ଯ୍ୟାତନା ସହିଥିଲେ । ଏଭଳି କଷ୍ଟ ସହିସୁ ସତ୍ତ୍ୱେ କାହା ଆଗରେ ମୁଣ୍ଡ ନୁଆଁଇ ନଥିଲେ । ଏଭଳି କଷ୍ଟ ସହିସୁ ସତ୍ତ୍ୱେ କାହା ଆଗରେ ମୁଣ୍ଡ ନୁଆଁଇ ନଥିଲେ । ତାଙ୍କଠାରେ ଯେ ନୀତିବାଦୀ କର୍ମୀ କ୍ୱଚିତ ଦେଖା ଯାଆନ୍ତି । ସେ ଜୀବନର ଶେଷ ଭାଗରେ କେହି ନଦେଖିବ ହୋଇଯିବ । ସେ ଜୀବନର ଶେଷ ଭାଗରେ କ୍ଷୟରୋଗ ଓ ବହୁମୂତ୍ର ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହୋଇ ପଡ଼ିଲେ । ତାଙ୍କ ବିୟୋଗରେ ଜଣେ ପରମ ସାଥୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର ଜଣେ ଅତି ଶ୍ରଦ୍ଧାବାନ ସହକର୍ମୀ ଏବଂ କନିକା ପ୍ରଜାଙ୍କର ବନ୍ଧୁ ଓ ନେତାର ଚିରବିଦାୟ ଘଟିଲା । ଏ ଭଳି ବନ୍ଧୁ ଜୀବନରେ କ୍ୱଚିତ ମିଳେ । ସେ ଦୁଃଖିରୁ ପ୍ରେରଣାର ସେ ଗୋଟିଏ ଉତ୍ସ ଥିଲେ ।"

ଏ ବାର୍ତ୍ତାଥିଲା ସମାଜର ସ୍ୱନାମଧନ୍ୟ ସମ୍ପାଦକ ଡଃ ରାଧାନାଥ ରଥଙ୍କର । ସନ୍ତବାବୁଙ୍କ କିପରି ଜାତୀୟ ମୁକ୍ତି ଆନ୍ଦୋଳନର ଜଣେ ନିର୍ଭୀକ ସୈନିକ ଭାବେ କାର୍ଯ୍ୟ କରି ଜୀବନକୁ ତିଳତିଳ କରି ଢାଳି ଜାନୁୟାରୀ ୧୩ ତାରିଖ ୧୯୬୯ ମସିହାରେ ନିଜେ ଯୁଦ୍ଧରେ ଜଳିଯାଇଥିଲେ ଜାତୀୟ କବି ବୀରକିଶୋରଙ୍କ କବିତାରୁ ଏହା ଅନୁମେୟ ହୁଏ :—

ଗୁଲିଗଲ ବନ୍ଧୁ! ଗୁଲିଗଲ,
କନିକା ରାଇଜ କରି ଖାଲି ।
ଶୋକରେ ବ୍ୟଥିତ ଶତ ପଲ୍ଲୀବାସୀ,
ତମ ଗୁଣାବଳୀ ଭାଳି ଭାଳି ।

ଭାବିଲା ବେଳକୁ ସେ ଯୁଗର କଥା,
ଥରି ଉଠେ ବୁକୁ ଘୁରିଯାଏ ମଥା ।
ଏହିଦେ ବିଶ୍ୱାସ କରିବ କିଏ ସେ,
ପଗଢ଼ାଏ ଥିଲେ ପଶୁଭଳି ।

ବିଦେଶୀ ଶାସକ ଦେଶୀ ଅତ୍ୟାଚାର,
କରିଲା ଦେଶକୁ ବେଶୀ ଛାରଖାର ।
ରହି ନପାରିଲେ ସହିନପାରିଲେ,
ବିପ୍ଳବର ନିଆଁ ଦେଲ ଜାଳି ।

ଚଉଷଠି ଜାତିକର ଗଣି ଗଣି,
ପ୍ରଜାଙ୍କ କଲିଜା ହେଉଥିଲା ହାଣି ।
ସାରା ଦୁନିଆକୁ ଜଣାଇବା ଲାଗି,
ଧନ—ଜନ—ମନ ଦେଲ ମଳି ।

ଯେଉଁ ଅତ୍ୟାଚାର ଭୋଗିଲ ଜୀବନେ,
ଦେଖି ନପାରିବେ କେହି ତା ସ୍ୱପନେ ।
ମୁହଁରେ କହିଲେ ହେବ ମହାପାପ,
ଭଲ, ତାକୁ ଯିବା ମନୁ ଭୁଲି ।

ଦେଖି ଶୁଣି ସବୁ ମୋର ଉତ୍କଳମଣି,
ଆରମ୍ଭିଲେ ଯୁଦ୍ଧ ଚଳାଇ ଲେଖନୀ ।
ବନ୍ଦୀଶାଳେ ତାଙ୍କୁ କନ୍ଦାଇଲ ତମେ,
ଲୁହାର କବାଟ ଗଲା ଖୋଲି ।

ସନ୍ତଚରଣ ବେହୁରା ରାଜଶକ୍ତି ବିରୁଦ୍ଧରେ ପ୍ରଜାଆନ୍ଦୋଳନ ଚଳାଇ ପୁଣି ସ୍ୱାଧୀନତା ଆନ୍ଦୋଳନରେ କନିକାର ଜଣେ ବିପ୍ଳବୀ ଭାବେ ବିପ୍ଳବର ବହ୍ନି ଜଳାଇ କେବଳ କନିକା ନୁହେଁ, ସମଗ୍ର ଓଡ଼ିଶାରେ ଯେଉଁ ଜାଗରଣ ସୃଷ୍ଟି କରିପାରିଥିଲେ କେବଳ କନିକା ଇତିହାସ ନୁହେଁ ଓଡ଼ିଶା ଇତିହାସରେ ଏହି ବିପ୍ଳବୀ ଜାଜ୍ଜ୍ୱଲ୍ୟମାନ ହୋଇ ରହିବେ ।

---

ଓଡ଼ିଶା ରାଜ୍ୟ ଅଭିଲେଖାଗାର,
ଭୁବନେଶ୍ୱର

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ଆନ୍ଦୋଳନ

ଡଃ ଦଣ୍ଡପାଣି ବେହେରା

ଊନବିଂଶ ଶତାବ୍ଦୀରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜାତୀୟ ଆନ୍ଦୋଳନର ସୂତ୍ରପାତ ହୋଇନଥିଲା । ଏପରିକି ୧୮୫୭ ସାଲରେ କେନ୍ଦ୍ର ଓ ପୂର୍ବ ଭାରତରେ ସଂଘଟିତ ସିପାହୀ ବିଦ୍ରୋହ ଅବା ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମର କୋରାପୁଟ ଜିଲ୍ଲାରେ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳିନଥିଲା । ଜୟପୁରର ରାଜା ବିକ୍ରମଦେବ ସେଥିପ୍ରତି ସମ୍ପୂର୍ଣ୍ଣ ନିରବ ଥିଲେ । ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ହୋଇଥିବା ବ୍ରିଟିଶ ବିରୋଧୀ ବିଦ୍ରୋହପ୍ରତି ମଧ୍ୟ ତାଙ୍କର ସମର୍ଥନ ନଥିଲା । ଏକ ସନ୍ଦେହଜନକ ଚିଠିରୁ ଜଣାଯାଏ ଯେ ବିକ୍ରମଦେବ ନିଜ କନ୍ୟାଙ୍କର ସୁରେନ୍ଦ୍ର ସାଏଙ୍କ ପୁତ୍ର ମିତ୍ରଭାନୁଙ୍କ ସହ ବିବାହ ପ୍ରସ୍ତାବ କରିଥିଲେ । ଯଦି ଏହି ବିବାହ ସମ୍ପନ୍ନ ହୋଇ ପାରିଥାନ୍ତା, ତାହାହେଲେ ଜୟପୁର ଓ ସମ୍ବଲପୁର ମଧ୍ୟରେ ମିତ୍ରତା ପ୍ରତିଷ୍ଠିତ ହୋଇଥାନ୍ତା ଓ ଘଟଣା ଚକ୍ରରେ ଉଭୟ ରାଜ୍ୟର ସିଂହାସନ ଜଣେ ରାଜାଙ୍କର ରାଜୁତିରେ ଏକତ୍ରିତ ହୋଇପାରନ୍ତା । ସୁରେନ୍ଦ୍ର ସାଏଙ୍କର ବିଦ୍ରୋହକୁ ସଫଳ କରିବା ନିମନ୍ତେ ବିକ୍ରମଦେବ ୫,୦୦୦ ସୈନ୍ୟ ସମ୍ବଲପୁର ପ୍ରେରଣ କରିବା ନିମନ୍ତେ ସେହି ପତ୍ରରେ ଉଲ୍ଲେଖ ଅଛି । ଜୟପୁର ରାଜଜେମା ଓ ମିତ୍ରଭାନୁଙ୍କର ବିବାହ ସମ୍ଭବପର ହୋଇପାରିନଥିଲା । ବଣେଇ ରାଜ୍ୟ ରାଜଜେମାଙ୍କୁ ମିତ୍ରଭାନୁ ବିବାହ କଲେ । ସେହି ପତ୍ରକୁ ବିକ୍ରମଦେବ ସୁରେନ୍ଦ୍ର ସାଏଙ୍କୁ ଲେଖିନାହାନ୍ତି ବୋଲି ସେ ସାର୍ ଜନ୍ କେମ୍ପେଲଙ୍କୁ ସାକ୍ଷାତକାରରେ କହିଥିଲେ । ସୁରେନ୍ଦ୍ର ସାଏଙ୍କର ବିଦ୍ରୋହ ୧୮୬୨ ସାଲଯାଏ ଅବ୍ୟାହତ ଥିଲା ।

କୋରାପୁଟର ଆଦିବାସୀମାନେ ଦୁର୍ଦ୍ଦାନ୍ତ ଓ ସ୍ୱାଧୀନଚେତା ଥିଲେ । ସେମାନେ ବିଦେଶୀ ଶାସନର ଘୋର ବିରୋଧୀ ଥିଲେ । ଏଣୁ ସେମାନେ ବେଳେ ବେଳେ, ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କରୁଥିଲେ । କିନ୍ତୁ ସେମାନଙ୍କର ବିଦ୍ରୋହକୁ କଠୋର ଭାବେ ବ୍ରିଟିଶ ଶାସକମାନେ ଦୃଢ଼ ହସ୍ତରେ ଦମନ କରୁଥିଲେ ।

ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱରେ ଆରମ୍ଭ ହୋଇଥିବା ଜାତୀୟ ସ୍ୱାଧୀନତା ସଂଗ୍ରାମର ପ୍ରତିଧ୍ୱନି ଜିଲ୍ଲାର ସର୍ବତ୍ର ନିନାଦିତ ହେଲା । ଯଦିଚ ଜାତୀୟ ଆନ୍ଦୋଳନର ପ୍ରଭାବ ପ୍ରାଥମିକ ଅବସ୍ଥାରେ ସୀମିତ୍ ଥିଲା । କିନ୍ତୁ ପରେ ପରେ ତାହା ବଣନିଆଁ ଭଳି ସମଗ୍ର ଜିଲ୍ଲାରେ ବ୍ୟାପିଗଲା ।

୧୯୨୯ ସାଲରେ କୋରାପୁଟ ଜିଲ୍ଲାରେ ଜାତୀୟ କଂଗ୍ରେସରେ ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେଲା । ଶୁହୁଁ ଶୁହୁଁ ସଭ୍ୟମାନଙ୍କର ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଇବାରେ ଲାଗିଲା । ତଦ୍ୱାରା ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଲା । ୧୯୩୦ ସାଲରେ ଲବଣ ସତ୍ୟାଗ୍ରହ ଅବା ଆଇନ୍ ଅମାନ୍ୟ ଆନ୍ଦୋଳନରେ ଅଂଶ ଗ୍ରହଣ କରିବା ନିମନ୍ତେ ସତ୍ୟାଗ୍ରହୀମାନଙ୍କୁ ନିଯୁକ୍ତ କରାଗଲା । ସତ୍ୟାଗ୍ରହୀଙ୍କୁ ବଛାବଛି କାର୍ଯ୍ୟରେ ନେତୃତ୍ୱ ନେଇଥିବା ହେତୁ ରାଧାକୃଷ୍ଣ ବିଶ୍ୱାସ ରାୟ, ରାଧା ମୋହନ ସାହୁ ଓ ସଦାଶିବ ତ୍ରିପାଠୀଙ୍କୁ ଗିରଫ କରାଯାଇ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଗଲା ।

କୋରାପୁଟ ଜିଲ୍ଲା ସମେତ ଛଅଟି ଜିଲ୍ଲାକୁ ନେଇ ୧୯୩୬ ସାଲରେ ଓଡ଼ିଆ ଭାଷା ଭିତ୍ତିରେ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା । ତତ୍ ସଙ୍ଗେ ସଙ୍ଗେ ଜାତୀୟ ଆନ୍ଦୋଳନର ପରିଚାଳନା ନିମନ୍ତେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ଗଠିତ ହେଲା । ୧୯୩୭ ସାଲରେ ଓଡ଼ିଶା ବିଧାନ ସଭା ପାଇଁ ନିର୍ବାଚନ ହେଲା । ସମସ୍ତ କଂଗ୍ରେସ ପ୍ରାର୍ଥୀ ବିପୁଳ ଭୋଟରେ ନିର୍ବାଚିତ ହେଲେ । ସେହି ପ୍ରାର୍ଥୀମାନେ ହେଲେ ସଦାଶିବ ତ୍ରିପାଠୀ, ରାଧାମୋହନ ସାହୁ ଓ ରାଧାକୃଷ୍ଣ ବିଶ୍ୱାସ ରାୟ । ଏହା ସହ ଜିଲ୍ଲାରେ କଂଗ୍ରେସର ଜନାଦୃତ ଓ ପ୍ରତିଷ୍ଠା ବହୁଗୁଣିତ ହେଲା ।

୧୯୩୮ ସାଲରେ ଗ୍ରାମାଞ୍ଚଳମାନଙ୍କରେ ସ୍ୱେଚ୍ଛାସେବୀମାନଙ୍କୁ ରଚନାତ୍ମକ କାର୍ଯ୍ୟ ଯଥା–ନିଶାନିବାରଣ, ଖଦି ବୟନ, କୁଟୀର ଶିଳ୍ପ, କୃଷି ଓ ସ୍ୱାସ୍ଥ୍ୟ ପରିମଳତା ରକ୍ଷାରେ ପ୍ରଶିକ୍ଷିତ କରିବା ନିମନ୍ତେ କଂଗ୍ରେସର ନେତୃତ୍ୱରେ ଶିବିରମାନ ସଙ୍ଗଠିତ ହେଲା । ଫଳରେ ଗ୍ରାମାଞ୍ଚଳରେ ବହୁ ରାସ୍ତାଘାଟ କୂଅ, ପୋଖରୀ ଓ ଜଳାଶ୍ରୟମାନ ନିର୍ମିତ ହେଲା । କଂଗ୍ରେସ ନେତା ଓ କର୍ମୀମାନଙ୍କ ପ୍ରତି ଲୋକମାନଙ୍କର ଆଦର ଓ ସମ୍ମାନ ବଢ଼ିଲା । ୧୯୩୮–୩୯ ସାଲରେ କଂଗ୍ରେସର ସଭ୍ୟ ସଂଖ୍ୟା ୫୬,୦୦୦କୁ ବୃଦ୍ଧି ପାଇଲା ।

୧୯୩୯ ସାଲରେ ଦ୍ୱିତୀୟ ବିଶ୍ୱ ସମର ପ୍ରାରମ୍ଭରେ କଂଗ୍ରେସ ବିଧାୟକମାନେ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କର ନିର୍ଦ୍ଦେଶରେ ବିଧାନସଭା ସଭ୍ୟପଦରୁ ଇସ୍ତଫା ଦେଲେ । ୧୯୪୦ ମସିହାରେ ସମସ୍ତେ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନରେ ସାମିଲ ହେଲେ । ସେମାନଙ୍କୁ ଗିରଫ କରାଯାଇ ଜେଲ୍ ଦଣ୍ଡରେ ଦଣ୍ଡିତ କରାଗଲା ।

୧୯୪୨ର ଭାରତଛାଡ଼ ଆନ୍ଦୋଳନ କୋରାପୁଟ୍ ଜିଲ୍ଲାରେ ବ୍ୟାପକ ହୋଇଥିଲା । ଅଗଷ୍ଟ ୨ ତାରିଖ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀମାନେ ଜୟପୁରଠାରେ ଏକ ମିଳିତ ବୈଠକରେ

ଏକଜିତ ହୋଇ ସ୍ୱାଧୀନତା ଆନ୍ଦୋଳନକୁ ଜିଲ୍ଲାରେ ଅଧିକ ଶକ୍ତିଶାଳୀ କରିବା ପାଇଁ ନିଷ୍ପତ୍ତି ନେଲେ । ଫଳତଃ ଜାତୀୟ କଂଗ୍ରେସକୁ ସରକାର ବେଆଇନ ଘୋଷଣା କଲେ । ସବୁ ସବୁ ନେତାଙ୍କୁ ଗିରଫକରି କୋରାପୁଟ ଜେଲରେ ଅଟକ ରଖାଗଲା । ନେତାମାନଙ୍କର ଅନୁପସ୍ଥିତିରେ ଅଗଷ୍ଟ ଆନ୍ଦୋଳନ କେତେ ସମୟ ପାଇଁ ଦିଗହରା ହୋଇ ପଡ଼ିଲା । ତଥାପି କଂଗ୍ରେସ କର୍ମୀ ଓ ସତ୍ୟାଗ୍ରହୀମାନେ ସ୍କୁଲ, ଦପ୍ତର ଓ ମଦ ଦୋକାନ ସମ୍ମୁଖରେ ବୈଠକୀ ଧାରଣା ସ୍ଥିର ରଖିଲେ । ପ୍ରତ୍ୟେକ କାଠ ଅବା ଜିନିଷ ବୋହି ପାଇଁ ଏକ ପଇସା କର ସରକାରଙ୍କୁ ଦେବା ବ୍ୟବସ୍ଥାକୁ ବନ୍ଦ କରିଦିଆଗଲା । ଲକ୍ଷ୍ମୀପୁର, ମାଥିଲି ଓ ଦଶମନ୍ତପୁରରେ ଥିବା ପୋଲିସ ଥାନା ଉପରେ ଚଢ଼ାଉ କରାଯାଇ ଜିଲ୍ଲାର ସର୍ବତ୍ର ଏକ ପ୍ରକାରର ଅରାଜକତାର ପରିବେଶ ସୃଷ୍ଟି କରାଗଲା । ଏହି ଅବସ୍ଥା ସୁଧାରିବା ନିମନ୍ତେ ସରକାର ବହୁ ଦମନମୂଳକ ପଦକ୍ଷେପ ଗ୍ରହଣ କଲେ । ଗୁଳିଲା ଗିରଫ ଦାରୀ, ଅଟକ, ଜେଲ୍‌ଦଣ୍ଡ, ଲାଠି ପ୍ରହାର ଓ ଗୁଳିଗୁଳନା । ୧୯୪୨ ଅଗଷ୍ଟ ୨୧ ତାରିଖରେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ମାଲକାନଗିରି ସବ୍‌ଡିଭିଜନ୍‌ରେ ଥିବା ତେନ୍ତୁଳିଗୁମ୍ମାଠାରେ ଦୁଇହଜାର ଲୋକଙ୍କର ସମାଗମ ହୋଇଥିଲା । ଏହି ଜନ ସମାଗମ କ୍ରମଶଃ ସମୀପସ୍ଥ ମାଥିଲୀର ହାଟ ସ୍ଥାନକୁ ସ୍ଥାନାନ୍ତରିତ ହେଲା । ଲକ୍ଷ୍ମଣ ନାୟକ ସେହି ସମାବେଶକୁ ଉଦ୍‌ବୋଧନ ଦେଇ ରାଜାଙ୍କ ବଦଳରେ ପ୍ରଜାମାନଙ୍କର ସରକାର ଗଢ଼ିବା ନିମନ୍ତେ ନିବେଦନ କଲେ । ବ୍ରିଟିଶ ସରକାରଙ୍କୁ ସମ୍ପୂର୍ଣ୍ଣ ଅସହଯୋଗ କରିବା ନିମନ୍ତେ ଲୋକମାନଙ୍କୁ ସେ ଆହ୍ୱାନ ଦେଲେ । ପୋଲିସ୍ ତାଙ୍କୁ ଗିରଫ କରି ୨ ମାଇଲ୍ ଦୂରରେ ଥିବା ପୋଲିସ୍ ଥାନାକୁ ନେଇ ସେଠାରେ ଅଟକ ରଖିଲେ । ଲୋକମାନେ ହାଟପଦାରୁ ଧୀରେ ଧୀରେ ପୋଲିସ ଥାନା ଅଭିମୁଖେ ଯାଇ ଥାନାକୁ ଚତୁପାର୍ଶ୍ୱରେ ଅବରୋଧ କଲେ । ଯଦି ଲକ୍ଷ୍ମଣ ନାୟକଙ୍କୁ ଥାନାରୁ ଛାଡ଼ିଦିଆଯିବ ତେବେ ସେମାନେ ସେଠାରୁ ହଟିଯିବେ ବୋଲି ଜିଦ୍ କଲେ । ଅନ୍ୟ କୌଣସି ଉପାୟ ନଦେଖି ଲୋକମାନଙ୍କୁ ସେଠାରୁ ତଡ଼ିବା ଉଦ୍ଦେଶ୍ୟରେ ପୋଲିସ୍ ଶେଷରେ ଲାଠି ପ୍ରହାର ଓ ଗୁଳି ଗୁଳନା କଲେ । ତତ୍‌କ୍ଷଣାତ୍ ସେଠାରେ ଛଅଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲା ଓ ସହସ୍ରାଧିକ ଲୋକ ଆହତ ହେଲେ । ତାହାଥିଲା, ଏକ ଅତ୍ୟନ୍ତ ନାରକୀୟ ଦୃଶ୍ୟ । ୧୯୪୨ ଅଗଷ୍ଟ ୨୪ରେ ଏକ ବିଶାଳ ଶୋଭାଯାତ୍ରା ମାଥଲୀ ଦେବୁର୍ଗା ଅଭିମୁଖେ ଯାତ୍ରା କଲା । ସେଠାରେ ପହଞ୍ଚିଲା ପରେ ଅଗଷ୍ଟ ବିପ୍ଳବର ପରବର୍ତ୍ତୀ କାର୍ଯ୍ୟକ୍ରମ ଏକ ଜନସଭାରେ ନିଆଯିବ । ଏହି ଉଦ୍ଦେଶ୍ୟ ନେଇ ଶୋଭାଯାତ୍ରା କ୍ରମଶଃ ଅଗ୍ରସର ହେଲା । ସେମାନେ ଯେତେବେଳେ ରାସ୍ତାରେ ପାପଡ଼ାହାଣ୍ଡି ନଦୀ ପୋଲ ମଧ୍ୟସ୍ଥ ହେଲେ, ଅକସ୍ମାତ ସେଠାରେ ପୋଲିସ ଲାଠି ଓ ବନ୍ଧୁକ ଦ୍ୱାରା ସେମାନଙ୍କ ଉପରେ ସମ୍ମୁଖ ଭାଗରୁ ଆକ୍ରମଣ କରିଦେଲେ । ସେତେବେଳେ ପାପଡ଼ାହାଣ୍ଡି ନଦୀ ପ୍ରବଳ ବନ୍ୟା ଜଳରେ ଉଚ୍ଛୁଳୁଥାଏ । ଉପାୟ ଶୂନ୍ୟ ହୋଇ ପୋଲ ଉପରେ ଲୋକମାନେ ନଦୀଗର୍ଭକୁ ପ୍ରାଣ ବିକଳରେ ଡେଇଁ ପଡ଼ିଲେ । ପୋଲିସ୍ ଗୁଳିଗୁଳନାରେ ତତ୍‌କ୍ଷଣାତ୍ ଘଟଣା ସ୍ଥଳରେ ୧୯ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେଲା । ଶହେରୁ ଊର୍ଦ୍ଧ୍ୱ ଲୋକ ଆହତ ହେଲେ ଓ ୧୪୦ ବ୍ୟକ୍ତି ଗିରଫ ହୋଇ ଅଦାଲତକୁ ଚାଲାଣ ହେଲେ ।

ଲକ୍ଷ୍ମଣ ନାୟକଙ୍କୁ ଓ ତାଙ୍କର ୫୩ ଜଣ ସହଯୋଗୀଙ୍କୁ ଜଙ୍ଗଲ ବିଭାଗର ଜଣେ ଗାର୍ଡ଼କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରାଗଲା । ଅଦାଲତର ରାୟରେ ସେ ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା । ଲକ୍ଷ୍ମଣ ନାୟକଙ୍କୁ ଫାସୀ ଦଣ୍ଡରେ ଏବଂ ଅନ୍ୟମାନଙ୍କୁ ଆଜୀବନ କାରାଦଣ୍ଡ ଓ ଆଜୀବନ ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ କରାଗଲା । ୧୯୪୩ ଅଗଷ୍ଟ ୨୯ରେ ବ୍ରହ୍ମପୁର କେନ୍ଦ୍ର ଜେଲ୍‌ରେ ଲକ୍ଷ୍ମଣ ନାୟକଙ୍କୁ ଫାସୀ ଦିଆଗଲା । କେବଳ ଦଶଜଣ ଆସାମୀଙ୍କୁ ପ୍ରମାଣ ଅଭାବରୁ ଖଲାସ୍ କରି ଦିଆଗଲା । ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଅମର ସ୍ମୃତିରକ୍ଷା ଉପଲକ୍ଷେ ଜୟପୁରଠାରେ ଏକ ସ୍ମୃତି ସୌଧ ଓ ବ୍ରହ୍ମପୁର ଜେଲ୍ ସମୀପରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଅଛି ।

ଅଗଷ୍ଟ ବିପ୍ଳବରେ ଗିରଫ ହୋଇଥିବା ସତ୍ୟାଗ୍ରହୀମାନଙ୍କୁ ବହୁସଂଖ୍ୟାରେ କୋରାପୁଟ ଜେଲ୍‌ରେ ରଖାଗଲା । ସେଠାରେ କେବଳ ୨୫୦ ଜଣ ବନ୍ଦୀଙ୍କୁ ରଖାଯିବାର ବ୍ୟବସ୍ଥାଥିଲା । କିନ୍ତୁ ୭୦୦ରୁ ୮୦୦ ରାଜନୈତିକ ବନ୍ଦୀଙ୍କୁ ସେଥି ମଧ୍ୟରେ ଗୁନ୍ଦି ରଖିବା ଅସମ୍ଭବ ହେଲେବି ସେମାନଙ୍କୁ ସେଠାରେ ରଖାଯାଇଥିଲା । ଖୁନ୍ଦାଖୁନ୍ଦି ଓ ଠେଲାପେଲାରେ ରହିବା ଫଳରେ ପଚାଶ ଜଣ ବ୍ୟକ୍ତି ଶ୍ୱାସରୁଦ୍ଧ ହୋଇ ସେଠାରେ ମୃତ୍ୟୁବରଣ କଲେ ।

କୋରାପୁଟରେ ଅଗଷ୍ଟ ବିପ୍ଳବରେ ପୋଲିସ୍ ଲାଠି ମାଡ଼ରେ ୨୦ ଜଣ ବ୍ୟକ୍ତି ଓ ୪ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିଲା । ୩୨ ଜଣ ବ୍ୟକ୍ତି ଆଜୀବନ ଦ୍ୱୀପାନ୍ତର ଦଣ୍ଡ ଭୋଗକଲେ । ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଫାସୀ ଖୁଣ୍ଟରେ ଝୁଲାଇ ଦିଆଗଲା । ୯,୩୬୧ ଟଙ୍କା ଜୋରିମାନା ଭାବେ ଅଗଷ୍ଟ ବିପ୍ଳବୀମାନଙ୍କଠାରୁ ଆଦାୟ କରାଗଲା ରକ୍ତ ଓ ଲୁହ ଦାନକରି ରକ୍ତସ୍ନାତ କୋରାପୁଟ ଏହି ବିପ୍ଳବକୁ ଅସଲ ରଙ୍ଗ ଓ ରୂପ ଦାନ କରିଥିଲା । ସ୍ୱାଧୀନତା ପ୍ରାପ୍ତିପରେ ୧୦୬ ଜଣ ସ୍ୱାଧୀନତା ସଂଗ୍ରାମୀ ମାସିକ ଦଶଟଙ୍କାରୁ ପଚିଶି ଟଙ୍କା ଯାଏଁ ଭତ୍ତା ପାଇଲେ ।

କୋରାପୁଟ ଜିଲ୍ଲା ଜାତୀୟ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ଯେଉଁ ଗୌରବମୟ ଭୂମିକା ଗ୍ରହଣ କରିଥିଲା, ତାହା ଚିରଦିନ ପାଇଁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

---

**ହିଲପାଟଣା,**
**ବ୍ରହ୍ମପୁର–୫, ଗଞ୍ଜାମ**

# ଦେଶପ୍ରାଣ ମଧୁସୂଦନ

ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

କଟକ ଜିଲ୍ଲା ସତ୍ୟଭାମାପୁର ଗ୍ରାମରେ ୧୮୪୮  ପ୍ରିଲ ୨୮ ତାରିଖରେ ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀଙ୍କର କୋଳ ଓ କୁଳ ମଣ୍ଡନ କଲେ ମଧୁସୂଦନ । ତାଙ୍କର ପରିବାର ଥିଲା ରକ୍ଷଣଶୀଳ । ଜେଜେ ଚୌଧୁରୀ ସୁଦର୍ଶନ ଦାସଙ୍କ ଚିତାରେ ଜେଜେ ମା' କୁଞ୍ଜା ଦେଇ ସତୀ ହୋଇ ପୋଡ଼ି ମରିଥିଲେ । ପିଲାଟି ଦିନୁ ପରି ଚିନ୍ତା ମଧୁସୂଦନଙ୍କ ମନକୁ ଘାରିଥିଲା । ତେଣୁ ଧର୍ମାନ୍ଧ କାର୍ଯ୍ୟକଳାପର ବିରୋଧ କରିବା ଭାବନାଟି ତାଙ୍କ ମନରେ ବାଲ୍ୟକାଳରୁ ଅଙ୍କୁରିତ ହୋଇଥିଲା ।



ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମଧୁସୂଦନ ଅର୍ଥାଭାବରୁ ଉଚ୍ଚ ଶିକ୍ଷାଲାଭରୁ ବଞ୍ଚିତ ହୋଇ ବାଲେଶ୍ୱର ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ହେଲେ । କିଛି ଦିନ ପରେ ଚାନ୍ଦବାଲି ବନ୍ଦରରୁ ଷ୍ଟିମରରେ କଲିକତା ଯାଇ ଜେଃ ପିଃ ଅଷ୍ଟିଲଙ୍କ ସାହାଯ୍ୟ ପାଇ ଭବାନୀପୁର ଲଣ୍ଡନ ମିସନ୍ ସୋସାଇଟି କଲେଜରେ ପାଠ ପଢ଼ିଲେ । ହିନ୍ଦୁଧର୍ମର କୁସଂସ୍କାର ପ୍ରତି ତାଙ୍କ ମନରେ ବିତୃଷ୍ଣା ଥିବାରୁ ଥିରେ ସଂସ୍କାର ଆଣିବା ପାଇଁ ଆଗ୍ରହୀ ଥିଲେ । ଖ୍ରୀଷ୍ଟିଆନ୍‌ମାନଙ୍କ ମେଳରେ ରହି ଯୀଶୁଙ୍କର କ୍ରୁଶବିଦ୍ଧ ହେବା ପୂର୍ବରୁ ଅନ୍ତିମବାଣୀ "(  ହତଭାଗ୍ୟମାନେ ମୋତେ ବଧ କରିବାକୁ ବଧ ଭୂମିକୁ ଆଣିଛନ୍ତି, ମାତ୍ର ମୋତେ ବଧ କରି  ମାନେ ଯେ କି ପାପ ଅର୍ଜିବେ, ସେକଥା ସେମାନେ ଜାଣନ୍ତି ନାହିଁ" ତାଙ୍କ ମନରେ ଗଭୀର ରେଖାପାତ କରିବାରୁ ସେ ସେହିଧର୍ମ ପ୍ରତି ଆକୃଷ୍ଟ ହୋଇ ଶେଷରେ ତାକୁ ଗ୍ରହଣ କଲେ । ପୁତ୍ରର ପରି ଧର୍ମାନ୍ତର ଗ୍ରହଣରେ କମ୍ପିତ ହୋଇ ପିତା ରଘୁନାଥ ତାଙ୍କୁ ତ୍ୟାଜ୍ୟପୁତ୍ର କଲେ । କଲିକତାରେ ଟିଉସନ୍ କରି ପାଠ ପଢ଼ିବା ସମୟରେ ସୌଦାମିନୀ ନାମକ ରୂପସୀ ବଙ୍ଗୀୟ ତରୁଣୀଙ୍କୁ ବିବାହ କଲେ ।

୧୮୭୩ରେ ଇଂରାଜୀରେ ମ୍ଃ ଃ ଓ ପରେ ଓକିଲାତି ପାଶ୍ କରି ଓକିଲ ହେଲେ । ୧୮୭୮ରେ ପତ୍ନୀଙ୍କର ହୃଦ୍‌ରୋଗରେ ମୃତ୍ୟୁ ହେବା ପରେ ୧୮୮୧ରେ ମଧୁସୂଦନ କଟକ ଫେରି ଦେଶ ଓ ଜାତିର ସେବାରେ ନିଜକୁ ନିୟୋଜିତ କଲେ ।

ଓଡ଼ିଶାର ପ୍ରଥମ ଓଡ଼ିଆ ଓକିଲ ଥିବାରୁ ଅଣଓଡ଼ିଆ ଓକିଲମାନେ ତାଙ୍କୁ ଦବାଇଦେବାକୁ ଉଦ୍ୟମ କରୁଥିଲେ । ଖ୍ରୀଷ୍ଟାନ ବୋଲି ବ୍ରାହ୍ମଣ ଓ ହିନ୍ଦୁଧର୍ମଧ୍ୱଜୀମାନେ ନାକ ଟେକିଥିଲେ । ପିତା ତ୍ୟାଜ୍ୟପୁତ୍ର କରିଥିବାରୁ ପୈତୃକ ଗୃହକୁ ପ୍ରବେଶ ନିଷିଦ୍ଧ ଥିଲା । ଆପଣାର ଗୃହ, ପରିବାର, ସମାଜ ଓ ସହକର୍ମୀମାନଙ୍କ ଘୃଣା ଓ ଅସହଯୋଗ ଯୋଗୁଁ ସେ ଭାଙ୍ଗି ପଡ଼ିନ ଥିଲେ ବରଂ ବୁଦ୍ଧିର ବିଚକ୍ଷଣତା, ଅସାଧାରଣ ବାଗ୍ମିତା, ସ୍ୱାଭିମାନ, ଅସହାୟକୁ ସହାୟତା ଓ ଉଦାରତା ପ୍ରଦର୍ଶନ କରି ଈର୍ଷା, ହିଂସା, ଦ୍ୱେଷ ଓ ପରଶ୍ରୀକାତରତାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆପଣାର କରି ପାରିଥିଲେ । ସେ ହିନ୍ଦୁଧର୍ମ ତ୍ୟାଗକରି ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିବା ଯୋଗୁଁ ଯେଉଁ ହିନ୍ଦୁମାନେ ତାଙ୍କର ନିନ୍ଦା କରିଥିଲେ, ସେହି ହିନ୍ଦୁମାନଙ୍କର ଆରାଧ୍ୟ ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଖ୍ରୀଷ୍ଟଧର୍ମୀ ବ୍ରିଟିଶ୍ ସରକାର ହାତରୁ ମୁକ୍ତ କରିବା ପାଇଁ ସେ ଆପଣା ହାତରୁ ଅର୍ଥ ବ୍ୟୟକରି ଓ ନିଜେ ମକଦ୍ଦମା ଲଢ଼ି ସଫଳକାମ ହୋଇଥିଲେ ।

ମଧୁସୂଦନ ଓଡ଼ିଶାକୁ ଫେରିବାବେଳକୁ 'ଉତ୍କଳଦୀପିକା'ର ସମ୍ପାଦକ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ସାଧାରଣ କ୍ଷେତ୍ରରେ ଓଡ଼ିଶାର ଉନ୍ନତିପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ମଧୁସୂଦନ ତାଙ୍କ ସଙ୍ଗେ ମିଶି ସ୍ଥାପନ କଲେ "ଓଡ଼ିଆ ଆସୋସିଏସନ୍" ବା ଉତ୍କଳସଭା ।

ଉତ୍କଳ ଜନନୀ ଥିଲେ ଶାସ୍ତ୍ରବିଶସ୍ତିତା, ଛିନ୍ନମସ୍ତା । ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ ପ୍ରେସିଡେନ୍‌ସି ମଧ୍ୟରେ ଥିବାରୁ ଓଡ଼ିଆମାନେ ଶିକ୍ଷା କ୍ଷେତ୍ରରେ ଅବହେଳିତ ଥିଲେ । କୋର୍ଟ କଚେରୀରେ ଆପଣାର ଦୁଃଖ ଜଣାଇବା ନିମନ୍ତେ ସୁବିଧା ପାଉନଥିଲେ । ତେଲୁଗୁ, ତାମିଲ, ମାଲୟାଲି ଭାଷୀମାନେ ଯେଉଁ ସୁବିଧା ପାଉଥିଲେ, ଓଡ଼ିଆମାନେ ତହିଁରୁ ବଞ୍ଚିତ ଥିଲେ ।

୧୮୬୬ର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ବ୍ରିଟିଶ୍ ସରକାରଙ୍କର ଓଡ଼ିଆ ଜାତିପ୍ରତି ଦୃଷ୍ଟି ପଡ଼ିଲା । ଗମନାଗମନ ପଥର ବନ୍ଦୋବସ୍ତ ନିମନ୍ତେ ରେଳପଥ, କୃଷି ପାଇଁ ଜଳସେଚନ ସୁବିଧା, ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହେଲା ।

୧୮୬୭ ମେ ମାସ ୨୦ ତାରିଖରେ 'ଉତ୍କଳ ଭାଷୋଦ୍ଦୀପନୀ' ସଭାର ଶୁଭାରମ୍ଭ ହୋଇଥିଲା । ସଭାପତିତ୍ୱ କରିଥିଲେ 'କାଞ୍ଚିକାବେରୀ'ର କବି ରଙ୍ଗଲାଲ ବନ୍ଦୋପାଧ୍ୟାୟ । କର୍ମଯୋଗୀ ଗୌରୀଶଙ୍କର, ପ୍ୟାରୀମୋହନ ସେନ ଆଦି ଏଥିରେ ଯୋଗ ଦେଇଥିଲେ । ପ୍ରସ୍ତାବ ହେଲା (୧) ଉତ୍କଳ ଭାଷାର ପ୍ରାଚୀନଗ୍ରନ୍ଥ ସମୁଦାୟ ଯଥାକ୍ରମେ ଶ୍ରେଣୀବଦ୍ଧ ନିୟମରେ ମୁଦ୍ରିତ ଓ ପ୍ରଚ୍ଛରିତ କରାଇବା । (୨) ସରକାରୀ ମହକୁମାରେ ଭାଷା ସଂଶୋଧନ ନିମିତ୍ତ ଯେଉଁମାନେ ଉତ୍କଳଭାଷା ଖୁବ୍ ରୂପେ ଲେଖି ପଢ଼ି ପାରନ୍ତି କେବଳ ସେହିମାନଙ୍କୁ ଅମଲା ରୂପେ ନିଯୁକ୍ତି କରିବା ବିଷୟରେ ଉପାୟ ଉଦ୍ଭାବନ କରିବା । (୩) ଏ ସଭାରେ କେବଳ କଟକ ନୁହେଁ, ପୁରୀ ଓ ବାଲେଶ୍ୱରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରିବା ।

ଏହି ସମୟରେ ବଙ୍ଗୀୟମାନେ ଓଡ଼ିଆଭାଷା ବିଲୋପ ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲେ । ୧୮୬୮ରେ 'କଟକ ଡିବେଟିଂକ୍ଲବ୍'ରେ ରାଜେନ୍ଦ୍ରଲାଲ ମିତ୍ର ଭାଷଣ ଦେଲେ ଯେ ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ହେବେ ସେ ସର୍ବାଗ୍ରେ ଉତ୍କଳଭାଷା ଉଠାଇଦେଇ ବଙ୍ଗଭାଷା ପ୍ରଚଳନ କରିବେ । ଉତ୍କଳ ଦୀପିକା ଏ ସମ୍ବାଦ ପ୍ରକାଶ କରି ଅଭିମତ ଦେଇଥିଲେ "ଓଡ଼ିଆମାନେ ତିନି ସରକାର ଅଧୀନରେ ଅଛନ୍ତି । ଉତ୍କଳ ଭାଷା ତିନିଫେଡ଼ିଆ କାକୁଡ଼ିବାଡ଼ି ପ୍ରାୟ ହୁଡ଼ାକୁ କ୍ଷତିଗ୍ରସ୍ତ ହେଉଛି ।"

୧୮୭୦ରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଏକ ବଙ୍ଗୀୟ ଶିକ୍ଷକ ବାଲେଶ୍ୱରରେ ଓଡ଼ିଆ ସ୍କୁଲରେ ପଢ଼ାଇବାକୁ ଆସିଲେ । ଏକ ନୂଆ ଭାଷା ଶିକ୍ଷାକରି ପଢ଼ାଇବାରେ ଅପାରଗ ହୋଇଥିବାରୁ ସେ ସ୍କୁଲରୁ ଓଡ଼ିଆ ଭାଷା ଉଠାଇଦେବାକୁ ଜନମତ ସୃଷ୍ଟି କରିବାପାଇଁ "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ" ନାମକ ପୁସ୍ତିକା ଲେଖି ପ୍ରଚାର କଲେ । ୨୭-୨-୧୮୭୦ରେ ପ୍ରକାଶିତ ଉତ୍କଳ ଦୀପିକା ସଂଖ୍ୟାରେ ଏ ପୁସ୍ତିକାର ପ୍ରାପ୍ତି ସ୍ୱୀକାର ସହ ତୀବ୍ର ସମାଲୋଚନା କରାଯାଇଥିଲା ।

୧୮୭୦ ସେପ୍ଟେମ୍ବର ମାସରେ ଘୁମୁସର ତାଲୁକର ରସୁଲକୋଣ୍ଡା (ଭଞ୍ଜନଗର)ଠାରେ ଓଡ଼ିଆମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଥିବା ବିଷୟ ୨୦-୧୦-୧୮୭୦ ଉତ୍କଳ ଦୀପିକାରେ ପ୍ରକାଶ ପାଇଥିଲା । ତହିଁରେ ପ୍ରସ୍ତାବ ଗୃହୀତ ହୋଇଥିଲା, "ଏ ଦେଶ କଚେରୀ ଆଦିରେ ତେଲିଙ୍ଗି ବିଦ୍ୟା ପ୍ରଚାର ହେବା'ରୁ କ୍ରମେ କ୍ରମେ ଏ ଦେଶ ଲୋକଙ୍କର ଶ୍ରୀ ଚ୍ୟୁତ ହୋଇ ଯଶଃ, ଶ୍ରୀ, ବିଦ୍ୟା, ବୁଦ୍ଧି ଲୋପ ହେବାର ପ୍ରତ୍ୟକ୍ଷ ସରକାରରୁ ନ୍ୟାୟ ଲଭିବାର ଦସ୍ତୁର ହୋଇଛି ।"

ୟୁରୋପୀୟ ହାକିମମାନେ ତେଲେଙ୍ଗୀ ଅମଲାମାନଙ୍କ ଦ୍ୱାରା ବଶୀଭୂତ ହୋଇ ତାଙ୍କରି ଭାଷାରେ ତାଙ୍କ ପରାମର୍ଶରେ କାମ କରୁଥିବାରୁ ଓଡ଼ିଆମାନେ ହାକିମମାନଙ୍କୁ ଡରି ଆପଣାର ଦୁଃଖ ହାଲ କିଛି କହି ପାରୁନାହାନ୍ତି । ମାମଲା ମକଦ୍ଦମା ବିସ୍ତାର ସମୟରେ ସେହି ତେଲଙ୍ଗୀ ଭାଷାରେ କଥୋପକଥନ ହେଉଥିବାରୁ ଉଚିତ ଜବାବ ସୱାଲ ବୁଝି ପାରୁ ନ ଥିବାରୁ ଓଡ଼ିଆମାନେ ନ୍ୟାୟ ଲଭି ପାରୁନାହାନ୍ତି ।

"ଏ ଦେଶ ଲୋକଙ୍କୁ ଉଦ୍ଧାର କରି ଶାସ୍ତ୍ରାନୁସାରେ ଉତ୍କଳ ଦେଶ ସମଗ୍ର ଏକତ୍ର ହୋଇ ଓଡ଼ିଶା ଜିଲ୍ଲାରେ ରହିବା ଓ ସର୍ବତ୍ର ଉତ୍କଳ ଦେଶର ଅଦାଲତରେ ଉତ୍କଳ ବିଦ୍ୟା ପ୍ରଚଳନ ନିମନ୍ତେ ଭାରତବର୍ଷର ଶ୍ରୀଯୁକ୍ତ ରାଇଟ୍ ଅନ୍‌ରେବ୍‌ଲ ଗଭର୍ଣ୍ଣର ଜେନେରାଲ ମହୋଦୟଙ୍କ ହଜୁରରୁ ହୁକୁମ ହେବା କାରଣ କଟକ ଜିଲ୍ଲା ଉତ୍କଳ ଦେଶୀୟ ମହାଶୟମାନେ ଯଥୋଚିତ ତଦ୍‌ବିର କରି ଚିରସ୍ଥାୟୀ କୀର୍ତ୍ତି ରଖିବାର ଯଶଃ ପ୍ରକାଶ କରନ୍ତୁ । ଏହା ଥିଲା ଦକ୍ଷିଣ ଓଡ଼ିଶାରେ ଜାଗରଣର ଆଦ୍ୟ ଉଦ୍ୟମ ।

୧୮୭୩ ଜୁଲାଇ ୨୯ ତାରିଖରେ ବ୍ରହ୍ମପୁର ଜିଲ୍ଲା ପାଠଶାଳାରେ ମିଷ୍ଟର ଉଇଲିୟମ୍ ମହାନ୍ତି ଓ କଟିଙ୍ଗୀ ରାଜା ଶ୍ରୀ ଭେଙ୍କଟେଶ୍ୱ ଦେଓଙ୍କ ଉଦ୍ୟମରେ ଗଠିତ ହେଲା 'ଉତ୍କଳ ହିତବାଦିନୀ ସଭା' । ମାନ୍ଦ୍ରାଜ ପ୍ରଦେଶର ଆୟବ୍ୟୟ ହିସାବ 'ନେଇ ଇଂଲଣ୍ଡ ଯାଉଥିବା ଅଫିସର କାଳୀପଦ ବନ୍ଦୋପାଧ୍ୟାୟଙ୍କ ହାତରେ ସେହି ୧୮୭୩ ସେପ୍ଟେମ୍ବର ୭ ତାରିଖରେ ଏହି ଅନୁଷ୍ଠାନ ପକ୍ଷରୁ ପ୍ରଦତ୍ତ ଦାବୀପତ୍ର ମାଧ୍ୟମରେ ଚାରିଗୋଟି ପ୍ରସ୍ତାବ ପଠାହେଲା । ପ୍ରସ୍ତାବଗୁଡ଼ିକ ହେଲା, (୧) ଓଡ଼ିଆ ଲିପିରେ ସରକାରଙ୍କୁ ଦରଖାସ୍ତ ଦେବାପାଇଁ ଅନୁମତି ଦିଆଯାଉ, (୨) ଓଡ଼ିଆରେ ରେକର୍ଡ଼ପତ୍ର ରଖାଯାଉ, (୩) ଓଡ଼ିଆରେ ଉପାଧି ପରୀକ୍ଷା କରାଯାଉ, (୪) ପ୍ରତ୍ୟେକ ସ୍କୁଲ୍‌ରେ ଓଡ଼ିଆ କ୍ଲାସ୍ ଖୋଲାଯାଉ ।

୧୮୭୬ରେ ନଅଙ୍କର ଦଶବର୍ଷ ପରେ ବାଲେଶ୍ୱରର ଜମିଦାର ରାଜା ଶ୍ୟାମାନନ୍ଦ ଦେ ଓ ଆଦିନେତା ବିଚିତ୍ରାନନ୍ଦ ଦାସ ଆଦି ନେତୃବର୍ଗ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ ।

୧୮୭୭ ଜାନୁଆରୀ ୫ ତାରିଖରେ ବ୍ରହ୍ମପୁରରେ ଉଇଲିଅମ୍ ମହାନ୍ତିଙ୍କ ପ୍ରତିଷ୍ଠିତ ଛାପାଖାନାରୁ 'ସ୍ୱଦେଶୀ' ଓ ପାକ୍ଷିକ 'ବାର୍ତ୍ତାଲହରୀ' ପ୍ରକାଶ ପାଇବା ଦ୍ୱାରା ଓଡ଼ିଆ ଆନ୍ଦୋଳନ ତୀବ୍ରତର ହେଲା ।

୧୮୮୨ରେ ମଧୁସୂଦନଙ୍କ କଟକରେ ଓଡ଼ିଆ ଆସୋସିଏସନ୍ ଗଠିତ ହେବା ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ଓ ଉତ୍ତର ଓଡ଼ିଶାର ବାଲେଶ୍ୱରଠାରେ ଓଡ଼ିଆ ଆନ୍ଦୋଳନ କେବଳ ପ୍ରସ୍ତାବ ମଧ୍ୟରେ ସୀମିତ ଥିଲା । ମାତ୍ର ମଧୁସୂଦନଙ୍କ ନେତୃତ୍ୱ ଆନ୍ଦୋଳନର କେନ୍ଦ୍ରବିନ୍ଦୁ ହୋଇଉଠିଲା ।

୧୮୮୫ରେ 'ଉତ୍କଳ ହିତୈଷିଣୀ ସମାଜ' ନାମକ ଅନୁଷ୍ଠାନ ଶ୍ୟାମସୁନ୍ଦର ରାଜଗୁରୁଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ହେଲା ଓ "Ganjam News" ନାମକ ଇଂରେଜୀରେ ଏକ ପତ୍ରିକା ପ୍ରକାଶ ପାଇବାରୁ ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ସରକାରଙ୍କୁ ପ୍ରତ୍ୟକ୍ଷଭାବେ ଅବହିତ କରାଗଲା ।

୧୮୮୬ରେ 'ଉତ୍କଳ ହିତୈଷିଣୀ ସମାଜ' ପକ୍ଷରୁ ଏକ ଲକ୍ଷ ସ୍ୱାକ୍ଷର ସଂଗ୍ରହ କରାଯାଇ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଦିଆଗଲା । ଏହି ଆନ୍ଦୋଳନ ଫଳରେ ୧୮୯୦ରେ ମାନ୍ଦ୍ରାଜ ସରକାର ଗଞ୍ଜାମର ସରକାରୀ ଅଫିସ ଓ କଚେରୀରେ ଓଡ଼ିଆଭାଷା ପ୍ରଚଳନ ପାଇଁ ଆଦେଶ ଦେଲେ ।

୧୮୯୫ ଜାନୁଆରୀ ୧୫ ତାରିଖରେ ମଧ୍ୟପ୍ରଦେଶର ଚିଫ୍ କମିଶନର ସମ୍ବଲପୁର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଉଠାଇ ତତ୍‌ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରବର୍ତ୍ତନ ପାଇଁ ଆଦେଶ ଦେଲେ । ସମ୍ବଲପୁରବାସୀ ଓଡ଼ିଆ ଭାଷା ପ୍ରତି ଏହି ଅବାଞ୍ଛିତ ଆକ୍ରମଣର ତୀବ୍ର ବିରୋଧ କଲେ । ମଧୁସୂଦନ ଉତ୍କଳ ସଭା ତରଫରୁ ଭାରତର ଭାଇସ୍‌ରାୟ ଲର୍ଡ଼ ଏଲ୍‌ଗିନ୍‌ଙ୍କ ନିକଟକୁ ପ୍ରତିବାଦ ଲିପି ପ୍ରେରଣ କରି ଲେଖିଥିଲେ, "ଜନସାଧାରଣଙ୍କୁ ସେମାନଙ୍କ ମାତୃଭାଷାରୁ ବଞ୍ଚିତ କରିବାର ଅର୍ଥ ହେଉଛି, ସେମାନଙ୍କ ଜିଭକାଟି ସେମାନଙ୍କୁ ମୂକ କରାଇଦେବା । ପ୍ରବଳ ଏକଛତ୍ରବାଦୀ ଶାସନରେ ସୁଦ୍ଧା ଏପରି ଦେଖାଯାଏ ନାହିଁ ।"

ସମ୍ବଲପୁରରେ ହୋଇଥିବା ପ୍ରତିବାଦ ମଧ୍ୟପ୍ରଦେଶ ସରକାର ବା ଭାରତ ସରକାରଙ୍କ ଉପରେ କୌଣସି ପ୍ରଭାବ ନ ପଡ଼ିବାରୁ ୫ ଜଣ ବିଶିଷ୍ଟ ନାଗରିକ ସମ୍ବଲପୁର ଗୋପାଳଜୀଉ ମଠ ମହନ୍ତ ବିହାରୀ ଦାସ ମହାରାଜା, ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର, ବଳଭଦ୍ର ସୁପକାର ଓ ମଦନମୋହନ ମିଶ୍ର ଆଦି ଏକ ପ୍ରତିନିଧି ଦଳରେ ଭାଇସ୍‌ରାୟ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ କରି ଜଣାଇବା ଉଦ୍ଦେଶ୍ୟରେ ସିମ୍ଳା ଯାତ୍ରା କଲେ । ମାତ୍ର ପୂର୍ବରୁ ଅନୁମତି ନଥିବାରୁ ସେମାନେ ସାକ୍ଷାତ ନପାଇ ନିରାଶ ହୋଇ ଫେରିଲେ । ମଧୁସୂଦନ ମଧ୍ୟ ବଡ଼ଲାଟଙ୍କ ସେକ୍ରେଟେରୀଙ୍କ ପାଖକୁ ସାକ୍ଷାତ ନିମନ୍ତେ ଅନୁରୋଧ କରି ଉତ୍ତର ପାଇ ନ ଥିବାରୁ ଯାଇ ନ ଥିଲେ । ତେଣୁ ସିମଳାଯାତ୍ରୀ ପ୍ରତିନିଧିମାନେ ମଧୁସୂଦନଙ୍କ ପ୍ରତି ଅଭିମାନ କରିଥିବା ଶ୍ରୀପତି ମିଶ୍ରଙ୍କ ସିମଳାଯାତ୍ରା' ପୁସ୍ତକରେ ବର୍ଣ୍ଣିତ ଅଛି । ଏହାପରେ ଅନୁମତି ପାଇ ମଧୁସୂଦନ ଲର୍ଡ଼ କର୍ଜନଙ୍କ ସହିତ ସାକ୍ଷାତ କରି ସମ୍ବଲପୁର ଭାଷା ଉଚ୍ଛେଦ ସମସ୍ୟା ଅବଗତ କରାଇ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା ଦାବୀ କଲେ ।

ମଧୁସୂଦନଙ୍କ ପ୍ରତି ଅଭିମାନର ମୂଳରେ ଥିଲା ଦେଶବାସୀଙ୍କର ତାଙ୍କ ପ୍ରତି ଆସ୍ଥା ସ୍ଥାପନ । ଏତେବେଳକୁ ତାଙ୍କୁ ଓଡ଼ିଶାବାସୀ ମୁରବୀ ବୋଲି ମାନି ନେଇଥିଲେ ।

ସମ୍ବଲପୁର ପ୍ରତିନିଧିଦଳ ମଧ୍ୟପ୍ରଦେଶର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଚିଫ୍ କମିଶନରଙ୍କୁ ଓଡ଼ିଆ ଭାଷା ଉଚ୍ଛେଦ ସମ୍ପର୍କରେ ପ୍ରତିବାଦ ଜଣାଇଥିଲେ । ସେମାନଙ୍କର ଦାବୀ ଥିଲା ସେଣ୍ଟ୍ରାଲ୍ ପ୍ରଭିନ୍‌ସରେ ଏକମାତ୍ର ସମ୍ବଲପୁର ଜିଲ୍ଲା କୋର୍ଟ କଚେରୀରେ ଓଡ଼ିଆ ଭାଷା ଚଳାଇବା ସମ୍ଭବ ନ ହେଲେ ସେହି ଜିଲ୍ଲାକୁ ଓଡ଼ିଶା ଡ଼ିଭିଜନ୍‌ରେ ମିଶାଇଦିଅ ।

ସମ୍ବଲପୁର ନେତାମାନଙ୍କ ଦୃଢ଼ସଂକଳ୍ପ ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିରେ ଥିବା ଗଞ୍ଜାମବାସୀ ନେତାଙ୍କୁ ମଧ୍ୟ ଅନୁପ୍ରାଣିତ କଲା ଓ ସେମାନେ ମଧ୍ୟ ଲର୍ଡ଼ କର୍ଜନଙ୍କୁ ଓଡ଼ିଆଭାଷୀ ଅଞ୍ଚଳକୁ ବଙ୍ଗଳା ପ୍ରେସିଡ଼େନ୍‌ସି (ଓଡ଼ିଶା ସେତେବେଳେ ବଙ୍ଗଳାର ଅନ୍ତର୍ଭୁକ୍ତ ଥିବାରୁ) ଭିତରେ ରଖିବାକୁ ଦାବୀ କଲେ ।

ସମ୍ବଲପୁର ଓ ଗଞ୍ଜାମରେ ଦେଶ ମିଶ୍ରଣ ପାଇଁ ବ୍ୟାକୁଳତା ବଢ଼ୁଥିବା ଦେଖି ୧୯୦୨ରେ ଖଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ନେତୃତ୍ୱରେ ରମ୍ଭା ପ୍ରାସାଦରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ବୈଠକ ବସି ଆଲୋଚନା ହେଲା । ଏଥିରେ ସମ୍ପାଦକ ନୀଳମଣି ବିଦ୍ୟାରତ୍ନ, ଗଞ୍ଜାମର ପ୍ରଥମ ଓଡ଼ିଆ ଓକିଲ, ହରିହର ପଣ୍ଡା ଓ ନରସିଂହ ଦାସ ଆଦି ଯୋଗ ଦେଇଥିଲେ । ପାରଳାଖେମୁଣ୍ଡି ମହାରାଜା ଗୌରଚନ୍ଦ୍ରଙ୍କ କନିଷ୍ଠ ଭ୍ରାତା ପଦ୍ମନାଭଦେବ ଓ ରାଜକୁମାରଙ୍କ ଗୃହ ଶିକ୍ଷକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଉଦ୍ୟମରେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ ଗଠିତ 'ଉତ୍କଳ ହିତୈଷିଣୀ ସମାଜ' ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ପାଇଁ ବାରମ୍ବାର ଦାବୀକଲେ । ସମ୍ବଲପୁର ଓ ଗଞ୍ଜାମରେ ଦେଖାଦେଇଥିବା ଜନ ଆନ୍ଦୋଳନକୁ ଏକ ସମନ୍ୱିତ ଉଦ୍ୟମ ନିମନ୍ତେ ରୂପ ଦେଲେ ମଧୁସୂଦନ ଦାସ ।

୧୯୦୨ରେ ମାନ୍ଦ୍ରାଜଠାରେ ଜାତୀୟ କଂଗ୍ରେସ୍‌ର ଅଧିବେଶନ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଲା । ପୂର୍ବ ବର୍ଷମାନଙ୍କ ପରି ମଧୁସୂଦନ ଓ ଗୌରୀଶଙ୍କର ଓଡ଼ିଶାର ପ୍ରତିନିଧିଭାବେ ଯୋଗ ଦେଇଥିଲେ । ମାନ୍ଦ୍ରାଜ

ପ୍ରେସିଡେନ୍‌ସିର ମୁଖ୍ୟରେ ପ୍ରତିନିଧି ଓଡ଼ିଶା ଡିଭିଜନ୍ ସହିତ ଓଡ଼ିଆଭାଷୀ ଅଞ୍ଚଳକୁ ମିଶାଇବା ପାଇଁ ଦେଇଥିବା ପ୍ରସ୍ତାବ ବ୍ରହ୍ମପୁରର ଜି. ରାଘବ ରାଓଙ୍କ ବିରୋଧ ଫଳରେ କାଟ ଖାଇଗଲା । କଂଗ୍ରେସ୍ ଭିତରେ ରହି ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମ୍ଭାବନା ନ ଦେଖି ମଧୁସୂଦନ କଂଗ୍ରେସ୍‌ଠାରୁ ଆନୁଷ୍ଠାନିକ ସମ୍ପର୍କ ଛିନ୍ନ କଲେ ।

ମଧୁସୂଦନ ଲର୍ଡ଼ କର୍ଜନଙ୍କ ସହ ସାକ୍ଷାତ କାଳରେ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ଉଚ୍ଛେଦ, ଉପେକ୍ଷା ଓ ଅବିଚାର କଥା ଭାଇସ୍‌ରାୟଙ୍କୁ ଅବଗତ କରାଇଥିଲେ । ତାହାଙ୍କ ନିମନ୍ତ୍ରଣକ୍ରମେ ସ୍ୱୟଂ ବଡ଼ଲାଟ ଓଡ଼ିଶା ଆସି ସ୍ୱଚକ୍ଷୁରେ ମନ୍ଦିରମାଳିନୀ ଭୁବନେଶ୍ୱର ମନ୍ଦିରମାନଙ୍କରେ ସୂକ୍ଷ୍ମ ସ୍ଥାପତ୍ୟ କଳା ଓ ଭାସ୍କର୍ଯ୍ୟ ଦେଖି ଓଡ଼ିଶାର ଅତୀତର ସମୃଦ୍ଧି ସମ୍ପର୍କରେ ଅବହିତ ହୋଇ ଏ ରାଜ୍ୟ ପ୍ରତି ଅନୁରକ୍ତ ହେଲେ । ବ୍ରିଟିଶ୍ ଶାସନରେ ଓଡ଼ିଶା ଯେ ଉପେକ୍ଷିତ ଓ ଅବହେଳିତ ହୋଇଛି, ସେ କଥା ଅନ୍ତରରେ ଉପଲବ୍ଧି କଲେ । ଲର୍ଡ଼ କର୍ଜନଙ୍କର ଓଡ଼ିଶାପ୍ରତି ସହାନୁଭୂତିର ଫଳ ହେଲା ୧୯୦୩ ଜାନୁଆରୀ ପହିଲାଠାରୁ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷାର ପୁନଃ ପ୍ରବର୍ତ୍ତନ । ଏହି ଘଟଣାଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ନିମନ୍ତେ ପଥ ପ୍ରସ୍ତୁତ କରିଦେଲା ।

୧୯୦୩ ଅପ୍ରେଲ ପହିଲାରେ ବ୍ରହ୍ମପୁରଠାରେ ଗଞ୍ଜାମ ଜାତୀୟ ସମିତିର ଏକ ଅଧିବେଶନ ବସିଲା ଓ ତହିଁରେ କଟକରୁ ମଧୁସୂଦନଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଗଲା । ବ୍ରହ୍ମପୁରଠାରେ ମଧୁସୂଦନଙ୍କୁ ଅଭୂତପୂର୍ବ ସମ୍ବର୍ଦ୍ଧନା କରାଗଲା । ଗଞ୍ଜାମବାସୀଙ୍କ ଦୃଷ୍ଟିରେ ସେ ତ୍ରାଣକର୍ତ୍ତା ରୂପେ ଉଭା ହୋଇଥିଲେ । ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବ ମଧୁସୂଦନଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ ବୈଧାନିକ ପନ୍ଥାରେ ଗଠିତ ହେବାକୁ ପ୍ରସ୍ତାବ ଦେଲେ । ମଧୁସୂଦନ ତହିଁରେ ସମ୍ମତ ହୋଇ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳର ପ୍ରତିନିଧିମାନଙ୍କୁ ନେଇ ଏକ ବୃହତ୍ତର ସମ୍ମିଳନୀ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେବାରୁ ତାହା ସମସ୍ତଙ୍କ ଦ୍ୱାରା ଅନୁମୋଦିତ ହେଲା ।

ଲର୍ଡ଼ କର୍ଜନ ଓଡ଼ିଆମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥିବାରୁ ମଧୁସୂଦନଙ୍କ ସହ ସାକ୍ଷାତର ଫଳ ସ୍ୱରୂପ ଭାରତ ସରକାରଙ୍କ ହୋମ୍ ଡିପାର୍ଟମେଣ୍ଟରୁ 'ରିସ୍‌ଲେ ସର୍କୁଲାର୍' ପ୍ରକାଶ ପାଇଲା । ତହିଁରେ ଓଡ଼ିଆ ଏକ ବିରାଟ ଅଞ୍ଚଳରେ ବ୍ୟବହୃତ ଭାଷା ହୋଇଥିବାରୁ ସମ୍ବଲପୁର ଓ ମଧ୍ୟପ୍ରଦେଶ ଅଧୀନରେ ଥିବା ସମୀପବର୍ତ୍ତୀ କେତେକ ଗଡ଼ଜାତ ରାଜ୍ୟ, ବଙ୍ଗଳା ଅଧୀନରେ ଥିବା ଛୋଟନାଗପୁର ଅନ୍ତର୍ବର୍ତ୍ତୀ ସିଂହଭୂମ ଜିଲ୍ଲାର ଏକ ଅଂଶ, ମାନ୍ଦ୍ରାଜର ଗଞ୍ଜାମ ଜିଲ୍ଲା, ଗଞ୍ଜାମ ଓ ବିଶାଖାପାଟଣାର ଏଜେନ୍‌ସି ଅଞ୍ଚଳକୁ ନେଇ ଓଡ଼ିଶା ଡିଭିଜନ ସହିତ ମିଶିବାପାଇଁ ସୁପାରିଶ କରାଯାଇଥିଲା । କଂଗ୍ରେସ୍ କେବଳ ରାଜନୈତିକ କାରଣରୁ ଭାଷା ଭିତ୍ତିକ ପ୍ରଦେଶ ଗଠନକୁ ବିରୋଧ କରୁଥିବାରୁ ଏବଂ ୧୯୦୩ରେ ଅନୁଷ୍ଠିତ କଂଗ୍ରେସ୍‌ର ଆହ୍ଲାବାଦ ଅଧିବେଶନରେ ପ୍ରେସିଡେନ୍‌ସି ବ୍ୟବସ୍ଥାକୁ କାଏମ୍ ରଖିବାକୁ ପ୍ରସ୍ତାବ ଗ୍ରହଣ କରିବାରୁ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଉତ୍କଳ ସମ୍ମିଳନୀକୁ ଏକମାତ୍ର ପନ୍ଥା ରୂପେ ନିର୍ଦ୍ଧାରଣ କଲେ ।

୧୯୦୩ ଡିସେମ୍ବର ୩୦ ଓ ୩୧ ତାରିଖରେ କଟକସ୍ଥ ଇଦ୍‌ଗାପଡ଼ିଆରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଲା "ଉତ୍କଳ ସମ୍ମିଳନୀ" । ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଓ ଉପାନ୍ତବର୍ତ୍ତୀ ଓଡ଼ିଆ ଅଞ୍ଚଳରେ ଓଡ଼ିଆଭାଷୀଙ୍କ ସ୍ୱାର୍ଥରକ୍ଷା ହେଲା ଉତ୍କଳ ସମ୍ମିଳନୀର ପ୍ରଧାନ ଲକ୍ଷ୍ୟ । ଏହି ସମ୍ମିଳନୀ ମଞ୍ଚରୁ ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରିବାକୁ ମଧୁସୂଦନଙ୍କର ଥିଲା ସକରୁଣ ଆହ୍ୱାନ ।

"ତୁ ସିନା ବୋଲାଉ ଉତ୍କଳ ସନ୍ତାନ ତେବେ କିମ୍ପା ତୁହି ଭୀରୁ
ତୋହରି ଜନନୀ ରୋଦନ କରିଲେ କହିବାକୁ କିଆଁ ଡରୁ ।"

ସମ୍ମିଳନୀ ବିଷୟରେ–

ଏହି ସମ୍ମିଳନୀ ଜାତି–ପ୍ରାଣ–ସିନ୍ଧୁ କୋଟି ପ୍ରାଣବିନ୍ଦୁ ଧରେ,
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ ।"

ମଧୁବାବୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଏକାଧିକବାର ଲଣ୍ଡନ ଯାତ୍ରୀ କରିଥିଲେ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ଯଥାର୍ଥତା ପ୍ରତିପାଦନ କରିଥିଲେ । ୧୯୦୭ ସେପ୍ଟେମ୍ବର ୨୭ ତାରିଖରେ ଲଣ୍ଡନରୁ ପ୍ରକାଶିତ ଟ୍ରିବ୍ୟୁନ୍ ପତ୍ରିକାରେ ମଧୁସୂଦନଙ୍କ ବିବରଣୀ ପ୍ରକାଶିତ ହୋଇଥିଲା । ସେ କହିଥିଲେ, "ଏ ଦେଶଟା ହେଲା ପରାଧୀନ ଦେଶ । ତୁମ୍ଭେମାନେ ଏଠି ଗଣତାନ୍ତ୍ରିକ ପଦ୍ଧତି ଭୁଲି ପୂରାପୂରି ଡ୍ରାକୋନିଆନ୍, ମନମୁଖୀ ନୀତିରେ ଶାସନ ଚଳାଇବ । ଏହା କିନ୍ତୁ ଇଂରେଜ କର୍ମଚାରୀମାନଙ୍କ ମୌଳିକ ଶିକ୍ଷାନୀତିର ବିରୋଧୀ ।"

ବ୍ରାହ୍ମଣୀ ନଦୀରେ ଜନାର୍ଦ୍ଦନ ଘାଇ ବାନ୍ଧି ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇ ଦୁର୍ଭିକ୍ଷ ଓ ଖାଦ୍ୟାଭାବ କଥା ଇଂଲଣ୍ଡର ଖବରକାଗଜରୁ ଜାଣି ତୁରନ୍ତ ଭାରତ ପ୍ରତ୍ୟାଗମନ କଲେ ମଧୁସୂଦନ । ନ ହେଲେ ସେ ଆଉ କିଛି ଦିନ ଲଣ୍ଡନରେ ରହି ଓଡ଼ିଶା ପରିସ୍ଥିତି ସମ୍ପର୍କରେ ଜଣାଇଥାନ୍ତେ ।

ଜାତୀୟଜୀବନ ସମ୍ପର୍କରେ ମଧୁସୂଦନ କହିଥିଲେ, "ପ୍ରତ୍ୟେକ ଜାତିର ହୃଦୟରେ ଯେତେବେଳେ ଜାତିର ଚିନ୍ତା ପ୍ରବେଶ କରିବ ସେତେବେଳେ ଆମ୍ଭମାନଙ୍କ ଭିତରେ ଜାତୀୟଜୀବନ ପ୍ରବେଶ କରିବ । ମୋର ଶରୀରର ପ୍ରତ୍ୟେକ ରେଣୁ, ମୋର ମାନସିକ

ଶକ୍ତିର ପ୍ରତ୍ୟେକ ଚିନ୍ତା ସେହି ଜାତୀୟଜୀବନର ଏକ ଅଂଶ।" ସ୍ୱାର୍ଥପରତା ବଢ଼ିଲେ ଜାତୀୟଜୀବନ କମିବ ଆଉ ସ୍ୱାର୍ଥପରତା କମିଲେ ଜାତୀୟଜୀବନ ବଢ଼ିବ। ସେଥିପାଇଁ ସେ ଉଦାତ୍ତ କଣ୍ଠରେ ଗାଇଛନ୍ତି।

"ଜାତି ନନ୍ଦୀଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ,
ଚଳାଏ କି ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ।"

ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟଜୀବନର ବିକାଶ ଓ ଜାତୀୟ ଭାବନା ଉଦ୍ରେକ କରିବାରେ ମଧୁବାବୁ ଥିଲେ ମନ୍ତ୍ରଦାତା ଗୁରୁତୁଲ୍ୟ। ମୃତପ୍ରାଣ ଓଡ଼ିଆଙ୍କୁ ସଞ୍ଜୀବିତ କରିବାପାଇଁ ଦେଇଥିଲେ ମୃତ-ସଞ୍ଜିବନୀ।

ଜାତୀୟ ଜୀବନର ବିକାଶ ନିମନ୍ତେ ଶିକ୍ଷାର ଆବଶ୍ୟକତା ପ୍ରତି ଗୁରୁତ୍ୱ ଦେଇଥିଲେ ସେ। ସ୍ତ୍ରୀ ଶିକ୍ଷାର ପ୍ରଚଳନ ପାଇଁ ଉଦ୍ୟମ କରିଥିଲେ। ସେଥିପାଇଁ ବାଳିକା ବିଦ୍ୟାଳୟ ବସାଇଥିଲେ। ତାଙ୍କର ପାଳିତା କନ୍ୟା ଶୈଳବାଳାଙ୍କୁ ଉଚ୍ଚଶିକ୍ଷା ପାଇଁ ବିଲାତ ପଠାଇଥିଲେ। 'ଜଣ'ଠାରୁ 'ଗଣ'ର ଉନ୍ନତି ପାଇଁ ସେ ତତ୍ପର ଥିବାରୁ ସେ ଥିଲେ ଓଡ଼ିଆ ଜାତିର ଗଣଦେବତା।

ଜାତୀୟ ସମ୍ମାନ ରକ୍ଷା ପାଇଁ ସେ ଯେ କୌଣସି ତ୍ୟାଗ ସ୍ୱୀକାର ପାଇଁ ପ୍ରସ୍ତୁତ ଥିଲେ। ତାଙ୍କ ପ୍ରତିଷ୍ଠିତ ଉତ୍କଳ ଟାନେରୀ ଜୋତା କାରଖାନା ଉନ୍ନତମାନର ଜୋତା ତିଆରିରେ ଖ୍ୟାତି ଲାଭ କରିଥିଲା। ଏଠାରୁ ଜୋତା ବିଦେଶକୁ ରପ୍ତାନୀ ହେଉଥିଲା। ମାତ୍ର ମାନ ଖରାପ ନ ହେବାରୁ ସେ ଲକ୍ଷ ଲକ୍ଷ ଟଙ୍କାର ଖରାପ ଚମଡ଼ା ଓ ଚମଡ଼ା ନିର୍ମିତ ଦ୍ରବ୍ୟ ନିଜେ ପୋଡ଼ି ଦେଲେ।

କଟକର ବଣିଆମାନଙ୍କ ନିର୍ମିତ ସୁନା ଓ ରୁପାର ଅଳଙ୍କାର ଛଡ଼ା ତାରକସୀ କାମ ପାଇଁ ବିଦେଶରେ ବଜାର ସୃଷ୍ଟି କରି ସେ ଶିଳ୍ପୀ କୁଳର ଉନ୍ନତି କଲେ।

ଏ ଦେଶ ଥିଲା ତାଙ୍କର ପ୍ରାଣ। ଦେଶବାସୀ ଥିଲେ ତାଙ୍କର ଏକାନ୍ତ ଆପଣାର। ଜୀବନରେ ବହୁ ଅର୍ଥ ଅର୍ଜନ କରିଥିଲେ। ମାତ୍ର ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଅକୁଣ୍ଠିତ ଚିତ୍ତରେ ସର୍ବସ୍ୱ ଦାନ କରି ଦେବାଳିଆ ହୋଇଗଲେ। ସେ କାହା ପାଖେ ହାତ ପାତି ନାହାନ୍ତି। କେବଳ ଇଂରେଜ ପାଖରେ ହାତ ପାତିଥିଲେ-ଓଡ଼ିଶା ପ୍ରଦେଶ ଗଠନ ପାଇଁ। ୧୯୩୪ ଫେବ୍ରୁୟାରୀ ୪ ତାରିଖରେ ଏହି ଦେଶପ୍ରାଣ କୁଳବୃଦ୍ଧ ଏ ଭୂଇଁରୁ ବିଦାୟ ନେଲେ।

---

ନିର୍ମଳ କୁଟୀର,
ବଙ୍ଗାଳୀସାହି, କଟକ-୯

## ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ପଚିଶ ହଜାର ଅଗଭୀର ନଳକୂପ ଖନନ କରାଯିବ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗତ ନଭେମ୍ବର ୨ ତାରିଖରେ ସଚିବାଳୟଠାରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଅଗଭୀର କୂପ ଓ ବୋର୍ୱେଲ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ ।

ଅଗଭୀର ଓ ଗର୍ତ୍ତକୂପ ଦ୍ୱାରା ୩୫ ରୁ ୪୦ ହଜାର ଟଙ୍କା ଖର୍ଚ୍ଚରେ ୫-୬ ଏକର ଜମିରେ ଜଳସେଚନ କରାଯାଇ ପାରିଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାର ଚାଷୀମାନଙ୍କ ଭିତରେ ଏଥିପାଇଁ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି । ଚଳିତବର୍ଷ ସାରା ରାଜ୍ୟରେ ଏଥିପାଇଁ ପଚିଶ ହଜାର କୂପ ଖନନ କରିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ ଓ ବାଲେଶ୍ୱର ଉପକୂଳବର୍ତ୍ତୀ ୮ ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଜିଲ୍ଲାୱାରୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ସବୁ ଜିଲ୍ଲାର କଲେକ୍ଟରମାନେ ସମୀକ୍ଷା ବୈଠକରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମରେ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବନାହିଁ ବୋଲି ପ୍ରକାଶ କରିଥିଲେ । ଗଂଗା କଲ୍ୟାଣ ଯୋଜନା ଓ କୃଷକ କଲ୍ୟାଣ କାର୍ଯ୍ୟକ୍ରମ ଭିତ୍ତିରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ଶତକଡ଼ା ୫୦ ଭାଗ ସରକାର ସବ୍‌ସିଡି ଯୋଗାଇ ଦିଆଯାଉଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ଉପସ୍ଥିତ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ସେମାନଙ୍କର ପୂର୍ଣ୍ଣ ସହଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗ୍ରାମରେ ଥିବା ପୁରାତନ ପୁଷ୍କରିଣୀର ପୁନରୁଦ୍ଧାର କରି ଏଗୁଡ଼ିକୁ ଜଳସେଚନ ପାଇଁ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟର ହାରାହାରି ଶତକଡ଼ା ୩୫ ଭାଗ ଜମି ଖରିଫ ଋତୁରେ ଓ ଶତକଡ଼ା ୧୬ ଭାଗ ଜମି ରବି ଋତୁରେ ଜଳସେଚିତ ହୋଇପାରୁଥିବା ବେଳେ ଭୂତଳ ଜଳସଂପଦର ଉପଯୁକ୍ତ ବିନିଯୋଗ ଦ୍ୱାରା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ । ଭୂତଳ ଜଳ ସଂପଦର ଶତକଡ଼ା ୮ ଭାଗ ଜଳସଂପଦ ବର୍ତ୍ତମାନ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ବ୍ୟବହୃତ ହୋଇପାରୁଛି ।

# ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀରେ ଭାରତୀୟ ଅର୍ଥନୀତି

ଡକ୍ଟର ହୃଷିକେଶ ମିଶ୍ର

ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତୀ ଅବସରରେ ଭାରତୀୟ ଅର୍ଥନୀତିର ଗତି ଓ ଇତିବୃତ୍ତି ଅନୁଧ୍ୟାନ କଲେ ଜଣାଯାଏ ଯେ, ଏହା ଏକ ବିକାଶୋନ୍ମୁଖୀ ପାହାଚ ଅତିକ୍ରମ କରି ବିକଶିତ ବା "ବିକାଶଶୀଳ" ଅର୍ଥନୀତିର ମର୍ଯ୍ୟାଦା ପାଇବାକୁ ହକ୍‌ଦାର ହେବାକୁ ଯାଉଛି । ତଥାପି ଏହା ଗରିବୀ ଓ ବେକାରୀ ହଟାଇବାରେ ବିଫଳ ହୋଇ ଅନେକ ବିକଶିତ ରାଷ୍ଟ୍ରଙ୍କ ପଛରେ ପଡ଼ିଛି, ମାତ୍ର ଆମ ଅର୍ଥନୀତିର ଭବିଷ୍ୟତ ଯେ ଉଜ୍ଜ୍ୱଳ ତଥା ଏହା ନିକଟରେ ବିଶ୍ୱର ଏକ ଅଗ୍ରଗାମୀ ରାଷ୍ଟ୍ର ହୋଇ କୃଷି, ଶିଳ୍ପ, ବାଣିଜ୍ୟ, ଯୋଗାଯୋଗ, ବିଜ୍ଞାନ, କାରିଗରୀ ଓ ଆଣବିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଯେ ସମସ୍ତଙ୍କୁ ଟପିଯିବ ଏ ଆଶାର ଝଲକ ଦିଶିଲାଣି ।

ଭାରତକୁ ବ୍ରିଟିଶମାନଙ୍କ ଆଗମନ ପୂର୍ବରୁ ବା ୧୭୫୭ ପୂର୍ବରୁ ଭାରତୀୟ ଅର୍ଥନୀତି ଖାଲି ଯେ ସୁଦୃଢ ଥିଲା ତାହା ନୁହେଁ, ଏହା ଆଜିର ତଥାକଥିତ ବିକଶିତ ରାଷ୍ଟ୍ର ଯଥା ଆମେରିକା, ଇଂଲଣ୍ଡ, ରୁଷିଆ, ଫାନ୍ସ ଓ ଜାପାନ ଇତ୍ୟାଦିଙ୍କଠାରୁ ଯଥେଷ୍ଟ ଉନ୍ନତ ତଥା ଆଗୁଆ ଥିଲା । କୃଷି, ଶିଳ୍ପ, ବାଣିଜ୍ୟ, ଗମନାଗମନ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଶେଷ ଉନ୍ନତ ଥିଲା । ସେତେବେଳେ ଇଂଲଣ୍ଡ ଥିଲା ଅନୁନ୍ନତ, ଦରିଦ୍ର ତଥା ଲୋକେ ଥିଲେ ମୋଟା- ମୋଟି ଭାବେ ଅଶିକ୍ଷିତ । ଏହାକୁ ବିଶ୍ୱରେ ଏକ "ଜଳଦସ୍ୟୁର ଦେଶ" କୁହାଯାଉ ଥିଲା । ଅନ୍ୟପକ୍ଷରେ ବ୍ୟାଙ୍କ୍ ଅଫ୍ ଇଂଲଣ୍ଡ ଥିଲା ଦେବାଳିଆ ଅବସ୍ଥାରେ । ଏକ ସର୍ବେକ୍ଷଣ ଅନୁଯାୟୀ ୧୭୪୭ରୁ ୧୭୫୭ ମାତ୍ର ୧୦ ବର୍ଷରେ ଇଂଲଣ୍ଡ ଭାରତରୁ କପା, ସିଲ୍କ, କପଡ଼ାବସ୍ତ୍ର ଓ ମସଲା ଇତ୍ୟାଦି ଆମଦାନୀ କରି ପ୍ରାପ୍ୟ ବାବଦରେ ଦେଇଥିଲା ୪ ଲକ୍ଷ ୭୩ ହଜାର ପାଉଣ୍ଡ ସୁନା । ମାତ୍ର ୧୭୫୭ରେ ପଲାସୀ ଯୁଦ୍ଧ ପରେ "ଇଷ୍ଟ ଇଣ୍ଡିଆ କମ୍ପାନୀ" ସମ୍ପୂର୍ଣ୍ଣ ବେଙ୍ଗଲକୁ ଲୁଣ୍ଠନ କରି ବ୍ୟାଙ୍କ ଅଫ ଇଂଲଣ୍ଡକୁ ୨୦ ବାର ଧନୀ କଲା । ବାଣିଜ୍ୟ, ବ୍ୟବସାୟ, ଭୂରାଜସ୍ୱ ଆଦାୟ, ଲୁଣ ଉପରେ ଅତ୍ୟଧିକ କର ସାଙ୍ଗକୁ କପା ଆମଦାନୀ ଓ ବସ୍ତ୍ର ରପ୍ତାନୀ ଇଂଲଣ୍ଡକୁ ବହୁଗୁଣରେ ଆଗେଇ ନେଲା ।

ମାତ୍ର ଏମାନଙ୍କ ଆଗମନ ପୂର୍ବରୁ ଦେଶର ଅର୍ଥନୈତିକ ଅବସ୍ଥା ଥିଲା ସନ୍ତୋଷଜନକ । ସେତେବେଳେ ଦେଶର ୯୦ ପ୍ରତିଶତ ଲୋକେ କୃଷି କାର୍ଯ୍ୟରେ ନିଯୁକ୍ତ ଥିଲେ ଓ କୃଷି ଥିଲା ଜୀବନ ଧାରଣର ଏକ ମାନ । ଇଂଲଣ୍ଡ ଓ ଆମେରିକାରେ ଗହମ ଓ କପା ଉତ୍ପାଦନର ଶହ ଶହ ବର୍ଷ ପୂର୍ବେ ଭାରତରେ ଉତ୍ପାଦନ ହେଉଥିଲା । ବିଶ୍ୱର ସର୍ବ ପ୍ରଥମ ଧାନ ଉତ୍ପାଦନ ଆମ ଓଡ଼ିଶାର କୋରାପୁଟରେ ହେଉଥିଲା ବୋଲି ଯଥେଷ୍ଟ ପ୍ରମାଣ ରହିଛି । ଭାରତୀୟ କୃଷୀମାନେ ପରିଶ୍ରମୀ ତଥା ବୈଷୟିକ ଜ୍ଞାନରେ କୁଶଳୀ ଥିଲେ । ଜଳସେଚନର ବ୍ୟବସ୍ଥା ଥିଲା ଉନ୍ନତଧରଣର । ବ୍ରିଟିଶ୍ ଅର୍ଥମନ୍ତ୍ରୀ ସାର୍ ଚାର୍ଲସ୍ ଟ୍ରେଭେଲିଅନ (୧୮୬୩–୬୫) ଭାରତୀୟ ଜଳସେଚନ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି ।

ଶିଳ୍ପ ଓ କାରିଗରୀ ବିଦ୍ୟାରେ ଭାରତୀୟମାନେ ଅନେକ ଉନ୍ନତ ଥିଲେ । କୁଟିର ଶିଳ୍ପ ଓ ଗ୍ରାମୋଦ୍ୟୋଗ ଥିଲା ଏକ ଜାତୀୟ ପେଷା । ଏଠାରେ ସୂତା କାଟିବା, ଲୁଗା ବୁଣିବା, ରଙ୍ଗଦେବା, ସୁନା ରୁପାର ସୂତା ବସ୍ତ୍ରରେ ଯୋଡ଼ିବା, ଗୃହ ନିର୍ମାଣ, ଇଟା ପ୍ରସ୍ତୁତି, ଚୂନତିଆରି, ଚମଡ଼ା, ବାସନ ତିଆରି, ବଢ଼େଇ କର୍ମ, ଲୁହା, ତମ୍ବା, ଟିଣ, ଜାହାଜ ତିଆରି, ଚିନି ଓ ଲୁଣ ପ୍ରସ୍ତୁତ କରିବା, ପଥର କାଟିବା, କାଗଜ ପ୍ରସ୍ତୁତ ଓ ବିଭିନ୍ନ ଅତର ତିଆରି ଆଦି କାର୍ଯ୍ୟ ହେଉଥିଲା । ଭାରତୀୟ ବସ୍ତ୍ର ବିଶେଷଭାବେ ଭାରତୀୟ "ମସ୍‌ଲିନ" ବସ୍ତ୍ରର ଚାହିଦା ଇଂଲଣ୍ଡରେ ଏତେ ହେଲା ଯେ ବ୍ରିଟିଶ ପାର୍ଲାମେଣ୍ଟ ୧୭୦୦ ଓ ୧୭୨୧ରେ ଭାରତୀୟ ଜିନିଷର ପ୍ରବେଶ ବନ୍ଦ କରାଗଲା । ନହେଲେ ଏହା ଇଂଲଣ୍ଡର ପଶମ ଓ ସିଲ୍କ ବସ୍ତ୍ରର ଚାହିଦା ପୂରା କମାଇ ଦେଇଥାନ୍ତା ।

ସେତେବେଳେ ପଶ୍ଚିମ ୟୁରୋପର ଇଂଲଣ୍ଡ, ଫ୍ରାନ୍ସ ଇତ୍ୟାଦି ଦେଶରେ ଅସଭ୍ୟ ଜାତିମାନେ ଥିଲେ, ସେତେବେଳେ ଭାରତରେ ସଭ୍ୟ, ମାର୍ଜିତ କଳା ନିପୁଣ ଲୋକେ ବସବାସ କରୁଥିଲେ । ପ୍ରଜାମାନେ ଥିଲେ ଶୃଙ୍ଖଳିତ ଓ ବିତ୍ତଶାଳୀ । ସେତେବେଳର ଭାରତୀୟ ରାଜାମାନଙ୍କର ଐଶ୍ୱର୍ଯ୍ୟର ପଟାନ୍ତର ନଥିଲା ବିଳାସ ବ୍ୟସନ ଓ ଅମୂଲ୍ୟ ରତ୍ନରେ ଖଚିତ ପ୍ରାସାଦ ମହାନ କଳାବିଭବରେ ପୂର୍ଣ୍ଣଥିଲା । ବାଣିଜ୍ୟ ଓ ବ୍ୟବସାୟରେ ଭାରତୀୟମାନେ ଯଥେଷ୍ଟ ଆଗୁଆ ଥିଲେ । ଭାରତୀୟ ଜିନିଷର ବଜାର ଇଜିପ୍ଟ, ଗ୍ରୀସ, ରୋମ, ଜାପାନ, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଇଂଲଣ୍ଡ

ଇତ୍ୟାଦିରେ ଥିଲା। ବୈଦେଶିକ ବାଣିଜ୍ୟରେ ହଜାର ହଜାର ପାଉଣ୍ଡର ସୁନା ଓ ରୁପା ବିଦେଶରୁ ଆସୁଥିଲା। ଭାରତ ତିଆରି ଜାହାଜ ଇଂଲଣ୍ଡର ଟେମ୍‌ସ ନଦୀ ପର୍ଯ୍ୟନ୍ତ ଯାଉଥିଲା। ନୌବାଣିଜ୍ୟରେ ଉତ୍କର୍ଷତା ଯୋଗୁଁ ଭାରତରେ ଥିବା ବନ୍ଦର ସବୁ ଚଳଚଞ୍ଚଳ ଥିଲେ।

ଯଦିଓ ସେତେବେଳେ ଭାରତୀୟମାନେ ବହୁ ସଂଖ୍ୟାରେ ଗାଁରେ ରହୁଥିଲେ ଏବଂ ସହର ସଂଖ୍ୟା ଥିଲା ବହୁତ କମ୍, କୃଷକାର୍ଯ୍ୟ ଓ ଗ୍ରାମୋଦ୍ୟୋଗ ଥିଲା ଲୋକଙ୍କ ପ୍ରଧାନ ପେଷା। ଶତକଡ଼ା ୧୦ ଭାଗ ଲୋକ ସହରରେ ରହୁଥିଲେ। ସହରଗୁଡ଼ିକରେ ମାର୍କେଟ ସବୁ ଗଢ଼ିଉଠୁଥିଲା। ତାହା ଆଧୁନିକ ସଭ୍ୟତାର ଆଭାସ ବହନ କରୁଥିଲା। ଅନ୍ୟପକ୍ଷରେ ଭାରତ ଶିଳ୍ପ ସମୃଦ୍ଧି ଓ ବୈଦେଶିକ ବାଣିଜ୍ୟରେ ଥିଲା ବିଶ୍ୱ ପ୍ରସିଦ୍ଧ। ଏଣୁ ସମ୍ଭବତଃ ବିଦେଶୀମାନେ ଯଥା–ଇଂରେଜ, ଫରାସୀ, ପର୍ତ୍ତୁଗୀଜ ଓ ସ୍ପେନୀୟମାନେ ଭାରତରେ ନିଜ ନିଜର ବାଣିଜ୍ୟ ଆଧିପତ୍ୟ ବିସ୍ତାର କରିବା ପାଇଁ ବହୁ ସଂଖ୍ୟରେ ଆସୁଥିଲେ।

ଭାରତୀୟ ଅର୍ଥନୀତି ଉନ୍ନତ ମାନର ଥିଲେ ମଧ୍ୟ ଏମାନଙ୍କ ଆଗମନ, ପ୍ରତିଯୋଗିତା ଓ ଶେଷରେ ବ୍ରିଟିଶ ଶାସନ ଏ ସମସ୍ତର ବିନାଶକାରୀ ସିଦ୍ଧ ହେଲା।

ବ୍ରିଟିଶ ଶାସନର ଆରମ୍ଭରୁ ୧୯୦ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିର ଅଧୋଗତି ଆରମ୍ଭ ହୋଇ ଶେଷରେ ୧୯୪୭ ମସିହା ବେଳକୁ ଅତ୍ୟନ୍ତ ଅନୁନ୍ନତ ଓ ଦରିଦ୍ର ରହିଗଲା। ପ୍ରଥମତଃ ଭାରତୀୟଙ୍କ ମୁଣ୍ଡପିଛା ଆୟ କମିବାରେ ଲାଗିଲା। ଏହା ୧୮୭୫ ବେଳକୁ ୨୪ ଟଙ୍କା ଥିବା ବେଳେ ୧୯୦୧ ବେଳକୁ ୨୩ ଟଙ୍କାରେ ପହଞ୍ଚିଲା। ୧୯୧୫–୧୬ ବେଳେ ଏହା ୧୦୦ ଟଙ୍କା ଥିଲା ବେଳେ ୧୯୪୫–୪୬ ବେଳକୁ କମି ୯୧ ଟଙ୍କା ହୋଇଗଲା। ସେତେବେଳେ ଲୋକ ସଂଖ୍ୟା ଥିଲା ପ୍ରାୟ ୩୩ କୋଟି। ଫଳରେ ଦାରିଦ୍ର୍ୟ ବଢ଼ିଲା ଓ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ଲୋକ ପୋକ ମାଛି ପରି ମରିଗଲେ।

ଦ୍ୱିତୀୟତଃ କୃଷିର ଅଧୋଗତି ସାଙ୍ଗକୁ କୁଟୀର ଶିଳ୍ପ ଓ ଗ୍ରାମୋଦ୍ୟୋଗର ବିଲୋପ ଫଳରେ ବହୁ ଲୋକ ମାତ୍ର ବଞ୍ଚିବା ପାଇଁ କୃଷିରେ ନିଯୁକ୍ତ ହେଲେ। ୧୮୮୧ରେ ୭୪ ଭାଗ ଲୋକ କୃଷିରେ ଥିଲାବେଳେ ୧୯୩୧ ବେଳକୁ ଏ ସଂଖ୍ୟା ୭୭ରେ ପହଞ୍ଚିଲା। ବିଦେଶୀ ସରକାରଙ୍କର ଔପନିବେଶିକ ନୀତି ଭାରତୀୟଙ୍କ ସ୍ୱାର୍ଥରେ ବାଧାଦେଲା। ଭାରତୀୟ ଶିଳ୍ପ ବ୍ୟବସାୟ ଧ୍ୱଂସ କରାଯାଇ ବ୍ରିଟିଶ ଶିଳ୍ପ, ବ୍ୟବସାୟର ପ୍ରସାର ଘଟିଲା। ଗୋଟିଏ ବ୍ୟବସାୟୀ ଜାତି ଶାସକ ଥିବାରୁ ଭାରତକୁ ବହୁ ଭାବରେ ଲୁଣ୍ଠନ କରି ଚାଲିଲେ। ଭାରତୀୟ କଞ୍ଚା ମାଲରେ ବ୍ରିଟିଶ ଜିନିଷ ତିଆରି ହୋଇ ଭାରତରେ ବିକ୍ରୀ ହେଲା। ଉତ୍କୃଷ୍ଟମାନର ଦେଶୀ ଜିନିଷ ସହ ବିଦେଶୀ ଜିନିଷର ପ୍ରକୃତ ପ୍ରତିଯୋଗିତା ହୋଇଥିଲେ ଭାରତୀୟ ଜିନିଷର ଆଦର ଓ ଚାହିଦା ବହୁ ଗୁଣରେ ବ୍ରିଟିଶ ଜିନିଷକୁ ଟପି ଯାଇଥାନ୍ତା। ଭାରତୀୟ ଅର୍ଥନୀତି ଛାଣୁ ପାଲଟି ନଥାନ୍ତା।

ତୃତୀୟତଃ "ଇକୋନୋମିକ ଡ୍ରେନ" (ଅର୍ଥ ନିଃଶେଷ) ଏବଂ ହୋମ ଚାର୍ଜେସ ଇତ୍ୟାଦି ଦିଗରେ କୋଟି କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ସମ୍ପଦ ଭାରତରୁ ଇଂଲଣ୍ଡକୁ ଚୁହା ହେଲା। ଏହା ଜାତୀୟ ଆୟର ୩ ଶତାଂଶ ଥିଲା। (୧୭୫୭–୧୯୩୯)। ଏ ସମସ୍ତ ହୋଇ ନଥିଲେ ଭାରତରେ ଏ ସବୁର ବିନିଯୋଗ ହୋଇ ପୁଞ୍ଜି ନିବେଶ ଜାତୀୟ ଆୟର ୫ ଶତାଂଶ ନହୋଇ ୧୦ ଶତାଂଶ ହୋଇ ପାରିଥାନ୍ତା ଓ ଭାରତର ଉନ୍ନତି ହାର ଇଂଲଣ୍ଡ ଓ ଆମେରିକା ସହ ସମାନ ହୋଇ ଏକ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ପାଇଥାନ୍ତା। ଏହାର ବ୍ୟତିକ୍ରମରେ ଭାରତ ଦରିଦ୍ର, ଅନୁନ୍ନତ ହୋଇ ରହିଗଲା। ପୁନଶ୍ଚ ଇଂରେଜମାନେ ଭାରତ ଛାଡ଼ିବା ବେଳେ ଦେଶକୁ ଭାରତ ଓ ପାକିସ୍ଥାନରେ ବିଭକ୍ତ କରି ଅର୍ଥନୀତିର ଆହୁରି କ୍ଷତି ସାଧନ କଲେ। ଫଳରେ ମାତ୍ର ୧୮ ଶତାଂଶ ଲୋକଙ୍କ ପାଇଁ ୨୩ ଶତାଂଶ ଉର୍ବର ଜମି ଭାରତ ହରାଇଲା। ଏ ସମସ୍ତ ଭାଗ ବଣ୍ଟାରେ ଦେଶର ପ୍ରଭୂତ କ୍ଷତି ହେଲା।

ମାତ୍ର ସ୍ୱାଧୀନତା ପରେ ଆମ ପ୍ରଗତିଶୀଳ ସରକାରଙ୍କ ଉଦ୍ୟମରେ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଦେଶ ଆଗେଇ ଚାଲିଲା ଉନ୍ନତି ପଥରେ। କୃଷି ଓ ଶିଳ୍ପ ବିପ୍ଳବ ଫଳରେ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଲା ଓ ମାନବ ସମ୍ପଦର ସଦୁପଯୋଗ ସାଙ୍ଗକୁ ବିଭିନ୍ନ ଅର୍ଥନୈତିକ ସଂସ୍କାର ଯୁଗ ଆରମ୍ଭ ହେଲା। ୧୯୯୧ ମସିହାଠାରୁ ଦେଶରେ ଉଦାରୀକରଣ ଓ ବିଶ୍ୱ ଅର୍ଥନୀତି ସହ ଏକୀକରଣ ଫଳରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଆଗମନ ତଥା ଦେଶୀୟ କମ୍ପାନୀଙ୍କ ପ୍ରତିଯୋଗିତାରେ ଉତ୍ପାଦନ ତଥା ରପ୍ତାନୀର ପଥ ସୁଗମ ହେଲା। ଫଳରେ ଭାରତ ଏକ ଶିଳ୍ପ ସମୃଦ୍ଧ ଦେଶ ଭାବେ ମୁଣ୍ଡ ଟେକି ପାରିଲା। ଜାତୀୟ ଅଭିବୃଦ୍ଧିହାର ବର୍ତ୍ତମାନ ୭ ଶତାଂଶ ଥିବା ବେଳେ ୧୯୫୦ ପୂର୍ବରୁ ଏହା ଥିଲା ମାତ୍ର ୨ ଶତାଂଶ। ପୁଞ୍ଜି ନିବେଶ ୧୯୫୦ ପୂର୍ବେ ମାତ୍ର ୫ ଶତାଂଶ ଥିବାବେଳେ ଏବେ ଏହା ୨୬ ଶତାଂଶରୁ ବେଶୀ। ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବେ ମାତ୍ର ୫୦ ନିୟୁତ ଟନ ଥିବାବେଳେ ଏବେ ଏହା ୨୧୫ ନିୟୁତ ଟନରୁ ଅଧିକ ରହି ଦେଶକୁ ଆତ୍ମନିର୍ଭର–ଶୀଳ କରିପାରୁଛି। କୃଷି ଓ ଶିଳ୍ପରେ ପ୍ରଗତି ଫଳରେ ଉତ୍ପାଦନ ଆଶାତୀତ ଭାବରେ ବଢ଼ିବାରେ ଲାଗିଛି।

ଦେଶରେ ପୁଞ୍ଜିନିବେଶ ଓ ଭିତ୍ତିଭୂମିର ପ୍ରସାର ଓ ବିସ୍ତାର ଯୋଗୁଁ ଗମନାଗମନ, ରାସ୍ତା, ପୋଲ, ବନ୍ଦର, ଯୋଗାଯୋଗ, ଶକ୍ତି, ବ୍ୟାଙ୍କିଂ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ପ୍ରଭୂତ ଉନ୍ନତି ପରିଲକ୍ଷିତ ହୋଇଛି।

ଭାରତୀୟ ରେଳ ଚଳାଚଳ ବ୍ୟବସ୍ଥାରେ ଆଧୁନିକୀକରଣ ତଥା
ନବୀକରଣ ବ୍ୟବସ୍ଥା ପୃଥିବୀର ଅନ୍ୟତମ ସର୍ବବୃହତ୍ ବ୍ୟବସ୍ଥା ।
ଦେଶ ଜାହାଜ ଚଳାଚଳରେ ବିଶ୍ୱର ପ୍ରଥମ ୧୫ଟି ରାଷ୍ଟ୍ରଙ୍କ ମଧ୍ୟରେ
ଅଛି । ଶକ୍ତି ଉତ୍ପାଦନରେ ଏହା ୩୧୫ ବିଲିୟନ କିଲୋୱାଟର
ସାମର୍ଥ୍ୟ ରଖୁଛି ଓ ଜଳସେଚନରେ ଏହା ୮୨ ନିୟୁତ ହେକ୍ଟର
କ୍ଷମତା, ୧୯୫୦ ପୂର୍ବରୁ ମାତ୍ର ୨୨ ନିୟୁତ ହେକ୍ଟର କ୍ଷମତା
ଥିଲା ।

ଶିକ୍ଷା କ୍ଷେତ୍ରରେ ଦେଶ ଆଜି ଏକ ଆଗୁଆ ଶ୍ରେଣୀର ମର୍ଯ୍ୟାଦା
ପାଇଛି । ଯଦିଓ ଏଠି ଶିକ୍ଷିତଙ୍କ ସଂଖ୍ୟା ୫୨ ପ୍ରତିଶତ, ମାତ୍ର
ସ୍ୱାଧୀନତା ପୂର୍ବରୁ ଏ ସଂଖ୍ୟା ଥିଲା ମାତ୍ର ୧୭ ପ୍ରତିଶତ । ୧୯୪୭
ପୂର୍ବରୁ ଦେଶରେ ମାତ୍ର ୨୩ଟି ବିଶ୍ୱବିଦ୍ୟାଳୟ ଥିବା ବେଳେ ୧୯୯୨
ସୁଦ୍ଧା ବଢ଼ି ହୋଇଛି ୨୨୫ । ବୈଜ୍ଞାନିକ ଜ୍ଞାନୀଙ୍କ ସଂଖ୍ୟା
ଦେଶରେ ବଢ଼ି ଚାଲିଛି । ଫଳରେ ବିଦେଶରେ ଏମାନଙ୍କ ଚାହିଦା
ଛୁଇଁ ପାରିଛି । ଏ କ୍ଷେତ୍ରରେ ତଥା ବୈଜ୍ଞାନିକ ଜ୍ଞାନ କୌଶଳରେ
ଦେଶ ପୃଥିବୀରେ ତୃତୀୟ ସ୍ଥାନ ଗ୍ରହଣ କରିପାରିଛି ।

କମ୍ପ୍ୟୁଟର ଓ ଇଲେକ୍ଟ୍ରୋନିକ୍ସରେ ଭାରତ ପୃଥିବୀର ପ୍ରଥମ ୫ଟି
ଦେଶ ମଧ୍ୟରେ ରହି ଇଲେକ୍ଟ୍ରୋନିକ୍ସ ଓ ଇଞ୍ଜିନିୟରିଂ ଦ୍ରବ୍ୟ
ରପ୍ତାନୀରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଆଣବିକ
ଶକ୍ତି ତଥା ମହାକାଶ ବିଜ୍ଞାନରେ ଏହା ପୃଥିବୀର ପ୍ରଥମ ୫/୬ଟି
ପରମାଣୁ ରାଷ୍ଟ୍ରଙ୍କ ମଧ୍ୟରେ ଅଛି । ଏହା ଏକ ବୃହତ ଶକ୍ତିର
ମର୍ଯ୍ୟାଦା ହାସଲ କରି ତୃତୀୟ ବିଶ୍ୱ ରାଷ୍ଟ୍ର ସମୂହରେ ଅଗ୍ରଣୀ
ଭୂମିକା ନେଇପାରିଛି ।

ଅନ୍ୟ ପକ୍ଷରେ ଦେଶରେ ବିତ୍ତ ବ୍ୟବସ୍ଥା, ବ୍ୟାଙ୍କ କାରବାର ଓ
ସ୍ୱାସ୍ଥ୍ୟ ଓ ପରିବେଶ ଆଦିରେ ଉଲ୍ଲେଖନୀୟ ବିକାଶ ହୋଇ
ଦାରିଦ୍ର୍ୟ ଓ ବେକାରୀ କମିବାରେ ଲାଗିଛି । ସ୍ୱାଧୀନତା ପୂର୍ବରୁ
ଦେଶରେ ୬୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା
ବେଳେ ଏହା କମି ମାତ୍ର ୩୫ ପ୍ରତିଶତ ଥିବା ଜଣା ପଡ଼ିଛି । ଏଣୁ
ଭାରତ ମାତ୍ର ୫୦ ବର୍ଷରେ ଯେ ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ
ପରିବର୍ତ୍ତନ ଆଣିପାରିଛି ଏଥିରେ ଦ୍ୱିମତ ନାହିଁ । ଏ ସମସ୍ତ
ପରିବର୍ତ୍ତନରେ ଦେଶ ସ୍ୱଳ୍ପ ବିକାଶରୁ ପୂର୍ଣ୍ଣ ବିକାଶକୁ, ଦାରିଦ୍ର୍ୟରୁ
ସମୃଦ୍ଧକୁ, ଦୁଷ୍ପ୍ରାପ୍ୟରୁ ପ୍ରାଚୁର୍ଯ୍ୟକୁ, ଅନ୍ଧାରରୁ ଆଲୋକକୁ ତଥା
ଶକ୍ତିହୀନଠାରୁ ଶକ୍ତିଶାଳୀ ରାଷ୍ଟ୍ର ହୋଇ ପାରିଛି ।

ରାଜଧାନୀ ମହାବିଦ୍ୟାଳୟ,
ଭୁବନେଶ୍ୱର

## ବାସହୀନମାନଙ୍କୁ ଘରଡିହ ଯୋଗାଣ

ଗୋଷଣା କରିଛନ୍ତି । ୧୯୯୮-୯୯ ମସିହାରେ ମୋଟ୍ ୨ ଲକ୍ଷ ୩ ହଜାର ୮୫୮ ଜଣ ଗରିବ ବାସହୀନ ଲୋକଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବାକୁ ରାଜ୍ୟ ସରକାର
ରାଜ୍ୟର ସମସ୍ତ ବାସହୀନ ଗରିବ ଲୋକଙ୍କୁ ଆସନ୍ତା ୧୯୯୯ ମସିହା ଜାନୁଆରୀ ୨୬ ତାରିଖ ସୁଦ୍ଧା ଘରଡିହ ପଟ୍ଟା ଯୋଗାଇ ଦେବାର ଲକ୍ଷ୍ୟଧାର୍ଯ୍ୟ
କରାଯାଇଛି । ଗତ ୧.୪.୯୮ ତାରିଖ ଠାରୁ ୩୧.୧୦.୯୮ ତାରିଖ ମଧ୍ୟରେ ମୋଟ ୨୩,୮୬୪ ଜଣ ଗରିବ ବାସହୀନ ଲୋକଙ୍କୁ ୮୬୪.୩୫୫ ଏକର ପରିମିତ
ଜମିପଟ୍ଟା ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୧୧,୩୯୫ ଜଣ ଆଦିବାସୀ, ୬୨୪୦ ଜଣ ହରିଜନ ଏବଂ ୬୨୨୯ ଜଣ ଅନ୍ୟାନ୍ୟ ବର୍ଗର ଲୋକ ଅନ୍ତର୍ଭୁକ୍ତ ।
କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନର ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, ମୟୂରଭଞ୍ଜ, ପୁରୀ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ
ଗତ ୧.୪.୯୮ ରୁ ୩୧.୧୦.୯୮ ତାରିଖ ମଧ୍ୟରେ ମୋଟ ୨୧୭.୧୪୩ ଏକର ପରିମିତ ଘରଡିହ ପଟ୍ଟା ୫୫୮୦ ଜଣ ଗରିବ ବାସହୀନ ଲୋକଙ୍କୁ ବଣ୍ଟନ କରାଯାଇଛି ।
ସେଥିରୁ ଆଦିବାସୀଙ୍କ ସଂଖ୍ୟା ୧୯୯୪, ହରିଜନଙ୍କ ସଂଖ୍ୟା ୧୬୬୬ ଏବଂ ଅନ୍ୟାନ୍ୟ ବର୍ଗର ୧୮୨୦ ଜଣ ଅନ୍ତର୍ଭୁକ୍ତ ।
ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ ଅନୁଗୁଳ, ବଲାଙ୍ଗୀର, ବରଗଡ, ଦେବଗଡ, ଢେଙ୍କାନାଳ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୋନପୁର,
ସୁନ୍ଦରଗଡ ଜିଲ୍ଲାରେ ଗତ ୧.୪.୯୮ ରୁ ୩୧.୧୦.୯୮ ତାରିଖ ମଧ୍ୟରେ ମୋଟ୍ ୭,୫୩୦ ଜଣ ଗରିବ ବାସହୀନ ଲୋକଙ୍କୁ ୩୪୬.୫୫୧ ଏକର ପରିମିତ ଘରଡିହ
ପଟ୍ଟା ବଣ୍ଟନ କରାଯାଇଛି । ସେଥିମଧ୍ୟରୁ ୩୪୫୪ ଜଣ ଆଦିବାସୀ, ୨୩୭୯ ଜଣ ହରିଜନ ଓ ୧୬୯୭ ଜଣ ଅନ୍ୟାନ୍ୟ ବର୍ଗର ଲୋକ ଅନ୍ତର୍ଭୁକ୍ତ ।
ସେହିପରି ୧.୪.୯୮ ତାରିଖରୁ ୩୧.୧୦.୯୮ ତାରିଖ ମଧ୍ୟରେ ଦକ୍ଷିଣାଂଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁରର,
ମାଲକାନଗିରି, ଗଂଜାମ, ଗଜପତି, କଳାହାଣ୍ଡି, ନୂଆପଡା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାମାନଙ୍କରେ ମୋଟ୍ ୧୦,୭୫୪ ଜଣ ଗରିବ ବାସହୀନ ଲୋକଙ୍କୁ ୩୧୦.୬୬୧
ଏକର ପରିମିତ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି । ତନ୍ମଧ୍ୟରୁ ୫୯୪୭ ଜଣ ଆଦିବାସୀ, ୨୦୯୫ ଜଣ ହରିଜନ ଓ ୨୭୧୨ ଜଣ ଅନ୍ୟାନ୍ୟ ବର୍ଗର ଅଛନ୍ତି ।
ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିକଟେ ରାଜସ୍ୱ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଇତିମଧ୍ୟରେ ବଲାଙ୍ଗୀର, ବରଗଡ, ଦେବଗଡ, ଝାରସୁଗୁଡା,
କଳାହାଣ୍ଡି, ନୂଆପଡା, ସମ୍ବଲପୁର ଓ ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତ କରି ଏହି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ।

# ଓଡ଼ିଶାର ପୋଥି ସଂସ୍କୃତି

**ଡକ୍ଟର ଭଗବାନ ପଣ୍ଡା**

ପ୍ରାଚୀନ ଭାରତରେ ଲେଖା ଲେଖି କରିବା ପାଇଁ ଶିଳାଖଣ୍ଡ, ତାମ୍ରପତ୍ର, କାଠପଟା, ତାଳପତ୍ର, ଭୂର୍ଜବଲ୍କଳ, ହାତୀଦାନ୍ତ ତିଆରି ପଟା, ପଶୁଚର୍ମ ପ୍ରଭୃତି ବ୍ୟବହୃତ ହେଉଥିଲା । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀଠାରୁ ପୂର୍ବପ୍ରଚଳିତ ଶିଳାଲେଖ ଓ ସ୍ତମ୍ଭଲେଖ ସହିତ ରାଜାଦେଶ ଉଦ୍ଦେଶ୍ୟରେ ତାମ୍ରପତ୍ରର ବହୁଳ ବ୍ୟବହାର ଆରମ୍ଭ ହେଲା । ଦୁଷ୍ପ୍ରାପ୍ୟ ଓ ଉପାଦେୟ ଗ୍ରନ୍ଥ, କଳା, ବିଜ୍ଞାନ ଓ ବୈଷୟିକ ବିଦ୍ୟା ସମ୍ବନ୍ଧୀୟ ଶାସ୍ତ୍ର, ସରକାରୀ ନଥି, ପ୍ରତ୍ନତାତ୍ତ୍ୱିକ ତଥ୍ୟ, ଯନ୍ତ୍ରାଦି ଉପାଦାନ ପ୍ରଭୃତି ମୁଖ୍ୟତଃ ତାଳପତ୍ର, ଭୂର୍ଜବଲ୍କଳ ଓ ପଶୁଚର୍ମରେ ଲିପିବଦ୍ଧ କରାଯାଉଥିବାର ଜଣାଯାଏ । ତେଣୁ ଭାରତର ବିଭିନ୍ନ ସଂଗ୍ରହାଳୟ ଓ ପାଠାଗାରରେ ଏପ୍ରକାର ହଜାର ହଜାର ପାଣ୍ଡୁଲିପି ଥିବାର ଦେଖାଯାଏ ।

ଭାରତର ଉତ୍ତର ଓ ଉତ୍ତର–ପଶ୍ଚିମ ଅଞ୍ଚଳରେ ଭୂର୍ଜପତ୍ର ଓ କେତେକ କ୍ଷେତ୍ରରେ ପଶୁଚର୍ମରେ ଲିଖିତ ପୋଥି ମିଳିଥିବାର ଜଣାଯାଏ । କିନ୍ତୁ ପୂର୍ବଭାରତର ଉପକୂଳ ଅଞ୍ଚଳରେ ବିଶେଷ କରି ବଙ୍ଗପ୍ରଦେଶଠାରୁ କେରଳ ପର୍ଯ୍ୟନ୍ତ ମୁଖ୍ୟତଃ ତାଳପତ୍ରରେ ଲିଖିତ ପୋଥି ବହୁସଂଖ୍ୟାରେ ଉପଲବ୍ଧ ହୁଏ । ଓଡ଼ିଶା ସହିତ ସମଗ୍ର ଦକ୍ଷିଣ ଭାରତରେ ତାଳ ଓ ଶ୍ରୀତାଳର ସୁଲଭତା ଦୃଷ୍ଟିରୁ ସେଥିରେ ଲେଖିବା ପଦ୍ଧତି ଖ୍ରୀଷ୍ଟୀୟ ଷଷ୍ଠ–ସପ୍ତମ ଶତାବ୍ଦୀଠାରୁ ଆରମ୍ଭ ହୋଇଥିବାର ପ୍ରମାଣ ମିଳେ । ତିବ୍ବତ, ଓ ନେପାଳ ସହିତ ପୂର୍ବଭାରତରେ ସାମୀର ନାମକ ବୃକ୍ଷର ପତ୍ରରେ ମୁଖ୍ୟତଃ କାଳିକଲମରେ ଲେଖା ଲେଖି ହେଉଥିଲା । ଓଡ଼ିଶାରେ ବହୁପୂର୍ବରୁ ତାଳପତ୍ରର ବ୍ୟବହାର ଆରମ୍ଭ ହୋଇଥିଲେ ମଧ୍ୟ ଉପଲବ୍ଧ ପ୍ରାଚୀନତମ ତାଳପତ୍ର ପୋଥିର ସମୟ ହେଉଛି ୧୪୯୩ ଖ୍ରୀଷ୍ଟାବ୍ଦ । କିନ୍ତୁ ଗୁଜୁରାଟ, ତାମିଲନାଡୁ ଓ କେରଳରୁ ଖ୍ରୀଷ୍ଟୀୟ ନବମ–ଦଶମ ଶତାବ୍ଦୀର ତାଳପତ୍ର ପୋଥି ମିଳିଥିବାର ଜଣାଯାଏ । ଖ୍ରୀଷ୍ଟୀୟ ୧୦ମ–୧୧ଶ ଶତାବ୍ଦୀଠାରୁ ଭାରତରେ କାଗଜର ବ୍ୟବହାର ଆରମ୍ଭ ହେବା ଫଳରେ ବିଭିନ୍ନ ଅଞ୍ଚଳରେ ଲେଖା ଲେଖି ପାଇଁ କାଗଜ ମୁଖ୍ୟସ୍ଥାନ ଲାଭକଲାବେଳେ ଓଡ଼ିଶାରେ ବିଂଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ମୁଖ୍ୟତଃ ତାଳପତ୍ର ହିଁ ବ୍ୟବହୃତ ହେଉଥିଲା । ବର୍ତ୍ତମାନ ମଧ୍ୟ ବିଭିନ୍ନ ଚିତ୍ରର ଖୋଦେଇ ଓ ଚିତ୍ରଣ, ଜାତକ ପ୍ରସ୍ତୁତି, ବିବାହ ନିମନ୍ତ୍ରଣ ପ୍ରଭୃତି କାର୍ଯ୍ୟରେ ତାଳପତ୍ର ବ୍ୟବହାର କରାଯାଉଥିବାର ଦେଖାଯାଏ ।

ପ୍ରାଚୀନ ଓଡ଼ିଶାର ଉପାଦେୟ ସାଂସ୍କୃତିକ ବିଭବ ମଧ୍ୟରେ ତାଳପତ୍ର ପୋଥିର ମହତ୍ତ୍ୱ ସର୍ବଥା ଉଲ୍ଲେଖନୀୟ । ତାଳପତ୍ର ହେଉଛି ଓଡ଼ିଶା ଓ ଓଡ଼ିଆ ଜାତିର ଅମୂଲ୍ୟସମ୍ପଦ । ଓଡ଼ିଶାର ପୁରାଣ–ଇତିହାସ, ଶିଳ୍ପ–କଳା, ସଙ୍ଗୀତ–ସାହିତ୍ୟର ଆଧାର ହେଉଛି ଏଇ ତାଳପତ୍ର ପୋଥି । କାଳର କରାଳ ଦୃଷ୍ଟିକୁ ଏଡ଼େଇ ଓ ମଣିଷର ଅମାନୁଷିକ ଅବହେଳାକୁ ସହ୍ୟ କରି ଶହ ଶହ ବର୍ଷ ଧରି ଆଲୋକର ଅପେକ୍ଷାରେ ପଡ଼ିରହି ଥିବା ପୋଥିଗୁଡ଼ିକରୁ, ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ, ଓଡ଼ିଆଜାତିର ଜାତୀୟ ଜୀବନଧାରା କିପରି ଉନ୍ନତ ଥିଲା, ଲୋକେ କିପରି ଶିକ୍ଷିତ, ସାହସୀ ଓ ଉଦ୍ୟମୀ ଥିଲେ ଏବଂ ଦେଶ ଓ ଜାତିର କଲ୍ୟାଣରେ କିପରି ଓଡ଼ିଆମାନେ ନିୟୋଜିତ ଥିଲେ ତା'ର ଉଜ୍ଜ୍ୱଳ ସୂଚନା ମିଳେ । ପୋଥିକୁ ବାଦ୍ ଦେଇ ଗୌରବାବହ ଓଡ଼ିଶାର ଯଥାର୍ଥ ପରିଚୟ କଳ୍ପନା କରିବା ସମ୍ଭବ ନୁହେଁ ।

ଓଡ଼ିଶାର ରାଜା ମହାରାଜା, ଜମିଦାର, ଗ୍ରାମର ମୁଖ୍ୟ ବା ଅଧ୍ୟକ୍ଷ, ସମ୍ଭ୍ରାନ୍ତ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ପୃଷ୍ଠପୋଷଣ ଦ୍ୱାରା ପୋଥିର ପ୍ରସ୍ତୁତି, ଲିଖନ, ଚିତ୍ରଣ ଓ ବିଭିନ୍ନ ଗ୍ରନ୍ଥର ପ୍ରତିଲିପି କରିବା କାର୍ଯ୍ୟ ଏକ ସମୃଦ୍ଧ ପରମ୍ପରା ରୂପେ ପ୍ରଚଳିତ ଥିଲା । କାରଣ, ଏହା ମର୍ଯ୍ୟାଦାର ଏକ ଅଙ୍ଗ ରୂପେ ଓ ଶାସ୍ତ୍ରାନୁମୋଦିତ ଧର୍ମକାର୍ଯ୍ୟ ସମାଜରେ ଗୃହୀତ ହୋଇଥିଲା । ଓଡ଼ିଶାର ଅଭିଲେଖ ଅନୁଶୀଳନରୁ ଜଣାଯାଏ ଯେ, ଖ୍ରୀଷ୍ଟୀୟ ୭ମ–୮ମ ଶତାବ୍ଦୀଠାରୁ ରାଜା, ବ୍ରାହ୍ମଣ ଓ ସମ୍ଭ୍ରାନ୍ତ ପରିବାର ମଧ୍ୟରେ ପୋଥିର ଆଦାନ ପ୍ରଦାନ ପ୍ରଚଳିତ ଥିଲା । ବ୍ରାହ୍ମଣ ଓ ବିଦ୍ୟାର୍ଥୀମାନଙ୍କୁ ବଦାନ୍ୟ ବ୍ୟକ୍ତିମାନେ ପୋଥି ଦାନ କରୁଥିଲେ । ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଓ ବିବାହିତା କନ୍ୟାକୁ ପୋଥି ଉପହାର ସ୍ୱରୂପ ଦିଆଯାଉଥିଲା । ତେଣୁ ଓଡ଼ିଶାର ଧର୍ମୀୟ ଓ ସାମାଜିକ ଜୀବନରେ ପୋଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସାଧାରଣତଃ ପୋଥି କହିଲେ ଲୋକେ ତାଳପତ୍ରରେ ଲିଖିତ ଗ୍ରନ୍ଥକୁ ହିଁ ବୁଝନ୍ତି । ଦକ୍ଷିଣ ଓଡ଼ିଶାରେ କାଗଜରେ ଲିଖିତ ବା ମୁଦ୍ରିତ ପୁସ୍ତକକୁ ଏବେବି ଲୋକେ ପୋଥି ବୋଲି କହୁଛନ୍ତି । ପୂର୍ବରୁ ଶାସ୍ତ୍ରପୁରାଣମାନ କେଉଁ ଲିପିରେ ତାଳପତ୍ର ଉପରେ ଲେଖାଯାଉଥିଲା ତା'ର ନିର୍ଦ୍ଦିଷ୍ଟ ପ୍ରମାଣ ମିଳେ ନାହିଁ । କିନ୍ତୁ

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀଠାରୁ ଓଡ଼ିଆ ଲିପିର ପ୍ରଚଳନ ଫଳରେ
ତାଳପତ୍ରର ବହୁଳ ବ୍ୟବହାର ଘଟିଥିବା ଅନୁମାନ କରାଯାଏ ।

ତାଳପତ୍ରକୁ ସଂଗ୍ରହ କରି, ଶୁଖାଇ, କଷଦେଇ, ଆକାର ପ୍ରସ୍ତୁତି
ଓ ଲିଖନ ଉପଯୋଗୀ କରିବାରେ ବହୁ ସମୟ ଲାଗେ । ଏହି
କାର୍ଯ୍ୟରେ ବିଭିନ୍ନ ଶ୍ରେଣୀର ଲୋକେ ଅଂଶ ଗ୍ରହଣ କରନ୍ତି ।
ପୋଥି ପ୍ରସ୍ତୁତି ପରେ ତାହା ଲେଖକମାନଙ୍କୁ ଯୋଗାଇ
ଦିଆଯାଏ । ଲେଖକ ବା ଲିପିକାରମାନେ ଲୌହ ଲେଖନୀ ଦ୍ୱାରା
ଉଦ୍ଦିଷ୍ଟ ଶାସ୍ତ୍ର ପୁରାଣ, କାବ୍ୟକବିତାମାନ ଲେଖିଥାନ୍ତି । ଆବଶ୍ୟକ
ସ୍ଥଳେ ଚିତ୍ରକରମାନେ ପୋଥିରେ ରେଖାଚିତ୍ର ଖୋଦେଇ କରନ୍ତି
ଏବଂ ରଙ୍ଗିନ୍ ଚିତ୍ର ଚିତ୍ରଣ କରନ୍ତି । କେତେକ କ୍ଷେତ୍ରରେ ଲେଖକ ଓ
ଚିତ୍ରକର ଏକ ବ୍ୟକ୍ତି ହୋଇଥିବାର ସୂଚନା ମିଳେ । କାଳକ୍ରମେ
ଏକ ପୋଥିରୁ ଅନେକ ପ୍ରତିଲିପି ପ୍ରସ୍ତୁତ ହୁଏ । ପୋଥିଗୁଡ଼ିକର
ସୁରକ୍ଷା ପାଇଁ ଦୁଇପାଖରେ କାଠ ବା ବାଉଁଶର ଦୁଇଟି ପଟା ରହେ
ଏବଂ ମଝିରେ ବା ପାଖରେ ବିନ୍ଧ କରାଯାଇ ସେଥିରେ ଡୋରଦେଇ
ପୋଥିକୁ ବାନ୍ଧି ରଖାଯାଏ । କେତେକ ପୋଥିର ଦୁଇ ପାଖରେ
ଥିବା ପଟାକୁ ଚିତ୍ରଣ କରାଯାଇଥିବାର ଦେଖାଯାଏ ।
ବିଧିବଦ୍ଧଭାବେ ପ୍ରସ୍ତୁତ ଓ ସଂରକ୍ଷିତ ତାଳପତ୍ର ପୋଥି ପାଞ୍ଚଶହ
ବର୍ଷରୁ ଅଧିକ କାଳପର୍ଯ୍ୟନ୍ତ ନିରାପଦରେ ରହିପାରେ । ଜଳ,
ତେଲ, ପୋକ, ଉଈ, ମୂଷା ପ୍ରଭୃତି ପୋଥିର ପରମ ଶତ୍ରୁ ।
ଶିଥିଳଭାବେ ବନ୍ଧା ହୋଇ ପୋଥି ମଧ୍ୟ ଅଳ୍ପ କାଳ ମଧ୍ୟରେ ନଷ୍ଟ
ହୋଇଯାଏ । ଏବିଷୟରେ ସାବଧାନ ହେବା ପାଇଁ ପୋଥି
କହିଛି –

ଜଳାଦ୍ରକ୍ଷ ତୈଳାଦ୍ରକ୍ଷ ରକ୍ଷ ମାଂଶୁଥବନ୍ଧନାତ୍ ।
ପାଣ୍ଡୁଭ୍ୟଃ ପରହସ୍ତେଭ୍ୟ ଏବଂ ବଦତି ପୁସ୍ତକମ୍ ॥

ଓଡ଼ିଶା ପରି ଭାରତର ଅନ୍ୟାନ୍ୟ ଅଞ୍ଚଳରେ ପୋଥିର ପ୍ରସ୍ତୁତି ଓ
ସୁରକ୍ଷା ପାଇଁ ଭିନ୍ନ ଭିନ୍ନ ପଦ୍ଧତି ଅନୁସୃତ ହେଉଥିବାର
ଜଣାଯାଏ । ଜୀବନ ଓ ଜୀବିକା ପାଇଁ ପୋଥିଲେଖକମାନେ
ଯେଉଁ କଠୋର ସାଧନା କରନ୍ତି, ଶ୍ରମ ଓ ଶାରୀରିକ କଷ୍ଟ ବରଣ
କରନ୍ତି ତା'ର ସୂଚନା ନିମ୍ନୋକ୍ତରୁ ମିଳିଥାଏ –

ଭଗ୍ନପୃଷ୍ଠଃ କଟୀଗ୍ରୀବଃ ତୁଲ୍ୟଦୃଷ୍ଟିରଧୋମୁଖଃ ।
ଦୁଃଖେନ ଲିଖିତଂ ଗ୍ରନ୍ଥଃ ପୁତ୍ରବତ୍ ପରିପାଳୟେତ୍ ॥
ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ॥
ଗ୍ରନ୍ଥକର୍ତ୍ତା ସ୍ୱୟଂ ବ୍ୟାସୋ ଲେଖକସ୍ତୁ ବିନାୟକଃ
ତୟୋର୍ବିଚଳିତା ବୁଦ୍ଧିର୍ମନୁଷ୍ୟାଣାଂଚ କା କଥା ॥
ପୁସ୍ତକଂ ହରତେ ଯସ୍ତୁ କାଣୋ କୁଷ୍ଠୀଭବେନ୍ନରଃ ।
ପିତରୋ ନରକଂ ଯାନ୍ତି ଯାବଚ୍ଚନ୍ଦ୍ରଦିବାକରୌ ॥

ପୋଥି ଲେଖିବା ଏକ କଷ୍ଟସାଧ୍ୟ କଳା । ଓଡ଼ିଶାର ବହୁ ବ୍ୟକ୍ତି
ଜାତିଧର୍ମ ନିର୍ବିଶେଷରେ ଏହି କଳାସାଧନାରେ ବ୍ୟାପୃତ
ଥିଲେ ।

ଓଡ଼ିଶାରେ ମିଳୁଥିବା ପୋଥିରେ ପ୍ରକାଶିତ ଗ୍ରନ୍ଥ ବ୍ୟତୀତ
ଅପ୍ରକାଶିତ ଥିବା ବେଦ, ବେଦାଙ୍ଗ, ବ୍ରାହ୍ମଣ, ଉପନିଷଦ, ଧର୍ମଶାସ୍ତ୍ର,
ଦର୍ଶନଶାସ୍ତ୍ର, ଗଣିତଶାସ୍ତ୍ର, ପୁରାଣ, ଜ୍ୟୋତିଷ, ଆୟୁର୍ବେଦ,
ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର ତନ୍ତ୍ରଶାସ୍ତ୍ର ଓ ଲୌକିକତନ୍ତ୍ର (ଗୁଣିଗାରେଡ଼ି)
ସହିତ ବହୁ ଉପାଦେୟ କାବ୍ୟ କବିତା ନାଟକାଦି ଗ୍ରନ୍ଥ ଅଦ୍ୟାବଧି
ଜରାଜୀର୍ଣ୍ଣ ଅବସ୍ଥାରେ ଆଲୋକ ଦେଖିବାର ଅପେକ୍ଷାରେ
ରହିଛି । ସେଗୁଡ଼ିକର ସଂରକ୍ଷଣ, ପ୍ରକାଶନ ଓ ବିବରଣାତ୍ମକ
ତାଲିକା ପ୍ରସ୍ତୁତି ପାଇଁ ସମୟୋପଯୋଗୀ ଯଥାର୍ଥ ପଦକ୍ଷେପର
ଅଭାବ, ପ୍ରାକୃତିକ ବିପଦ, ଜଳବାୟୁର ପ୍ରକୋପ, ସଂରକ୍ଷକ ଓ
ଗବେଷକମାନଙ୍କର ଯଥେଚ୍ଛା ବ୍ୟବହାର ହେତୁ ସେଥିରେ ଲିପିବଦ୍ଧ
ହୋଇ ରହିଥିବା ଓଡ଼ିଶାର ପରମ୍ପରା, ଐତିହ୍ୟ, ବିଜ୍ଞାନ ଓ
ସଂସ୍କୃତିର ଆଲୋକ ଯେ ଚିରଦିନ ପାଇଁ ନିର୍ବାପିତ ହୋଇଯିବ,
ସେଥିରେ ସନ୍ଦେହ ନାହିଁ ।

ଖ୍ରୀଷ୍ଟୀୟ ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ଆବିର୍ଭୂତ ଓଡ଼ିଶାର
ମହାପୁରୁଷ, ସିଦ୍ଧସାଧକ ଓ ମହାକବିମାନଙ୍କ ବିପୁଳ ସାହିତ୍ୟ
ସମ୍ଭାର ତାଳପତ୍ରରେ ହିଁ ଲିଖିତ ଓ ପ୍ରଚାରିତ ହୋଇଥିଲା ।
ମହାକବି ସାରଳାଦାସଙ୍କ ମହାଭାରତ, ଭକ୍ତକବି ବଳରାମ ଦାସଙ୍କ
ରାମାୟଣ, ମହାପୁରୁଷ ଜଗନ୍ନାଥ ଦାସଙ୍କ ଭାଗବତ ଶିବ
ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ ଦ୍ୱାରା ତତ୍କାଳୀନ ଓଡ଼ିଶାର ଧାର୍ମିକ,
ସାମାଜିକ ଓ ସାଂସ୍କୃତିକ ଜୀବନରେ ଏକ ଅପୂର୍ବ ଜାଗରଣ ସୃଷ୍ଟି
ହୋଇଥିଲା, ଯାହାର ଦୃଷ୍ଟାନ୍ତ ଅନ୍ୟତ୍ର ବିରଳ । ଓଡ଼ିଆଭାଷା,
ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ପ୍ରମୁଖ ସ୍ଥାନ ଲାଭ କରିଥିଲା 'ଓଡ଼ିଆ
ଭାଗବତ' ଯାହାର ପ୍ରତିଲିପି ପ୍ରତ୍ୟେକ ଓଡ଼ିଆ ଘରେ ରହିବା
ଅନିବାର୍ଯ୍ୟ ହୋଇପଡ଼ିଲା । ଭାଗବତ ଅଧ୍ୟୟନ ପାଇଁ ପ୍ରତ୍ୟେକ
ଗ୍ରାମରେ ଗୋଟିଏ କରି ଭାଗବତଟୁଙ୍ଗି, ଭାଗବତ ଘର ଅଥବା
ଭାଗବତ ଗାଦି (ପାଠାଗାର) ପ୍ରତିଷ୍ଠା କରାଗଲା । ପୁରାଣପାଠ
ଓ ଆଲୋଚନା ଏହାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିଲେ ମଧ୍ୟ ଓଡ଼ିଆ
ଓ ସଂସ୍କୃତ ଭାଷାରେ ଲିଖିତ ଗ୍ରନ୍ଥଗୁଡ଼ିକ ଭାଗବତ ଗାଦିରେ
ସଂରକ୍ଷିତ ହେଲା ଏବଂ କାଳକ୍ରମେ ଭାଗବତଟୁଙ୍ଗି ଗ୍ରାମର ଶିକ୍ଷା ଓ
ସଂସ୍କୃତିର କେନ୍ଦ୍ର ରୂପେ ଗଢ଼ି ଉଠିଲା । ବିଭିନ୍ନ ଅଞ୍ଚଳରୁ ପୋଥି
ସଂଗ୍ରହ କରାଯାଇ ସେଠାରେ ରଖାଗଲା ଓ ପୋଥିର ପ୍ରତିଲିପି
ମଧ୍ୟ ପ୍ରସ୍ତୁତ ହେଲା । ବହୁ ବଦାନ୍ୟ ବ୍ୟକ୍ତି ମଧ୍ୟ ଭାଗବତ ଘରକୁ
ପୋଥି ଦାନ କଲେ । ଫଳରେ ଷୋଡ଼ଶ ଶତାବ୍ଦୀ ଶେଷ ଆଡ଼କୁ
ପ୍ରତ୍ୟେକ ଗ୍ରାମରେ ପୋଥିର ଏକ ସମୃଦ୍ଧ ପାଠାଗାର ପ୍ରତିଷ୍ଠା
ହୋଇପାରିଥିଲା । ଓଡ଼ିଶାର ଏହି ମହାନ୍ ଆଦର୍ଶ ଓଡ଼ିଶାର
ପଡ଼ୋଶୀ ରାଜ୍ୟ ସହିତ ସୁଦୂର ପୂର୍ବୋତ୍ତର ଭାରତରେ ଅନୁସୃତ
ହୋଇଥିଲା, ଯାହାର ଦୃଷ୍ଟାନ୍ତ ସମକାଳୀନ ଭାରତର ଅନ୍ୟାନ୍ୟ
ଅଞ୍ଚଳରେ ବିରଳ ।

ଭାରତବର୍ଷରେ ଓଡ଼ିଶା ପୋଥିଭଣ୍ଡାର ରୂପେ ସୁବିଦିତ ।
ଓଡ଼ିଶାର ପ୍ରତ୍ୟେକ ବ୍ରାହ୍ମଣ ପରିବାର, ଗ୍ରାମର ସମ୍ଭ୍ରାନ୍ତ ପରିବାର,

ମଠ, ମନ୍ଦିର, ପୂର୍ବତନ ରାଜକୀୟ ଗ୍ରନ୍ଥାଗାର ପ୍ରଭୃତିରେ ହଜାର ହଜାର ପୋଥି ଯେପରି ସଂଗୃହୀତ ଓ ସଂରକ୍ଷିତ ହୋଇ ରହିଥିଲା ତାହା ଭାବିଲେ ବିସ୍ମିତ ନ ହୋଇ ରହି ହେବ ନାହିଁ । ଦୁଃଖର କଥା, ଆଧୁନିକ ଶିକ୍ଷାର ପ୍ରସାର ଦ୍ୱାରା ସମାଜରେ ଭୋଗବିଳାସର ପ୍ରାଧାନ୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଓଡ଼ିଶାର ପୋଥିସଂସ୍କୃତିର ଅବକ୍ଷୟ ଘଟିବାରେ ଲାଗିଛି । ତଥାପି ଉପଲବ୍ଧ ତଥ୍ୟ ଅନୁସାରେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସତେଇଶଟି ବିଭାଗରେ ବିଭକ୍ତ, ଓଡ଼ିଆ, ତେଲୁଗୁ, ଦେବନାଗରୀ, ତାମିଲ, ଶାରଦା, ଉର୍ଦ୍ଦୁ, ବଙ୍ଗଳା ପ୍ରଭୃତି ଲିପିରେ ଲିଖିତ ପ୍ରାୟ ଅଠେଇଶି ହଜାରରୁ ଅଧିକ ତାଳପତ୍ର ପୋଥି (ଖେଦା ବା ଖଣ୍ଡ) ସ୍ବୃଚି ଶହ ଚିତ୍ରିତ ତାଳପତ୍ର ପୋଥି ଓ ପାଞ୍ଚ ହଜାରରୁ ଅଧିକ କାଗଜ ପାଣ୍ଡୁଲିପି ସଂରକ୍ଷିତ ହୋଇ ରହିଛି । ବିଷୟବସ୍ତୁ ଅନୁସାରେ ପୃଥକ୍ କରାଗଲେ ପୋଥି ସଂଖ୍ୟା ଶ୍ରୁଳିଶ ହଜାରରୁ ଅଧିକ ହେବ । ଏହା ଭାରତର ପ୍ରଥମ ସ୍ଥାନୀୟ ତାଳପତ୍ର ପୋଥିଭଣ୍ଡାର । ଉତ୍କଳ ବିଶ୍ୱବିଦ୍ୟାଳୟ (ଆ: ୬୦୦୦), ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଆ: ୧୨୦୦), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଆ: ୫୦୦୦), ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ (ଆ: ୨୦୦୦), ବିଶ୍ୱଭାରତୀ, ଶାନ୍ତି ନିକେତନ (ଆ: ୬୦୦), କେଦାରନାଥ ଗବେଷଣା ପ୍ରତିଷ୍ଠାନ (ଆ: ୩୦୦), ମହତାବ ପାଠାଗାର (ଆ: ୮୦୦୦), ବାଞ୍ଛାନିଧି ପାଠାଗାର (ଆ: ୫୦୦୦), ଓଡ଼ିଶା ଓ ପଶ୍ଚିମ ବଙ୍ଗର ବିଭିନ୍ନ ପାଠାଗାର ବନାରସ, ଆହ୍ଲାବାଦ, ମାଡ୍ରାଜ (ଚେନ୍ନାଇ) ଓ ମହାରାଷ୍ଟ୍ରର ବିଭିନ୍ନ ପ୍ରାଚ୍ୟ–ଗ୍ରନ୍ଥାଗାର, ପାଠାଗାର ଓ ସଂଗ୍ରହାଳୟରେ ପ୍ରାୟ ପଚାଶ ହଜାରରୁ ଅଧିକ ଓଡ଼ିଆ ତାଳପତ୍ର ପୋଥି ସଂରକ୍ଷିତ ହୋଇ ରହିଥିବାର ଜଣାଯାଏ । ଓଡ଼ିଶାର ବହୁ ଉପାଦେୟ ଗ୍ରନ୍ଥ ଓ ଚିତ୍ର ପୋଥି ଭାରତ ବାହାରକୁ ବିଶେଷତଃ ଲଣ୍ଡନ, ସ୍ୱିଜରଲାଣ୍ଡ, ହଙ୍ଗେରୀ, ଆମେରିକା, ଜର୍ମାନ, ଜାପାନ, ନେପାଳ, ଚୀନ ପ୍ରଭୃତି ଦେଶକୁ ସ୍ଥାନାନ୍ତରିତ ହୋଇ ଯାଇଥିବାର ସୂଚନା ମିଳେ । ସମ୍ପ୍ରତି ଓଡ଼ିଶାର ପ୍ରତ୍ୟେକ ଶାସନ (ଅଗ୍ରହାର) ଓ ବ୍ୟକ୍ତିଗତ ସଂଗ୍ରହରେ ଲକ୍ଷାଧିକ ପୋଥି ଥିବାର ଜଣାଯାଏ । ଦୁଃଖର କଥା, ପୋଥି ପରି ଏକ ଦୁର୍ଲଭ ଐତିହାସିକ ଓ ସାଂସ୍କୃତିକ ଉପାଦାନର ସର୍ବେକ୍ଷଣ ଅଦ୍ୟାବଧି ଓଡ଼ିଶାରେ କରାଯାଇ ନାହିଁ ।

୧୭୮୪ରେ ଏସିଆଟିକ୍ ସୋସାଇଟି, ବେଙ୍ଗଲ କଲିକତାରେ ପ୍ରତିଷ୍ଠା ହେବା ପରେ ଓଡ଼ିଶାର ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣାର ଶୁଭାରମ୍ଭ ହେଲା । ୧୮୦୩ ପରେ ଯେଉଁ ଦେଶୀ ଓ ବିଦେଶୀ ତଥାକଥିତ ଗବେଷକମାନେ ଓଡ଼ିଶାର ଶାସନ କାର୍ଯ୍ୟରେ ନିଯୁକ୍ତ ହେଲେ ସେଇମାନେ ହିଁ ଏହାର ଐତିହାସିକ ନଥିପତ୍ର, ପ୍ରତ୍ନତାତ୍ତ୍ୱିକ ବିଭବ ଓ ତାଳପତ୍ର ପୋଥିର ସର୍ବେକ୍ଷଣ ଆରମ୍ଭ କଲେ । ୧୮୭୦–୧୯୦୮ ମଧ୍ୟରେ ପୂର୍ବୋକ୍ତ ସୋସାଇଟି ପକ୍ଷରୁ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ, ରାଜେନ୍ଦ୍ରଲାଲ ମିତ୍ର ପ୍ରଭୃତିଙ୍କ ଦ୍ୱାରା ସମ୍ପାଦିତ ୧୦ ଭାଗରେ ଓ ୨୦ ଖଣ୍ଡରେ ବିଭକ୍ତ ଯେଉଁ ପାଣ୍ଡୁଲିପି (ପୋଥି) ବିବରଣାତ୍ମକ ତାଲିକା ପ୍ରକାଶ ପାଇଥିଲା ସେଥିରେ ଓଡ଼ିଶାର ବହୁ ପୋଥି ସଂଗୃହୀତ ହୋଇଥିବାର ଜଣାଯାଏ । ସେହିପରି ଚେନ୍ନାଇ, ମହାରାଷ୍ଟ୍ର, ଗୁଜରାଟ ପ୍ରଭୃତି ଅଞ୍ଚଳରୁ ପ୍ରକାଶିତ ତାଲିକାରେ ଓଡ଼ିଶାର ବହୁ ଉପାଦେୟ, ଦୁଷ୍ପ୍ରାପ୍ୟ ଓ ଅଜ୍ଞାତ ପ୍ରାୟ ପୋଥି ସ୍ଥାନିତ ହୋଇଥିବାର ଦେଖାଯାଏ । ଓଡ଼ିଶା ବାହାରର ଗବେଷକମାନେ ତତ୍କାଳୀନ ଉପଲବ୍ଧ ଉପାଦାନ ଆଧାରରେ ନିଜ ରୁଚି ଓ ଜ୍ଞାନ ଅନୁସାରେ ଓଡ଼ିଶା ଓ ଓଡ଼ିଆଜାତି ଉପରେ ଭ୍ରମପୂର୍ଣ୍ଣ ଓ ବିକୃତ ଲେଖାମାନ ପ୍ରବନ୍ଧ ଓ ପୁସ୍ତକ ଆକାରରେ ପ୍ରକାଶ କରିବାକୁ ଲାଗିଲେ । ଦୀର୍ଘ ଏକ ଶତାବ୍ଦୀ ଧରି ଏଇ ଦୁରବସ୍ଥା ଲାଗି ରହିବା ପରେ ୧୯୩୬ରେ ଏକ କ୍ଷୁଦ୍ରାତିକ୍ଷୁଦ୍ର ଭୂଖଣ୍ଡକୁ ନେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଆତ୍ମପ୍ରକାଶ କଲା । ୧୯୪୧–୪୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଓଡ଼ିଆ ଗବେଷକମାନେ ଗବେଷଣା କ୍ଷେତ୍ରରେ ପ୍ରବେଶ କଲେ । ୧୯୪୯ ମସିହାଠାରୁ ଓଡ଼ିଶାର ଅଭିଲେଖଗୁଡ଼ିକ ପୁନଃ ସମ୍ପାଦିତ ହେଲା ଏବଂ ପ୍ରାଚୀନ ପୋଥିର ସମ୍ପାଦନା ଓ ପ୍ରକାଶନ କାର୍ଯ୍ୟରେ ଗବେଷକମାନେ ନିୟୋଜିତ ହେଲେ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଭୁବନେଶ୍ୱରର ସାମ୍ପ୍ରତିକ ସୌଧକୁ ୧୯୬୦ରେ ସ୍ଥାନାନ୍ତରିତ ହେବା ପରେ ବିଧିବଦ୍ଧଭାବେ ତାଳପତ୍ର ପୋଥିର ସଂଗ୍ରହ ଓ ସଂରକ୍ଷଣ ସହିତ ବିବରଣାତ୍ମକ ପୋଥି ତାଲିକା (ପୂର୍ବପ୍ରସ୍ତୁତ) ୧୯୫୮ରୁ କ୍ରମଶଃ ପ୍ରକାଶ ପାଇଲା । କିନ୍ତୁ ଅଦ୍ୟାବଧି ଯେଉଁ କେତେ ଖଣ୍ଡ ବିବରଣାତ୍ମକ ତାଲିକା ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରକାଶିତ ହୋଇଛି, ତାହା ସଂଗୃହୀତ ପୋଥି ସଂଖ୍ୟା ତୁଳନାରେ ଆଦୌ ସନ୍ତୋଷଜନକ ନୁହେଁ । କେତେକ ସଂସ୍ଥାରେ ହଜାର ହଜାର ପୋଥି ଥିଲେ ମଧ୍ୟ ତାହାର କୌଣସି ସୂଚନାଗ୍ରନ୍ଥ ଅଦ୍ୟାବଧି ପ୍ରକାଶ ପାଇ ନାହିଁ । ତେଣୁ ଗବେଷକମାନେ ଏ ବିଷୟରେ ଆଉ କାଳବିଳମ୍ବ ନ କରି ଯଥାଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଶାରେ ପ୍ରଥମ ମୁଦ୍ରାଯନ୍ତ୍ର ୧୮୩୮ରେ ପ୍ରତିଷ୍ଠା ହେଲା । ପ୍ରାୟ ୯୦ ବର୍ଷ ପରେ 'ପ୍ରାଚୀସମିତି' ନାମରେ ଏକ ଗବେଷଣା ସଂସ୍ଥା ୧୯୨୮ରେ ପ୍ରତିଷ୍ଠା କରାଗଲା । ଏହି ସମୟ ମଧ୍ୟରେ ବହୁ ଓଡ଼ିଆ ଓ ସଂସ୍କୃତ ପୁସ୍ତକ ପ୍ରକାଶ ପାଇଥିଲା । ପୁସ୍ତକ ପ୍ରକାଶନରେ ଯେଉଁ ବଦାନ୍ୟ ବ୍ୟକ୍ତିମାନେ ସାହାଯ୍ୟ ଓ ସହଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ ଗୋବିନ୍ଦରଥ, ବିଶ୍ୱନାଥ କର, ରତ୍ନାକର ଗର୍ଗବଟୁ ପ୍ରଭୃତିଙ୍କ ସହିତ ମୟୂରଭଞ୍ଜ, କେନ୍ଦୁଝର, କନିକା, ତାଳଚେର, ପାରଳାଖେମୁଣ୍ଡି, ଚିକିଟି, ଖଲ୍ଲିକୋଟ, ସୋନପୁର, ପାଟନାଗଡ଼, କଳାହାଣ୍ଡି ପ୍ରଭୃତିର ରାଜାମାନଙ୍କ ଦାନ ଥିଲା ଅତୁଳନୀୟ ଓ ଅବିସ୍ମରଣୀୟ । କିନ୍ତୁ ଏହି ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ ମୁଷ୍ଟିମେୟ ଗ୍ରନ୍ଥବ୍ୟତୀତ ବହୁ ଗ୍ରନ୍ଥ ଅଦ୍ୟାବଧି ପ୍ରାୟ ସମ୍ପାଦିତ ଓ ପୁନଃ ପ୍ରକାଶିତ ହୋଇନାହିଁ । ପ୍ରାଚୀ ସମିତି

ଦ୍ୱାରା ହିଁ ପ୍ରଥମ କରି ପ୍ରାଚୀନ ଗ୍ରନ୍ଥ ସଂଗ୍ରହ, ସମ୍ପାଦନା ଓ ପ୍ରକାଶନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଦୁଃଖର କଥା, ଓଡ଼ିଶାରେ ଗ୍ରନ୍ଥ ସମ୍ପାଦନାର ସୁଦୀର୍ଘ ୭୦ ବର୍ଷର ପରମ୍ପରା ଥିଲେ ମଧ୍ୟ ସାରଳାଯୁଗଠାରୁ ଆରମ୍ଭ କରି ଭଞ୍ଜଯୁଗ ମଧ୍ୟରେ ସୃଷ୍ଟି ହୋଇଥିବା ବିପୁଳ ସାହିତ୍ୟ ସମ୍ଭାର ମଧ୍ୟରୁ ବହୁ ଗ୍ରନ୍ଥ ବହୁବାର ପ୍ରକାଶ ପାଇଥିଲେ ମଧ୍ୟ ମୁଷ୍ଟିମେୟ ଗ୍ରନ୍ଥ ବ୍ୟତୀତ ଅନେକ ଦୁଷ୍ପ୍ରାପ୍ୟ ଓ ଉପାଦେୟ ଗ୍ରନ୍ଥ ଅଦ୍ୟାବଧି ସମ୍ପାଦିତ ହୋଇ ପ୍ରକାଶ ପାଇ ନାହିଁ । ବହୁ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥ ଏବେ ବି ଜୀର୍ଣ୍ଣଶୀର୍ଣ୍ଣ ତାଳପତ୍ର ପୋଥି ଆକାରରେ ପଡ଼ିରହିଛି । ତେଣୁ ଓଡ଼ିଶା ଓ ଓଡ଼ିଆ ସାହିତ୍ୟର ଇତିହାସ ଓ ଆଲୋଚନା ଗ୍ରନ୍ଥଗୁଡ଼ିକ ମୁଖ୍ୟତଃ ଅସମ୍ପାଦିତ ଗ୍ରନ୍ଥ ଆଧାରରେ ରଚିତ ହୋଇଥିବାରୁ ସେଗୁଡ଼ିକ କେତେଦୂର ତଥ୍ୟଭିତ୍ତିକ, ସମ୍ପୂର୍ଣ୍ଣ ଓ ସତ୍ୟ ଉପରେ ଆଧାରିତ ହୋଇପାରିଛି ତାହା ବିସ୍ମରଣୀୟ । ବର୍ତ୍ତମାନ ପ୍ରାଚୀ ସମିତି ନାହିଁ କି ସଂସ୍କୃତି ବିଭାଗରେ କିଛିକାଳ (୧୯୬୯–୧୯୯୬) ସମ୍ପାଦନା କାର୍ଯ୍ୟ କରୁଥିବା ପ୍ରକାଶନ ଉପବିଭାଗ ନାହିଁ । ଓଡ଼ିଶାର ଅନ୍ୟ କେତେକ ସଂସ୍ଥା ବା ବ୍ୟକ୍ତିବିଶେଷ ସମ୍ପାଦନା କାର୍ଯ୍ୟ କରୁଥିଲେ ମଧ୍ୟ ତାହା ଆବଶ୍ୟକତା ତୁଳନାରେ ଆଦୌ ସନ୍ତୋଷଜନକ ନୁହେଁ । ଏହିସବୁ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ପୋଥି ସମ୍ପାଦନା ଓ ଗବେଷଣା କାର୍ଯ୍ୟ ଯେ ଦାରିଦ୍ର୍ୟର ସୀମାରେଖା ତଳେ ଅଛି, ସେଥିରେ ସନ୍ଦେହ ନାହିଁ । ତେଣୁ ସମ୍ପାଦନା ଓ ପ୍ରକାଶନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର, ବିଶ୍ୱବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଉଦ୍ୟମୀ ହେବା ସଙ୍ଗେ ସଙ୍ଗେ ଆଞ୍ଚଳିକ ବା ଜିଲ୍ଲାସ୍ତରରେ ଅଥବା ବିଶ୍ୱବିଦ୍ୟାଳୟରେ ଅଥବା ରାଜ୍ୟ ସ୍ତରରେ ସ୍ୱତନ୍ତ୍ରସଂସ୍ଥା (ଏକାଡେମୀ, ପ୍ରତିଷ୍ଠାନ ବା ନିର୍ଦ୍ଦେଶାଳୟ) ଗଠନ କରାଯିବା ଆବଶ୍ୟକ । କାରଣ, ଓଡ଼ିଶାର ସୁସମୃଦ୍ଧ ସାହିତ୍ୟ ପରମ୍ପରାକୁ ଅବହେଳା ବା ପ୍ରତ୍ୟାଖ୍ୟାନ କଲେ ଓଡ଼ିଆ ଜାତିର ଗୌରବାବହ ଅତୀତ ଯେ ଚିରଦିନ ପାଇଁ ବିସ୍ମୃତ ଓ ବିଲୁପ୍ତ ହୋଇଯିବ ତାହା କହିବା ଅନାବଶ୍ୟକ । ଓଡ଼ିଶାର ପୋଥି ସଂସ୍କୃତିର ସଂରକ୍ଷଣକୁ ଏକ ଜାତୀୟ କାର୍ଯ୍ୟକ୍ରମ ରୂପେ ବିଚାର କରି ପ୍ରତ୍ୟେକ ଓଡ଼ିଆ ନିଜ ନିଜର କ୍ଷେତ୍ରରେ ଉଦ୍ୟମ କଲେ ଏହି ଅବକ୍ଷୟଶୀଳ ସଂସ୍କୃତିର ପୁନରୁଦ୍ଧାର ଓ ସୁରକ୍ଷା କରାଯାଇ ପାରିବ, ଏଥିରେ ସନ୍ଦେହ ନାହିଁ ।

ପ୍ଲଟ ନଂ–୩୧୮୧/୮୨,
କୋଟିତୀର୍ଥ ମାର୍ଗ, ଭୁବନେଶ୍ୱର-୨

**୧୯୯୮ ଖରିଫ୍ ଋତୁରେ ଫସଲ ଋଣ ଆକାରରେ ସମବାୟ ସଂସ୍ଥା ଜରିଆରେ ୨୧୦ କୋଟି ଟଙ୍କା ପ୍ରଦାନ**

୧୯୯୮ ଖରିଫ୍ ଋତୁରେ ରାଜ୍ୟର ୪ ଲକ୍ଷ ୨୫ ହଜାର ଚାଷୀଙ୍କୁ ବିଭିନ୍ନ ସମବାୟ ସଂସ୍ଥା ଜରିଆରେ ଫସଲ ଋଣ ବାବଦରେ
୧୯୯୮ ଖରିଫ୍ ଋତୁରେ ରାଜ୍ୟର ୪ ଲକ୍ଷ ୨୫ ହଜାର ଚାଷୀଙ୍କୁ ବିଭିନ୍ନ ସମବାୟ ବିଭାଗ ସୂତ୍ରରୁ ପ୍ରକାଶ । ଜାତୀୟ ସ୍ତରରେ ଏହି ସମୟରେ ସମବାୟ ଋଣ
୨୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସମବାୟ ବିଭାଗ ସୂତ୍ରରୁ ପ୍ରକାଶ । ଜାତୀୟ ସ୍ତରରେ ଏହି ସମୟରେ ସମବାୟ ଋଣ
୨୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସମବାୟ ବିଭାଗ ସୂତ୍ରରୁ ପ୍ରକାଶ ।

୧୯୯୮ ଖରିଫ୍ ଋତୁରେ ରାଜ୍ୟର ୪ ଲକ୍ଷ ୨୫ ହଜାର ଚାଷୀଙ୍କୁ ବିଭିନ୍ନ ସମବାୟ ସଂସ୍ଥା ଜରିଆରେ ଫସଲ ଋଣ ବାବଦରେ ୨୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସମବାୟ ବିଭାଗ ସୂତ୍ରରୁ ପ୍ରକାଶ । ଜାତୀୟ ସ୍ତରରେ ଏହି ସମୟରେ ସମବାୟ ଋଣ ଲଗାଣ ଅଭିବୃଦ୍ଧି ହାର ୧୨ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏ ବାବଦରେ ଅଭିବୃଦ୍ଧି ହାର ୫୭ ପ୍ରତିଶତ ହୋଇଥିବାରୁ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକର ଏହି ସଫଳତାର ନାବାର୍ଡ ଉଚ୍ଚ ପ୍ରଶଂସା କରିଛି । ଏଠାରେ ସୂଚନା ଯୋଗ୍ୟ ଯେ ୧୯୯୩ ଖରିଫ୍ ଋତୁରେ ଫସଲ ଋଣ ବାବଦରେ ୪୭ କୋଟି ଟଙ୍କା ବିନିଯୋଗ କରାଯାଇଥିବା ବେଳେ ୧୯୯୭ ଖରିଫ ଋତୁରେ ୩ ଗୁଣ ବୃଦ୍ଧି ପାଇ ୧୩୩ କୋଟି ଟଙ୍କା ବିନିଯୋଗ କରାଯାଇଛି ।

ସେହିପରି ୧୯୯୩-୯୪ ରବି ଋତୁରେ ଫସଲ ଋଣ ବାବଦରେ ୨୬ କୋଟି ଟଙ୍କା ବିନିଯୋଗ କରାଯାଇଥିବା ବେଳେ ୧୯୯୭-୯୮ ରବିଋତୁରେ ୬୯ କୋଟି ଟଙ୍କା ସମବାୟ ସଂସ୍ଥା ଜରିଆରେ ବିନିଯୋଗ କରାଯାଇଥିଲା । ଚଳିତ ରବିଋତୁରେ ସମବାୟ ସଂସ୍ଥା ଜରିଆରେ ୧୨୫ କୋଟି ଟଙ୍କା ଫସଲ ଋଣ ଆକାରରେ ବିନିଯୋଗ କରିବା ନିମନ୍ତେ ଏକ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୧୯୯୮ ନଭେମ୍ବର ମାସ ଶେଷ ସୁଦ୍ଧା ଚଳିତ ରବିଋତୁର ପ୍ରଥମ ଦୁଇମାସରେ ୬ କୋଟି ଟଙ୍କା ଫସଲ ଋଣ ବାବଦରେ ପ୍ରଦାନ କରାଯାଇଥିବା ବେଳେ ଗତବର୍ଷର ଏହି ସମୟ ମଧ୍ୟରେ ଏକ କୋଟି ଟଙ୍କା ବିନିଯୋଗ କରାଯାଇଥିଲା ।

୧୯୯୮ ଖରିଫ୍ ଋତୁରେ ସମବାୟ ସଂସ୍ଥା ଜରିଆରେ ଏକ ଲକ୍ଷ ୫୩ ହଜାର ମେଟ୍ରିକ ଟନ୍ ସାର ବଣ୍ଟନ କରାଯାଇଛି । ଏହା ରାଜ୍ୟରେ ବ୍ୟବହୃତ ମୋଟ୍ ସାର ପରିମାଣର ୩୮ ଭାଗ ଅଟେ

# ଡକ୍ଟର ମହତାବଙ୍କ ଦୃଷ୍ଟିରେ ଗାନ୍ଧିଜୀ

**ଶ୍ରୀ ସୌରୀବନ୍ଧୁ କର**

ଗାନ୍ଧିଜୀ ସେ କେବଳ ଭାରତର କୋଟି କୋଟି ମଣିଷମାନଙ୍କ ପାଇଁ ମହାତ୍ମା ନୁହନ୍ତି, ସମଗ୍ର ମାନବଜାତିର ମୁକ୍ତି ଆଲୋକ ଭାବେ ଏବେ ବି ପ୍ରତିଭାତ । ଜାତିର ଜନକ ବାପୁଜୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଥିଲେ କର୍ଣ୍ଣଧାର । ତାଙ୍କରି ଆହ୍ୱାନରେ ଭାରତର ଯୁବକମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଯେଉଁମାନେ ବ୍ରିଟିଶ ସାମ୍ରାଜ୍ୟବାଦକୁ ଭାରତଭୂମିରୁ ଉଠାଇ ଫିଙ୍ଗିବାରେ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ, ସେହିମାନଙ୍କ ମଧ୍ୟରୁ ମଧ୍ୟ କେତେକ ପରବର୍ତ୍ତୀ ସ୍ୱାଧୀନଭାରତର ଶାସନ ଡୋରି ନିଜ ହାତରେ ନେଇ ଏ ଦେଶକୁ ଏକ ନୂଆ ରୂପରେ ଗଢ଼ିବାର ପ୍ରଯତ୍ନ କରିଥିଲେ । ଗାନ୍ଧିଜୀଙ୍କର ସ୍ୱପ୍ନକୁ ସାକାର କରିବାର ପ୍ରୟାସ କରିଥିଲେ ।



ସେହିମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଡକ୍ଟର ହରେକୃଷ୍ଣ ମହତାବ । ଛାତ୍ରଜୀବନରୁ ମହତାବ ସ୍ୱରାଜ୍ୟ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ । ଦେଶରେ ବ୍ରିଟିଶ ହୁକୁମତରେ ଚାଲିଥିବା ଅକଥନୀୟ ଅତ୍ୟାଚାରର କାହାଣୀ, ରାଓଲାଟ୍ ଆଇନ୍, ତା'ରି ପ୍ରତିବାଦ କଲେ ସତ୍ୟାଗ୍ରହ, ପଞ୍ଜାବରେ ଜାଲିଆନାବାଗ ହତ୍ୟାକାଣ୍ଡ, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ଇତ୍ୟାଦି ତାଙ୍କୁ ଅଥୟ କରି ପକାଇଥିଲା । ୧୯୨୦ ମସିହାରେ କଲିକତାଠାରେ ହେଉଥିବା କଂଗ୍ରେସ ଅଧିବେଶନରେ ମହତାବ ଯୋଗଦେଇ ପ୍ରଥମେ ଗାନ୍ଧିଜୀଙ୍କୁ ଶୁଣିବାକୁ ପାଇଥିଲେ । ତାହାଙ୍କୁ ମହତାବ ନିଜ ଭାଷାରେ ଲେଖିଛନ୍ତି, "ବିଦେଶୀ ଶାସନରୁ ମୁକ୍ତି ପାଇବା ପାଇଁ ସଶସ୍ତ୍ର ବିଦ୍ରୋହ ପରିବର୍ତ୍ତେ ଅହିଂସାତ୍ମକ ଅସହଯୋଗ ହିଁ ଏକମାତ୍ର କାର୍ଯ୍ୟକାରୀ ପନ୍ଥା, ଦେଶବାସୀଙ୍କ ସହଯୋଗ ଅପସରି ଗଲେ ବିଦେଶୀ ଶାସନ ଚାଲିପାରିବ ନାହିଁ, ଏହା ହିଁ ଉତ୍କୃଷ୍ଟ ଓ କାର୍ଯ୍ୟକାରୀ ପନ୍ଥା ବୋଲି ମହାତ୍ମା ଗାନ୍ଧୀ ସୁନ୍ଦରଭାବରେ ବୁଝାଇଥିଲେ । ×× ମାସ ଉତ୍ସାହ ଓ ଉନ୍ମାଦନା ଭିତରେ କଲିକତାରେ ପ୍ରସ୍ତାବ ଗୃହୀତ ହେଲା, ତା'ର ପ୍ରଭାବ ମୋ ଉପରେ ଏତେ ବେଶି ପଡ଼ିଲା ଯେ, ମୁଁ ସେ ସମୟରେ ସମ୍ପୂର୍ଣ୍ଣ ଅଭିଭୂତ ହୋଇ ଯାଇଥିଲି ।" ୧୯୨୧ ମସିହାରେ ନାଗପୁରଠାରେ କଂଗ୍ରେସ ଅଧିବେଶନ ହେଲା । ମହତାବ ସେଥିରେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ପତାକାତଳେ ଛିଡ଼ା ହେବାକୁ ପଡ଼ିବ, ଏହା ଠିକ ସିଦ୍ଧାନ୍ତ ବୋଲି ଗ୍ରହଣ କରିଥିଲେ । ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିବାବେଳେ ତାଙ୍କ ସହିତ ଘୁରିଆଡ଼େ ବୁଲିଥିବା ମହତାବ ଅନୁଭବ କରିପାରିଥିଲେ ଯେ ମହାତ୍ମାଗାନ୍ଧୀଙ୍କ ବାର୍ତ୍ତା ଅଲକ୍ଷିତ ଭାବରେ ସାଧାରଣ ଜନତା ବା ଯେଉଁମାନେ ସେବା ବା ସାଧାରଣ ଜୀବନର କିଛି ଧାର ଧାରୁ ନଥିଲେ, ସେମାନଙ୍କ ଭିତରେ କିପରି ଏକ ଅଦ୍ଭୁତ ପ୍ରଭାବ ବିସ୍ତାର ଆପେ ଆପେ କରିପାରିଥିଲା ।

ମହତାବ କଂଗ୍ରେସରେ କେବଳ ଯୋଗ ଦେଲେନି ବରଂ ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ଅସହଯୋଗ ଆନ୍ଦୋଳନର ପ୍ରମୁଖ କର୍ତ୍ତା ଓଡ଼ିଶାରେ ହୋଇ ସ୍ୱାଧୀନତା ଆନ୍ଦୋଳନକୁ ପରିଚାଳିତ କରିଥିଲେ ଏବଂ ସ୍ୱାଧୀନତା ପରେ ଓଡ଼ିଶାର ଶାସନଭାର ଗ୍ରହଣ କରି ନବ ଉତ୍କଳର ପ୍ରତିଷ୍ଠାତା, ପ୍ରାଣପୁରୁଷ ଭାବେ ପ୍ରତିଷ୍ଠିତ ହୋଇଥିଲେ ।ମହତାବ ଗାନ୍ଧିଜୀଙ୍କ ନିକଟରେ ରହି ପ୍ରତ୍ୟକ୍ଷ ପ୍ରେରଣା ପାଇବା ସହିତ ସାବରମତୀ ଆଶ୍ରମର ଅଭିଜ୍ଞତା ତାଙ୍କୁ ଗାନ୍ଧିଜୀଙ୍କର ନିକଟବର୍ତ୍ତୀ କରାଇ ପାରିଥିଲା । ସେ କ୍ରମଶଃ ଗାନ୍ଧୀ ବିଚାରଧାରାର ସୂକ୍ଷ୍ମାତିସୂକ୍ଷ୍ମ କୌଶଳ ମଧ୍ୟ ବୁଝିବାକୁ ସକ୍ଷମ ହୋଇଥିଲେ ଏବଂ ନିଜ ବିଚାରକୁ ତତ୍କାଳୀନ ଆନ୍ନାମଲାଇ ବିଶ୍ୱବିଦ୍ୟାଳୟରେ ଏକ ବକ୍ତୃତା ମାଧ୍ୟମରେ ବ୍ୟକ୍ତ କରିଥିଲେ ।

ଏ ବର୍ଷ ସମଗ୍ର ଓଡ଼ିଶାରେ ମହତାବଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେବା ଅବକାଶରେ ଓଡ଼ିଶାର ଏହି ଯୋଗଜନ୍ମା ପୁରୁଷ କିପରି ଭାବରେ ଗାନ୍ଧିଜୀଙ୍କୁ ଦେଖୁଥିଲେ, ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିଥିଲେ, ତାଙ୍କ ରାଜନୈତିକ ବିଚାରଧାରାକୁ ନିଜ ଜୀବନରେ ପ୍ରୟୋଗ କରିଥିଲେ ଓ ରାଷ୍ଟ୍ର ଗଠନରେ ତାକୁ ରୂପ ଦେଇଥିଲେ ତାହା ବିଚାର କରିବାର ପ୍ରୟୋଜନ ରହିଛି ।

ମହତାବ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଯେତେବେଳେ ଆସିଲେ, ସେତେବେଳେ ସେ ନିଜେ ଯେପରି ବିଦ୍ୟୁତ୍‌ର ସ୍ପର୍ଶ ଅନୁଭବ କଲେ କିନ୍ତୁ ସେହି ସ୍ପର୍ଶ ଥିଲା ମୃଦୁ ଅଥଚ ଉଚ୍ଚତର ଚେତନାକୁ ଉନ୍ନୀତ କରିବାର ଅନୁଭୂତି । ତେଣୁ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା ଓ ନିଜ ବିଚାର କଷୋଟିରେ ପରୀକ୍ଷା କରିବା ଦୁରୂହ ତଥାପି ମହତାବ ନିଜର ବୁଦ୍ଧି, ବିବେକ ଓ ପ୍ରଜ୍ଞା ବଳରେ, ତାକୁ ଯଥାଯଥ ପରୀକ୍ଷା କରି ପାରିଥିଲେ । ଗାନ୍ଧିଜୀଙ୍କର ବିଚାରଧାରାରେ ଧର୍ମର ବ୍ୟାପକତାକୁ ଲକ୍ଷ୍ୟ କରି, ସେ କିପରି ତାକୁ ଜନଚେତନା ଉପରେ ପକାଇ ପାରୁଥିଲେ, ତାହାକୁ ଉଲ୍ଲେଖ କରି ମହତାବ ଏକ ଘଟଣାର ଅବତାରଣା କରିଛନ୍ତି ।

ଥରେ ମହତାବ ଓଡ଼ିଶାରେ ଏକ ଆନ୍ଦୋଳନକୁ କିପରି ପରିଚାଳନା କରାଯିବ, ସେ ସମ୍ପର୍କରେ ଗାନ୍ଧିଜୀଙ୍କୁ ପଚାରିବାରୁ ଗାନ୍ଧିଜୀ ନିଜର 'ଆସ ଅବବୋଧ' ଦ୍ୱାରା ପରିଚାଳନା କରିବାକୁ କହିଥିଲେ । "ସାଧାରଣ କର୍ମୀମାନଙ୍କ ନିକଟରେ ଆସ ଅବବୋଧ କାହିଁ ?" ଏହା ମହତାବ ପଚାରିବାରୁ ସେ ହସିହସି କହିଲେ, ଆସ ଅବବୋଧ ପରିବର୍ତ୍ତେ ବିଚାରଶକ୍ତିକୁ ବିବେଚନାକୁ ନିଅ । ତା'ପରେ ତାକୁ ବୁଝାଇବାକୁ ଯାଇ ନେତୃତ୍ୱ କିପରି ଲୋକଶକ୍ତି ସମ୍ପର୍କରେ, ସଚେତନ ରହିବ ଏବଂ ସେମାନଙ୍କୁ ସଂଗ୍ରାମରେ ବିଫଳତାର ସମ୍ମୁଖୀନ ନକରାଇବ, ତାହା ବୁଝାଇଥିଲେ । ଯେତେବେଳେ ସଂଗ୍ରାମ ଅସଫଳ ହେବ ବୋଲି ଉପଲବ୍ଧି ହେବ, ସେତେବେଳେ ଯେକୌଣସି ଫଇସଲା କରିବାକୁ ପଡ଼ିପାରେ ଏବଂ ନେତୃତ୍ୱ ନିଜ ଉପରକୁ ଜନଗଣଙ୍କର ସମସ୍ତ ସମାଲୋଚନାକୁ ନେଇ ଆନ୍ଦୋଳନକୁ ପରିହାର କରିବା ଉଚିତ ବୋଲି ଗାନ୍ଧିଜୀ ମତ ଦେଇଥିଲେ । ଏହା ହିଁ ଗାନ୍ଧିଜୀଙ୍କର 'ଆସ ଅବବୋଧ' । ମହତାବ ତାଙ୍କର ଅତ୍ୟନ୍ତ ଘନିଷ୍ଠ ସଂସ୍ପର୍ଶରେ ଆସି ଉପଲବ୍ଧି କରିଥିଲେ ଯେ ନିଜର ସମସ୍ତ ଆସଶକ୍ତିକୁ ହରାଇ ଏକ ପ୍ରାଣହୀନ ଜୀବନ ଯାପନ କରୁଥିବା ସାଧାରଣ ଭାରତୀୟଙ୍କୁ ଗାନ୍ଧିଜୀ ଜୀବନଦାନ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ନିକ୍ଷେପ କରିବାକୁ ସକ୍ଷମ ହୋଇଥିଲେ । ତେଣୁ ଗାନ୍ଧିଜୀଙ୍କ ସମ୍ପର୍କରେ ମହତାବ ପ୍ରଶ୍ନ କରିଥିଲେ, କାହା ସହିତ ସେ ତୁଳନୀୟ ? ସେ କ'ଣ ସନ୍ଥ ? ସେ କ'ଣ ଦାର୍ଶନିକ ? ସେ କ'ଣ ସମାଜ ସଂସ୍କାରକ ? ସେ କ'ଣ କେବଳ ରାଜନୈତିକ ନେତା ? ବାସ୍ତବ ପକ୍ଷେ ସେ କ'ଣ ?

ଗାନ୍ଧିଜୀ ଅବତାର ପୁରୁଷ ନ ଥିଲେ । ଜଣେ ସଚ୍ଚା ହିନ୍ଦୁ ଭାବେ ସେ ସମସ୍ତ ଧର୍ମକୁ, ସମସ୍ତ ଅବତାର ପୁରୁଷମାନଙ୍କୁ ନିଜର ବୋଲି ବିଚାର କରୁଥିଲେ । ସେ ହିନ୍ଦୁ-ମୁସଲମାନ ଏକତା ଉପରେ ଗୁରୁତ୍ୱ ଦେଇ, "ରଘୁପତି ରାଘବ ରାଜାରାମ,-ପତି ତପାବନ ସୀତାରାମ" "ଇଶ୍ୱର ଆଲ୍ଲା ତେରୋ ନାମ,- ସବ୍‌କୋ ସନ୍‌ମତି ଦେ ଭଗବାନ ।" ପ୍ରାର୍ଥନା ଆରମ୍ଭ କରିଥିଲେ । ସେ ସାଧୁ ବା ସନ୍ଥ ନ ଥିଲେ କିନ୍ତୁ ଉଚ୍ଚ ଆଦର୍ଶ ଓ ନୈତିକତା ଉପରେ ଗଭୀର ଆସ୍ଥା ଓ ଅତୁଟ ବିଶ୍ୱାସ ରଖି କାର୍ଯ୍ୟ କରୁଥିବାରୁ ସାଧାରଣ ଲୋକେ ତାଙ୍କୁ ମହାମାନବ ବୋଲି ବିଚାର କରୁଥିଲେ ।

ଗାନ୍ଧିଜୀ ମଧ୍ୟ ଦାର୍ଶନିକ ନ ଥିଲେ । ସେ ନିଜର କୌଣସି ନିର୍ଦ୍ଦିଷ୍ଟ ଦର୍ଶନ ଉପସ୍ଥାପନ କରି ନାହାନ୍ତି ବା ସମ୍ପ୍ରଦାୟ ଗଠନ କରିନାହାନ୍ତି । ସେ ଥିଲେ ଭଗବତ୍ ବିଶ୍ୱାସୀ ଓ ଗୀତା ଦର୍ଶନ ମାଧ୍ୟମରେ ନିଜ ଜୀବନକୁ ପରିଚାଳିତ କରୁଥିଲେ । ସେ ଆଦୌ ସନ୍ଥ ନ ଥିଲେ । ସେ ନିଜ ସମ୍ପର୍କରେ କହିଥିଲେ, "ଲୋକମାନେ କହନ୍ତି ମୁଁ ଜଣେ ସନ୍ଥ-ରାଜନୀତି ଭିତରେ ହଜିଯାଇଛି । କିନ୍ତୁ ପ୍ରକୃତ ଘଟଣା ହେଉଛି ମୁଁ ଜଣେ ରାଜନୈତିକ ବ୍ୟକ୍ତି, ସନ୍ଥ ହେବାକୁ ପ୍ରାଣାନ୍ତକ ଚେଷ୍ଟା କରୁଛି ।"

ଗାନ୍ଧିଜୀ ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର, କେଶବ ଚନ୍ଦ୍ର ସେନ ବା ସ୍ୱାମୀ ଦୟାନନ୍ଦଙ୍କ ପରି ସମାଜ ସଂସ୍କାରକ ମଧ୍ୟ ନ ଥିଲେ । ଭାରତର ରାଜନୈତିକ ସଂହତି ଓ ଏକତ୍ୱ ପ୍ରତିଷ୍ଠା ପାଇଁ ଗାନ୍ଧିଜୀ ସମାଜ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ସେହି ସମାଜ ସଂସ୍କାର କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲେ । କିନ୍ତୁ ବାସ୍ତବରେ ସେ ସମାଜ ସଂସ୍କାରକ ନଥିଲେ । ସେ ଥିଲେ ମୂଳତଃ ଜଣେ ରାଜନୈତିକ ନେତା ଯେ କି ଇତିହାସର ଗତିପଥକୁ ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲେ । ଭାରତ ଇତିହାସରେ ଏପରି ରାଜନୈତିକ ନେତା ଜନ୍ମଲାଭ କରିଥିଲେ କି ନାହିଁ ସନ୍ଦେହ । ଆଧୁନିକ ଇତିହାସରେ ସେ ହୁଏତ ଲେନିନ୍ ବା ମାଓ-ସେ-ତୁଙ୍ଗ ହୋଇ ପାରନ୍ତି । କାହାକୁ କାହା ସହିତ ତୁଳନା କରିବା ଅଯୌକ୍ତିକ । ଗାନ୍ଧିଜୀ ଇତିହାସର ଏକମାତ୍ର ରାଜନୈତିକ ନେତା ଯେକି ରାଜନୀତିକୁ ଊର୍ଦ୍ଧ୍ୱକୁ ନେଇ ତାହାର ଆଧ୍ୟାତ୍ମିକକରଣ କରିଥିଲେ ।

ମହତାବ ଅତ୍ୟନ୍ତ ବୁଦ୍ଧିମାନ ଓ ବିଚକ୍ଷଣ ରାଜନୀତିଜ୍ଞ ଥିବା ହେତୁ ସେ ଗାନ୍ଧିଜୀଙ୍କ ମୂଳବିଚାର ଓ କାହିଁକି ଗାନ୍ଧିଜୀ ଅହିଂସାକୁ ଅସହଯୋଗ ଆନ୍ଦୋଳନର ପ୍ରକୃତ ଅସ୍ତ୍ର ଭାବରେ ବ୍ୟବହାର କଲେ, ତାହା ବୁଝି ପାରିଥିଲେ । ସିପାହୀ ବିଦ୍ରୋହ ପରେ ବ୍ରିଟିଶ ଶାସକ ଭାରତର ଶାସନ ଡୋରି ନେଇ ଭାରତର ଲୋକମାନଙ୍କୁ ଚିରଦିନ ପଦଦଳିତ କରି ରଖିବା ପାଇଁ, ସେମାନଙ୍କୁ ସୈନ୍ୟ ବିଭାଗରେ ଭର୍ତ୍ତି କରୁନଥିଲେ ଏବଂ ନିଜର ଶକ୍ତି ଓ ସାମର୍ଥ୍ୟକୁ ପ୍ରଦର୍ଶନ କରିବା

ଭାରତୀୟମାନଙ୍କ ପାଇଁ ସହଜ ସାଧ୍ୟ ନଥିଲା । ବଂଗ ବିଭାଜନ ପରେ ଶିକ୍ଷିତ ଭାରତୀୟମାନେ ଇଂରେଜଶାସନ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ପାଇଁ ଖାଁ-ଖାଁ କରିଥିବା ଉଦ୍ୟମକୁ ଅତି ନିଷ୍ଠୁର ଭାବରେ ସରକାର ଦମନ କରିବା ଦ୍ୱାରା ଶିକ୍ଷିତମାନଙ୍କର ମନୋବଳ ଭାଙ୍ଗି ଯାଇଥିଲା । ଏଇ ସମୟରେ ଗାନ୍ଧିଜୀଙ୍କର ରାଜନୈତିକ ପ୍ରେକ୍ଷାପଟ୍ଟରେ ଆବିର୍ଭାବ ଓ ଶିକ୍ଷିତମାନଙ୍କଠାରୁ ରାଜନୀତିକ ସଂଗ୍ରାମକୁ ସାଧାରଣ ମଣିଷମାନଙ୍କ ନିକଟରେ ନେଇ ପହଞ୍ଚାଇ, ସେ ଏକ ନୂତନ ଜାଗରଣ ସୃଷ୍ଟି କଲେ, ଯେଉଁ ଉଦ୍‌ବେଳନକୁ ଦମନ ବା ପ୍ରଶମିତ କରିବା ସମ୍ଭବ ନ ଥିଲା । ଗୀତା ଦର୍ଶନକୁ ସେ ଯେପରି ବୌଦ୍ଧିକ ସ୍ତରରୁ ସାଧାରଣ ସ୍ତର ପର୍ଯ୍ୟନ୍ତ ଆଣି ପ୍ରୟୋଗ କରିଥିଲେ, ଠିକ୍ ସେହିପରି ରାଜନୀତିକୁ ଜନଜାଗରଣ ରୂପ ପ୍ରଦାନ କଲେ । ବିଶିଷ୍ଟ ଫରାସୀ ଲେଖକ ରୋମାଁରୋଲାଁ ଗାନ୍ଧିଜୀଙ୍କ ଜୀବନୀରେ ଏହାକୁ ଉଲ୍ଲେଖ କରି କହିଛନ୍ତି ଯେ ବ୍ରିଟିଶ ସରକାରଙ୍କ ନୀତି ଯୋଗୁ ଗାନ୍ଧିଜୀ ତାଙ୍କର ରାଜ-ସହଯୋଗ ଭୂମିକାକୁ ପରିତ୍ୟାଗ କରି ଅହିଂସା ଅସହଯୋଗ ଆରମ୍ଭ କରିଥିଲେ । ଗାନ୍ଧିଜୀ ରାଜନୀତିକୁ ଜନତା ମଧ୍ୟରେ ପ୍ରବେଶ କରାଇବା ବେଳକୁ ସାଧାରଣ ଲୋକେ ରାଜନୀତି ପ୍ରତି ଆଦୌ ଆଗ୍ରହ ରଖୁ ନ ଥିଲେ । ବ୍ୟକ୍ତି ପାଇଁ ଦର୍ଶନ ମୁଖ୍ୟ ଓ ରାଜନୀତି ଗୌଣ ଥିଲା । ଗାନ୍ଧିଜୀଙ୍କୁ ଏହି ଦୁରବସ୍ଥାରୁ ମୁକୁଳିବାର ଥିଲା । ଗାନ୍ଧିଜୀ ୧୯୨୦ ମସିହାରେ ଭାରତର ରାଜନୀତିରେ ପ୍ରବେଶ କଲେ ଏବଂ ଇଣ୍ଡିଆ ହୋମରୁଲ୍ ଲିଗ୍‌ର ସଭାପତି ଆସନ ଅଳଂକୃତ କଲେ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ, ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ସେଠାରେ ବସବାସ କରୁଥିବା ଲୋକମାନଙ୍କର ଅବସ୍ଥାରେ ଉନ୍ନତି କରିବା । ଦକ୍ଷିଣ ଆଫ୍ରିକା ସରକାରକୁ ପରିବର୍ତ୍ତନ କରିବା ନୁହେଁ । ସେହି ଆନ୍ଦୋଳନ ଥିଲା ସାମାଜିକ କିନ୍ତୁ ଭାରତରେ ଗାନ୍ଧିଜୀଙ୍କର ଆନ୍ଦୋଳନ ଥିଲା ରାଜନୈତିକ, କାରଣ ସେ ବ୍ରିଟିଶ ସରକାରକୁ ଭାରତଭୂମିରୁ ହଟାଇବାକୁ ଚାହିଁଲେ । ରାଜନୀତି ଅର୍ଥ କ୍ଷମତା ଆହରଣ । ଜୋର ଜବରଦସ୍ତି ବା କଳେବଳେ କୌଶଳେ କ୍ଷମତା ଅକ୍ତିଆର । ଦକ୍ଷିଣ ଆଫ୍ରିକାର ଆନ୍ଦୋଳନ ଗାନ୍ଧିଜୀଙ୍କୁ ଭାରତରେ ରାଜନୈତିକ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଥିଲା ।

ଗାନ୍ଧିଜୀ ୧୯୧୫ ମସିହାରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବା ବେଳକୁ ଭାରତରେ ଅସନ୍ତୋଷର ବହ୍ନି କୁହୁଳିବାରେ ଲାଗିଥାଏ । ଗାନ୍ଧିଜୀ ପ୍ରଥମେ ବ୍ରିଟିଶ ସରକାରପ୍ରତି ସହଯୋଗ ଲୋକମାନଙ୍କଠାରୁ ଏକାଠି କଲେ । କାରଣ ସେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଲାଗିଥାଏ । ବ୍ରିଟିଶ ଶାସନ ଭାରତୀୟ ଲୋକମାନଙ୍କୁ କେତେକ ସୁବିଧା ସୁଯୋଗ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥାନ୍ତି । ୧୯୧୫-୧୯୧୯ ପର୍ଯ୍ୟନ୍ତ ଭାରତର ଜନଗଣଙ୍କୁ କିପରି ଅସହଯୋଗ ଆନ୍ଦୋଳନ ମଧ୍ୟକୁ ନିଆଯାଇପାରିବ ଗାନ୍ଧିଜୀ ସେଇ ଚେଷ୍ଟାରେ ଲାଗିଥାନ୍ତି । ୧୯୧୫ ମସିହାରେ ହିନ୍ଦ୍ ସ୍ୱରାଜର ପୁନଃ ପ୍ରକାଶ, ୧୯୧୬ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ଭାଷଣ, ୧୯୧୭ରେ ବିହାର ଚମ୍ପାରନ କୃଷକମାନଙ୍କର ସମସ୍ୟାକୁ ନେଇ ସତ୍ୟାଗ୍ରହ, ଅହମଦାବାଦ ଶ୍ରମିକମାନଙ୍କର ସମସ୍ୟା ଇତ୍ୟାଦିକୁ ନେଇ ସେ ୧୯୧୯ ବେଳକୁ ପ୍ରକୃତ ରାଜନୀତିକ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହୋଇଯାଇ ଥିଲେ ।

ଗାନ୍ଧିଜୀଙ୍କର ଆନ୍ଦୋଳନର ତରିକା ଓ ରୂପରେଖ ସମ୍ପର୍କରେ ଧାରଣା କରିବାକୁ ହେଲେ ୧୯୧୯ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ସମସ୍ତ ଆନ୍ଦୋଳନର ଅଧ୍ୟୟନ କରିବା ଆବଶ୍ୟକ । ତାଙ୍କର ସତ୍ୟାଗ୍ରହ କେତେକ ରାଜନୈତିକ ହେବାବେଳେ, ଅନ୍ୟ କେତେକ ସାମାଜିକ ନ୍ୟାୟ ପାଇବା ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ବିଭିନ୍ନ ଧାରାରେ ବିଭକ୍ତ ସମସ୍ତ ଆନ୍ଦୋଳନର ମୁଖ୍ୟ ଥିଲା ଭାରତର ସ୍ୱାଧୀନତା ।

ଏହି ସମସ୍ତ ଆନ୍ଦୋଳନ, ଯାହା ଯେବେବି ପ୍ରତ୍ୟାହାର କରାଯାଇଛି, ଗାନ୍ଧିଜୀ ଲୋକମାନେ ହତୋତ୍ସାହ ହୁଅନ୍ତୁ ବା ପରାଜୟ ଅନୁଭବ କରନ୍ତୁ, ଏହା ସେ ଆଦୌ କରିବାକୁ ଦେଇନାହାନ୍ତି । ସେ ନିଜ ଉପରକୁ ସମସ୍ତ ବିଫଳତାର ଦୋଷକୁ ନେଇଛନ୍ତି । ୧୯୩୨-୩୩ ମସିହାରେ ଯେତେବେଳେ ବ୍ରିଟିଶ ସରକାର ହିନ୍ଦୁ ସମ୍ପ୍ରଦାୟକୁ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ବିଭକ୍ତ କରିବାର ଚେଷ୍ଟା କରିଛନ୍ତି, ସେତେବେଳେ ତାଙ୍କର ଆନ୍ଦୋଳନ ସାମାଜିକ ଦିଗ ଆଡ଼କୁ ମୁହାଁଇଛି ଏବଂ ୧୯୪୨ରେ "କର ବା ମର" ଭାରତଛାଡ଼ ଆନ୍ଦୋଳନ ଏହି ବ୍ୟାପକ ପ୍ରସ୍ତୁତିର ଫଳ ବୋଲି କୁହାଯାଇ ପାରେ ।

ଗାନ୍ଧିଜୀ ଅହିଂସା ଆନ୍ଦୋଳନକୁ ସତ୍ୟାଗ୍ରହର ରୂପ ଦେଇ ଯେଉଁ ସଫଳତା ପାଇଲେ, ସେଥିରେ ଥିଲା ବ୍ରିଟିଶ ପ୍ରସ୍ତୁତ କରିଥିବା ନିଜର ଭାବମୂର୍ତ୍ତିକୁ ଭାଙ୍ଗି ସେ ଚୁନ୍ ଚୁନ୍ କରିଦେଲେ । ବିଭିନ୍ନ ଭାବଧାରା ମଧ୍ୟରେ ପାର୍ଥକ୍ୟ ଥିବା ସତ୍ତ୍ୱେ ଭାରତୀୟମାନେ ଜାତୀୟତା- ବୋଧରେ ଅନୁପ୍ରାଣିତ ହେଲେ । ଅହିଂସାକୁ କଥା ଓ କାର୍ଯ୍ୟରେ ଅକ୍ଷରେ ଅକ୍ଷରେ ପାଳନ କରାଗଲା, ଯାହା ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାର ବିକାଶ ପାଇଁ ଥିଲା ଅପରିହାର୍ଯ୍ୟ । ସେ ହରିଜନ ଆନ୍ଦୋଳନ ଜରିଆରେ ହିନ୍ଦୁ ସମ୍ପ୍ରଦାୟକୁ ଦୁଇ ରାଷ୍ଟ୍ରରେ ବିଭକ୍ତ କରିବାକୁ ବନ୍ଦ କରି ପାରିଥିଲେ, ଯଦିଓ ହିନ୍ଦୁ-ମୁସଲମାନ ଏକତା ରକ୍ଷା କରିବାରେ ସକ୍ଷମ ହୋଇ ନ ଥିଲେ ।

ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନ କେବଳ ରାଜନୈତିକ ନଥିଲା, ଏହାର ଗଠନମୂଳକ କାର୍ଯ୍ୟ ମଧ୍ୟ ଥିଲା ବ୍ୟାପକ । ଯେ କୌଣସି ସମାଜ ବ୍ୟବସ୍ଥାରେ ଦୁଇ ଗୋଷ୍ଠୀ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେବା ସ୍ୱାଭାବିକ ଏବଂ ଏହି ପାର୍ଥକ୍ୟ ହିଂସା ଅପେକ୍ଷା

ଅହିଂସା ମାଧ୍ୟମରେ ଦୂର କରାଯାଇ ପାରିବାର ବହୁ ସୁବିଧା ଦିଗ ରହିଛି । ଗାନ୍ଧିଜୀ ସମାଜ ବ୍ୟବସ୍ଥାରେ ଏହି ଅହିଂସାକୁ ଭିତ୍ତି କରିବାକୁ ଚେଷ୍ଟା କରିଥିଲେ ।

ମହତାବ ଗାନ୍ଧିଜୀଙ୍କର ବିଚାରକୁ ଏପରି ତାତ୍ପର୍ଯ୍ୟପୂର୍ଣ୍ଣଭାବରେ ଉପସ୍ଥାପିତ କରିଥିବା ବେଳେ ଗାନ୍ଧିଜୀଙ୍କ ମୃତ୍ୟୁର କିଛିବର୍ଷ ପରେ ତାଙ୍କର ପ୍ରଦର୍ଶିତ ମାର୍ଗକୁ ଭୁଲିଗଲେ ବୋଲି ମଧ୍ୟ କହିଛନ୍ତି । ଗାନ୍ଧୀବିଚାରର ସାର୍ବଜନିକ ଆଦର ବିଜ୍ଞାନର ଅଭୂତପୂର୍ବ ଉଦ୍ଭାବନ ଓ ରାଜନୀତିରେ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଅବସ୍ଥା ଯୋଗୁ ହ୍ରାସ ଘଟିଥିବା କେହି କେହି ମତ ଦେବା ବେଳେ ଗାନ୍ଧି ଚିନ୍ତାଧାରା କେବଳ କ୍ଷୁଦ୍ରଭିତ୍ତିକ ସଭ୍ୟତାରେ ସଫଳତା ପାଏ ବୋଲି ଅନ୍ୟ କେତେକ ମତ ଦେଇଛନ୍ତି । କିନ୍ତୁ ମହତାବଙ୍କ ମତରେ ଏହି ଦୁଇ ବିଚାରଧାରା ଠିକ୍ ନୁହେଁ ବରଂ ଏହା ଗାନ୍ଧିଜୀଙ୍କ ବିଚାରକୁ ଅଲଗା କରି ରଖିବାରେ ମୁଖ୍ୟତଃ ଦାୟୀ । ସ୍ୱାଧୀନତା ପରଠାରୁ କଂଗ୍ରେସ ଦଳ ସରକାରରେ ରହି ଗାନ୍ଧୀ ବିଚାରଠାରୁ ଦୂରେଇ ଯାଇଛି ବୋଲି ସେ ମତ ଦେଇଛନ୍ତି । ଯଦିଓ ସମଗ୍ର ମାନବଜାତି ପାଇଁ ଗାନ୍ଧିଜୀଙ୍କର ପ୍ରଦର୍ଶିତ ମାର୍ଗ ଏବେ ବି ମୂଲ୍ୟବାନ ।

ମହତାବ ଗାନ୍ଧିଜୀଙ୍କ ବିଚାରକୁ ମୂଲ୍ୟାଙ୍କନ କରି କହିଛନ୍ତି ଯେ ବର୍ତ୍ତମାନ ଭାରତ ଏକ ରାଷ୍ଟ୍ର ଭାବରେ, ତା'ର ରାଷ୍ଟ୍ରଜୀବନରେ କୌଣସି ଦର୍ଶନ ନାହିଁ । ଗଣତାନ୍ତ୍ରିକ ସମାଜବାଦ ଏକ ଦର୍ଶନ ନୁହେଁ । ଏହା କେବଳ ଏକ ରାଜନୈତିକ–ସାମାଜିକ କାର୍ଯ୍ୟକ୍ରମ । ଧର୍ମନିରପେକ୍ଷତା ମଧ୍ୟ ଦର୍ଶନ ନୁହେଁ । ଏହା କେବଳ ରାଷ୍ଟ୍ରନୀତି ଓ ଏ ନୀତି ଭାରତରେ ଯୁଗ ଯୁଗ ଧରି ଥିଲା । ଭାରତର ବିକାଶ କରିବାକୁ ହେଲେ ହୁଏତ ଗାନ୍ଧୀ ଦର୍ଶନକୁ ଗ୍ରହଣ କରାଯାଇ ପାରେ ବା ମାର୍କ୍ସ ଦର୍ଶନ । କିନ୍ତୁ କୌଣସି ଦର୍ଶନକୁ ଗ୍ରହଣ ନକରି ରାଷ୍ଟ୍ର ପରିଚାଳନା ନିଶ୍ଚିତଭାବେ ରାଷ୍ଟ୍ରପ୍ରତି କ୍ଷତିକାରକ । ସେଥିପାଇଁ ବୋଧହୁଏ ବର୍ତ୍ତମାନ ଭାରତ ଲକ୍ଷ୍ୟହୀନ ଏବଂ ଭାରତର ରାଜନୀତି ଧର୍ମ, ଜାତି ଓ ଭାଷା ମଧ୍ୟରେ ସଙ୍କୁଚିତ ହୋଇ ଭାରତର ସଂହତି ବହୁ ଭାବରେ ବିଭକ୍ତ । ଗାନ୍ଧିଜୀ ଭାରତର ଐକ୍ୟ ପ୍ରତିଷ୍ଠା କରି ପାରିଥିଲେ ଓ ଏକ ନୂତନ ଦିଗ ନିର୍ଦ୍ଦେଶ କରି ସମଗ୍ର ଜନଗଣଙ୍କୁ ସେଥିରେ ସାମିଲ କରି ପାରିଥିଲେ । ଯଦି ରାଷ୍ଟ୍ରକୁ ଆଧୁନିକ କରି ଶକ୍ତିଶାଳୀଭାବେ ଗଢ଼ି ତୋଳିବାକୁ ହୁଏ, ତେବେ ତାହା ଗାନ୍ଧିଜୀଙ୍କ ମାର୍ଗରେ ହିଁ ହୋଇ ପାରିବ ବୋଲି ମହତାବ ସ୍ପଷ୍ଟଭାବେ ମତ ପ୍ରକାଶ କରିଛନ୍ତି ।

---

ପ୍ଲଟ୍ ନଂ–୬୦୨୭/୫୮୭୩,
ସତପଟିନଗର, ଭୁବନେଶ୍ୱର–୭୫୧୦୦୬

## ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା

ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନାଟି ଗତ ୧.୧୨.୯୭ ଠାରୁ ରାଜ୍ୟର ସର୍ବମୋଟ ୧୦୬ ଗୋଟି ପୌରାଂଚଳରେ କାର୍ଯ୍ୟକାରୀ କରାଯାଉଅଛି । ଏହି ଯୋଜନାର ଲକ୍ଷ୍ୟ ହେଲା ସହରାଂଚଳର ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ବିଭିନ୍ନ ଧରଣର ଧନ୍ଦାମୂଳକ ଯୋଜନା ଦ୍ୱାରା କାର୍ଯ୍ୟକ୍ରମ ସେହି ଲୋକମାନଙ୍କୁ ଯୋଗାଇବା ।

ଯୋଜନାର କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ଉକ୍ତ ଯୋଜନା ମାଧ୍ୟମରେ (୧) ବ୍ୟାଙ୍କ ଋଣ ଓ ରିହାତି ଋଣ (୨) ବ୍ୟାଙ୍କଋଣ ଜରିଆରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ମାଧ୍ୟମରେ ଆତ୍ମନିଯୁକ୍ତି ଯୋଗାଇବା (୩) ବସ୍ତିବାସିଙ୍କୁ ବୈଷୟିକ/ଧନ୍ଦାମୂଳକ ତାଲିମ ଦେଇ ସ୍ୱାବଲମ୍ବୀ କରାଇବା (୪) ଶ୍ରମଭିତ୍ତିକ କର୍ମନିଯୁକ୍ତି ଦେବା (୫) ସଂଚୟ ଓ ସଂଚୟ ଋଣ ଯୋଗାଇବା (୬) ମହିଳା ଓ ଶିଶୁମାନଙ୍କର ବିକାଶକୁ ଯୋଜନାଭୁକ୍ତ କରି ଆଗେଇ ନେବା ।

ଉକ୍ତ ଯୋଜନାଟି ପୂର୍ଣ୍ଣମାତ୍ରାରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅଟେ । ତେଣୁ ଯୋଜନା କାର୍ଯ୍ୟକାରୀ ନିମିତ୍ତ କେନ୍ଦ୍ର ସରକାର ୭୫ ପ୍ରତିଶତ ଭାଗ ଅର୍ଥ ଓ ରାଜ୍ୟ ସରକାର ୨୫ ପ୍ରତିଶତ ଅର୍ଥ ଅନୁଦାନ ଦେଉଥାନ୍ତି । ୧୯୯୭-୯୮ ଓ ୧୯୯୮-୯୯ ମସିହାର କେନ୍ଦ୍ରୀୟ ଏବଂ ରାଜ୍ୟ ଅନୁଦାନ ପ୍ରଦତ୍ତ କରାଗଲା । ୧୯୯୭-୯୮ କେନ୍ଦ୍ର ୨.୭୩ କୋଟି ଓ ରାଜ୍ୟ ୧.୬୬ କୋଟି ଏବଂ ୧୯୯୮-୯୯ କେନ୍ଦ୍ର ୪.୨୦ କୋଟି ଓ ରାଜ୍ୟ ୧.୬୦ କୋଟି ଅନୁଦାନ ଦେଇଛନ୍ତି । ୧୯୯୭-୯୮ ଆର୍ଥିକ ବର୍ଷର ଅନୁଦାନ ଇତିମଧ୍ୟରେ ପୌରସଂସ୍ଥାମାନଙ୍କୁ ଆବଣ୍ଟନ କରାଯାଇ ସାରିଅଛି । ବର୍ତ୍ତମାନ ସୁଦ୍ଧା ୧୯୯୮-୯୯ ଆର୍ଥିକ ବର୍ଷର କେନ୍ଦ୍ରୀୟ ଅନୁଦାନ ମିଳିନାହିଁ । ଫଳରେ ଉକ୍ତ ଆର୍ଥିକ ବର୍ଷର ଅନୁଦାନ ରାଜ୍ୟ ସରକାର ପୌରସଂସ୍ଥାମାନଙ୍କୁ ଆବଣ୍ଟନ କରି ପାରିନାହାନ୍ତି । ଯାହାଦ୍ୱାରା ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପାଣ୍ଠି ସହିତ ତାଙ୍କ ପାଣ୍ଠିକୁ ମିଶ୍ରିତ କରି ପୌରସଂସ୍ଥାମାନଙ୍କୁ ଆବଣ୍ଟନ କରି ପାରିବେ ଏବଂ ପୌରସଂସ୍ଥାମାନେ ଉକ୍ତ ଯୋଜନାଭୁକ୍ତ କାର୍ଯ୍ୟକ୍ରମକୁ ଦ୍ରୁତ ଗତିରେ ଆଗେଇ ନେବେ ।

# ମୂଲ୍ୟବୋଧର ଅବକ୍ଷୟ ଓ ଗଣତନ୍ତ୍ର

**ଶ୍ରୀ ପଠାଣି ପଟ୍ଟନାୟକ**

ଦେଶ ବିଭାଜନକୁ ଉପଲକ୍ଷ କରି  କ ଚଳଚିତ୍ରରେ ଗୋଟି ଗୀତ ଶୁଣିବାକୁ ମିଳିଥିଲା ଠିକ୍ ସ୍ୱାଧୀନତାର ଅଳ୍ପକାଳ ପରେ । ତାହା ହେଲା– "କିତ୍‌ନା ବଦ୍‌ଲଗୟା ଇନ୍‌ସାନ । ଚାନ୍ଦ ନ ବଦଲା, ସୁରଜ ନ ବଦଲା, ନ ବଦଲାରେ ଆସମାନ୍ । କିତ୍‌ନା ବଦଲଗୟା ଇନ୍‌ସାନ ।" ଧର୍ମାନ୍ଧ ଭାରତୀୟମାନେ ଭାରତ ଓ ପାକିସ୍ଥାନ ରାଷ୍ଟ୍ରର ସୃଷ୍ଟିକାଳରେ ଯେଉଁ ପ୍ରକାର ଅମାନୁଷିକ ନରସଂହାରରେ ବ୍ୟାପୃତ ରହିଥିଲେ, ତାହାକୁ ଉପଜୀବ୍ୟ କରି କବି  ହି ଗୀତଟିରେ ଚେତାବନୀ ଶୁଣାଇ ଥିଲେ । ସ୍ୱାଧୀନତା ପ୍ରାପ୍ତ ହେଲା ପରେ ଆଶା କରାଯାଉ ଥିଲା ଯେ ଭାରତ ଓ ପାକିସ୍ଥାନର ଲୋକମାନେ ସୁଖରେ ରହିବେ, ସାଂପ୍ରଦାୟିକ ବୁଝାମଣା ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହେବ  ବଂ ସର୍ବୋପରି ଜନସାଧାରଣଙ୍କର ଦାରିଦ୍ର୍ୟ ଅପସାରିତ ହୋଇ ଉଭୟ ଦେଶ ପ୍ରଗତି ପଥରେ ଅଗ୍ରସର ହେବେ ।

 ହା ସତ୍ୟ ଯେ ଉଭୟ ଦେଶ ବୈଷୟିକ କ୍ଷେତ୍ରରେ ଓ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କୃତିତ୍ୱର ଅଧିକାରୀ ହୋଇ ଅଛନ୍ତି । ଉଭୟ ଦେଶ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ପରମାଣୁ ବୋମା ପ୍ରସ୍ତୁତ କରିବାର କୌଶଳ ଆୟତ୍ତ କରିଛନ୍ତି । ମାତ୍ର ଯେଉଁ ସମସ୍ୟାର ସମାଧାନ ପାଇଁ  ଦେଶର ନେତୃବୃନ୍ଦ ଦେଶ ବିଭାଜନକୁ ସ୍ୱୀକାର କରିଗଲେ, ତାହା  ବେ ସୁଦ୍ଧା ଅସମାହିତ ହୋଇ ରହିଅଛି । ଧର୍ମନିରପେକ୍ଷ ରାଷ୍ଟ୍ର ଭାରତଭୂମିରେ ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତାର ଭସ୍ମାସୁର ଆଜି ବିକଟରୂପ ପ୍ରକାଶ କରି ବିଦ୍ୟମାନ । ଇସଲାମକୁ ରାଷ୍ଟ୍ରଧର୍ମ ଭାବରେ ଗ୍ରହଣ କରାଯାଇଥିଲେ ମଧ୍ୟ ଅହମ୍ମଦିଆ ମୁସଲମାନମାନେ ପାକିସ୍ଥାନରେ ନିରାପଦରେ ରହିପାରି ନାହାନ୍ତି । ଧର୍ମକୁ ମୂଳମନ୍ତ୍ର କରି ସୁଦୃଢ ରାଷ୍ଟ୍ରର ଯେଉଁ ପରିକଳ୍ପନା ମୁସଲିମ୍‌ଲିଗ୍ କରିଥିଲା, ତାହା ମଧ୍ୟ ଅଳୀକ ବୋଲି ପ୍ରମାଣିତ ହୋଇଗଲା । ପୂର୍ବପାକିସ୍ଥାନର ଜନସାଧାରଣଙ୍କୁ ଧର୍ମ ବାନ୍ଧି ରଖି ପାରିଲା ନାହିଁ । ଭାଷା ଓ ସଂସ୍କୃତିର ଅନୁରୋଧରେ ସ୍ୱାଧୀନ ବାଂଲାଦେଶ ଜନ୍ମଗ୍ରହଣ କଲା । ଉଭୟ ପାକିସ୍ଥାନ ଓ ବାଂଲାଦେଶରେ ଗଣତନ୍ତ୍ରର ଚେର ସୁଦୃଢ଼ ହୋଇ ପାରିନାହିଁ । ସେଠାରେ ଦୀର୍ଘକାଳ ପର୍ଯ୍ୟନ୍ତ ସାମରିକ ଶାସନ ଅପ୍ରତିହତ ରହିଥିଲା ।

ବର୍ତ୍ତମାନ ସ୍ୱାଧୀନ ଭାରତ ଭୂଖଣ୍ଡରେ ଗଣତନ୍ତ୍ରର ପରିସ୍ଥିତି ବିଚାର କରାଯାଉ ।  ହା ସତ୍ୟ ଯେ ଭାରତ ହେଉଛି ପୃଥିବୀର ରାଷ୍ଟ୍ରପୁଞ୍ଜରେ ଅନ୍ୟତମ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର । ଠାରେ  କ ଗଣତାନ୍ତ୍ରିକ ସମ୍ବିଧାନକୁ ସ୍ୱୀକାର କରାଯାଇ ବାରମ୍ବାର ସାବାଳକ ଭୋଟରେ ସରକାର ନିର୍ବାଚିତ ହୋଇ ଆସୁଅଛନ୍ତି । ମାତ୍ର ପ୍ରକୃତ ପକ୍ଷେ ଜନସାଧାରଣ କେତେଦୂର  ହି ଗଣତାନ୍ତ୍ରିକ ନିର୍ବାଚନ ପ୍ରଣାଳୀରେ ନିଜର ଅଧିକାରକୁ ସାବ୍ୟସ୍ତ କରିଛନ୍ତି, ତାହା ହିଁ ପ୍ରଣିଧାନର ବିଷୟ । କୁହାଯାଇଥା , ସାର୍ବଜନୀନ ଶିକ୍ଷାର ପ୍ରସାର ନ ହେଲେ ସାବାଳକ ଭୋଟ ପ୍ରଥା ସଫଳ ହୋଇ ପାରିବ ନାହିଁ । ଅତ୍ୟନ୍ତ ଦୁଃଖର ବିଷୟ ଯେ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ଅର୍ଦ୍ଧଶତାବ୍ଦୀ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ  ଦେଶର ଅର୍ଦ୍ଧାଧିକ ଜନସାଧାରଣ ଶିକ୍ଷାର ଆଲୋକରୁ ବଞ୍ଚିତ  ବଂ ଦାରିଦ୍ର୍ୟର ସୀମାରେଖା ତଳେ ଉତ୍ପୀଡ଼ିତ । ଜଣେ ଦରିଦ୍ର ଅଶିକ୍ଷିତ ନାଗରିକକୁ ବିଭ୍ରାନ୍ତ କରିବା ପାଇଁ ଧନବଳ  ବଂ ପଶୁବଳ ଅତ୍ୟନ୍ତ ଶକ୍ତିଶାଳୀ । ସେଥିପାଇଁ ବହୁ ନିର୍ବାଚନ ବୈତରଣୀ ପାରି ହୋଇ ସୁଦ୍ଧା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା  ବେ ମଧ୍ୟ ସମ୍ଭବ ହୋଇନାହିଁ । ରାଜନୀତିରେ ଅପରାଧୀକରଣ ଅତ୍ୟନ୍ତ ବ୍ୟାପକ ହୋଇ ପଡ଼ିଛି । କଳାବଜାରୀ, ଡକାୟତ  ବଂ ଦୁର୍ଦ୍ଦାନ୍ତ ଅପରାଧୀମାନେ ନିର୍ବାଚନ ଯୁଦ୍ଧରେ ଅକ୍ଳେଶରେ ଜୟଲାଭ କରି କେବଳ ବୈଧାନିକ କିମ୍ବା ସାଂସଦର ଗୌରବ ହାସଲ କରିନାହାନ୍ତି, କ୍ଷମତାର ବଳୟ ମଧ୍ୟରେ ସ୍ଥାନାଧିପତି ମଧ୍ୟ ହୋଇଛନ୍ତି । ସେଥିପାଇଁ ଆଜି ପ୍ରତ୍ୟେକ ରାଜନୈତିକଦଳର  ହା ହୋଇଛି ବିକଟ ସମସ୍ୟା ।

ଗଣତନ୍ତ୍ର ଶାସନର ପ୍ରଧାନ ଆଭିମୁଖ୍ୟ ହେଲା– "ଅଧିକାଂଶ ଜନସାଧାରଣଙ୍କର ସର୍ବୋତ୍ତମ ମଙ୍ଗଳ ବିଧାନ । "Greatest good of the largest number."  ହା ଆଜି ସମ୍ଭବ ହୋଇ ପାରି ନାହିଁ । ଦୀର୍ଘ ଅର୍ଦ୍ଧଶତାବ୍ଦୀର ଗଣତନ୍ତ୍ର ଶାସନରେ ଅର୍ଥନୈତିକ କ୍ଷେତ୍ରରେ ବହୁମୁଖୀ ପ୍ରଗତି ହାସଲ ହୋଇଥିଲେ ହେଁ ଦରିଦ୍ରମାନେ ଦରିଦ୍ରତର  ବଂ ଧନୀମାନେ ଅଧିକ ଧନୀ ହୋଇଛନ୍ତି । ଦେଶରେ ବେକାରୀ ଭୟଙ୍କର ଭାବରେ ବୃଦ୍ଧିଲାଭ କରିଅଛି । ରାଜନୈତିକ ଓ ଗୋଷ୍ଠୀଗତ ସ୍ୱାର୍ଥ୍ୟ ସାଧନ ପାଇଁ ଜାତୀୟ ସ୍ୱାର୍ଥକୁ ବଳି ଦେବାକୁ ରାଜନୈତିକ ଦଳ ଆଦୌ/କୁଣ୍ଠିତ ହେଉ ନାହାନ୍ତି । ଦେଶର ଚତୁର୍ଦ୍ଦିଗରେ  ବଂ ସବୁସ୍ତରରେ ଦୁର୍ନୀତି କାୟାବିସ୍ତାର କରି ଜନଜୀବନକୁ ଅନ୍ତଃସାରଶୂନ୍ୟ କରି

ପାରିଲାଣି । ଲାଞନେବା  ବଂ ଉତ୍କୋଚ ଦେବା ଆଜି  କ ବିଧୁ ଭାବରେ ସ୍ୱୀକୃତିଲାଭ କରିବାକୁ ଯାଉଅଛି ।  କଦା  ହି ବିଷୟରେ 'ସାନ୍ଥନମ୍ କମିଟି ମତ ପ୍ରଦାନ କରିଥିଲେ– "We wish we could confidently, and without reservation assert that at the political level, ministers, legislatures, party officials were free from this malady. Complaints against the highly placed in public life were not dealt with in the manner that they should have been dealt with if public confidence had to be maintained."

ସରକାରୀ ନୀତି ଦୁର୍ନୀତି ବିରୁଦ୍ଧରେ ହେଲେ ହେଁ ଦୁର୍ନୀତି– ପରାୟଣ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସରକାରୀ ପଦକ୍ଷେପ ଆଖୁବୁଣିଆ ହେଉ ନଥିବାରୁ ଜନସାଧାରଣ  କ ପ୍ରକାର ହତାଶା ମଧ୍ୟରେ ଗତି କରୁଅଛନ୍ତି । ସାଧାରଣ ଜୀବନ ବିଷୟରେ ଅଧିକାଂଶ ଲୋକ ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ବିମୁଖତା ଅବଲମ୍ବନ କରୁଥିବାରୁ ଯଥାର୍ଥ ଲୋକମତ କୌଣସି କ୍ଷେତ୍ରରେ ପ୍ରତିଫଳିତ ହେଉନାହିଁ । ଗଣତନ୍ତ୍ରର ଜୟଯାତ୍ରା ପାଇଁ  ହା ଆଦୌ ଶୁଭଙ୍କର ନୁହେଁ । କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ କୌଣସି ପ୍ରଶାସକ ଅଥବା ରାଜନୀତିର ପେଶାଧାରୀଲୋକ ନିରଙ୍କୁଶ ଭାବରେ ବିଚରଣ କରିବାର ଦେଖିବାକୁ ମିଳୁଛି । ଆଞ୍ଚଳିକ  ବଂ ସାମ୍ପ୍ରଦାୟିକ ସ୍ୱାର୍ଥ  ପରି ଉତ୍କଟ ଆକାର ଧାରଣ କରିଛି ଯେ ପାରସ୍ପରିକ ଆଲୋଚନା ଓ ବୁଝାମଣା ଜରିଆରେ  ହାର ସମାଧାନପାଇଁ ଆନ୍ତରିକତା ପ୍ରକାଶିତ ହେଉନାହିଁ । ତେଣୁ ଅନେକ ସମୟରେ ଜାତୀୟ ପତାକା ଓ ଜାତୀୟସଙ୍ଗୀତ କେବଳ ଅସମ୍ମାନର ଶିକାର ହେଉନାହାନ୍ତି, ଅଞ୍ଚଳ ଭେଦରେ ସ୍ୱାଧୀନତାର ସ୍ଲୋଗାନକୁ ବରଦାସ୍ତ କରାଯାଉଛି । ମୌଳିକ ଅଧିକାରର ଅପବ୍ୟବହାର ଗଣତନ୍ତ୍ରର ସଫଳତା ପ୍ରତି ଭୟଙ୍କର ବିପତ୍ତି ଆନୟନ କରିବ, ଥିରେ ସନ୍ଦେହର ଅବକାଶ ନାହିଁ । ଦେଶର ଐକ୍ୟ ଓ ସଂହତି ପ୍ରତିଷ୍ଠା ଦୃଷ୍ଟିରୁ ଆମେ ଭାରତରେ  କ ସାର୍ବଜନୀନ ରାଷ୍ଟ୍ରଭାଷା ଗ୍ରହଣ କରି ପାରିନାହିଁ । ଆଞ୍ଚଳିକ ଭାଷାପ୍ରୀତି  ହାର ପ୍ରତିବନ୍ଧ ହୋଇ ରହିଅଛି । ଅଧିକାର ସାବ୍ୟସ୍ତ କରିବା ନାମରେ ଶ୍ରମିକମାନେ ଅଧିକ ମଜୁରି ଦାବୀ କରି ଶିଳ୍ପକାରଖାନାରେ ତାଲାବନ୍ଦ ଆନ୍ଦୋଳନ କରୁଛନ୍ତି, ଅଧିକ ଉତ୍ପାଦନ ପାଇଁ ଉତ୍ସାହ ନାହିଁ । ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଓ ପ୍ରଶାସକ ତଥା ଶ୍ରମଜୀବୀଶ୍ରେଣୀ ନିଜର ଦରମା ବୃଦ୍ଧି ବିଷୟରେ ଆନ୍ଦୋଳନ କରିବାପାଇଁ କୁଣ୍ଠିତ ନୁହନ୍ତି, ମାତ୍ର ନିଜନିଜ କର୍ତ୍ତବ୍ୟସ୍ଥଳୀରେ ଦେଶ ସେବା ପାଇଁ କାହାରି ଉତ୍ସାହ ପରିଲକ୍ଷିତ ହେଉନାହିଁ । ଅନ୍ତ ଅଥବା ବିନା ପରିଶ୍ରମରେ ପ୍ରଚୁର ଅର୍ଥ ରୋଜଗାର କରିବା ହୋଇଛି ଜୀବନର ଆଭିମୁଖ୍ୟ । ସାମାଜିକ ଶୃଙ୍ଖଳା ପ୍ରତିଷ୍ଠା ନହେଲେ ଗଣତନ୍ତ୍ରର ଭବିଷ୍ୟତ ଅନ୍ଧକାରମୟ ହେବ । ଭାରତର ସମ୍ବିଧାନର ବହୁ ଧାରା  ବେ ସୁଦ୍ଧା ସନ୍ତୋଷଜନକ ଭାବରେ କାର୍ଯ୍ୟକାରୀ ହେଉନାହିଁ । ଉଦାହରଣ ସ୍ୱରୂପ ସମ୍ବିଧାନର ସତରଧାରା ବିଷୟରେ ସ୍ମରଣ କରାଯାଉ ।  ଥିରେ ଅଛି "Untouchability" is abolished and its practice in any form is forbidden. The enforcement of any disability arising out of 'Untouchability' shall be an offence punishable in accordance with law."

ସମ୍ବିଧାନର  ହି ଧାରାକୁ ଫଳପ୍ରସୂ କରିବାପାଇଁ ଭାରତରେ ଲୋକସଭା ୧୯୫୫ ସାଲରେ  କ ଆଇନ ପ୍ରଣୟନ କରିଛନ୍ତି । ମାତ୍ର ଆମର ସମାଜ ଜୀବନରେ  ହାର ସମ୍ପୂର୍ଣ୍ଣ ବିଲୋପ ହେବାକୁ ଯାଉଥିଲାବେଳେ ଭୋଟ ଭିକାରୀ ରାଜନୈତିକ ଦଳ କ୍ଷମତା ଅଧିକାର ଲାଳସାରେ ଗୋଷ୍ଠୀଗତ, ଜାତିଗତ  ବଂ ଶ୍ରେଣୀଗତ ସ୍ୱତନ୍ତ୍ରଭାବନାକୁ ଜାଗ୍ରତ କରିବାପାଇଁ ଇନ୍ଧନ ଯୋଗାଇବାରେ ତତ୍ପର । ନିର୍ବାଚନ ଯୁଦ୍ଧରେ  ହା ସାମୟିକ ସଫଳତା ଆନୟନ କରିପାରେ, ମାତ୍ର ଗଣତନ୍ତ୍ରର ସାମ୍ୟଭାବନା ପ୍ରତିଷ୍ଠା କରିବାରେ  ହା ହେବ ଭୟଙ୍କର ପ୍ରତିବନ୍ଧକ ।

ଗଣତନ୍ତ୍ରର ସଫଳତା ନିର୍ଭର କରେ ଜନସାଧାରଣଙ୍କର ସ୍ୱାଧୀନ ମତ ବ୍ୟକ୍ତ କରିବାର ସଚେତନତା ଉପରେ । ନାନାକାରଣରୁ ଆମର ଜନମତ ଅତ୍ୟନ୍ତ ବିମୁଖ, ସେମାନଙ୍କର ରାଷ୍ଟ୍ରପରିଚାଳନା ବିଷୟରେ ଆଗ୍ରହ ନଥା । ସେମାନେ ମେଣ୍ଢାପରି ଅନୁସରଣ କରନ୍ତି ରାଜନୀତିକୁ ପେଶା କରିଥିବା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀକୁ । କାରଣ ସେମାନେ ଧନବଳ  ବଂ ପଶୁବଳର ଅଧିକାରୀ । ଯେଉଁଦିନ ସାଧାରଣ ଜନତା ଶାସନକଳକୁ ନିୟନ୍ତ୍ରଣ କରିବାର ଯୋଗ୍ୟତା ହାସଲ କରିବେ, ସେହିଦିନ ଗଣତନ୍ତ୍ରଶାସନ ସାଫଲ୍ୟମଣ୍ଡିତ ହେଲା ବୋଲି ସ୍ୱୀକାର କରିବାକୁ ହେବ । ସେଥିପାଇଁ ଜାତିର ପିତା ମହାତ୍ମାଗାନ୍ଧୀଙ୍କର  କଦା ସ୍ୱପ୍ନ ଥିଲା ହିପରି –"Mere withdrawal of the English is not independence. It means the conciousness in the average villager that he is the maker of his own destiny, he is his own legislator through his chosen representative." (Young India–Feb, 13, 1930).

ଜନତାର ମୁଣ୍ଡଗଣତିକୁ ଗାନ୍ଧିଜୀ ଗଣତନ୍ତ୍ର ବୋଲି କଳ୍ପନା କରି ନଥିଲେ । ଯେଉଁ ବ୍ୟବସ୍ଥାରେ ଜନସାଧାରଣ ସଚେତନ ଭାବରେ

ନିଜର ବୁଦ୍ଧି ଓ ମନ ଖଟାଇ ରାଷ୍ଟ୍ର ପରିଚାଳନାରେ ଅଂଶୀଦାର ହେବେ, ଲୋକପ୍ରତିନିଧିଙ୍କୁ ନିର୍ବାଚନ କରିବେ ଏବଂ ଆବଶ୍ୟକ ହେଲେ ସେମାନଙ୍କୁ ଅପସାରଣ କରିଆଣିବେ, ସେତେବେଳେ ଯାଇଁ ଗଣତନ୍ତ୍ରର ସଫଳତା ଉପଲବ୍ଧି କରାଯାଇପାରିବ ।

ବିଶାଳ ଭାରତ ଭୂଖଣ୍ଡକୁ ଏକମାତ୍ର କଂଗ୍ରେସଦଳ କେନ୍ଦ୍ର ଶାସନରେ ଏବଂ ପ୍ରାଦେଶିକ ଶାସନରେ ନିରଙ୍କୁଶ ଆଧିପତ୍ୟ ବିସ୍ତାର କରିଥିଲା ବହୁକାଳପର୍ଯ୍ୟନ୍ତ । ମାତ୍ର ବର୍ତ୍ତମାନ ଆଉ ଏକ ଦଳୀୟ ଶାସନର ଯୁଗ ବୋଧହୁଏ ଅପସରି ଯାଉଛି । ଭାରତର ବିଭିନ୍ନ ପ୍ରଦେଶରେ ଆଞ୍ଚଳିକଦଳ ଶାସନକଳକୁ ନିୟନ୍ତ୍ରଣ କରୁଛନ୍ତି ଏବଂ କେନ୍ଦ୍ରରେ ମଧ୍ୟ ଏକାଧିକଦଳର ସମିଶ୍ରଣରେ ସରକାର ପରିଚାଳିତ ହେଉଅଛି । ବହୁଦଳୀୟ ଶାସନବ୍ୟବସ୍ଥାର ସଫଳତା ପାଇଁ ଉନ୍ନତ ବୁଝାମଣା, ରାଜନୈତିକ ଅଭିଜ୍ଞତା ଏବଂ ସର୍ବୋପରି ଉଦାର ଜାତୀୟତାବୋଧର ଆବଶ୍ୟକତା ରହିଅଛି । ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଯେ କେତେକ ଆଞ୍ଚଳିକ ରାଜନୈତିକ ଦଳ ହୀନ ଦଳୀୟ ଓ ପ୍ରାନ୍ତୀୟ ସ୍ୱାର୍ଥ ସାଧନରେ ଏତେ ନିବିଷ୍ଟ ଯେ ସେମାନେ ସର୍ବଭାରତୀୟ ଜନକଲ୍ୟାଣକୁ ସ୍ୱୀକାର କରିବାକୁ ଅକ୍ଷମ । ଏପରି ଅବସ୍ଥା ଦ୍ୱାରା କେବଳ ରାଜନୈତିକ ସଙ୍ଘର୍ଷ ସହିତ ରାଜ୍ୟଶାସନର ଅପାରଗତା ପ୍ରମାଣିତ ହେବ ଏବଂ ଗଣତନ୍ତ୍ରର ମୂଳସ୍ତମ୍ଭ ଜନସାଧାରଣ ଅବହେଳିତ ହୋଇ ରହିଥିବେ । ଏପରି ଅବସ୍ଥା ରାଜପଣ କଲେ ରାଜନୈତିକ ଅସ୍ଥିରତା କେବଳ ଜନଜୀବନକୁ ବିଚଳିତ କରିବ ନାହିଁ, ଗଣତନ୍ତ୍ର ବଦଳରେ ଏକନାୟକତନ୍ତ୍ର ହୁଏତ ମୁଣ୍ଡ ଟେକି ଉଠିବ ଅଥବା ଦେଶ ଖଣ୍ଡଖଣ୍ଡ ହୋଇ ପୁନର୍ବାର ବିଦେଶୀ ପ୍ରଭାବକୁ ନିମନ୍ତ୍ରଣ କରି ଆଣିବ ।

ତେଣୁ ଗଣତନ୍ତ୍ରର ସୁରକ୍ଷା ଓ ପ୍ରତିଷ୍ଠାପାଇଁ ପ୍ରତ୍ୟେକ ଭାରତୀୟ ନାଗରିକ ସାଧନା ଅବ୍ୟାହତ ରଖିବା ଆବଶ୍ୟକ ।

ନିର୍ବାଚନ ବ୍ୟବସ୍ଥା ଏପରି ହୋଇଛି ଯେ ସେଥିରୁ ପ୍ରକୃତ ଜନମତ ପ୍ରତିଫଳିତ ହେଉନାହିଁ । ନିର୍ବାଚନ ଯୁଦ୍ଧରେ ଜୟଲାଭ କରି ଯେଉଁମାନେ ଶାସନ କ୍ଷମତାର ଅଧିକାରୀ ହେଉଛନ୍ତି, ସେମାନଙ୍କ ପକ୍ଷରେ ପ୍ରକୃତ ଜନମତ ପ୍ରତିଫଳିତ ହେଉଛି ବୋଲି କୁହାଯାଉଛି । ଏଠାରେ ବିଗତ କେତୋଟି ନିର୍ବାଚନର ପରିସଂଖ୍ୟାନ ହିସାବ ଉଦ୍ଧାର କରାଯାଇପାରେ । ସ୍ୱାଧୀନତା ପରଠାରୁ କଂଗ୍ରେସଦଳ ଶତକଡା ସତୁରୀଭାଗ ସ୍ଥାନ ଅଧିକାର କରି ସରକାର ଗଢ଼ି ଆସିଥିଲା । ମାତ୍ର କଂଗ୍ରେସଦଳ ଯଥାକ୍ରମେ ୧୯୫୨ ସାଲରେ ଶତକଡା ୪୫·୯୯, ୧୯୫୭ ସାଲରେ ଶତକଡା ୪୭·୭୮, ୧୯୬୨ ସାଲରେ ଶତକଡା ୪୪·୭୩, ୧୯୬୭ ସାଲରେ ଶତକଡା ୪୦·୮୨ ଓ ୧୯୭୧ ସାଲରେ ଶତକଡା ୪୩·୬୨ ଭୋଟ ଲାଭ କରିଥିଲା । ଲୋକମତକୁ ପ୍ରଭାବିତ କରିବାପାଇଁ ଅତି ଭୟଙ୍କର ଭାବରେ ଅର୍ଥବଳର ଅପବ୍ୟବହାର କରାଯାଇଛି । ବହୁ ସ୍ୱାଧୀନ ପ୍ରାର୍ଥୀ ବିଜୟଲାଭ କରି ରାଜନୈତିକ ଘୋଡ଼ାବେପାରକୁ ପ୍ରୋତ୍ସାହନ କରି ଆସିଅଛନ୍ତି ।

କଂଗ୍ରେସ ଅନୁଷ୍ଠାନ ଦୀର୍ଘକାଳ ସଂଗ୍ରାମ କରି ଦେଶପାଇଁ ସ୍ୱାଧୀନତା ଆଣି ଦେଇଥିଲା । ଲୋକ କଲ୍ୟାଣପାଇଁ କଂଗ୍ରେସ ସରକାର ପ୍ରଥମେ ଚେଷ୍ଟା କରିଥିଲେ ଦେଶକୁ ରାଜା, ଜମିଦାର, ସରବରାକାର ଏବଂ ଗଉଁତିଆମାନଙ୍କ କବଳରୁ ମୁକ୍ତି । ମାତ୍ର ପରିଣତି କଣ ହୋଇଛି ? ପ୍ରାଦେଶିକ ବିଧାନସଭାଠାରୁ ଲୋକସଭା ପର୍ଯ୍ୟନ୍ତ ସର୍ବତ୍ର ଏହି ଧନକୁବେର ଶୋଷଣଶକ୍ତି ବର୍ତ୍ତମାନ ଗାଦିମାଡ଼ି ବସିଚନ୍ତି ଲୋକପ୍ରତିନିଧିର ମୋହର ଧରି । ଗଣତନ୍ତ୍ର ରାଷ୍ଟ୍ରରେ ପଞ୍ଚାୟତିରାଜ ଏକ ସାର୍ଥକ ପରୀକ୍ଷା । ମାତ୍ର ପରିତାପର ବିଷୟ ଯେ ପଞ୍ଚାୟତି ଶାସନ ପରପଞ୍ଚ ସରପଞ୍ଚମାନଙ୍କର ଅକ୍ତିଆର ହୋଇଯାଇଛି । ସେମାନେ ଜନତାର ସେବା ନକରି ରାଜନୈତିକ ଦଳର ହୀନସ୍ୱାର୍ଥ ସାଧନରେ ବ୍ରତୀ ହୋଇଅଛନ୍ତି । ଗ୍ରାମେ ଗ୍ରାମେ ଭେଦଭାବ ଓ ଅସନ୍ତୋଷ ରାଜପଣ କରୁଅଛି । ଏକଦା କଂଗ୍ରେସର ଗରିବହଟାଓ ଧ୍ୱନି ଦେଇଥିଲା । ମାତ୍ର ଦାରିଦ୍ର୍ୟ, ବେକାରୀ, ଦୁର୍ନୀତି ଓ ଦରଦାମ ବୃଦ୍ଧି ଭୟଙ୍କର ରୂପ ଧାରଣ କରିଅଛି ।

ଜାତୀୟ କବି ବାଞ୍ଛାନିଧି ମହାନ୍ତି ସେକାଳରେ ଗାଇଥିଲେ–

"କି ହେବ ସ୍ୱରାଜ୍ୟ ପାଇ ଯଦି ନପୂରେ ପେଟ
ଆମେ ଗରୁଥିବା ଭୋକ ଉପାସରେ
ଜଣେ ଦୁଇଜଣ ବସେଇ ସେଠ ।"

ସ୍ୱାଧୀନତା ସଂଗ୍ରାମର ମହାରଥୀ ଜାତିର ପିତା ମହାତ୍ମାଗାନ୍ଧୀଙ୍କର ସ୍ୱପ୍ନର ଭାରତ ଥିଲା ଏହିପରି –**"I shall work for an India is which the poorest shall feel that it is their country in whose making they have an effective voice, an India in which there shall be no high class and low class of people, an India in which all communities shall live in perfect harmony. There can be no room in such an India for the curse of untouchability and curse of intoxicating drinks and drugs--women will enjoy the same rights as men xx This is India of my dreams."**

ଗାନ୍ଧିଜୀଙ୍କର ସ୍ୱପ୍ନ ଏବେ ମଧ୍ୟ ସାକାର ହୋଇପାରିନାହିଁ । ସେ କଳ୍ପନା କରିଥିଲେ ଶ୍ରେଣୀହୀନ ସମାଜର ପ୍ରତିଷ୍ଠା ହେଉ । ନାରୀ ପୁରୁଷ ସମାନ ସୁଖସୁବିଧା ଓ ଅଧିକାର ଭୋଗ କରନ୍ତୁ । ସମାଜର ପ୍ରତ୍ୟେକ ଶ୍ରେଣୀ ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା ହେଉ । ସମାଜରୁ ଛୁଆଁ ଅଛୁଆଁର ଭେଦଭାବ ଦୂର ହୋଇଯାଉ ।

ଗାନ୍ଧିଜୀଙ୍କର କୌଣସି ସ୍ୱପ୍ନ ଆଜି ସଫଳ ହୋଇନାହିଁ । ସମାଜରେ ଥିଲା ଓ ନଥିଲା ଲୋକର ବିରାଟ ପ୍ରାଚୀର ଦଣ୍ଡାୟମାନ । ସାମ୍ପ୍ରଦାୟିକ ଅସହଣିକତା ଆଜି ବିକଟ ରୂପଧାରଣ କରି ବିଦ୍ୟମାନ । ନାରୀ ନିର୍ଯ୍ୟାତନା, ରାହାଜାନୀ ଓ ରାଜନୈତିକ ହିଂସାକାଣ୍ଡ କ୍ରମଶଃ ବୃଦ୍ଧିଲାଭ କରିବାରେ ଲାଗିଛି । ଏପରି ଲାଗି ରହିଲେ ଗଣତନ୍ତ୍ର ଶାସନର ଭବିଷ୍ୟତ ହେବ ଅନ୍ଧକାରମୟ ।

ଏହି କାରଣରୁ ଆଜି ପ୍ରତ୍ୟେକ ନାଗରିକ ସଚେତନ ହୋଇ ଦେଶପାଇଁ ଚିନ୍ତା କରିବା ଆବଶ୍ୟକ । ପ୍ରତ୍ୟେକ ରାଜନୈତିକ ଦଳ ଏ କ୍ଷେତ୍ରରେ ହେବା ଉଚିତ ଜାଗ୍ରତପ୍ରହରୀ ।

---

**ଅବସରପ୍ରାପ୍ତ ଅଧକ୍ଷ,**
**କେନ୍ଦୁଝର କଲୋନୀ, କନିକାରୋଡ୍, କଟକ–୮**

# ଓଡ଼ିଶାର ଯୁଗ ମାନବ ମହତାବଜୀ

ଶ୍ରୀ ଆର: ପି: ଶାସ୍ତ୍ରୀ

ଓଡ଼ିଶାରେ ମଧୁସୂଦନଙ୍କ ଯୁଗ ଓ ଗୋପବନ୍ଧୁଙ୍କ ଯୁଗ ପରେ ମୋଟାମୋଟି ଭାବରେ ମହତାବ ଯୁଗ ଆରମ୍ଭ ହୋଇଛି । ଆଜି ମଧ୍ଯ ଓଡ଼ିଶାରେ ମହତାବଙ୍କ ଦ୍ୱାରା ପ୍ରଦର୍ଶିତ ପଥରେ ଓଡ଼ିଶାରେ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଅବସ୍ଥା ନିୟନ୍ତ୍ରିତ ହେଉଛି ।

ଏହି ଉଭୟ ନେତାଙ୍କ କାର୍ଯ୍ୟକାଳ ମଧ୍ୟରେ ହିଁ ଓଡ଼ିଶାର ରାଜନୀତିକ କ୍ଷେତ୍ରରେ ୧୯୨୨ରେ ମହତାବଙ୍କ ଆବିର୍ଭାବ ହୋଇଥିଲା । ସେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ରେଭେନ୍ସା କଲେଜ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ । ୧୯୨୨ରେ ହିଁ କନିକା ଜମିଦାରଙ୍କ ଅତ୍ୟାଚାରର ପ୍ରତିବାଦ, ଅସାଧାରଣ ପ୍ରତିଭା ଓ ଦେଶପ୍ରୀତିର ଉନ୍ମେଷ ଅନୁଭୂତ ହୋଇଥିଲା । କନିକା ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ସଂଗଠନ ଆରମ୍ଭ କରି ସେଥିପ୍ରତି ଓଡ଼ିଶାର ତୁଙ୍ଗ ନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ମହାଭାରତୀୟ କ୍ଷେତ୍ରରେ ମଧ୍ଯ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୨୨ରେ କନିକା ନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୨୨ରେ କନିକା ଅତ୍ୟାଚାର ବିରୁଦ୍ଧରେ ସଭା କରି ପଣ୍ଡିତ ଗୋପବନ୍ଧୁ ଭଦ୍ରଖଠାରେ ଗିରଫ ହୋଇ ଥିଲେ ଏବଂ ମହତାବଜୀ ଅସୀମ ଦକ୍ଷତାର ସହିତ ଲକ୍ଷ୍ମୀନାରାୟ ପଣ୍ଡିତ [illegible] ସମସ୍ତ ବିଷୟ [illegible] ଗୁଡ଼ିକାରେ ବ୍ୟବସ୍ଥା କରିଥିଲେ ।

ସେ ବାଲେଶ୍ୱର ଜିଲ୍ଲାବୋର୍ଡ଼ର ଚେୟାରମେନ୍ ଭାବରେ କନିକା ଜମିଦାରୀ ଅଞ୍ଚଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ—ରାସ୍ତାଘାଟ, ସ୍କୁଲ ଇତ୍ୟାଦି କରି ଜନସାଧାରଣଙ୍କ ଦୃଷ୍ଟି ଓ ମନ କଂଗ୍ରେସ ଆଡ଼କୁ ଆକୃଷ୍ଟ କରି ପାରିଥିଲେ । ଗଠନମୂଳକ କାର୍ଯ୍ୟ ମାଧ୍ୟମରେ ଗାନ୍ଧୀ ନୀତି ଅନୁଯାୟୀ ଲୋକ ସଂଗଠନ କିପରି କରାଯାଇ ପାରେ ସେହି ଦିନରୁ ସେ ତାହାଁ କାର୍ଯ୍ୟ କ୍ଷେତ୍ରରେ ପ୍ରତିପାଦନ କରି ଦେଇଥିଲେ । ଏ ଦେଶରେ ବହୁ ଗାନ୍ଧୀବାଦୀ ଅଛନ୍ତି—ଏବେ ବହୁ ନେତା ଗାନ୍ଧିଜୀଙ୍କ କଥା କହି ନିଜ ନିଜର ପ୍ରାଧାନ୍ୟ, ପ୍ରତିପତ୍ତି ଓ ପ୍ରତିଷ୍ଠା ବଢ଼ାଇବାରେ ଲାଗିଛନ୍ତି । କିନ୍ତୁ ଗାନ୍ଧୀ ନୀତିକୁ ବାସ୍ତବ କାର୍ଯ୍ୟ କ୍ଷେତ୍ରରେ ଲଗାଇ ତା'ର ସୁଫଳ ଦ୍ୱାରା ଲୋକଙ୍କ ମନପ୍ରାଣ ଆକୃଷ୍ଟ କରିବା ଏବଂ ସମାଜରୁ ଗାନ୍ଧି—ନୀତି ଦ୍ୱାରା ନାନା ଅପକର୍ମ ଦୂର କରିବାର କାର୍ଯ୍ୟ ବହୁ ନେତା କର କରିପାରି ନାହାନ୍ତି ।

ବାସ୍ତବତଃ ସେ ଜଣେ କର୍ମଯୋଗୀ ବା କର୍ମବୀର । ଏ କଥା ସେ ବହୁ କ୍ଷେତ୍ରରେ ପ୍ରତିପାଦିତ ଓ ପ୍ରମାଣିତ କରି ପାରିଛନ୍ତି । ୧୯୪୬—୪୭ର ଘଟଣା । ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ରାଜ୍ୟରେ ବହୁ ସମସ୍ୟା । ସ୍ୱାଧୀନତା ପାଇଁ ଯେପରି ଲୋକଙ୍କ ମଧ୍ୟରେ ଉତ୍ସାହ, ଉନ୍ମାଦନା ପ୍ରକାଶ ପାଉଥିଲା ସ୍ୱାଧୀନତା ପରେ ସେହିପରି ଲୋକଙ୍କ ମଧ୍ୟରେ ବହୁ ଆଶା, ଆକାଙ୍କ୍ଷା ସୃଷ୍ଟି ହୋଇଥିଲା । ରାଜନୈତିକ, ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ଏବଂ ଉନ୍ନତି ପାଇଁ ଏହି ପୃଷ୍ଠଭୂମିରେ ସବୁଠାରୁ ବଡ଼ ସମସ୍ୟା ଥିଲା ଗଡ଼ଜାତ ସମସ୍ୟା । ଗଡ଼ଜାତ ମିଶ୍ରଣ ବିନା ଓଡ଼ିଶାର ବିକାଶ ଅସମ୍ଭବ, ଏକଥା ମହତାବ ବହୁ ଆଗରୁ ଅନୁଭବ କରିଥିଲେ ।

ଏ ଦିଗରେ ଅନ୍ୟମାନେ ଚିନ୍ତା କରିବାର ବହୁ ପୂର୍ବରୁ ସେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ୧୯୩୯ ଓଡ଼ିଶା ଗଡ଼ଜାତ ସମସ୍ୟା ଅନୁସନ୍ଧାନ କମିଟି ରିପୋର୍ଟରୁ ଏହା ପ୍ରମାଣିତ ହୋଇଯାଇଛି ।

ଏହି କମିଟିର କାର୍ଯ୍ୟରେ ମହତାବଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ଏହାର ଚେୟାରମେନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ବଳବନ୍ତରାୟ ମେହେଟା ଏବଂ ଶ୍ରୀ ଲାଲମୋହନ ପଟ୍ଟନାୟକ ଏହି କମିଟିର ସଭ୍ୟ ଥିଲେ । ଗଡ଼ଜାତମାନଙ୍କରେ ସେ ସମୟରେ ପ୍ରଜାଙ୍କ ଉପରେ ହେଉଥିବା ଅତ୍ୟାଚାରର ବିବରଣୀ ଏହି କମିଟି ପ୍ରକାଶ କରିଥିଲେ । ଏହି ସମସ୍ତ ବିବରଣୀ ମଧ୍ୟ ମହତାବଜୀ ଗାନ୍ଧିଜୀଙ୍କ ନିକଟକୁ ପଠାଉଥିଲେ । ମହତାବଜୀ ବରାବର ମତ ପ୍ରକାଶ କରିଥିଲେ ଯେ ଏହି ରାଜାମାନଙ୍କୁ ବ୍ରିଟିଶ୍ ସରକାର ଯେଉଁ ସନନ୍ଦ ଦେଇ କ୍ଷମତା ପ୍ରଦାନ କରିଥିଲେ ତାହା ବାତିଲ କରାଯାଇ ପାରିବ ଏବଂ ସେମାନଙ୍କୁ ଅନ୍ୟାନ୍ୟ ଜମିଦାରଙ୍କ ତୁଲ୍ୟ ପାହ୍ୟାରେ ରଖିବାରେ କୌଣସି ବାଧା ନାହିଁ । ଏହି ମତ ମଧ୍ୟ କମିଟିର ରିପୋର୍ଟରେ ପ୍ରକାଶିତ ହୋଇଥିଲା । ଏହି ମତର ଯଥାର୍ଥତାକୁ ତଦାନୀନ୍ତନ ଭାଇସ୍‌ରାୟ ଲର୍ଡ଼ ଲିନ୍‌ଲିଥଗୋ ମଧ୍ୟ ସ୍ୱୀକାର କରିଥିଲେ । କିନ୍ତୁ ୧୯୩୯ରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇ ଯିବାରୁ ଏ ଦିଗରେ ଆଉ ଅଧିକ ଧ୍ୟାନ ଦିଆଯାଇ ପାରି ନ ଥିଲା । ଏହି ଯୁଦ୍ଧ ମୁଖ୍ୟତଃ ବ୍ରିଟିଶ ସାମ୍ରାଜ୍ୟବାଦ ଓ ଜର୍ମାନ ନାଜିବାଦ ମଧ୍ୟରେ ହୋଇଥିଲା ।

ତଦାନୀନ୍ତନ ବଡ଼ଲାଟ ଭାରତର ବିଭିନ୍ନ ପ୍ରଦେଶରେ କାର୍ଯ୍ୟରତ ମନ୍ତ୍ରୀ ପରିଷଦର ବିନା ପରାମର୍ଶରେ ଭାରତକୁ ଏହି ଯୁଦ୍ଧରେ ସଂଶ୍ଳିଷ୍ଟ କରି ଦେବା ଯୋଗୁଁ କଂଗ୍ରେସ୍, ତା'ର ତୀବ୍ର ବିରୋଧ କରିଥିଲା ଏବଂ ଭାରତର ସାତଟି ପ୍ରଦେଶ କଂଗ୍ରେସ ମନ୍ତ୍ରିମଣ୍ଡଳ ପ୍ରତିବାଦ କରି ଇସ୍ତଫା ଦେଇଥିଲେ । ଓଡ଼ିଶାରେ ବିଶ୍ୱନାଥ ଦାସଙ୍କ ମନ୍ତ୍ରୀମଣ୍ଡଳ ୧୯୩୯ ନଭେମ୍ବର ୪ ତାରିଖ ଦିନ ଇସ୍ତଫା ପ୍ରଦାନ କରିଥିଲେ । ଗାନ୍ଧିଜୀ ସମସ୍ତଦେଶର ବଛାବଛା କଂଗ୍ରେସ ନେତାମାନଙ୍କୁ ନେଇ ସଂଗ୍ରାମ ପ୍ରସ୍ତୁତ କରିବା ନିମିତ୍ତ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ଓଡ଼ିଶାରୁ ଯେଉଁ ସତ୍ୟାଗ୍ରହୀମାନଙ୍କୁ ଗାନ୍ଧିଜୀ ବାଛିଥିଲେ, ସେମାନଙ୍କ ମଧ୍ୟରେ ମହତାବବାବୁ ପ୍ରଥମ ଥିଲେ । କାରଣ ସେତେବେଳର କଂଗ୍ରେସ କାର୍ଯ୍ୟକାରୀ କମିଟିରେ ସେ ଥିଲେ ଓଡ଼ିଶାରେ ସର୍ବ ପ୍ରଥମ ସଦସ୍ୟ । ଅନ୍ୟ ଯେଉଁମାନେ ପ୍ରଥମ ଦଫାରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦାନ କରି କାରାବରଣ କରିଥିଲେ ସେମାନେ ହେଲେ ଶ୍ରୀମତୀ ସରଳା ଦେବୀ, ବୋଧିରାମ ଦୁବେ (ପୂର୍ବତନ ମନ୍ତ୍ରୀ), ବିଶ୍ୱନାଥ ଦାସ (ପୂର୍ବତନ ମୁଖ୍ୟମନ୍ତ୍ରୀ), ନିତ୍ୟାନନ୍ଦ କାନୁନ୍‌ଗୋ (ପୂର୍ବତନ ମନ୍ତ୍ରୀ), ସଦାଶିବ ତ୍ରିପାଠୀ ଏମ୍.ଏଲ୍.ଏ., ମୋହନ ନାଗ ଏମ୍.ଏଲ୍.ଏ., ନବକୃଷ୍ଣ ଚୌଧୁରୀ ଏମ୍.ଏଲ୍.ଏ., ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ ଏମ୍.ଏଲ୍.ଏ. ଓ ଲୋକନାଥ ମିଶ୍ର ଏମ୍.ଏଲ୍.ଏ. ।

୧୯୪୨ରେ ବ୍ରିଟିଶ ସରକାରଙ୍କ କ୍ୟାବିନେଟ୍ ମିସନ୍ ଆଗରେ ମଧ୍ୟ ଏହି ଦାବୀ ସେ ଉପସ୍ଥାପିତ କରିଥିଲେ । ପୁଣି ୨ ଅପ୍ରେଲ ୧୯୪୬ରେ ସାର ଷ୍ଟାଫୋର୍ଡ୍ କ୍ରିପସ୍‌ଙ୍କୁ ମହତାବଜୀ ଏକ ଚିଠି ଲେଖି ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତଗୁଡ଼ିକର ମିଶ୍ରଣ ପାଇଁ ଦାବୀ କରିଥିଲେ । ଏହି ଚିଠିରେ ଭାରତର ସ୍ୱାଧୀନତା ସମ୍ପର୍କରେ କେତେକ ବିଷୟ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ତାଙ୍କ ଦୀର୍ଘଦିନର ସ୍ୱପ୍ନର ସଫଳ ରୂପାୟନ ଗଡ଼ଜାତ ମିଶ୍ରଣ ସମ୍ପର୍କରେ ଡକ୍ଟର ମହତାବ ଲେଖିଥିଲେ :—

"ଆପଣ ଜାଣନ୍ତି ଯେ ଓଡ଼ିଶା ପ୍ରଦେଶ ସହିତ ୨୬ଟି ଓଡ଼ିଶା ଗଡ଼ଜାତର ମିଶ୍ରଣ ପାଇଁ ମୁଁ ଅତ୍ୟନ୍ତ ଆଗ୍ରହୀ । ମୋର ଆଶା ଯେତେ ଶୀଘ୍ର ସମ୍ଭବ ଏହି କାର୍ଯ୍ୟ ସମ୍ପାଦନ କରିବାପାଇଁ ଆପଣ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଭାବ ପକାଉଥିବେ ।"

ସାର୍ ଷ୍ଟାଫୋର୍ଡ଼ କ୍ରିପସ୍ ଶ୍ରୀ ମହତାବଙ୍କ ଚିଠିର ଉତ୍ତର ଅପ୍ରେଲ ୩୦ ତାରିଖ ଦିନ ପଠାଇ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀତ୍ୱ ଗ୍ରହଣ କରିଥିବାରୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ କହିଥିଲେ—"ଓଡ଼ିଶା ଗଡ଼ଜାତଗୁଡ଼ିକ ସମ୍ପର୍କରେ ଆପଣ ଯାହା ସବୁ ଲେଖିଲେ, ସେ ସବୁ ମୁଁ ମନେରଖିବି ।

୨୪ ମେ ୧୯୪୬ରେ ମଧ୍ୟ ମହତାବଜୀ ଭାଇସ୍‌ରାୟ ଲର୍ଡ଼ ୱାଭେଲ ଓ ଲର୍ଡ଼ ପେଥିକ ଲରେନ୍‌ସଙ୍କୁ ତାରବାର୍ତ୍ତା ପଠାଇ, ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଆ ଜାତିର ସ୍ୱାର୍ଥ ଦୃଷ୍ଟିରୁ ପ୍ରଦେଶ ସହିତ ଗଡ଼ଜାତଗୁଡ଼ିକର ମିଶ୍ରଣ ପାଇଁ ଦାବୀ କରିଥିଲେ ।

ଏହି ସମସ୍ତ ରାଜନୈତିକ ପୃଷ୍ଠଭୂମିରେ ଓଡ଼ିଶା ସହିତ ଓଡ଼ିଶାର ୨୬ଟି ଗଡ଼ଜାତର ମିଶ୍ରଣ ୧୪ ଡ଼ିସେମ୍ବର ୧୯୪୭ ଦିନ ସର୍ଦ୍ଦାର ପଟେଲଙ୍କ ପୌରହିତ୍ୟରେ ସମ୍ପାଦିତ ହେଲା ।

ସର୍ଦ୍ଦାର ପଟେଲଙ୍କ ଭାଷାରେ, ଓଡ଼ିଶାରୁ ହିଁ ଏହି ନୂତନ ଅଧ୍ୟାୟ ଆରମ୍ଭ ହେଲା ଏବଂ ମହତାବଙ୍କ ଅସାଧାରଣ ପ୍ରେରଣା ଓ ଅବିଶ୍ରାନ୍ତ ପ୍ରଚେଷ୍ଟା ଯୋଗୁଁ ଓଡ଼ିଶାର ରାଜନୈତିକ ମାନଚିତ୍ର ଏକ ନୂତନ ରୂପ ଗ୍ରହଣ କରିଥିଲା । ସର୍ଦ୍ଦାର ପଟେଲ ଏ ସମ୍ପର୍କରେ କହିଥିଲେ—

**"More than ten years ago he conceived a future for orissa which he had the good fortune to realise in his time.**

**He was the living spirit in that drama, his was the enthusiasm which triumphed over diffculties and his was the persistence which at last succeeded."**

ଗଡ଼ଜାତଗୁଡ଼ିକର ମିଶ୍ରଣ ପାଇଁ ନାନା ବାଧାବିଘ୍ନ ବିଶେଷତଃ ଓଡ଼ିଶା ଅଞ୍ଚଳରେ କେତେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ତାଙ୍କ ବିରୁଦ୍ଧରେ କରିଥିବା ଚକ୍ରାନ୍ତକୁ ଅତିକ୍ରମ କରି ଲକ୍ଷ୍ୟହାସଲ କରିବା ସହଜ ବ୍ୟାପାର ନଥିଲା । ଏହା ସଙ୍ଗେ ସଙ୍ଗେ ଓଡ଼ିଶାର ଉଦ୍‌ବେଳିତ ଯୁବଶକ୍ତି ପାଇଁ କାର୍ଯ୍ୟ କରିବା, ଶିକ୍ଷାର ପ୍ରସାର, ନୂତନ ରାଜଧାନୀ ନିର୍ମାଣ ଏବଂ ରାଜ୍ୟର ପ୍ରଗତି ସାଧନ, ମୁଖ୍ୟତଃ ସମ୍ବଲପୁର ପ୍ରଭୃତି ଜିଲ୍ଲାଗୁଡ଼ିକର ଉନ୍ନତି ବିଧାନ ପାଇଁ ହୀରାକୁଦ ବନ୍ଧ ଯୋଜନା କାର୍ଯ୍ୟ ସଂପାଦନ ଅତ୍ୟନ୍ତ ଦୁରୂହ ବ୍ୟାପାର ଥିଲା । କାରଣ ଗଡ଼ଜାତ ମିଶ୍ରଣ ପ୍ରଚେଷ୍ଟାରୁ ମହତାବଜୀଙ୍କୁ ନିବୃତ୍ତ କରାଇବା ପାଇଁ ରାଜାମାନେ ନିଜ ଲୋକଙ୍କୁ ଲଗାଇ ନାନା ଅପପ୍ରଚାର କରି ହୀରାକୁଦ ବନ୍ଧ ବିରୋଧୀ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ ।

ଯୁବକ ଓ ଛାତ୍ରମାନଙ୍କ ମଧ୍ୟରେ ଖେଳଓ୍ୱାର୍ଡ଼ ମନୋବୃତ୍ତି ସଞ୍ଚାର ଓ ସେମାନଙ୍କୁ ଅଧିକ ସ୍ୱାସ୍ଥ୍ୟସଂପନ୍ନ ଓ ଖେଳପ୍ରିୟ କରିବା ନିମିତ୍ତ ବାରବାଟୀ ଷ୍ଟାଡ଼ିଅମ୍‌ର ପରିକଳ୍ପନା ଶ୍ରୀ ମହତାବ ଆରମ୍ଭ କରି ଶ୍ରୀ ଭୈରବ ମହାନ୍ତିଙ୍କୁ ଦାୟିତ୍ୱ ଦେଇଥିଲେ । ଓଡ଼ିଶାର ପୋଲିସ ବିଭାଗର ତଦାନୀନ୍ତନ ସମସ୍ତ ଉଚ୍ଚ କର୍ମକର୍ତ୍ତା ଏହି ଷ୍ଟାଡ଼ିୟମର ବିକାଶ ପାଇଁ ମହତାବଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନାନା ଭାବରେ ସାହାଯ୍ୟ ମଧ୍ୟ କରିଥିଲେ । ସେହି ସ୍ୱପ୍ନର ସଫଳତା ହେଉଛି ଆଜିକାର ବାରବାଟୀ ଷ୍ଟାଡ଼ିୟମ୍ । ସେହିପରି ସଙ୍ଗୀତ, ନୃତ୍ୟ ଓ ନାଟକର ବିକାଶ ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠାରେ ସାହାଯ୍ୟ ପ୍ରଦାନ । ଓଡ଼ିଶାର ସାହିତ୍ୟ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ସେ କିପରି

ଦଳଗତ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ରହିଥିଲେ ବଳାବିକାଶ କେନ୍ଦ୍ରକୁ ଅକୁଣ୍ଠ ସାହାଯ୍ୟ ଓ ଉତ୍ସାହ ପ୍ରଦାନ ତା'ର ଜ୍ୱଳନ୍ତ ନିଦର୍ଶନ ।

ଭୁବନେଶ୍ୱରଠାରେ ରାଜଧାନୀ ନିର୍ମାଣ, ରବୀନ୍ଦ୍ର ମଣ୍ଡପ ପ୍ରତିଷ୍ଠା, ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ ଭବନ ନିର୍ମାଣ ଓ ସଂପ୍ରସାରଣ, ରାଜ୍ୟରେ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା ଇତ୍ୟାଦି ବହୁ ଉନ୍ନତିମୂଳକ କାର୍ଯ୍ୟ ପଛରେ ତାଙ୍କର ଆଶୀର୍ବାଦ ଓ ସକ୍ରିୟ ସହଯୋଗ ରହିଛି ।

ତାଙ୍କର ସବୁଠାରୁ ଅତ୍ୟଧିକ ପ୍ରିୟ ଓ ଜୀବନର ସାଧନା ହେଉଛି ସାହିତ୍ୟ ଓ ସାହିତ୍ୟିକ ସୃଷ୍ଟି ଏବଂ ସାମ୍ବାଦିକତା ଓ ସମ୍ବାଦପତ୍ର । ସେଥିପାଇଁ ଆଜିକୁ ଠିକ୍ ୫୦ ବର୍ଷ ତଳେ ସେ ଦୈନିକ ସମ୍ବାଦପତ୍ର କଟକରୁ ପ୍ରକାଶ କରିଥିଲେ ।

ସେ ପ୍ରଜାତନ୍ତ୍ର ପ୍ରଚ୍ଚାର ସମିତି ପ୍ରତିଷ୍ଠା କରି ବହୁ ସାମ୍ବାଦିକ, ରାଜନୈତିକ ନେତା, ସମାଜସେବୀ, ସାହିତ୍ୟ ଲେଖକ, ଶିକ୍ଷାବିତ୍, ଇତିହାସ ଲେଖକ ସୃଷ୍ଟି କରିଛନ୍ତି । ଆଜି ଉକ୍ତ ଅନୁଷ୍ଠାନର ବହୁ ବ୍ୟକ୍ତି ଓଡ଼ିଶା ଏବଂ ଓଡ଼ିଶା ବାହାରେ ପ୍ରତିଷ୍ଠା ଲାଭ କରି ଉଚ୍ଚ ପଦପଦବୀରେ ରହିଛନ୍ତି–ଏକଥା ସମସ୍ତେ ଜାଣନ୍ତି । ମହତାବଜୀଙ୍କ ଦ୍ୱାରା ଲିଖିତ 'ଓଡ଼ିଶା ଇତିହାସ' ଓଡ଼ିଆ ଜାତିକୁ ତାଙ୍କର ଏକ ମହନୀୟ ଦାନ ।

ମହତାବଜୀଙ୍କ ବିଶାଳ ବ୍ୟକ୍ତିତ୍ୱର ପ୍ରକୃତ ମୂଲ୍ୟାୟନ ବହୁ ସମୟ ସାପେକ୍ଷ–ଏଥିପାଇଁ ଗବେଷଣା ଆବଶ୍ୟକ । ତାହା କିଏ କରିବ ଏବଂ କେତେବେଳେ ହେବ ତାହା କହିବାର ବେଳ ବର୍ତ୍ତମାନ ଆସି ନାହିଁ ବୋଲି ମୋର ମନେ ହେଉଛି ।

ତାଙ୍କର ଏହିସବୁ ସ୍ମରଣୀୟ ଗୁଣ ସତ୍ତ୍ୱେ ତାଙ୍କଠାରେ ମଣିଷ ସୁଲଭ ଦୋଷ ଦୁର୍ବଳତା ଯେ ନଥିଲା ତା ନୁହେଁ । ତାଙ୍କର କାର୍ଯ୍ୟରେ ମଧ୍ୟ କେତେକ ଦୋଷତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ସେଥିପାଇଁ ତାଙ୍କୁ ମୂଲ୍ୟ ମଧ୍ୟ ଦେବାକୁ ପଡ଼ିଛି । ତଥାପି ମହାକବି କାଳିଦାସ ଯେପରି ଚନ୍ଦ୍ରର ବର୍ଣ୍ଣନା କରି ଲେଖିଥିଲେ :

"ଏକୋହି ଦୋଷୋ ଗୁଣ ସନ୍ନିପାତେ
ନିମଜ୍ଜତୀ ନ୍ଦୋଃ କିରଣେଷ୍ୱିବାଙ୍କଃ ।"

ସେହିପରି ତାଙ୍କ ଦୋଷ ତ୍ରୁଟି ସବୁ ତାଙ୍କ ଗୁଣରାଶିର ତେଜରେ ଲୁଚି ଯାଉଛି ।

ଆଜି ତାଙ୍କର ଏକଶତ ତମ ଜନ୍ମ ଦିବସ ଓଡ଼ିଶା ବାହାରେ ମଧ୍ୟ ଲୋକେ ପାଳୁଛନ୍ତି ।

ଆଜିର ଏହି ଅବସରରେ ଆମେ ସମସ୍ତେ ପ୍ରାର୍ଥନା କରିବା ଯେ ତାଙ୍କ ପରି ଆଉ ଜଣେ ଓଡ଼ିଆ ପୁଅ ଏ ଜାତିର କର୍ଣ୍ଣଧାର ରୂପେ ଜନ୍ମ ଗ୍ରହଣ କରି ଓଡ଼ିଶାକୁ ସୁଖୀ ସମୃଦ୍ଧିଶାଳୀ କରିବାରେ ବ୍ରତୀ ହେଲେ ତାଙ୍କ ଜନ୍ମତିଥି ପାଳନର ଲକ୍ଷ୍ୟ ଆହୁରି ଅଧିକ ସଫଳ ହେବ ଓ ତାଙ୍କ ଜୀବନର ଆଦର୍ଶ ସଂରକ୍ଷିତ ହେବ ।

---

ସମ୍ପାଦକ ଓଡ଼ିଶା ଟାଇମସ୍,
ଭୁବନେଶ୍ୱର

## ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ପ୍ୟାକେଜ୍ ଯୋଜନାର କାର୍ଯ୍ୟକ୍ରମ

ରାଜ୍ୟ ସଡ଼କ ପରିବହନ ନିଗମର ପୁନର୍ବିନ୍ୟାସ ନିମନ୍ତେ ସରକାରଙ୍କ ପ୍ୟାକେଜ୍ ପ୍ରୋଗ୍ରାମ ଅନୁଯାୟୀ ମୋଟ ୩୯ଟି ୟୁନିଟକୁ କମାଇ ୨୨ଟି ୟୁନିଟରେ ସୀମିତ ରଖିବା ପାଇଁ ଇତି ମଧ୍ୟରେ ନିଗମର ପ୍ରସ୍ତାବ ଅନୁଯାୟୀ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ୟୁନିଟଗୁଡ଼ିକ ଅତ୍ୟାଧିକ ମାତ୍ରାରେ ନିଗମର ଆର୍ଥିକ ରୋଜଗାରରେ କ୍ଷତି କରୁଥିଲା ସେ ୟୁନିଟଗୁଡ଼ିକ ଚିହ୍ନଟ କରାଯାଇ ୨ଟି ୟୁନିଟ୍ ଇତିମଧ୍ୟରେ ବନ୍ଦ ହୋଇଯାଇଅଛି । ତାହା ହେଲା ଆଠଗଡ ଓ କୋଟିଆ । ବନ୍ଦ ହେବା ପାଇଁ ନିର୍ଦ୍ଦେଶନାମା ମିଳିଥିବା ୟୁନିଟଗୁଡ଼ିକ ହେଲା - ନରସିଂହପୁର, ବାଲେଶ୍ୱର, ଝଡ଼ିଆର, ଦେଓଗଡ, ସୁନ୍ଦରଗଡ, ରାୟଗଡା, ପାରଳାଖେମୁଣ୍ଡି, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ ଓ ରେଢ଼ାଖୋଲ । ରେଢ଼ାଖୋଲରେ ଜନସାଧାରଣଙ୍କ ଆବେଦନ ଯୋଗୁଁ ଉକ୍ତ ଡିପୋଟି ନିର୍ଦ୍ଦେଶନାମା ମିଳିଥିଲେ ମଧ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ବନ୍ଦ କରି ହେଉନାହିଁ ।

ନିଗମକୁ କ୍ଷତିରୁ ବଞ୍ଚାଇ କାର୍ଯ୍ୟକ୍ଷମ କରିବା ନିମିତ୍ତ ରାଜ୍ୟ ସରକାର ଉକ୍ତ ନିଗମକୁ କାର୍ଯ୍ୟକ୍ଷମ କରାଇବା ପାଇଁ ପରୀକ୍ଷାମୂଳକ ଭାବରେ ଏକ ପ୍ୟାକେଜ୍ ଯୋଜନା କାର୍ଯ୍ୟକାରୀ କରିଅଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଥମ ଦଫାରେ ଟିକଟଗୁଡ଼ିକୁ ସରୋଇକରଣ କରାଯାଇଅଛି ।

# ଜାତୀୟ ସଂଗ୍ରାମର ପୃଷ୍ଠଭୂମିରେ କଳାହାଣ୍ଡି

ଡକ୍ଟର ହୃଷୀକେଶ ପଣ୍ଡା

କଳାହାଣ୍ଡି ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିବାକୁ ଗଲାବେଳେ କଳାହାଣ୍ଡି ଜିଲ୍ଲାର ପ୍ରାଚୀନ ଇତିହାସ ସମ୍ପର୍କରେ ସାମାନ୍ୟ ସୂଚନା ଦେବାର ଆବଶ୍ୟକତା ରହିଛି । ବର୍ତ୍ତମାନର କଳାହାଣ୍ଡି ନବଗଠିତ ଓଡ଼ିଶାର ଦକ୍ଷିଣ–ପଶ୍ଚିମ ଉପାନ୍ତରେ ପାହାଡ଼ ଜଙ୍ଗଲ ପରିପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା । ମଧ୍ୟପ୍ରଦେଶର ବସ୍ତର, ରାୟପୁର ସୀମା ନିକଟବର୍ତ୍ତୀ ଦଣ୍ଡକାରଣ୍ୟ ପରିସରଭୁକ୍ତ ।

ବହୁ ପ୍ରାଚୀନ କାଳରୁ କଳାହାଣ୍ଡି ଏକ ସ୍ୱାଧୀନ ରାଜ୍ୟ ଭାବରେ ଖ୍ୟାତି ଅର୍ଜନ କରିଆସିଛି । ଅତୀତରେ କଳାହାଣ୍ଡି କାରୁଣ୍ଡ, ମହାକାନ୍ତାର, ଆଟବିକ ଓ ଦକ୍ଷିଣ କୋଶଳ ଆଦି ନାମରେ ପରିଚିତ ଥିଲା । ଗୁପ୍ତସମ୍ରାଟ ସମୁଦ୍ରଗୁପ୍ତ ଦକ୍ଷିଣାପଥର ବାରଜଣ ରାଜାଙ୍କୁ ପରାସ୍ତ କରିଥିବା ଜଣାଯାଏ । ସେମାନଙ୍କ ମଧ୍ୟରୁ ମହାକାନ୍ତାର ରାଜ୍ୟର ବ୍ୟାଘ୍ରରାଜ ଅନ୍ୟତମ । ସମୁଦ୍ରଗୁପ୍ତଙ୍କ ପ୍ରୟାଗ ସ୍ତମ୍ଭାଭିଲେଖ ଅନୁସାରେ ମହାକାନ୍ତାର ରାଜ୍ୟ ବୈଦିକ ଜନପଦ ବା ଟିଟିଲାଗଡ଼ର କିୟଦଂଶ, କଳାହାଣ୍ଡି ଜିଲ୍ଲା, କୋରାପୁଟ ଜିଲ୍ଲା ଓ ବସ୍ତରର କେତେକ ଅଂଶକୁ ନେଇ ଗଠିତ ହୋଇଥିବା ଜଣାପଡ଼େ ।

ମହାକାନ୍ତାର ବ୍ୟାଘ୍ରରାଜାଙ୍କ ରାଜଧାନୀ ମାଣିକଗଡ଼ ଥିଲା । ମାଣିକଗଡ଼ର ଦ୍ୱାରଦେଶରେ ଦେବୀ ଦ୍ୱାରସୁନୀ ପୂଜା ପାଉଥିଲେ । ମାଦଳାପାଞ୍ଜିରେ ମାଣିକଗଡ଼ ମାଣିକେଶ୍ୱରୀ ପାଟଣା ନାମରେ ବର୍ଣ୍ଣିତ ହୋଇଛି, କନ୍ଧମାନଙ୍କର 'ମାନିକ୍ ସାଇରୋ' ଦେବୀ ପରେ ମାଣିକେଶ୍ୱରୀ ନାମରେ ନାମିତ ହୋଇ ମାଣିକଗଡ଼ର ଇଷ୍ଟଦେବୀ ରୂପେ ପୂଜା ପାଇଥିଲେ ।

ମାଣିକ୍ୟ ଓ ନୀଳମ୍ ଉଭୟ ରତ୍ନର ମୂଳପିଣ୍ଡକୁ କୁରୁନ୍ଦମ୍ କୁହାଯାଏ । ପ୍ରାକ୍ ବୌଦ୍ଧ ଯୁଗରେ କଳାହାଣ୍ଡି କରଣ୍ଡ ବା କାରୁଣ୍ଡ ନାମରେ ପରିଚିତଥିଲା । ମାଣିକ୍ୟମୟ ବନ୍ୟଭୂମି କାରୁଣ୍ଡ ରାଜ୍ୟ ରୂପେ ନାମିତ ହୋଇଥିଲା ।

ଐତିହାସିକମାନେ କଳାହାଣ୍ଡିକୁ ସଂସ୍କୃତ ସାହିତ୍ୟ ବର୍ଣ୍ଣିତ 'ଇନ୍ଦ୍ରବଣ' ଭାବରେ ଚିହ୍ନିତ କରିଛନ୍ତି । କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ଇନ୍ଦ୍ରବଣରେ ଉତ୍ତମଜାତୀୟ ରତ୍ନ ଉପଲବ୍ଧ ହେଉଥିବା ଉଲ୍ଲେଖ କରିଛନ୍ତି । (ପ୍ରବାଳମ୍, ଚତୁର୍ଥଅଧିକରଣମ୍ ଏକାଦଶ ଅଧ୍ୟାୟଃ, ଉନବିଂଶ ପ୍ରକରଣମ୍) "A Historical Atlas of South Asia"ରେ ଇନ୍ଦ୍ରବଣକୁ ଦକ୍ଷିଣକୋଶଳର କଳାହାଣ୍ଡି ରାଜ୍ୟର ଅକ୍ଷାଂଶ ଦ୍ରାଘିମା ମଧ୍ୟରେ ଇନ୍ଦ୍ରାବତୀ ଓ ତେଲନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ବୋଲି ଚିହ୍ନିତ କରାଯାଇଛି ।

ମୌର୍ଯ୍ୟଯୁଗରେ କଳାହାଣ୍ଡି ଆଟବିକ ରାଜ୍ୟର ପରିସୀମା ମଧ୍ୟରେ ଥିଲା । ପ୍ରାକୃତିକ ପରିବେଶ ମଧ୍ୟରେ ଆଟବିକ ରାଜ୍ୟ ବିଶାଳ ଶକ୍ତି ବାହିନୀ ଦ୍ୱାରା ଦୁର୍ଦ୍ଧର୍ଷ ରାଜ୍ୟ ରୂପେ ଖ୍ୟାତି ଅର୍ଜନ କରିଥିଲା ଓ ଏହା ଅବିଜିତ ଥିବା ଅଶୋକଙ୍କ ଏକ ଶିଳାଲେଖରେ ଉଲ୍ଲେଖ ରହିଛି । ଖ୍ରୀଃ ପୂଃ ପଞ୍ଚମ ଶତାବ୍ଦୀର ପାଣିନୀଙ୍କ ଅଷ୍ଟାଧ୍ୟାୟୀ, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ସେରିବ ବଣିଜ ଜାତକ ଓ ଅନ୍ୟାନ୍ୟ କେତୋଟି ବୌଦ୍ଧ ଜାତକ ଗ୍ରନ୍ଥରେ ତୈଳବାହାନଦୀ କୂଳରେ ବିରାଟ ଜନପଦର ବର୍ଣ୍ଣନା ରହିଛି । ଏହି ତୈଳ ବାହା ନଦୀ ଆଜିର ତେଲନଦୀ ନାମରେ ପରିଚିତ ।

ମୋଗଲ ରାଜୁତି ସମୟରେ ପୁରିବାହାଲ, ହଲଦୀ, ସିନ୍ଧେ–କେଲା, ବଙ୍ଗମୁଣ୍ଡା, କୁଶକେଲା, ଖୋଲାନ୍ ଶିରେ କେଲା, ଭଦେପୁର, କୁମୁଡ଼ା ସିହିନୀ ଓ ଟିଟିଲାଗଡ଼ ଆଦି ଅଞ୍ଚଳ ଦ୍ରୁପାଦେଶ ନାମରେ ପରିଚିତ ଥିଲା ।

ଖ୍ରୀଷ୍ଟିୟ ୬ଷ୍ଠ ଶତାବ୍ଦୀରୁ ୮ମ ଶତାବ୍ଦୀ ଯାଏଁ ଦକ୍ଷିଣ କୋଶଳରେ ସରଭ ପୁରୀୟ ରାଜାମାନେ ଶାସନ କରୁଥିବାର ପ୍ରମାଣ ମିଳେ । ଏ ସମ୍ପର୍କରେ ୧୯ ଗୋଟି ତାମ୍ର ଶାସନ ଉଦ୍ଧାର କରାଯାଇଛି । ଏସବୁ ତାମ୍ରଶାସନରେ ଦକ୍ଷିଣକୋଶଳକୁ 'ଅନାବର୍ତ୍ତକ କୋଶଳ' ଭାବରେ ବର୍ଣ୍ଣନା କରାଯାଇଛି । ଶରଭୁରିଆ କନ୍ଧମାନେ ଶରଭପୁରୀୟ' ରାଜବଂଶ ପ୍ରତିଷ୍ଠା କରି ଶାସନ କରୁଥିବା ଜଣାପଡ଼େ ।

ଶରଭପୁରୀୟ ରାଜତ୍ୱ ସମୟରେ ବସ୍ତର, କୋରାପୁଟ ଓ କଳାହାଣ୍ଡିର କେତେକ ଅଞ୍ଚଳକୁ ନେଇ 'ନଳରାଜ୍ୟ' ଗଠିତ ହୋଇଥିଲା । ନଳରାଜାମାନେ ମହେଶ୍ୱର ମହାସେନାତି ସୃଷ୍ଟ ରାଜ୍ୟ ବିଭବ' ଭାବରେ ନିଜକୁ ପରିଚିତ କରାଉଥିଲେ । ନଳବଂଶର ନରପତିମାନେ ନିଜକୁ ନୈଷଦର ରାଜା ବୋଲି ପରିଚୟ ଦେଉଥିଲେ । 'ନିଷାଦ' (କିରାତ) ଶବ୍ଦରୁ 'ନୈଷଦ ରାଜ୍ୟ ହୋଇଛି । ଏହି ନିଷାଦ କିରାତ ବା ଶବର ଜାତି ରୂପେ ପରିଚିତ । ନୈଷଦର ରାଜଧାନୀ କୋରାପୁଟର 'ପୋଡ଼ାଗଡ଼କୁ କୁହାଯାଉଥିଲା ।

ନଳ ଓ ଶରଭ ପୁରୀୟମାନଙ୍କ ଶାସନ ସମୟରେ କଳାହାଣ୍ଡିର କେତେକ ଅଞ୍ଚଳ ପର୍ବତଦ୍ୱାରକା ରାଜ୍ୟ ରୂପେ ପରିଚିତ ଥିଲା । ପର୍ବତ ଦ୍ୱାରକାରେ ତୁଷ୍ଟିକର ନାମକ ଜଣେ ରାଜା ଥିବା "ତେରେସିଂଗା" ତାମ୍ର ଶାସନରୁ ଜଣାପଡ଼େ । ଏହି ରାଜା ତୁଷ୍ଟିକର ସର୍ବପ୍ରଥମେ ସ୍ତମ୍ଭେଶ୍ୱରୀ ଉପାସନା ଆରମ୍ଭ କରିଥିଲେ । ଏହି ସ୍ତମ୍ଭେଶ୍ୱରୀ ଉପାସନା ହିଁ ଶକ୍ତି ପୂଜାର ଆଦ୍ୟ ସ୍ୱରୂପ ।

ସ୍ତମ୍ଭେଶ୍ୱରୀଙ୍କର ପ୍ରହଳୁପ କନ୍ଧ ଓ ଶବର ସଂସ୍କୃତରେ ଦେଖିବାକୁ ମିଳେ । ଖ୍ରୀଷ୍ଟିୟ ୫ମ/୬ଷ୍ଠ ଶତାବ୍ଦୀରେ ନଳରାଜ୍ୟରେ 'ଭୀଲ୍ଲପ୍ରୁଷ' ନାମରେ ଜଣେ କିରାତ ଦଳପତି ବା ସେନାଧ୍ୟକ୍ଷ ଥିଲେ । ଶାବର ସଂସ୍କୃତିର ଅନୁସରଣ ଫଳରେ 'ନଳରାଜ୍ୟ'ରେ 'ବାଂସନ୍ତିକ ପର୍ବ' ପାଳିତ ହେଉଥିବା 'କୋଶରୀବେଡ଼ା' ତାମ୍ର ଶାସନରୁ ଜଣାପଡ଼େ ।

ମହାଶିବଗୁପ୍ତ ବାଳାର୍ଜୁନଙ୍କର ସିରିପୁର ତାମ୍ର ଶାସନରୁ ଜଣାପଡ଼େ ଯେ ଶବର ଓ ଭାଲ୍ ଜାତିର ଲୋକମାନଙ୍କ ପରିଶ୍ରମ ଓ ସହଯୋଗ ଫଳରେ ଦକ୍ଷିଣ କୋଶଳରେ ଅନେକ ବୌଦ୍ଧବିହାର ନିର୍ମିତ ହୋଇଥିଲା । ମହାଭବଗୁପ୍ତ ଜନ୍ମେଜୟ ସକଳ କୋଶଳ ରାଜ୍ୟ ଜୟକରି 'ସକଳ କୋଶଳାଧିପତି' ଓ ତ୍ରିକଳିଙ୍ଗାଧିପତି ନାମରେ ବିଭୂଷିତ ହୋଇଥିଲେ । ଏହି ସମୟରେ କଳାହାଣ୍ଡି ଅଞ୍ଚଳ କାଳାହୁରୀ ରାଜାମାନଙ୍କର ଶାସନାଧୀନ ରହିଥିଲା ।

ଇତିହାସର ପୃଷ୍ଠା ଅବଲୋକନ କଲେ ଦେଖାଯାଏ, ପ୍ରାଚୀନ କଳାହାଣ୍ଡି ବହୁକାଳଧରି ଏକ ସ୍ୱାଧୀନ ରାଜ୍ୟ ରୂପେ ରହିଥିଲା । ମୋଗଲ, ମରହଟ୍ଟା ବା ଇଂରେଜମାନେ ଏହାକୁ ଅଧିକାର କରି ପାରି ନଥିଲେ । କଳାହାଣ୍ଡି ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ସ୍ୱର ବେଶ୍ କ୍ଷୀଣଥିଲା । ତା'ର କାରଣ ପଛରେ ରହିଛି, ଗମନାଗମନ ପଥର ଅଭାବ, ଶିକ୍ଷା ଓ ସଚେତନତାର ଅଭାବ, ବଣ, ଜଙ୍ଗଲ ଓ ପାହାଡ଼ ଘେରା ଅଗମ୍ୟ ପ୍ରାକୃତିକ ପରିବେଶର ପ୍ରତିକୂଳତା, ଗଡ଼ଜାତମାନଙ୍କରେ ରାଜା, ମହାରାଜାମାନଙ୍କର ଇଂରେଜ ଶାସକମାନଙ୍କ ପ୍ରତି ଆନୁଗତ୍ୟ ଓ ଅନୁକୂଳ ମନୋଭାବ ଏବଂ ଜାତୀୟ ସଂଗ୍ରାମର ମହାସ୍ରୋତଠାରୁ ବିଚ୍ଛିନ୍ନ ରହିବାର ପରିଣତି । ତଥାପି, କଳାହାଣ୍ଡିର ଏଇ ବଣଜଙ୍ଗଲ ଭିତରେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି ଶୁଣାଯାଇଛି ଭିନ୍ନ ପରିସ୍ଥିତିରେ, ଭିନ୍ନ ପରିଭାଷାରେ ।

ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବକାଶରେ ଇତିହାସର ପୁନର୍ବିଚାର, ପୁନର୍ଲିଖନ ଓ ସଂଶୋଧନର ଆବଶ୍ୟକତା ରହିଛି ।

ଉପନିବେଶବାଦୀ ଇଂରେଜମାନେ ଭାରତର ବିଭିନ୍ନ ଅଞ୍ଚଳ ଅଧିକାର କଲାପରେ ଅଗମ୍ୟ ଓ ଦୁର୍ଭେଦ୍ୟ ଅଞ୍ଚଳଗୁଡ଼ିକୁ ନିଜର ପ୍ରତ୍ୟକ୍ଷ ଶାସନାଧୀନ ନରଖି ବିଶ୍ୱସ୍ତ ଶାସକଶ୍ରେଣୀ ସୃଷ୍ଟି କରି, ଶାସନ କରିବାକୁ ପ୍ରୟାସ କରିଥିଲେ । ଆଞ୍ଚଳିକ ଶାସକ ଗୋଷ୍ଠୀ ଇଂରେଜମାନଙ୍କର ଅନୁକମ୍ପା ପାଇବା ପରେ ନିଜର କ୍ଷମତା ନିଜର ପ୍ରଜାମାନଙ୍କ ଉପରେ ପ୍ରୟୋଗ କରି ଜଙ୍ଗଲ, ଜମି ଓ ଜଳରେ ନିଜର ପ୍ରଭୁତ୍ୱ ନିରଙ୍କୁଶ ବୋଲି ସାବ୍ୟସ୍ତ କରିଥିଲେ । ଇଂରେଜ ସରକାରକୁ ଖଜଣା ପଠାଇବା ନାଁରେ ପ୍ରଜାମାନଙ୍କୁ ଶୋଷଣ କରିବା ଆରମ୍ଭ କରିଥିଲେ ।

ଏ ପ୍ରକାର ଶୋଷଣପ୍ରଣାଳୀ ଓ ଶୋଷଣକର ବିରୁଦ୍ଧରେ ଆଦିବାସୀମାନେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ । ହଜାର ହଜାର ସଂଖ୍ୟାରେ ପ୍ରାଣବଳୀ ମଧ୍ୟ ଦେଇଥିଲେ । କେତେକ ଆଞ୍ଚଳିକ ଶାସକ ଇଂରେଜ ସରକାରଙ୍କର ସେମାନଙ୍କ ନିରଙ୍କୁଶ କ୍ଷମତା ଉପରେ ଅଂକୁଶ ଆଘାତ ଓ ନାନାଭାବରେ ହସ୍ତକ୍ଷେପକୁ ନାପସନ୍ଦ କରି, ସମ୍ଭ୍ରାନ୍ତ ବଂଶଧରମାନଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହର ସୂତ୍ରପାତ କରାଇଥିଲେ । ଏ କାର୍ଯ୍ୟରେ ଆଦିବାସୀ କୃଷକମାନଙ୍କର ସାହାଯ୍ୟ ନେଇଥିଲେ ।

ପଶ୍ଚିମ ଓଡ଼ିଶାରେ ଏ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଘେଁସର ଜମିଦାର ହାଟୀସିଂ, ତାଙ୍କ ଭାଇ କୁଞ୍ଜଲ ସିଂ, ସମ୍ବଲପୁର ଖିଣ୍ଡାର ସୁରେନ୍ଦ୍ର ସାଏ, ଉଦ୍ୟନ୍ତ ସାଏ, ଖଗେଶ୍ୱର ଦାଓ, ପାହାଡ଼ ସିରିଗିଡ଼ାର ଫତେସିଂ, ବାମଣ୍ଡାର କନ୍ଧ ନେତା କୃପାସିନ୍ଧୁ, ଝାଡ଼ି ଝାକର ଓ ଆହୁରି ଅନେକ ।

ଇଂରେଜ ସରକାର ଆନ୍ଦୋଳନକାରୀମାନଙ୍କୁ ଆଶ୍ରୟ ନଦେବା ପାଇଁ ରାଜା ଓ ଜମିଦାରମାନଙ୍କୁ ଆଦେଶ ଦେଇଥିଲେ । ଫଳତଃ ଆନ୍ଦୋଳନକାରୀମାନେ ବଣ ପାହାଡ଼ ଦୁର୍ଗମ ଅଞ୍ଚଳର ଆଦିବାସୀଙ୍କ ସାହାଯ୍ୟରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ ଚଳାଇଥିଲେ । ତତ୍କାଳୀନ ଖଡ଼ିଆଳ ଜମିଦାରୀର ଦୁର୍ଗମ ବଣ ପାହାଡ଼ ଘେରା ଐତିହାସିକ ମାରାଗୁଡା, ମାନିକଗଡ଼ ଅଞ୍ଚଳ ଏହି ଆନ୍ଦୋଳନକାରୀଙ୍କୁ ଖାଦ୍ୟପେୟ ଦେଇ ଦୀର୍ଘ ତିନି ବର୍ଷ ଧରି ଆଶ୍ରୟ ଦେଇଥିଲେ ।

ଇଂରେଜ ସରକାରଙ୍କ ବାରଣ ସତ୍ତ୍ୱେ, କଳାହାଣ୍ଡିର ମଦନପୁର ରାମପୁରର ଜମିଦାର ବିପ୍ଳବୀ ସୁରେନ୍ଦ୍ର ସାଏଙ୍କୁ ଆଶ୍ରୟ ଦେଇଥିଲେ । ଖଡ଼ିଆଳର ରାଜା କୃଷ୍ଣ ଚନ୍ଦ୍ରସିଂ ଦେଓ ୧୮୫୮ରୁ ୧୮୬୨ ପର୍ଯ୍ୟନ୍ତ ବୀର ସୁରେନ୍ଦ୍ର ସାଏଙ୍କୁ ତାଙ୍କ ରାଜ୍ୟ ପରିସରରେ ଆତ୍ମଗୋପନ କରି ରହିବା ପାଇଁ ସାହାଯ୍ୟ କରିଥିଲେ । ମାନିକଗଡ଼ ତାଙ୍କୁ ଆଶ୍ରୟ ଦେଇଥିଲା ।

"Two Lion Sculptures of Manik garh are now exhibited at Dr. N. K. Sahu Museum of Sambalpur University. The then Raja of Khariar Krishna Chandra Singh Deo Supported the cause of Surendra Sai. The British Authorities were giving frequent warning to Raja Krishna Chandra Singh Deo of Khariar to drive Surendra Sai out of his territory." (Rajashree Devi–Vir Surendra Sai at Khariar–Nuapada Darpani, Page 106 & Singh Deo JP. Archeological remain of Sunabeda Platue. OHRJ Vol.XVI No. V to. Vol. XXII).

କନ୍ଧମେଳିର ସର୍ଦାର ରେଣ୍ଡ ମାଝୀଙ୍କ ନେତୃତ୍ୱରେ ଆଦିବାସୀମାନେ କଳାହାଣ୍ଡିର ଭବାନୀପାଟଣାରେ ଇଂରେଜମାନଙ୍କ ଦସ୍ତୁ ଛାଉଣୀ ଉପରେ ଆକ୍ରମଣ କରିଥିଲେ ।

ଆଜକୁ ୧୮୦ ବର୍ଷତଳେ ଇଂରେଜମାନେ ଅବିଭକ୍ତ କଳାହାଣ୍ଡିର ଖଡ଼ିଆଳ ଅଞ୍ଚଳକୁ ଅକ୍ତିଆର କରିଥିଲେ। ନୂଆପଡ଼ାର ଉତ୍ତର-ପଶ୍ଚିମରେ ସୁନାଖାନ୍ ଜମିଦାରୀ ଥିଲା। ନାରାୟଣ ସା ସେଠାକାର ଆଦିବାସୀ ଜମିଦାର ଥିଲେ। ସେ ଜଣେ ଦେଶଭକ୍ତ ଓ ଇଂରେଜ ବିରୋଧୀ ଥିଲେ। ଡିସେମ୍ବର ୧୮୫୭ରେ ଇଂରେଜ ସରକାର ତାଙ୍କୁ ଫାଶୀଦେଇ ତାଙ୍କ ପୁଅ ଗୋବିନ୍ଦ ସାଙ୍କୁ ବନ୍ଦୀ କରିଥିଲେ। ୨୬ ଅଗଷ୍ଟ ୧୮୫୯ରେ ଗୋବିନ୍ଦ ସା ଜେଲରୁ ମୁକ୍ତହୋଇ ତାଙ୍କ ଶ୍ୱଶୁର ଘେଁସର ଜମିଦାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହାତୀ ସିଂଙ୍କ ସାହାଯ୍ୟ ଲୋଡ଼ିଥିଲେ। ବ୍ରିଟିଶ୍ ଶାସନର ସହଯୋଗୀ ଓ ଏଜେଣ୍ଟ ଦେଓରୀର ଜମିଦାର ମହାରାଜା ସାଙ୍କୁ ଗୋବିନ୍ଦ ସା ଓ କୁଂଜଲ ସିଂ ୧୦ ମଇ ୧୮୬୦ରେ ହତ୍ୟା କରିଥିଲେ।

ଏହା ଇଂରେଜ ସରକାରଙ୍କ ପାଇଁ ସତର୍କ ଘଣ୍ଟି ଥିଲା। ଇଂରେଜ ସରକାର ଗୋବିନ୍ଦ ସା ଓ କୁଂଜଲ ସିଂହଙ୍କୁ ଧରିବା ପାଇଁ ସେତେବେଳେ ୫୦୦ ଓ ୨୫୦ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏସବୁ ସତ୍ତ୍ୱେ ନୂଆପଡ଼ାର ଆଦିବାସୀ ନେତା ଲାଲ୍‌ସିଂ ବା ଲାଲ୍‌ସା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଖାଦ୍ୟପେୟ ତଥା ସୁରକ୍ଷାର ଦାୟିତ୍ୱ ବହନ କରିଥିଲେ।

୧୮୬୦ରେ ଇଂରେଜ ସେନାଧକ୍ଷ କକବର୍ଣ୍ଣ ସୈନ୍ୟସାମନ୍ତ ସହ ମାରାଗୁଡ଼ାରେ ପହଞ୍ଚିଥିଲେ ହେଁ ଆଦିବାସୀମାନଙ୍କର ଅସହଯୋଗ ଓ ବର୍ଷାଋତୁର ପ୍ରତିକୂଳତା ହେତୁ ତିନିମାସ ଧରି ନିରୁପାୟ ହୋଇ ବସି ରହି ଥିଲେ। ସାରା ଭାରତର ପ୍ରଥମ ସଂଗ୍ରାମକୁ ଜବଦ କରିବା ପାଇଁ ସମ୍ବଲପୁରର ତତ୍‌କାଳୀନ କମିଶନର ଓ ରାୟପୁରର ଆସିଷ୍ଟାଣ୍ଟ କମିଶନର ଲୁସି ସ୍ମିଥ୍ ମାରାଗୁଡ଼ାଠାରେ ପହଞ୍ଚି ଥିଲେ ୧୮୬୦ରେ ନଭେମ୍ବର ପ୍ରଥମ ସପ୍ତାହରେ। ନଭେମ୍ବର ୭ ତାରିଖରେ ନୂଆପଡ଼ା ନିକଟସ୍ଥ ଦେଓ୍ୱାନ୍ ମୁଣ୍ଡାଠାରେ ଶିବିର ସ୍ଥାପନ କରି ରଣନୀତି ପ୍ରସ୍ତୁତ କରିଥିଲେ।

ସେହିଦିନ ରାତିରେ ଇଂରେଜ ସେନାଧକ୍ଷ ଡେଲେନ୍‌ସ ଓ ଲେଭିଙ୍କ ନେତୃତ୍ୱରେ ୨୨୦ ଜଣ ସୈନ୍ୟ ମାନିକ୍‌ଗଡ଼ ପାହାଡ଼କୁ ଆକ୍ରମଣ କରିଥିଲେ। ଅନ୍ୟଏକ ଦିଗରୁ ଆଉ ଏକ ସୈନ୍ୟଦଳ ୨୨୦ ସୈନ୍ୟଙ୍କୁ ନେଇ କକବର୍ଣ୍ଣଙ୍କ ନେତୃତ୍ୱରେ ସାରାବଙ୍ଗାଠାରେ ଜଗି ରହିଥିଲେ। ନଭେମ୍ବର ୭ ତାରିଖ ଇଂରେଜ ସୈନ୍ୟମାନେ ସାରାବଙ୍ଗାଠାରୁ ୮ କି:ମି: ଦୂର ଦକ୍ଷିଣକୁ ମାରାଗୁଡ଼ାଠାରେ ଜୋଙ୍କ୍ ନଦୀତଟସ୍ଥ ବିଧ୍ୱସ୍ତ ପ୍ରାଚୀନ ନଗରୀ ଦକ୍ଷିଣକୋଶଳର ଭଗ୍ନ ପ୍ରାସାଦଠାରେ ପହଞ୍ଚିଲେ ମଧ୍ୟ ଆଗକୁ ବଢ଼ି ପାରି ନଥିଲେ। ସ୍ୱାଧୀନତା ସଂଗ୍ରାମୀମାନେ ମାଇଲ ମାଇଲ ବ୍ୟାପୀ ୨୨ ଫୁଟ ଉଚ୍ଚ ଭଗ୍ନ ପ୍ରାଚୀର ଉପରେ ଇଟା, ପଥର ଓ କଟାଗଛର ଡାଳ ଥୋଇ ରାସ୍ତା ପ୍ରତିରୋଧ କରି ଥିଲେ। ଏ ପ୍ରକାର ଅଦ୍ଭୁତ ରଣକୌଶଳ ଦେଖି ମାରାଗୁଡ଼ାକୁ ଇଂରେଜମାନେ 'ବିଦ୍ରୋହୀ ଉପତ୍ୟକା' ବୋଲି ଘୋଷଣା କରିଥିଲେ।

ଇଂରେଜମାନେ ଦୁଇଥର ପରାସ୍ତ ହୋଇ ୧୮୬୦ ନଭେମ୍ବର ୮ ତାରିଖରେ ତୃତୀୟଥର ପାଇଁ ଆଦିବାସୀ ନେତା ଲାଲ ସିଂଙ୍କ ଉପରେ ଆକ୍ରମଣ କରିଥିଲେ, ମାତ୍ର ଅଦ୍ଭୁତ ରଣକୌଶଳ ସହ ଗରିଲା ଯୁଦ୍ଧ କରି ଲାଲ ସିଂ ଅପରାଜିତ ରହିଥିଲେ। ଇଂରେଜ ଶାସକମାନଙ୍କର ପ୍ରେରିତ ରିପୋର୍ଟରୁ ସେ ସମୟରେ ଆଦିବାସୀ ନେତାମାନଙ୍କ ବୀରତ୍ୱ, ସାହସ ଓ ରଣକୌଶଳ ପ୍ରକାଶ ପାଇଥିବା ବେଳେ ଇଂରେଜମାନଙ୍କର ଅସହାୟତାର ସୂଚନା ମଧ୍ୟ ମିଳେ।

ଶେଷରେ ୨୨ ନଭେମ୍ବର ୧୮୬୦ରେ ବିପ୍ଳବୀ ନେତା ଲାଲ୍ ସିଂ ଖଡ଼ିଆଳର ଜମିଦାରଙ୍କଠାରେ ଆତ୍ମସମର୍ପଣ କରି ଥିଲେ ଓ ତାଙ୍କୁ ଖଡ଼ିଆଳର ରାଜା ଇଂରେଜ ସେନାଧକ୍ଷ ଡେଲେନ୍‌ସଙ୍କ ହାତରେ ଅର୍ପଣ କରିଥିଲେ। ଲାଲ୍ ସିଂ ଓ ଚୈତ ସିଂ ନୂଆଗଡ଼ର ଗର୍ବ ଓ ଗୌରବ। ଏମାନଙ୍କ ସାହାଯ୍ୟ ବିନା ସୁରେନ୍ଦ୍ର ସାଏ ଇଂରେଜ ବିରୁଦ୍ଧରେ ସାହସର ସହିତ ଲଢ଼ିବା ସମ୍ଭବ ହୋଇ ନଥାନ୍ତା।

ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ସ୍ୱାଧୀନତା ସଂଗ୍ରାମର ଇତିହାସରେ 'ସଲିହାମେଳି'ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନୂଆପଡ଼ାଠାରୁ ଉତ୍ତର-ପୂର୍ବ କୋଣକୁ ପାଞ୍ଚ କିଲୋମିଟର ଦୂରରେ 'ସଲିହାଗଡ଼' ଗ୍ରାମ। ୧୮୬୨ ମସିହାରେ ବର୍ତ୍ତମାନର ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜ୍ୟ ଅଧୀନରୁ ଅଲଗା ହୋଇ ବ୍ରିଟିଶ ଶାସନାଧୀନ ମଧ୍ୟପ୍ରଦେଶର ରାୟପୁର ଅଧୀନକୁ ଚାଲିଯାଇଥିଲା। ୧୯୩୬ ଏପ୍ରିଲ ୧ ତାରିଖରେ ଏହା ପୁଣି ସମ୍ବଲପୁର ଜିଲ୍ଲା ଅଧୀନକୁ ଆସିଥିଲା। ନଭେମ୍ବର ୧ ତାରିଖ ୧୯୪୯ ମସିହାରେ ଏହା କଳାହାଣ୍ଡି ଜିଲ୍ଲା ଅନ୍ତର୍ଭୁକ୍ତ ହେଲା ଏବଂ ଏପ୍ରିଲ ୧ ତାରିଖ ୧୯୯୩ରୁ ଏହା 'ନୂଆପଡ଼ା' ଜିଲ୍ଲା ଭାବରେ ନାମିତ ହେଲା।

ଦେଶରେ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥାଏ, ସମସ୍ତ ଦେଶବାସୀଙ୍କ ଦୃଷ୍ଟି ସାବରମତୀ ଉପରେ। ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ଡାକରା ଦେଲେ। ସାବରମତୀଠାରୁ ୨୦୦ କିଲୋମିଟର ଦୂରରେ ଗୁଜୁରାଟ୍ ଉପକୂଳରେ ଦାଣ୍ଡୀଯାତ୍ରା କଲେ ଗାନ୍ଧିଜୀ ଓ ଲବଣ ସତ୍ୟାଗ୍ରହ ଘୋଷଣା କଲେ। ତା'ପୂର୍ବରୁ ଗାନ୍ଧିଜୀ ମାର୍ଚ୍ଚ ୨, ୧୯୩୦ରେ ଭାଇସ୍‌ରାୟ ଲର୍ଡ଼ଇରଉଇନ୍ (Lord Irwin) ଙ୍କୁ ଏକ ପତ୍ର ଲେଖି ପରାମର୍ଶ ଦେଇଥିଲେ ମଧ୍ୟ ତାହା ସେ ଗ୍ରହଣ କରିନଥିଲେ।

କଂଗ୍ରେସର ଲାହୋର ଅଧିବେଶନ୍ (ଡିସେମ୍ବର ୧୯୨୯)ରେ ପୂର୍ଣ୍ଣ ସ୍ୱରାଜ ଘୋଷଣା ହେବା ପରେ, ୧୯୩୦ ମସିହା ଜାନୁଆରୀ ୨୬ ତାରିଖରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଉପରେ ସ୍ୱାଧୀନତାର ତିରଙ୍ଗା ପତାକା ଉଡ଼ାଯାଇଥିଲା। **Behera K. S. "Glimpses of Freedom Struggle in Orissa" December 1988.**

ଏ ସବୁ କାରଣରୁ କଳାହାଣ୍ଡି ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ତୀବ୍ର ଆଲୋଡ଼ନ ଖେଳି ଯାଇଥିଲା । ଖଡ଼ିଆଳର ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ପାଢ଼ୀ ଜାତୀୟ ଆନ୍ଦୋଳନର ନେତୃତ୍ୱ ନେଇଥାନ୍ତି । ଏ ସମୟରେ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଦେବଙ୍କ ଆଦେଶ କ୍ରମେ ପ୍ରଜାମାନଙ୍କ ଉପରେ 'ପାଣ୍ଡାରୀକର' (Wood Tax) ପ୍ରଚଳନ କରିଥାନ୍ତି । ଏହା ବିରୁଦ୍ଧରେ ପ୍ରଜା ଅସନ୍ତୋଷ ବ୍ୟାପୁଥାଏ ।

ଖଡ଼ିଆଳ ଆଖ ପାଖ ଅଞ୍ଚଳର ଲୋକମାନେ ୧୯୩୦ରେ 'ସଲିହାଗଡ଼'ଠାରେ ଏକ ସଭାର ଆୟୋଜନ କରି ସରକାରୀ ପ୍ରସ୍ତାବିତ ଖଜଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଇତିହାସ ପୃଷ୍ଠାରେ ଏହା 'ସଲିହାମେଳି' ନାମରେ ପ୍ରଖ୍ୟାତ ।

ସଲିହାଠାରେ ସଭା ଆୟୋଜିତ ହେଲା । ଏଥିରେ ପ୍ରାୟ ୬୦୦ ଗ୍ରାମବାସୀ ଯୋଗ ଦେଇଥିଲେ । ଛୁରୁରୀ, କଡେଇମେରୀ, ନୁଆଡ଼ିହୀ, ତେଲ୍‌କୋବ୍ରା, ସଲିହା, କଲ୍ୟାଣପୁର, ରସୁନ୍‌ପଲ୍ଲେ, ବସେଇଭାଡ଼ି, ଖଲବହଲ, କେରମେଲି, ମୁରହେଲା, ନୁଆଡ଼ିହି ପଡ଼ପରପଲ୍ଲୀ, ଜୁମୁରଡ଼ିହି, ଖୋପୁଡୋ, ମୋଗ୍ରାପଲ୍ଲୀ, ଉଗଲ, ନିବ୍ରଲ, ସିନାପାଲି, କୋମନା ଆଦି ଗ୍ରାମରୁ ଲୋକେ ସଲିହାମେଳିରେ ଯୋଗଦେଇ ସରକାରଙ୍କ ପ୍ରସ୍ତାବିତ ଓ ରାଜାଙ୍କ ଦ୍ୱାରା ଧାର୍ଯ୍ୟ ପାଣ୍ଡାରୀକର (Wood Tax) ନଦେବା ପାଇଁ ଘୋଷଣା କଲେ ।

ଘଟଣା ଉତ୍ତେଜନା ପ୍ରବଳ ହେବାରୁ ନୁଆପଡ଼ାର କାମଦାର (Superviser) ଜରିଆରେ ବିବରଣୀ ସଂଗ୍ରହ କରି ତାକୁ ଦମନ କରିବାପାଇଁ ପୋଲିସ୍ ଫୋର୍ସ ପଠାଯାଇଥିଲା । ପୋଲିସ୍ ଲାଠିଚାର୍ଜ ଓ ଗୁଳି ମାଡ଼ରେ ବହୁ ବ୍ୟକ୍ତି ମୃତାହତ ହେଲେ । ପୋଲିସ୍ ୪୦ ଜଣଙ୍କୁ ବନ୍ଦୀ କଲେ । ମୁଖ୍ୟନେତା ଛୁରୁରୀର କେନ୍ଦୁ ଦାସ୍ ବାବା ୭ଟି ଗୁଳିର ଆଘାତ ପାଇ ଆହତ ହେଲେ । ପାରକୋଡ଼ାର ରାମ୍‌ଲାଲ୍ ଦେବ୍‌ଗନ୍, ସଲିହାଗଡ଼ର ରାମୁ, ନୋବେରା ଗ୍ରାମର କେନ୍ଦୁ, ସଲିହାର କୁମୁରି ଗଉଡ଼, ଖଡ଼ିଆଳର ଲକ୍ଷଣ ଦାସ ପ୍ରମୁଖ ବନ୍ଦୀ ହେଲେ ଓ ଜେଲ୍ ଗଲେ । ଅନେକେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କଲେ । Rajendra Varma (State Editor) Madhya Pradesh District Gazetter, Raypur, Bhopal, 1973, P.82ରେ ଏ ବିଷୟରେ ବିଶେଷଭାବରେ ଉଲ୍ଲେଖ କରାଯାଇଛି ।

କଳାହାଣ୍ଡିରେ ସ୍ୱାଧୀନତା ସଂଗ୍ରାମକୁ ଉଜ୍ଜୀବିତ କରିବାରେ ସଲିହାମେଳିର ଏକ ଐତିହାସିକ ଗୁରୁତ୍ୱ ରହିଛି ।

ସ୍ୱାଧୀନତାର ପଚାଶ ବର୍ଷ ପୂର୍ତ୍ତି ପାଳନ କରାଯିବା ବେଳେ, ସ୍ୱାଧୀନତା ସଂଗ୍ରାମର ସମ୍ପୂର୍ଣ୍ଣ ଓ ସଠିକ ଇତିହାସ ଲେଖାଯିବା ସହିତ ଇତିହାସର ପୁନର୍ମୂଲ୍ୟାୟନ ଏକାନ୍ତ ଜରୁରୀ । ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ଭାରତର କୋଣ ଅନୁକୋଣରେ ଯେଉଁମାନେ କଠିନ କଠୋର ତ୍ୟାଗ ବରଣ କରି ଜାତୀୟ ସଂଗ୍ରାମକୁ ଉଜ୍ଜୀବିତ କରିଛନ୍ତି ସେମାନଙ୍କ ଜୀବନଧାରାକୁ ପଞ୍ଜିକୃତ କରି ଇତିହାସରେ ସ୍ଥାନିତ କରିବା ।

ସମଗ୍ର ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଓଁକାର ଶୁଣାଯାଇଥିଲା କଳାହାଣ୍ଡିର ବଣ ଜଙ୍ଗଲ ଭିତରେ । ମାତ୍ର ତାହା ନିବିଡ଼ ଜଙ୍ଗଲରେ ବନ ଗହନର ଅନ୍ଧକାର ଭିତରେ ହଜିଯିବା ଆଗରୁ ଜାତୀୟ ସଂଗ୍ରାମର ଇତିହାସରେ ସ୍ଥାନିତ ହେଉ । ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠା ପୁନଶ୍ଚ ଗୌରବମଣ୍ଡିତ ହେଉ ।

**ସହାୟକ ଗ୍ରନ୍ଥସୂଚୀ :**


1. ବୀର ସୁରେନ୍ଦ୍ର ସାଏ–ଅନିରୁଦ୍ଧ ଦାସ, ବିଦ୍ୟାପୁରୀ, କଟକ, ପୃଷ୍ଠା ୮୯, ୮୬ ।
2. Guide to Orissa Records, Vol. Iv,p 43 State Archive, Bhubaneswar.
3. Archaelogical Remain of Sunabeda Platue, O.H.R.J. Vol. XVI No. 4 to Vol. XXII by Singh Deo JP.
4. Vir Surendra Sai in Khariar–by Rajashree Debi, 'Nuapada Darpana' Page–105.
5. Gazetteers of India, Orissa, Koraput, Senapali, by Sahu N. K. Cuttack 1966 Page–46.
6. Historical Geography of South Kosala, Behera S. C.–New Espects of History of Orissa, Sahu N. K.
7. Inseripections of Orissa, S. N. Rajguru.
8. History and Culture of Nuapada District, Orissa, J. P. Singh Deo, 'Nuapada Darpana' Page 97.
9. Personal Interview with Dr. Baba Mishra, Reader in History.
10. Personal Interview with Dr. Artatrana Nayak, Historian.
11. Interview with some,villagers at Komana & Saliha.
12. Suvarna Smarakira Nepathy Jhankar, by —Dr. H. K. Panda for AIR.



ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ୍,
ଆକାଶବାଣୀ କଟକ, କଟକ–୧

# ନେତାଜୀ ସୁଭାଷ :ଏକ ଅମ୍ଲାନ ପ୍ରତିଭା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେହି ମହାନ ଜନନାୟକଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱ, ଜାତିପ୍ରୀତି, ଦେଶପ୍ରେମ ଏବଂ ଆତ୍ମୋତ୍ସର୍ଗ ଅନନ୍ୟ ଓ ଅତୁଳନୀୟ । ଏହି ପ୍ରଚଣ୍ଡ ପ୍ରତିଭାଧର ବିପ୍ଳବୀଙ୍କର ଜୀବନଦର୍ଶନହିଁ ଜାତୀୟ ଜୀବନର ଉତ୍ସ । ସେ ଯଥାର୍ଥରେ ଥିଲେ ଭାରତୀୟ ଯୁବଶକ୍ତିର ପ୍ରତୀକ, ସ୍ୱାଧୀନତାର ଅଗ୍ରଦୂତ । ନିର୍ଭୀକତା ଥିଲା ତାଙ୍କ ଚରିତ୍ରର ପ୍ରଧାନ ବୈଶିଷ୍ଟ୍ୟ । ସମଗ୍ର ବିଶ୍ୱ ଦୃଷ୍ଟିରେ ସେ ଥିଲେ ଏକ ପ୍ରଜ୍ୱଳିତ ଅଗ୍ନିଶିଖା । ତାଙ୍କ ଦୁର୍ଦ୍ଦମନୀୟ ବୀରତ୍ୱହିଁ ପ୍ରତ୍ୟେକ ଭାରତୀୟଙ୍କର ଗର୍ବ ଓ ଗୌରବ ।

ଯୋଗଜନ୍ମା ପ୍ରବାଦ ପୁରୁଷ ସୁଭାଷ ଚନ୍ଦ୍ରଙ୍କର ଜନ୍ମ ୧୮୯୭ ମସିହା ଜାନୁଆରୀ ମାସ ୨୩ ତାରିଖ ଶନିବାର ମଧ୍ୟାହ୍ନ ଘ ୧୨/୧୫ ମିନିଟ୍ ସମୟରେ କଟକ ନଗରୀସ୍ଥିତ ଓଡ଼ିଆବଜାରରେ ।ତାଙ୍କର ସ୍ନେହମୟୀ ଜନନୀ ପ୍ରଭାବତୀ ଦେବୀ ଏବଂ ପୂଜନୀୟ ଜନକ ପ୍ରସିଦ୍ଧ ଆଇନଜୀବୀ ରାୟବାହାଦୁର ଜାନକୀନାଥ ବୋଷ । ବାଲ୍ୟକାଳରେ ସୁଭାଷଙ୍କର ମାନସିକସ୍ତର ସାଧାରଣ ବାଳକମାନଙ୍କଠାରୁ ଉନ୍ନତ ଥିଲା । ବୟସ ତୁଳନାରେ ବୟସାଧିକ୍ୟ ସମସ୍ୟାର ସମାଧାନ ସେ ସୁନ୍ଦରଭାବରେ କରିପାରୁଥିଲେ । ୧୯୦୨ ଖ୍ରୀଷ୍ଟାବ୍ଦରେ କଟକ ପ୍ରୋଟେଷ୍ଟାଣ୍ଟ ସ୍କୁଲରେ ସେ ବିଦ୍ୟାଧ୍ୟୟନ ଆରମ୍ଭ କରିଥିଲେ । ଏହି ମିଶନାରୀ ବିଦ୍ୟାଳୟର ପରିଚାଳନା ନିୟମାନୁଯାୟୀ ଭାରତୀୟ ବଂଶୋଦ୍ଭବ ଛାତ୍ରମାନଙ୍କୁ କେତେକ ବିଶେଷ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଥିଲା । ଏହି ବିଭେଦତା କୋମଳମତି ବାଳକ ସୁଭାଷଙ୍କ ମନରେ ବିଶେଷ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ସେ ଜୀବନରେ ପ୍ରଥମେ ଅନୁଭବ କଲେ ଯେ ଇଂରେଜମାନେ ଭାରତୀୟମାନଙ୍କୁ ହୀନଦୃଷ୍ଟିରେ ଦେଖୁଛନ୍ତି । ୧୯୦୯ ମସିହାରେ ସେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲେ । ଓଡ଼ିଶାର ଏହି ପ୍ରାଚୀନ ବିଦ୍ୟାପୀଠରେ ଭାରତୀୟ ସଂସ୍କୃତିର ମର୍ଯ୍ୟାଦାନୁଯାୟୀ ଶିକ୍ଷାପ୍ରଦାନ କରାଯାଉଥିଲା । ଏଠାରେ ସୁଭାଷଙ୍କର ଆଭ୍ୟନ୍ତରୀଣ ରୁଚି ପରିମାର୍ଜିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୀମାଧବ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜଣେ ଚରିତ୍ରବାନ, ମେଧାବୀ, ବିନମ୍ରୀ, ବାଗ୍ମୀ, କର୍ତ୍ତବ୍ୟନିଷ୍ଠ, ଶୃଙ୍ଖଳିତ, ଛାତ୍ର ରୂପେ ସୁଖ୍ୟାତି ଅର୍ଜନ କରିଥିଲେ । ବିଦ୍ୟାଳୟର ଅନୁଶାସନରୁ ସେ ସମନ୍ୱୟାତ୍ମକ ଜାତୀୟତାବୋଧ ହୃଦୟଙ୍ଗମ କରିପାରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା। ଜଣେ ଦକ୍ଷ ଛାତ୍ର ସଙ୍ଗଠକ ରୂପେ ଛାତ୍ରମହଲରେ ସେ ସ୍ୱାଧୀନ ଚେତନାର ଧାରା ପ୍ରବାହିତ କରି ପାରିଥିଲେ । ତାଙ୍କ ନେତୃତ୍ୱରେ ଜାତୀୟ ବିପ୍ଳବୀ ଖୁଦୀରାମଙ୍କର ଫାଶୀ ଦିବସଟିକୁ ଛାତ୍ରମାନେ ଜାତୀୟ ସ୍ମୃତି ଦିବସ ରୂପେ ପାଳନ କରି ଉପବାସ ରହିଥିଲେ ।

୧୯୧୩ ମସିହାରେ ମ୍ୟାଟ୍ରିକୁଲେଶନ ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟସ୍ଥାନ ଅଧିକାର କରି ସେ କଲିକତାର ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କରିଥିଲେ । ଜାତୀୟ ବୀରବୃନ୍ଦଙ୍କ ଅମରକୃତି, ନାଟକ "ମେବାରପତନ", ଉପନ୍ୟାସ "ଆନନ୍ଦମଠ" ଏବଂ ଶ୍ରୀ ଅରବିନ୍ଦଙ୍କ ସମ୍ପାଦନାରେ ପ୍ରକାଶିତ "ଆର୍ଯ୍ୟ" ପତ୍ରିକାର ଚେତନାଦ୍ୟୋତକ ଲେଖା ପାଠ କରି ସେ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହୋଇଥିଲେ । ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଲୋକପ୍ରିୟ ଦେଶାତ୍ମବୋଧକ "ବଙ୍ଗ ଆମାର ଜନନୀ ଆମାର" ସଙ୍ଗୀତଟି ଗାନ କରାଯିବାରୁ ସଭାପତିତ୍ୱ କରୁଥିବା ଇଂରାଜୀ ଅଧ୍ୟାପକ ଏଡ୍‌ୱାର୍ଡ଼ ଫାର୍ଲି ଓଟେନ୍ ବଙ୍ଗାଳୀମାନଙ୍କ ପ୍ରତି କେତେକ ଅଶାଳୀନ ମନ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଛାତ୍ର ମହଲରେ ବିଶେଷ ଉତ୍ତେଜନା ପ୍ରକାଶ ପାଇଲା । ଏପରିକି କେତେକ ଛାତ୍ର ଉତ୍‌କ୍ଷିପ୍ତ ହୋଇ ଅଧ୍ୟାପକ ଓଟେନ୍‌ଙ୍କୁ ମାଡ଼ମାରିବାକୁ ପଶ୍ଚାତ୍‌ପଦ ହୋଇନଥିଲେ । ଏହି ଘଟଣାରେ ଛାତ୍ରନେତା ସୁଭାଷଙ୍କୁ ଅଧ୍ୟକ୍ଷ କଲେଜରୁ ବହିଷ୍କାର କରିଦେଲେ । ଏହି ପ୍ରଥମ ବଳୀଦାନରେ ସେ ଜଣେ ଦେଶପ୍ରେମୀ ଛାତ୍ରନେତା ରୂପେ ସର୍ବତ୍ର ପରିଚିତ ହୋଇଗଲେ । ତାଙ୍କର ଆତ୍ମପ୍ରତ୍ୟୟ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଉଠିଲା । ପାଠପଢ଼ା ବନ୍ଦହେବାରୁ ସେ କଟକ ପ୍ରତ୍ୟାବର୍ତ୍ତନ କରି ନିଜକୁ ରୋଗୀ ଓ ପୀଡ଼ିତ ବ୍ୟକ୍ତିମାନଙ୍କ ସେବାରେ ଉତ୍ସର୍ଗ କରିଦେଲେ । ଅଗଣିତ ଦୁଃସ୍ଥ, ବୁଭୁକ୍ଷିତ, ରୋଗଗ୍ରସ୍ତ, ଦୀନ, ଦରିଦ୍ର ଭାରତୀୟଙ୍କୁ ଦେଖି ସେ ପରାଧୀନ ଭାରତର ମର୍ମବେଦନାକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଥିଲେ । ଭୋଗବିଳାସ ଓ ପ୍ରାଚୁର୍ଯ୍ୟ ତାଙ୍କୁ ଏକ ଅପରାଧ ସଦୃଶ ବୋଧ ହେଲା । ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଅଗଣିତ ବ୍ୟକ୍ତିଙ୍କ ସେବାକରିବା ଦ୍ୱାରା ତାଙ୍କଠାରେ ବିଶ୍ୱପ୍ରେମର ଧାରା ପ୍ରବାହିତ ହୋଇଥିଲା ।

ନିର୍ଭୀକ ଛାତ୍ର ସୁଭାଷ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅନ୍ୟାୟ ନିଷ୍ପତ୍ତି ବିରୁଦ୍ଧରେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ଅବଗତ କରାଇଲେ । କୁଳପତିଙ୍କ ଆଦେଶ ବଳରେ ସେ ୧୯୧୭ ମସିହାରେ ସ୍କଟିଶ୍ ଚର୍ଚ୍ଚ କଲେଜରେ ବି: ଏ: ଶ୍ରେଣୀରେ ନାମ ଲେଖାଇଲେ ଏବଂ ୧୯୧୯ ମସିହାରେ ଦର୍ଶନ ଅନର୍ସ ସହିତ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କଲେ । ଜାନକୀନାଥଙ୍କର ଇଚ୍ଛାରେ ସେ ସେହି ବର୍ଷ କେମ୍ବ୍ରିଜ୍‌ରେ ଆଇ:ସି:ଏସ୍: ପଢ଼ିବା ନିମିତ୍ତ ଲଣ୍ଡନ ଯାତ୍ରା କଲେ । ଅଧ୍ୟୟନରେ ଗଭୀର ମନୋନିବେଶ କରି ସେ ଭାରତୀୟ ପ୍ରଶାସନିକ ସେବାରେ

ଚତୁର୍ଥ ସ୍ଥାନ ଅଧିକାର କଲେ । ଏହି ବିଜୟ ତାଙ୍କୁ ଆନନ୍ଦ ଦେଇପାରିଲାନାହିଁ । ଜନ୍ମଭୂମିର ପରାଧୀନତାର ଗ୍ଳାନିରେ ସେ ବିଶେଷ ମର୍ମାହତ ହୋଇପଡ଼ିଥିଲେ । ଇଂରେଜ ଶାସକଙ୍କ ଅଧୀନରେ ଉଚ୍ଚ ପଦବୀରେ ଥାଇ ଭୋଗବିଳାସପୂର୍ଣ୍ଣ ଜୀବନ ପରିବର୍ତ୍ତେ ଦୁଃଖୀ ଦେଶବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ସେ ଶ୍ରେୟ ମଣିଥିଲେ । ଦେଶମାତୃକାର କରୁଣ ଚିତ୍ର ତଥା ଅରବିନ୍ଦ, ଚିତ୍ତରଞ୍ଜନ ପ୍ରଭୃତି ଜାତୀୟ ନେତାଙ୍କ ତ୍ୟାଗ ତାଙ୍କ ମାନସ ପଟରେ ଉଦ୍‌ଭାସିତ ହୋଇ ଉଠିଲା । ଆଇ.ସି.ଏସ୍. ସଦୃଶ କ୍ଷମତା ସମ୍ପନ୍ନ ଆକର୍ଷଣୀୟ ଚାକିରୀକୁ ପଦାଘାତ କରି ମାତୃଭୂମିର ମୁକ୍ତି ସଂଗ୍ରାମରେ ଯୋଗଦେବାର ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ତଥା ଶପଥ ନେଇ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ଏହାହିଁ ଥିଲା ଜାତି ନିମିତ୍ତ ତାଙ୍କର ଆତ୍ମୋତ୍ସର୍ଗ । ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ହିଁ ତାଙ୍କର ମହାନ୍ ବ୍ୟକ୍ତିତ୍ୱ ବିକଶିତ ହୋଇଥିଲା । ବିପ୍ଳବ ତାଙ୍କ ନିମିତ୍ତ ଥିଲା ଏକ ସୃଜନାତ୍ମକ ପ୍ରକ୍ରିୟା ।

୧୯୨୧ ମସିହାରେ ଭାରତକୁ ପ୍ରତ୍ୟାବର୍ତ୍ତନ କରି ସେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ନିରପେକ୍ଷ ବିଚାରବୋଧ ତଥା ନିର୍ଭୀକ ମତ ଆନ୍ଦୋଳନକୁ ତୀବ୍ର କରି ଦେଇଥିଲା । ତାଙ୍କର ଓଜସ୍ୱିନୀ ବକ୍ତୃତାରେ ହଜାର ହଜାର ବ୍ୟକ୍ତି ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଥିଲେ । ସେ କେବଳ ଭାଷଣ ସର୍ବସ୍ୱ ନଥିଲେ, ଯାହା କହୁଥିଲେ ତାକୁ କାର୍ଯ୍ୟରେ ପରିଣତ କରୁଥିଲେ । ବ୍ରିଟିଶ ଶକ୍ତି ନିମିତ୍ତ ସେ ଥିଲେ ଏକ ଆତଙ୍କ । ନିଜର ଅଦମନୀୟ ନେତୃତ୍ୱ ଯୋଗୁଁ ସେ ଦୁଇଥର ଭାରତୀୟ ଜାତୀୟକଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । କିନ୍ତୁ ମହାତ୍ମାଗାନ୍ଧୀଙ୍କ ନିଷ୍ପତ୍ତିରେ ସେ ଏକମତ ହୋଇ ପାରିନଥିଲେ, ଅଥଚ ଗାନ୍ଧିଜୀଙ୍କ ପ୍ରତି ତାଙ୍କର ଯଥେଷ୍ଟ ଭକ୍ତି ଓ ସମ୍ମାନ ରହିଥିଲା । ଅହିଂସାରେ ମହାତ୍ମା ଗାନ୍ଧୀଙ୍କର ଆଜୀବନ ଅଟଳ ବିଶ୍ୱାସ ରହିଥିଲା । ତେଣୁ ସେ ଅହିଂସ ଆନ୍ଦୋଳନ ଦ୍ୱାରା ଇଂରେଜ ସରକାରଙ୍କ ହୃଦୟ ପରିବର୍ତ୍ତନ ସପକ୍ଷରେ ଥିଲେ । କେବଳ ଅହିଂସ ଆନ୍ଦୋଳନ ଓ ଅସହଯୋଗ ଦ୍ୱାରା ସ୍ୱାଧୀନତା ପ୍ରାପ୍ତି ସୁଭାଷଙ୍କ ଚିନ୍ତାର ବାହାରେ ଥିଲା । ସେ ଭାବୁଥିଲେ, ଆଇନ୍ ଅମାନ୍ୟ ସହ ସଶସ୍ତ୍ର ସଂଗ୍ରାମ ମାଧ୍ୟମରେ ହିଁ ଭାରତ ତା'ର ସ୍ୱାଧୀନତା ଲାଭ କରି ପାରିବ । ତାଙ୍କର ଦୃଷ୍ଟିକୋଣ ଥିଲା ଯେ ଆଇନ ଅମାନ୍ୟ ଇଂରେଜ ସରକାରଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ, ମାତ୍ର ଏହାଦ୍ୱାରା ଇଂରେଜଙ୍କୁ 'ଦେଶରୁ ତଡ଼ିବା ସମ୍ଭବ ନୁହେଁ । ଇଂରେଜ ସରକାର ଯେପରି ଅସ୍ତ୍ରଶସ୍ତ୍ରର ଶକ୍ତି ଉପରେ ନିର୍ଭର କରି ଆମକୁ ପରାଧୀନ ରଖିଛି, ଆମେ ସେହିପରି ଅସ୍ତ୍ରଶସ୍ତ୍ର ଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିବ । ସୁଭାଷଙ୍କ ମତରେ ଅସ୍ତ୍ରର ଜବାବ ଅସ୍ତ୍ରରେ ଦିଆଯିବା ଉଚିତ । ଗାନ୍ଧିଜୀଙ୍କ ସହିତ ତାଙ୍କର ମତଭେଦ ରହିଥିଲେହେଁ ଉଭୟଙ୍କର ଲକ୍ଷ୍ୟ ଥିଲା ସ୍ୱାଧୀନତା ପ୍ରାପ୍ତି । ସୁଭାଷ ଗାନ୍ଧିଜୀଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଚେତନାର ସ୍ରଷ୍ଟା ରୂପେ ସର୍ବଦା ମାନ୍ୟତା ଦେଇ ଆସୁଥିଲେ ହେଁ ଉଭୟଙ୍କର ଗତିପଥ ଏକ ହୋଇନଥିବାରୁ କଂଗ୍ରେସରୁ ସେ ଓହରି ଆସିଥିଲେ । ମହାତ୍ମାଙ୍କ ସହିତ ତାଙ୍କର ମତାନ୍ତର କେବେହେଲେ ମନାନ୍ତରରେ ପରିଣତ ହୋଇନଥିଲା । ଏହାହିଁ ଯଥାର୍ଥରେ ତାଙ୍କର ମହାନ୍ ବ୍ୟକ୍ତିତ୍ୱର ପରିଚୟ । ସୁଭାଷଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଭାରତର ପୂର୍ଣ୍ଣ ସ୍ୱାଧୀନତା । କେବଳ ତାଙ୍କର ଚିନ୍ତାଧାରାରେ ସ୍ୱାତନ୍ତ୍ର୍ୟ ରହିଥିଲା । ତାଙ୍କ ବିଚାରରେ ସ୍ୱାଧୀନତା ଅଥବା ମୃତ୍ୟୁ ଉଭୟରେ ଗୌରବ ରହିଛି । ସଂଗ୍ରାମରେ ସେ କୌଣସି ସାଲିସ୍ ବା ଆପୋଷ ମୀମାଂସା କରୁନଥିଲେ । ଅନେକବାର କାରାବରଣ କରି ଅକଥନୀୟ ଯନ୍ତ୍ରଣା ଭୋଗିଥିଲେ ମଧ୍ୟ ସେ ଏହାକୁ ଭ୍ରୁକ୍ଷେପ କରିନଥିଲେ । ସେ ଜେଲ୍‌ରେ ରହିବା ସମୟରେ ଗୁରୁତର ଅସୁସ୍ଥ ହୋଇ ପଡ଼ିବାରୁ ବିଦେଶରେ ଯାଇ ଚିକିତ୍ସା ହେବା ନିମିତ୍ତ ଖଲାସ କରାଗଲା । ଦେଶ ମଧ୍ୟରେ ରହିଲେ ବିପ୍ଳବ ସୃଷ୍ଟି ହେବା ଭୟରେ ଇଂରେଜ ସରକାର ତାଙ୍କ ଉପରେ ଭାରତ ପ୍ରବେଶର ନିଷେଧାଜ୍ଞା ମଧ୍ୟ ଜାରୀ କରିଥିଲେ । ଏହି ଅବସରରେ ସେ ବିଭିନ୍ନଦେଶ ପରିଭ୍ରମଣ କରି ଭାରତର ସ୍ୱାଧୀନତା ସପକ୍ଷରେ ବିଶ୍ୱ ଜନମତ ସୃଷ୍ଟି କରି ପାରିଥିଲେ । ଦେଶ ବିଦେଶରେ ସେ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସ୍ୱାଧୀନତା ସଂଗ୍ରାମୀ ରୂପେ ପ୍ରସିଦ୍ଧି ଲାଭ କରିଥିଲେ ।

୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସଂଘଟିତ ହେଲା । ଏହି ପରିପ୍ରେକ୍ଷୀରେ ବ୍ରିଟିଶ୍ ସହିତ ସଂଗ୍ରାମ ଚଳାଇବାକୁ ସୁଭାଷ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଏଥିନିମିତ୍ତ ଭାରତରେ ଥିବା କେତେକ ବିପ୍ଳବୀ ସଙ୍ଗଠନକୁ ସେ ଏକତ୍ର କରି ଏକ ବୈପ୍ଳବିକ ଯୋଜନାର ସୂତ୍ରପାତ କଲେ । ଇଂରେଜ ସରକାର ସଶସ୍ତ୍ର ସଂଗ୍ରାମ ଆଶଙ୍କାରେ ଆତଙ୍କିତ ହୋଇ ସୁଭାଷ ଏବଂ ତାଙ୍କର ଶହଶହ କର୍ମୀଙ୍କୁ ଗିରଫ କଲେ । ବିନାବିଚାରରେ ତାଙ୍କୁ ଜେଲ୍‌ରେ ଅଟକ ରଖାଯାଇଥିବାରୁ ସେ ଆମରଣ ଅନଶନର ଚରମବାଣୀ ଶୁଣାଇଲେ । ଇଂରେଜ ସରକାର ଅନନ୍ୟୋପାୟ ହୋଇ ତାଙ୍କୁ ୧୯୪୦ ଡିସେମ୍ବର ୫ ତାରିଖରେ କେତେକ ସର୍ତ୍ତରେ ମୁକ୍ତି ଦେଲେ । ସର୍ତ୍ତ ଥିଲା ଯେ ସୁଭାଷ କୌଣସି ରାଜନୈତିକ ଦଳ ସହିତ ସମ୍ପର୍କ ରଖିପାରିବେ ନାହିଁ ବା ସରକାରଙ୍କ ବିନାନୁମତିରେ କୌଣସି ସ୍ଥାନକୁ ଯାଇ ପାରିବେ ନାହିଁ । ମୁକ୍ତିକାମୀ ବିହଙ୍ଗମକୁ ଆବଦ୍ଧ ରଖିବା ସହଜ ସାଧ୍ୟ ନୁହେଁ । ସେ କଲିକତା ସ୍ଥିତ ତାଙ୍କ ଏଲ୍‌ଗିନ୍ ରୋଡ଼ର ବାସଗୃହରେ ଗୃହବନ୍ଦୀ ରହିଥିଲେ ମଧ୍ୟ ସର୍ବଦା ଭାରତ ଏବଂ ଆନ୍ତର୍ଜାତିକ ରାଜନୈତିକ ବିଷୟର ବିମର୍ଶର ଖବର ରଖୁଥିଲେ । ମାତୃଭୂମିର ମୁକ୍ତିନିମିତ୍ତ ଭାରତ ବାହାରେ ରହି ସଂଗ୍ରାମ କରିବାକୁ ସେ ସ୍ଥିର କରିନେଲେ । ଜଣେ ମୁସଲମାନ ବୀମା ଏଜେଣ୍ଟର ଛଦ୍ମବେଶ ଧାରଣ କରି ସୁଭାଷଚନ୍ଦ୍ର ୧୯୪୧ ଜାନୁଆରୀ ୧୬ ତାରିଖ ରାତି ୯ ଟାରେ ବ୍ରିଟିଶ୍ ପୋଲିସ୍ ଓ ଗୋଏନ୍ଦାମାନଙ୍କ ଆଖିରେ ଧୂଳିପକାଇ ନାଟକୀୟ ଭାବରେ ପଳାୟନ କଲେ । କଲିକତାରୁ କିଛି ରାସ୍ତା କାର୍‌ରେ ଯାଇ ତତ୍‌ପରେ ଟ୍ରେନ୍‌ଯୋଗେ ଭାରତର ପଶ୍ଚିମ ସୀମାନ୍ତରେ ପହଞ୍ଚିଥିଲେ । ତତ୍‌ପରେ ଦୁର୍ଗମ ପାର୍ବତ୍ୟାଞ୍ଚଳ ଅତିକ୍ରମ କରି ଆଫଗାନିସ୍ତାନର ରାଜଧାନୀ କାବୁଲରେ ଉପଗତ ହୋଇଥିଲେ । ଛଦ୍ମ ନାମରେ କାବୁଲରେ ଜଣେ ଭାରତୀୟ ରେଡ଼ିଓ ଦୋକାନୀଙ୍କର ଆତିଥ୍ୟ ଗ୍ରହଣ କରି ଇଟାଲୀ ଦୂତାବାସ ମାଧ୍ୟମରେ ଛଦ୍ମ ଇଟାଲୀୟ ନାମରେ ପାସ୍‌ପୋର୍ଟ ସଂଗ୍ରହକରି ପ୍ରଥମେ ଋଷିଆ ଏବଂ ଋଷିଆରୁ ଯାଇ ବର୍ଲିନ୍‌ରେ ପହଞ୍ଚିଥିଲେ । ଜର୍ମାନର ରାଷ୍ଟ୍ରମୁଖ୍ୟ ହିଟଲରଙ୍କ ସହାୟତାରେ ପ୍ରବାସୀ ଭାରତୀୟମାନଙ୍କୁ ଏକତ୍ରିତ କରି ସେ ଆଜାଦ୍‌ହିନ୍ଦ୍ ସଙ୍ଘ ଗଠନ କଲେ । ୧୯୪୨ ମସିହା ନଭେମ୍ବର ୨ ତାରିଖରେ ବର୍ଲିନ୍ ନଗରୀରେ ଆଜାଦ୍ ହିନ୍ଦ୍ ସଙ୍ଘର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବିଦେଶରେ ଯୁଦ୍ଧବନ୍ଦୀ ରହିଥିବା ଭାରତୀୟ ସୈନିକମାନଙ୍କୁ ଏକତ୍ରିତ କରି ଭାରତୀୟ ସେନାବାହିନୀ ଗଠନ

କରିଥିଲେ । ଏହି ସୈନ୍ୟବାହିନୀର ଜାତୀୟ ଧ୍ୱନି ଥିଲା "ଜୟହିନ୍ଦ" ଏବଂ ଜାତୀୟ ସଙ୍ଗୀତ ଥିଲା "ଜନଗଣ ମନ ଅଧିନାୟକ" । ସୁଭାଷ ପଳାୟନ କରିବାର ଦଶଦିନ ପରେ ଏ ସମ୍ବାଦ ଲୋକଲୋଚନକୁ ଆସିଲା ଏବଂ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି ହୋଇ ଅନେକ ବିଭ୍ରାନ୍ତିକର ତଥ୍ୟ ସୃଷ୍ଟି ହେଲା । ପରବର୍ତ୍ତୀ କାଳରେ ଏହି ବିଭ୍ରାନ୍ତିକର ତଥ୍ୟ ମିଥ୍ୟା ପ୍ରମାଣିତ ହୋଇଥିଲା । ବର୍ଲିନ୍‌ରୁ ଆଜାଦ୍‌ହିନ୍ଦ ରେଡ଼ିଓ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରି ସୁଭାଷ ଚନ୍ଦ୍ର ସମଗ୍ର ବିଶ୍ୱକୁ ଚମତ୍କୃତ କରି ଦେଇଥିଲେ । ଭାରତ ବାହାରେ ସଙ୍ଘଟିତ ହୋଇଥିବା ଏହି ଆନ୍ଦୋଳନ ଆନ୍ତର୍ଜାତୀୟ ସ୍ତରରେ ବିଶେଷ ପ୍ରଭାବ ପକାଇଥିଲା ।

ଇଂଲଣ୍ଡ ଓ ଆମେରିକା ସହ କୂଟନୈତିକ ସମ୍ପର୍କ ଛିନ୍ନ କରି ଜାପାନ ମିତ୍ରଶକ୍ତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ବ୍ରିଟିଶ୍ ନୌଘାଟୀ ରୂପେ ବ୍ୟବହୃତ ସିଙ୍ଗାପୁର ଦଖଲ କରି ନେଇଥିଲା । ଭାରତର ଜଣେ ମହାନ୍ ବିପ୍ଳବୀ ରାସବିହାରୀ ବୋଷ ଜାପାନୀ କର୍ତ୍ତୃପକ୍ଷଙ୍କଠାରୁ ଯୁଦ୍ଧବନ୍ଦୀମାନଙ୍କୁ ମୁକ୍ତକରି ପୂର୍ବ ଏସିଆରେ ସ୍ୱାଧୀନତା ସଂଗ୍ରାମର ସଙ୍ଗଠନ କରିଥିଲେ । ସେ ଏହି ସୈନ୍ୟ ସଙ୍ଗଠନର ନାମ ଦେଇଥିଲେ ଭାରତୀୟ ଜାତୀୟ ବାହିନୀ । ଦୀର୍ଘ ନବଦିବସବ୍ୟାପୀ ବ୍ୟାଙ୍କକ୍‌ଠାରେ ଏକ ଐତିହାସିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଭାରତର ସ୍ୱାଧୀନତା ନିମିତ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା । ପୂର୍ବଏସିଆର ଭାରତୀୟବୃନ୍ଦଙ୍କ ଅନୁରୋଧକ୍ରମେ ସୁଭାଷଚନ୍ଦ୍ର ଜର୍ମାନରୁ ଏକ ବୁଡ଼ାଜାହାଜ ଯୋଗେ ଜାପାନକୁ ଯାଇ ଭାରତୀୟ ଜାତୀୟ ବାହିନୀର ସର୍ବୋଚ୍ଚ ଅଧିନାୟକ ପଦରେ ଅଧିଷ୍ଠିତ ହେଲେ । ୧୯୪୩ ଜୁଲାଇ ୮ ତାରିଖରେ ସୁଭାଷ ସୈନ୍ୟବାହିନୀ ପରିଦର୍ଶନ କରି ଅଭିବାଦନ ଗ୍ରହଣ କଲେ । ଏହି ବାହିନୀକୁ ସେ ଆଜାଦ୍‌ହିନ୍ଦ୍ ଫୌଜ ନାମରେ ନାମିତ କରି "ଦିଲ୍ଲୀ ଚଲୋ" ଆହ୍ୱାନ ଦେଲେ ଏବଂ ଏକ ଅଗ୍ନିବର୍ଷୀ ଭାଷଣ ଦେଇ ଦିଲ୍ଲୀର ଐତିହାସିକ ଜାତୀୟ ସୌଧ ଲାଲକିଲ୍ଲା ଉପରେ ତ୍ରିରଙ୍ଗ ପତାକା ଉଡ଼ାଇବା ନିମିତ୍ତ ସୈନ୍ୟବାହିନୀକୁ ଉଦ୍‌ବୋଧନ ଦେଇ କହିଥିଲେ, "ତୁମେ ମୋତେ ରକ୍ତ ଦାନ କର, ପ୍ରତିଦାନରେ ମୁଁ ତୁମକୁ ସ୍ୱାଧୀନତା ଦେବି । ଅଠତିରିଶିକୋଟି ଭାଇଙ୍କ ଆହ୍ୱାନରେ ଦିଲ୍ଲୀ ଚାଲ । ସବୁଜ ସୁନ୍ଦର ନୀଳ ପର୍ବତ, ହିମାଚଳ ଓ ସାଗର ଘେରା ମାତୃଭୂମି ହାତଠାରି ଡାକୁଛି । ଏହି ପବିତ୍ର ଯୁଦ୍ଧ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଚାଲୁରଖ । ଇନ୍‌କିଲାବ — ଜିନ୍ଦାବାଦ ! ଆଜାଦ୍‌ହିନ୍ଦ୍ ଜିନ୍ଦାବାଦ୍ !" ଦେଶପ୍ରେମର ଭାବପ୍ରବଣତାରେ ତାଙ୍କ ଆଖି ଛଳଛଳ ହୋଇ ଉଠିଥିଲା । ବୋଧ ହୁଏ ଏହା ସେ ଜୀବନରେ ପ୍ରଥମ ଥର ନିମିତ୍ତ ସର୍ବ ସମକ୍ଷରେ ଆବେଗଭରା କଣ୍ଠରେ ପ୍ରକାଶ କରିଥିଲେ । ଏହି ଜାତୀୟ ଚେତନା ଦ୍ୟୋତକ ଉଦ୍‌ବୋଧନରେ ଅଭିଭୂତ ହୋଇ ହଜାର ହଜାର ବ୍ୟକ୍ତି ତାଙ୍କୁ "ନେତାଜୀ" ବୋଲି ସମ୍ବୋଧନ କରିଥିଲେ । ସେହିଦିନଠାରୁ ସୁଭାଷଚନ୍ଦ୍ର ବୋଷ ବିଶ୍ୱ ଦରବାରରେ "ନେତାଜୀ" ନାମରେ ମାନ୍ୟତା ଲାଭ କରିଥିଲେ । ମାତ୍ର ଚାରିମାସ ମଧ୍ୟରେ ନେତାଜୀ ଇଂରେଜ ସରକାର ଅଧିକାରରୁ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ମୁକ୍ତ କରିଥିଲେ । ଏହାପରେ ସେ ଏକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ର ଗଠନ କରି ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଏହି ସ୍ୱାଧୀନ ରାଷ୍ଟ୍ରକୁ ନଅଗୋଟି ଦେଶ ସ୍ୱୀକୃତି ପ୍ରଦାନ କରି କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲେ । ନେତାଜୀଙ୍କ ଦ୍ୱାରା ସ୍ୱାଧୀନ ରାଷ୍ଟ୍ର ଓ ପନ୍ଦର ଜଣ ପରିଷଦ ବିଶିଷ୍ଟ ସ୍ୱାଧୀନ ସରକାର ଗଠନ ସମଗ୍ର ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା । ଇଂରେଜ ସରକାର ନେତାଜୀଙ୍କର ଏହି ଦୁର୍ଦ୍ଦମନୀୟ ପଦକ୍ଷେପରେ ବିଚଳିତ ହୋଇ ଜନମତ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଜାପାନ ଭାରତ ଅଧିକାର କରିବାକୁ ଯାଉଛି ବୋଲି ପ୍ରଚାର କରିଥିଲା । ନେତାଜୀ ଏହି ପ୍ରଚାରରେ ବିବ୍ରତ ନହୋଇ ସମଗ୍ର ଭାରତବାସୀ ତଥା ଜାତିର ପିତା ବାପୁଜୀଙ୍କ ଉଦ୍ଦେଶ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ବେତାରବାର୍ତ୍ତା ପ୍ରଚାର କରିଥିଲେ । ସେ ବେତାର ବାର୍ତ୍ତାରେ ସ୍ପଷ୍ଟ କରିଦେଇଥିଲେ ଯେ ଯୁଦ୍ଧ ଦ୍ୱାରା ମାତୃଭୂମିର ମୁକ୍ତିହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ । କୌଣସି ଦେଶ ଦ୍ୱାରା ସେ ପ୍ରଲୋଭିତ ହୋଇନାହାନ୍ତି ବା କାହାର ଚକ୍ରାନ୍ତରେ ସେ ବିଚଳିତ ହୋଇ ଯୁଦ୍ଧଘୋଷଣା କରିନାହାନ୍ତି ।

ନେତାଜୀଙ୍କ ନେତୃତ୍ୱରେ ଆଜାଦ୍‌ହିନ୍ଦ୍ ଫୌଜ ଇଂରେଜମାନଙ୍କ ବିରୁଦ୍ଧରେ ଭାରତର ପୂର୍ବପଟରୁ ସାମରିକ ଅଭିଯାନ ଆରମ୍ଭ କରିଥିଲା । ଅଳ୍ପଦିନ ପରେ ଆଜାଦ୍‌ହିନ୍ଦ୍ ଫୌଜ ବୀରତ୍ୱର ସହ ଇମ୍ଫାଲଦୁର୍ଗ ଅଧିକାର କରି ଇଂରେଜ ସୈନ୍ୟଙ୍କୁ ବହିଷ୍କାର କରି ଦେଲେ । ମଣିପୁର ପରେ ମୁକ୍ତିବାହିନୀ କୋହିମା ଓ ଡିମାପୁର ପର୍ଯ୍ୟନ୍ତ ଅଧିକାର କରିଗଲେ । ପୂର୍ବ ସୀମାନ୍ତରେ ଏହି ବାହିନୀ ଚବିଶି ହଜାର ବର୍ଗ କିଲୋମିଟର ଅଞ୍ଚଳ ଦଖଲ କରି ନେଇଥିଲେ । ଦୁର୍ଭାଗ୍ୟବଶତଃ ଭୟଙ୍କର ବର୍ଷା ଆରମ୍ଭ ହୋଇଗଲା ଏବଂ ଖାଦ୍ୟ ତଥା ଯୁଦ୍ଧ ସରଞ୍ଜାମ ଠିକ୍ ଭାବରେ ସୈନ୍ୟମାନଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ । ଅପର ପକ୍ଷରେ ଜର୍ମାନୀର ପତନ ଘଟିଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଗତି ବଦଳିଗଲା । ୧୯୪୫ ମସିହା ଅଗଷ୍ଟ ୬ ଓ ୯ ତାରିଖରେ ଆମେରିକା ଜାପାନର ହିରୋସୀମା ତଥା ନାଗାସାକୀ ସହର ଉପରେ ବୋମା ବର୍ଷଣ କରିବାରୁ ଜାପାନ ବାଧ୍ୟ ହୋଇ ଆତ୍ମସମର୍ପଣ କଲା । ଏହି ଦୁର୍ଦ୍ଦିନରେ ମଧ୍ୟ ନେତାଜୀ ସୈନ୍ୟ ବାହିନୀକୁ ପ୍ରାଣମୂର୍ଚ୍ଛା ସଂଗ୍ରାମ ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ । ନେତାଜୀଙ୍କର ଶେଷ ନିର୍ଦ୍ଦେଶ ଥିଲା, "ବୀର ସୈନିକ ବୀର ଗତି ହିଁ ଲାଭ କରେ, ଏହା ହିଁ ଭାରତୀୟ ସାମରିକ ସଂସ୍କୃତିର ଆଦର୍ଶ" । ଅସ୍ଥାୟୀ ଜାତୀୟ ସରକାର ମନ୍ତ୍ରୀମଣ୍ଡଳର ଅନୁରୋଧକ୍ରମେ ନିଜର ଅନିଚ୍ଛା ସତ୍ତ୍ୱେ ନେତାଜୀ ସିଙ୍ଗାପୁର ପରିତ୍ୟାଗ କରିବାକୁ ବାଧ୍ୟ ହେଲେ । ପରିଶେଷରେ ଅଗଷ୍ଟ ୧୭ ତାରିଖରେ କର୍ଣ୍ଣେଲ ହବିବୁର ରହେମାନ୍‌ଙ୍କ ସହିତ ନେତାଜୀ ଏକ ଜାପାନୀ ସାମରିକ ଉଡ଼ାଜାହାଜରେ ସିଙ୍ଗାପୁରଠାରୁ ଟୋକିଓ ଯାତ୍ରା କଲେ । ଭାଗ୍ୟର ଗତି ବଡ଼ ବିଚିତ୍ର । ନେତାଜୀଙ୍କର ଶେଷ ଯାତ୍ରାର ଏହି ଉଡ଼ାଜାହାଜଟି ଅଗଷ୍ଟ ୧୮ ତାରିଖରେ ତାଇହୋକୁ ବିମାନ ଘାଟୀ ଛାଡ଼ିବାର ଅଳ୍ପ ସମୟ ପରେ ଦୁର୍ଘଟଣାଗ୍ରସ୍ତ ହେଲା । ଦୁର୍ଘଟଣାରେ କର୍ଣ୍ଣେଲ ରହେମାନ୍ ବଞ୍ଚିଯାଇ ଥିଲେ ମଧ୍ୟ ଫର୍ମୋଜାସ୍ଥିତ "ନାନ୍‌ମନ୍" ସାମରିକ ଡାକ୍ତରଖାନାରେ ନେତାଜୀ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ସମ୍ବାଦ ପ୍ରକାଶ ପାଇଲା । ଏ ପର୍ଯ୍ୟନ୍ତ ସମଗ୍ର ବିଶ୍ୱ ତାଙ୍କର ଜୟନ୍ତୀ ହିଁ ପାଳନ କରି ଆସିଛି । ତାଙ୍କର ମୃତ୍ୟୁ ନାହିଁ । ସେ ମୃତ୍ୟୁଞ୍ଜୟୀ ବୀର ।

ବଡ଼ପଣ୍ଡା ସାହି,
ଢେଙ୍କାନାଳ ସହର-୭୫୯୦୦୧

# ଓଡ଼ିଶାରେ ଟସର ଚାଷ ଓ ନିରନ୍ତର ବିକାଶ

ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

କୃଷିପ୍ରଧାନ ଦେଶ ଭାବରେ ଭାରତ ସୁପରିଚିତ । ପୁରାତନ ପଦ୍ଧତି ଓ ପୁରାତନ ତଥା ନୂତନ ପଦ୍ଧତିର ମିଶ୍ରଣ ମାଧ୍ୟମରେ ଆଜି ଚି ଏ ଦେଶର ଚାଷୀ ଚାଷ କରି ଆସୁଛନ୍ତି । ବିଶେଷ କରି ଏ ଦେଶରେ ସବୁ ପ୍ରକାର ଚାଷ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଦେଶର କୃଷିଜାତ ଦ୍ରବ୍ୟ ବାହାର ଦେଶକୁ ଯାଇ ସେଠାରେ ବେଶ୍ ଆଦୃତ । ତେବେ ଧାନ, ଗହମ, ମକା, ବାଜରା, ବିରି, ମୁଗ, କୋଲଥ, ମାଣ୍ଡିଆ, ମଟର, ଜୁଟ, ହରଡ଼, ରାଶି, ସୋରିଷ ଓ ଚିନାବାଦାମ ଆଦି ମୁଖ୍ୟ ଖାଦ୍ୟଶସ୍ୟଗୁଡ଼ିକୁ ମୁଖ୍ୟଚାଷ ହିସାବରେ ବାଦଦେଲେ ଆଉ କେତେକ ଚାଷ ପାଇଁ ଆମଦେଶର ସ୍ଥାନ ପୃଥିବୀରେ କମ୍ ନୁହେଁ । ନଜରକୁ ନ ଆସିଲେ ମଧ୍ୟ ଏ ଚାଷର ପ୍ରାଧାନ୍ୟ ଆନ୍ତର୍ଜାତିକ ବଜାରରେ ଯଥେଷ୍ଟ ରହିଛି ଓ ରହିବ ମଧ୍ୟ । ସେ ପ୍ରକାର ଚାଷଗୁଡ଼ିକ ହେଉଛି ମଲବେରୀ ରେଶମ ଚାଷ (Mulberry Silk Culture), ଏଣ୍ଡି ରେଶମ ଚାଷ (Eri Silk Culture), ମୁଗା ରେଶମ ଚାଷ (Muga Silk Culture) ଓ ଟସର ରେଶମ ଚାଷ (Tasar Silk Culture) । ଏ ପ୍ରକାର ଚାଷଗୁଡ଼ିକ ସାଧାରଣ ଲୋକମାନଙ୍କର ତଥା ଧନୀଲୋକମାନଙ୍କର ଆଖିକୁ ନଆସିଲେ ମଧ୍ୟ ଉଣାଅଧିକେ ରେଶମବସ୍ତ୍ର ପିନ୍ଧିବା ହେତୁରୁ ଜାଣିଥାଆନ୍ତି; ମାତ୍ର ଏହା ଚାଷ ମାଧ୍ୟମରେ ସମ୍ଭବ ହୋଇଥାଏ ବୋଲି ବୋଧହୁଏ ଏତେ ମାତ୍ରାରେ ଧାରଣା ଆସିନଥାଏ । ତେବେ ଏ ଚାଷଗୁଡ଼ିକରେ ବିଶେଷ କରି ଗ୍ରାମାଞ୍ଚଳର ଲୋକେ ବା ଜଙ୍ଗଲ ଅଧିବାସୀମାନେ ନିୟୋଜିତ ଥାଆନ୍ତି ଏବଂ ପଇସା ଅଧିକ ରୋଜଗାର କରୁଥିବା ଲୋକମାନେ ଏ ରେଶମ ବସ୍ତ୍ର ବ୍ୟବହାର କରିଥାଆନ୍ତି ।

## ଟସର ଚାଷ କଅଣ ?

ଆମେ ପ୍ରତ୍ୟେକ ଦିନ ଯେଉଁପ୍ରକାର ପୋଷାକପତ୍ର ବ୍ୟବହାର କରୁ, ସେଗୁଡ଼ିକ କପାତୁଳାରୁ କିମ୍ବା ନାଇଲନ୍, ଟେରିଲିନ୍, ଟେରିକଟନ୍ ଓ ପଲିଷ୍ଟର ଆଦି ସାଂଶ୍ଲେଷିକ (Synthetic) ତନ୍ତୁରୁ ତିଆରି ହୋଇଥାଏ । ଏହାଛଡ଼ା ଶୀତ ଦିନରେ ପଶମବସ୍ତ୍ର ଓ ପର୍ବପର୍ବାଣୀଗୁଡ଼ିକରେ ପାଟ, ମଠା ଆଦି ରେଶମ ବସ୍ତ୍ର ପିନ୍ଧିଥାଉ । ଉପରୋକ୍ତ ବସ୍ତ୍ରଗୁଡ଼ିକୁ ଦେଖିଲେ ଜଣାଯାଏ ଯେ ଆମ ବସ୍ତ୍ରଗୁଡ଼ିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇ ପାରେ—ପ୍ରାକୃତିକ ଓ କୃତ୍ରିମ । କୃତ୍ରିମ ତନ୍ତୁରେ ତିଆରି ହେଉଥିବା ବସ୍ତ୍ରଗୁଡ଼ିକ ହେଉଛି ସାଂଶ୍ଲେଷିକ ତନ୍ତୁ ଓ ପ୍ରାକୃତିକ ତନ୍ତୁଗୁଡ଼ିକ ହେଉଛି କପାଗଛର ତୁଳାର ସୂତା । ରେଶମ ଆଦି କୀଟ (Silk unsect)ଗୁଡ଼ିକର କୋଷା (Cocoon)ର ସୂତା । ଅର୍ଥାତ୍ ଉଦ୍ଭିଦରୁ ମିଳୁଥିବା ସୂତା ହେଉଛି କପାତୁଳା ସୂତା ଓ ପ୍ରାଣୀଠାରୁ ମିଳୁଥିବା ସୂତା ହେଉଛି ରେଶମ ସୂତା । (Silk fibre)। ଅବଶ୍ୟ ଶୀତଦିନ ପାଇଁ କିଛିମାତ୍ରାରେ ମେଣ୍ଢାଆଦି ପ୍ରାଣୀମାନଙ୍କ ଲୋମରୁ ପଶମବସ୍ତ୍ର ମଧ୍ୟ ପ୍ରସ୍ତୁତ ହୋଇଥାଏ ।

ଆମେ ଯେତେ ପ୍ରକାର ପ୍ରାକୃତିକ ତନ୍ତୁରୁ ପୋଷାକ ତିଆରି କରୁ ସେ ମଧ୍ୟରେ ରେଶମତନ୍ତୁ ସବୁଠାରୁ ମୂଲ୍ୟବାନ୍ ଓ ଦାମିକା । ଏ ପ୍ରକାର ଲୁଗା, ପୋଷାକ ଓ ଚଦର ଆଦିର ବ୍ୟବହାର ମଧ୍ୟ ସୀମିତ ; ବିଶେଷ କରି ପର୍ବପର୍ବାଣୀ, ବିବାହ ଓ ବ୍ରତ ଆଦି ଦିବସରେ ଏହାର ବ୍ୟବହାର କରାଯାଇଥାଏ । ଏ ରେଶମ (Silk) ଚାରି ପ୍ରକାର :(୧) ମଲ୍‌ବେରୀ, (୨) ଏଣ୍ଡି, (୩) ଟସର ଓ (୪) ମୁଗା । ମଲ୍‌ବେରୀ ରେଶମ ବହୁଳ ପରିମାଣରେ ଭାରତରେ ଚାଷ କରାଯାଉଥିବା ସ୍ଥଳେ ଅନ୍ୟ ତିନି ପ୍ରକାର ରେଶମର ପରିମାଣ ଭାରତରେ ଅପେକ୍ଷାକୃତ କମ୍ । ମୁଗା ରେଶମ ପୃଥିବୀ ମଧ୍ୟରେ କେବଳ ଭାରତର ଆସାମ ଓ ତାହାର ଆଖପାଖ ଅଞ୍ଚଳରେ ଚାଷ କରାଯାଉଥିବା ସ୍ଥଳେ ଟସର ରେଶମ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟଗୁଡ଼ିକରେ ଚାଷ କରାଯାଇଥାଏ । ଟସର ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ ଦ୍ୱିତୀୟ ଓ ଓଡ଼ିଶାର ସ୍ଥାନ ଭାରତରେ ମଧ୍ୟ ଦ୍ୱିତୀୟ । ତେଣୁ ଭାରତ ସତରେ ଟସରରେଶମ ପାଇଁ ବିଖ୍ୟାତ । ଏ ଟସରରେଶମ ସାଧାରଣ ଭାବରେ ମଠାବସ୍ତ୍ର, ମଠାକନା ବା ମଠାସୂତା ଭାବରେ ଆମଦେଶରେ ଜଣାଶୁଣା । ଏହା ଟସରମଥ୍ ଲାର୍ଭାର ପାଟିର ଲାଳ ।

ଅନେକ ସମୟରେ ଆମ ବାଡ଼ିବଗିଚ୍ଚାରେ ଉଡ଼ିବୁଲୁଥିବା ପ୍ରଜାପତି ପରି ଟସରସୂତା ମିଳିଥାଏ ଟସର ମଥ୍‌ଠାରୁ । ଟସର ମଥ୍‌ର ଜୀବନ ଚକ୍ରରେ ଚାରୋଟି ଅବସ୍ଥା ଦେଖାଯାଇଥାଏ—ଲାର୍ଭା (Larva), ପ୍ୟୁପା (Pupa), ପୂର୍ଣ୍ଣାଙ୍ଗ ମଥ୍ (Adult) ଓ ଅଣ୍ଡା (Egg) । ଅଣ୍ଡାଗୁଡ଼ିକ ଫୁଟିବା ପରେ ସେଥିରୁ ଲାର୍ଭାମାନେ

ବାହାରିଯାଆନ୍ତି ଓ ଅନ୍ୟ ଲାର୍ଭାମାନଙ୍କ ପରି ଟସର ଲାର୍ଭାମଧ ପେଟୁ । ତେଣୁ ସେମାନେ ଖୁବ୍ ଜୋର୍‌ରେ ଶୀଘ୍ର ଶୀଘ୍ର ଗଛର ପତ୍ର ଖାଇ ବଢ଼ିଯାଆନ୍ତି । ତାଙ୍କର ଅନେକପ୍ରକାର ଗଛର୍ ପର୍ଣ ଖାଦ୍ୟ ହେଲେ ହେଁ ମୁଖ୍ୟ ପତ୍ରଗୁଡ଼ିକ ହେଉଛି ଶାଳପତ୍ର, ଅର୍ଜୁନ ପତ୍ର ଓ ଅସନ ପତ୍ର । ଏ ଗଛର ପତ୍ରଗୁଡ଼ିକୁ ଖାଇ କ୍ରମଶଃ ତାଙ୍କ ଦେହରୁ ୪ଥର ଚୋପା ବା ଖୋଳପା ଛାଡ଼ିବା ପରେ ଛୋଟ ଲାର୍ଭାଗୁଡ଼ିକ/ କ୍ରମ ଅବସ୍ଥାରେ ପହଁଚନ୍ତି । ତା'ପରେ ଏହି ଅବସ୍ଥାରେ ଏମାନେ ଆଉ ନଖାଇ କିଛି ସମୟ ଚୁପ୍‌ଚାପ୍ ରହିଯାଆନ୍ତି । ଧୀରେ ଧୀରେ ପାଟିରୁ ଲାଳ ଝରାଇ ତାଙ୍କ ନିଜ ଚାରିପଟେ ଏକ ଆବରଣ ତିଆରି କରନ୍ତି । ଏ ଖୋଳ ବା ଆବରଣ କରିବାକୁ ପ୍ରାୟ ତିନିଦିନ ସମୟ ନେଇଥାଆନ୍ତି । ତା'ମଧ୍ୟରେ ଲାର୍ଭାଟି ରହିଥାଏ । ଆଖିକୁ ଦେଖାଯାଏ ନାହିଁ । ଆଉ ଏ ଲାର୍ଭାସହ ଆବରଣଟିକୁ କୁହାଯାଏ ପ୍ୟୁପା ଏବଂ ଆବରଣଟି ହେଉଛି କୋଷା (cocoon) । ଏ କୋଷାଟି ଗୋଟିଏ ସୂତାରେ ତିଆରି । ଖଣ୍ଡଖଣ୍ଡ ହୋଇ ନଥାଏ । ତାକୁ ଗରମ ପାଣିରେ ପକାଇ ଧୀରେ ଧୀରେ ମେସିନ୍ ସାହାଯ୍ୟରେ ଗୁଡ଼ାଇଦେଲେ ମୋଟାଏ ସୂତା ବାହାରିଯାଏ । ଏହି ସୂତାଗୁଡ଼ିକ ହେଉଛି ଟସର ରେଶମ ସୂତା ବା ମଠାସୂତା । ମଠାଲୁଗା ବା ଟସର ଲୁଗା, ଟସର ଚଦର ବା କାନ୍ଥିଆ ଚଦର ଆଦି ଏ ସୂତାରେ ପ୍ରସ୍ତୁତ । ଏଥିରୁ ଅନୁମାନ କରାଯାଇପାରେ ଯେ ସତରେ ଆମେ ଯେଉଁ ଆଗ୍ରହରେ ମଠାବସ୍ତ୍ର ବ୍ୟବହାର କରୁ, ତାହା ହେଉଛି ଟସର ମଥ୍ ବା ଟସର ଲାର୍ଭାର ଲାଳରୁ ତିଆରି କୋଷାର ସୂତା । ବାସ୍ତବିକ୍ କି ଅଦ୍ଭୁତ ଏ ଜିନିଷ ! ପ୍ରକୃତି କି ସୁନ୍ଦର ଭାବରେ ଏ ପ୍ରାଣୀଟିକୁ ଶିକ୍ଷା ଦେଇଛି ଏପରି ତିଆରି କରିବାକୁ !! ଘଟଣା ହେଉଛି ଯେ ଏ କୋଷାଟି ତିଆରି ହୋଇଥାଏ ପ୍ରାଣୀ ବା ପ୍ୟୁପାଟି ତା ମଧ୍ୟରେ ନିରାପଦରେ କିଛିଦିନ କାଟି ପୁଣି ମଥ ହୋଇ ବାହାରିବା ପାଇଁ । ଆମେ ନିଷ୍ଠୁର ଭାବରେ ଏ ପ୍ୟୁପାଗୁଡ଼ିକୁ କୋଷାମଧ୍ୟରେ ମାରି ତା' କୋଷାରୁ ସୂତା ବାହାର କରି ଲୁଗା ଓ ବିଭିନ୍ନ ପ୍ରକାର ବସ୍ତ୍ର ପିନ୍ଧି ଗର୍ବିତ ଅନୁଭବ କରିଥାଉ । ଅବଶ୍ୟ ବର୍ତ୍ତମାନ ବୈଜ୍ଞାନିକମାନେ ପ୍ୟୁପା ନମାରି କୋଷାରୁ କିପରି ସୂତା ସଂଗ୍ରହ କରାଯାଇ ପାରିବ ସେଥିପାଇଁ ଚିନ୍ତା ଓ ଗବେଷଣା କରୁଛନ୍ତି ।

## ଟସର ଜଙ୍ଗଲ ଓ ଟସର ଚାଷ

ଟସର ଲାର୍ଭାଗୁଡ଼ିକ 'ଖାଦ୍ୟ ହିସାବରେ ଗ୍ରହଣ କରିଥାଏ ଶାଳ, ଅସନ, ଅର୍ଜୁନ, ବରକୋଳି ଓ ସିଦ୍ଧ ଆଦି ବଡ଼ ବଡ଼ ଗଛମାନଙ୍କର ପତ୍ରଗୁଡ଼ିକ । ତେଣୁ ପ୍ରାକୃତିକ ଅବସ୍ଥାରେ ଦେଖିଲେ ସେମାନେ ସାଧାରଣତଃ ବଡ଼ବଡ଼ ଗଛ ଅର୍ଥାତ୍, ଶାଳ, ଅସନ ଓ ଅର୍ଜୁନ ଆଦି ଜଙ୍ଗଲରେ ଦେଖାଯାଆନ୍ତି ବା ଚାଷ କରାଯାଏ । ବିଶେଷ କରି ମନୁଷ୍ୟ ଜଙ୍ଗଲରେ ବସବାସ ଆରମ୍ଭ କଲାପରେ ଏହା ପର୍ଯ୍ୟବେକ୍ଷଣ କରି ବର୍ତ୍ତମାନ ଜଙ୍ଗଲରେ ରହୁଥିବା ମନୁଷ୍ୟମାନେ ଏହି ବଡ଼ବଡ଼ ଗଛରୁ କୋଷା ସଂଗ୍ରହ କରି କୋଷା ବିକ୍ରୟ କରନ୍ତି ଓ କିଛି କୋଷାକୁ ବିହନ ଭାବରେ ରଖି (Seed Cocoon) ପୁଣି ସେ କୋଷା ମଧ୍ୟରୁ ମଥ୍ ବାହାର କରି ଓ ଅଣ୍ଡା ସଂଗ୍ରହ କରି ଅନ୍ୟ ଚାଷ ପରି ପୁନର୍ବାର ଚାଷ ଆରମ୍ଭ କରନ୍ତି । ବର୍ଷକୁ ସାଧାରଣତଃ ତିନିଥର ଏପ୍ରକାର ଚାଷ କରାଯାଏ—ବର୍ଷା, ବସନ୍ତ ଓ ଶୀତଋତୁ ଏ ଚାଷ ପାଇଁ ଅନୁକୂଳ ହୋଇଥାଏ । ଅଣ୍ଡାଗୁଡ଼ିକୁ ଚାଷ କୋଠରୀ (Grainage house) ମଧ୍ୟରେ ଫୁଟାଇ ତାପରେ ଲାର୍ଭାଗୁଡ଼ିକୁ ପାଖରେ ଥିବା ଜଙ୍ଗଲର ଗଛଡ଼ାଳରେ ଛାଡ଼ିଦିଅନ୍ତି । ଲାର୍ଭାଗୁଡ଼ିକ ପତ୍ର ଖାଇଖାଇ ପୁଣି ସେହି ଗଛଡ଼ାଳରେ କୋଷା ତିଆରିରେ ଲାଗିପଡ଼ନ୍ତି । ତେଣୁ ଟସରଚାଷ ପାଇଁ ଗଛର ଆବଶ୍ୟକତା ରହିଛି । ଟସର ଜଙ୍ଗଲ ଅର୍ଥାତ୍ ଶାଳଜଙ୍ଗଲ, ଅସନ ଜଙ୍ଗଲ ବା ଅର୍ଜୁନଗଛର ଜଙ୍ଗଲ ହିଁ ଏଚାଷ ପାଇଁ ଆବଶ୍ୟକ । ଏ ଜଙ୍ଗଲ ନରହିଲେ ଏ ପ୍ରକାର ଜଙ୍ଗଲିରେଶମ ଚାଷ ସମ୍ଭବ ଆଦୌ ନୁହେଁ । ବର୍ତ୍ତମାନ ଦେଖାଯାଉଛି ଯେ ଜଙ୍ଗଲର ପରିମାଣ କ୍ରମଶଃ ଲୋପ ପାଇପାଇ ଯାଉଛି । ଲୋକସଂଖ୍ୟା ବୃଦ୍ଧି ପାଉଛି, କଳ କାରଖାନା ଓ ବନ୍ଧ ଆଦି ଗଢ଼ିଉଠୁଛି । ସେଥିପାଇଁ ଏପ୍ରକାର ଚାଷ ଧୀରେ ଧୀରେ କମିବାରେ ଲାଗିଛି । ଆଧୁନିକ ମନୁଷ୍ୟ ସଭ୍ୟତାର ପ୍ରସାର ଦିଗରେ ଆଗେଇଯାଇ ଭୁଲିଯାଉଛି ସେ ପ୍ରାକୃତିକ ଜଙ୍ଗଲ ଓ ପ୍ରକୃତି ମଧ୍ୟରେ ରହୁଥିବା ପ୍ରାଣୀରାଜି । ପ୍ରାକୃତିକ ଜଙ୍ଗଲ ଓ ପ୍ରାକୃତିକ ପରିବେଶର ଅବକ୍ଷୟ ହିଁ ଟସରଚାଷ କ୍ଷତିକୁ ଠେଲିଦେଇଛି ସନ୍ଦେହକୁ—ଏ ଚାଷ ରହିପାରିବ କି ନାହିଁ । ଏହିଭଳି ଅବକ୍ଷୟ ଲାଗିରହିଲେ ଏ ଚାଷ, ଏ ମଥ୍ ଓ ଟସର ଲାର୍ଭା ଡ଼ାଇନୋସୋର ପରି ନିଶ୍ଚୟ ଲୋପ ପାଇଯିବେ ବା ସମ୍ପୂର୍ଣ୍ଣ ସଂକୁଚିତ ହୋଇଯିବ ଏମାନଙ୍କର ସଂଖ୍ୟା । ଟସରଲାର୍ଭା ଓ ଟସର ଜଙ୍ଗଲ ଓତଃପ୍ରୋତ ଭାବରେ ଜଡ଼ିତ ହେତୁ ଜଙ୍ଗଲ ହିଁ ରଖିବା ଜରୁରୀ । ଦୀର୍ଘ ୨୫ ବର୍ଷ ମଧ୍ୟରେ ଟସରଚାଷ, ଚାଷୀ, ଗଛ ଓ ଗ୍ରାମର ସଂଖ୍ୟା ଅନେକ କମିଛି ।

## ଟସର ଜଙ୍ଗଲ କ୍ଷୟର କାରଣ ଓ ସୁରକ୍ଷାର ଉପାୟ

ଜଙ୍ଗଲ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି । ଅରଣ୍ୟ ପ୍ରକୃତିର ବାସ୍ତବିକ ଏକ ଜୀବନ୍ତ ଆଲେଖ୍ୟ । ସଭ୍ୟତାର ପ୍ରସାର ଓ ପ୍ରସ୍ଥର ହିଁ ଏହି ଜଙ୍ଗଲରୁ । ବୈଦିକ ଯୁଗରେ ବୋଧହୁଏ ଏଥିପାଇଁ ଚାରିଆଡ଼େ ଘଞ୍ଚଅରଣ୍ୟାନି ଘେରି ରହିଥିଲା ଏବଂ ଆମେ ଥିଲୁ ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଋକ୍‌ବେଦ ଓ ଅଥର୍ବ ବେଦରେ ଅରଣ୍ୟର ପ୍ରାଧାନ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ମୁନିଋଷି, ଗୁରୁକୁଳ ଆଶ୍ରମ ହିଁ ଏହି ଅରଣ୍ୟ କୋଡ଼ ମଧ୍ୟରେ ଥିଲା । ଅରଣ୍ୟ ଉପରେ ବାୟୁ, ଜଳ ଓ ବର୍ଷା ନିର୍ଭରଶୀଳ ଏବଂ ତାହା ହିଁ କୃଷିର ଜନ୍ମ । ଅରଣ୍ୟର ଏତେ ଉପକାର, ଏତେ ପ୍ରାଧାନ୍ୟ ଥାଉ, ମନୁଷ୍ୟ ଜାଣି ଓ ଉପଲବ୍ଧି କରି ମଧ୍ୟ ଦ୍ରୁତ ଅବକ୍ଷୟକୁ ଆଗେଇ ... ଛି ଓ ନେଉଛି ମଧ୍ୟ । ଏହାର କାରଣ କଅଣ ?

ଜଙ୍ଗଲ କ୍ଷୟର ମୁଖ୍ୟ କାରଣଗୁଡ଼ିକ ହେଉଛି : (୧) ଦ୍ରୁତ ଜନସଂଖ୍ୟା ବୃଦ୍ଧି (୨) ଗୃହପାଳିତ ପଶୁମାନଙ୍କର କ୍ରମାଗତ ସଂଖ୍ୟା ବୃଦ୍ଧି ଓ ଗୋ ଚାରଣ (୩) ଜଙ୍ଗଲରେ ନିଆଁ ଲଗାଇଦେବା (୪) ଜଙ୍ଗଲରୁ କାଠ ଓ ଅନ୍ୟାନ୍ୟ ଜିନିଷ ଚୋରି (୫) ଜଙ୍ଗଲଜମି ଜବର ଦଖଲ (୬) ପୋଡୁଚାଷ । ଏ ସମସ୍ତ ମୁଖ୍ୟ କାରଣ ଛଡ଼ା ମନୁଷ୍ୟକୃତ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ହେଉଛି (୧) ଶିଳ୍ପୀକରଣ (Idustrialisation) (୨) ସହରୀକରଣ (Urbanisation) (୩) ରାସ୍ତା ଓ ବନ୍ଧ ନିର୍ମାଣ (Road and Dam Construction) । ହଁ ଏଗୁଡ଼ିକ ଆବଶ୍ୟକ । ତିଆରି ହେଉ, କିନ୍ତୁ ଜଙ୍ଗଲ ଯେତିକି ପରିମାଣରେ ଆବଶ୍ୟକ ଅନ୍ତତଃ ସେତିକି ପରିମାଣରେ ଅନ୍ୟ ସ୍ଥାନରେ ସୃଷ୍ଟି କରିବା ଦିଗରେ ଧ୍ୟାନ ଦିଆଯିବା ବିଧେୟ । ଅବଶ୍ୟ ଏ ଦିଗରେ ରାଜ୍ୟସରକାର ବନ ମହୋତ୍ସବ ପାଳନ, ବିଶ୍ୱ ପରିବେଶ ଦିବସ ପାଳନ, ବିଶ୍ୱ ଜଙ୍ଗଲ ଦିବସ ପାଳନ ଓ ବନ୍ୟପ୍ରାଣୀ ସପ୍ତାହ ଇତ୍ୟାଦି ପାଳନ କରାଯାଇ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରାଯାଉଛି ତଥା ସାମାଜିକ ବନପ୍ରକଳ୍ପ (Social Forestry) ମାଧ୍ୟମରେ ବୃକ୍ଷରୋପଣ କରାଗଲେ ମଧ୍ୟ ଆବଶ୍ୟକୀୟ ଜଙ୍ଗଲ ସୃଷ୍ଟି ହୋଇପାରୁ ନାହିଁ । ସେଥିପାଇଁ ଯେଉଁ ପଦକ୍ଷେପ ଲୋଡ଼ା ତାହା ହେଉଛି (୧) ରହିଥିବା ଜଙ୍ଗଲକୁ କଡ଼ାକଡ଼ି ରକ୍ଷାକରିବା (୨) ଉପଯୁକ୍ତ ଗଛଗୁଡ଼ିକ ସାମାଜିକ ପ୍ରକଳ୍ପ ମାଧ୍ୟମରେ ଲଗାଇବା (୩) ଶିଳ୍ପୀକରଣକୁ ସ୍ଥିର ରଖିବା (୪) ପୋଡୁଚାଷ ନିଷେଧ କରିବା (୫) ଜବର - ଦଖଲ ଜଙ୍ଗଲକୁ ଉଚ୍ଛେଦ କରିବା (୬) ଜଙ୍ଗଲ ପୋଡ଼ି ବନ୍ଦ କରିବା ଓ (୭) ସର୍ବୋପରି ଜନସଂଖ୍ୟାକୁ ସମ୍ପୂର୍ଣ୍ଣ ଭାବରେ କଡ଼ାକଡ଼ି ନିୟନ୍ତ୍ରଣ କରିବା ।

## ନିରନ୍ତର ବିକାଶରେ ଟସର ଚାଷ

ଟସର ଏକ ବହୁ ଆଦିମ ଜଙ୍ଗଲ ଚାଷ (age old agrobased cultivation) । ମନୁଷ୍ୟ ଜଙ୍ଗଲରେ ରହି ଏହି ଚାଷ କରିବା ତା'ର ଏକ ପେଷା ହୋଇଥିଲା । ଜଙ୍ଗଲକୁ ଜଗି ରଖୁଥିଲା—ବଞ୍ଚାଇ ଥିଲା ଓ ଜଙ୍ଗଲ ଥିବାରୁ ଏ ଚାଷ ବର୍ଷକୁ ତିନିଥର ଲାଗିପଡ଼ି କରିଆସୁଥିଲା । ସେଠାରୁ ଜାଳେଣି କାଠ ପାଉଥିଲା । ଟସର ଜଙ୍ଗଲରେ ଟସର ପୋକ ଛାଡ଼ି ଅନ୍ୟାନ୍ୟ ଚାଷ ପରି ଏ ଟସରଚାଷ ମଧ୍ୟ ନିୟମିତ କରିବା ଥିଲା ଜଙ୍ଗଲୀ ମନୁଷ୍ୟର କାର୍ଯ୍ୟ । କୋଷାରୁ ସ୍ତ୍ରୀମାନେ ସୂତା କାଟୁଥିଲେ—ଲୁଗା ବୁଣୁଥିଲେ—ଲୁଗା ବୁଣି ପେଟ ପୋଷୁଥିଲେ । ତେଣୁ ସେମାନେ ସେହି ଜଙ୍ଗଲ ଛାଡ଼ି ଯାଉନଥିଲେ ଅନ୍ୟମାନଙ୍କୁ । କହିବାକୁ ଗଲେ ସେହିମାନେ ଥିଲେ ଜଙ୍ଗଲର ରକ୍ଷାକବଚ । ଅନ୍ୟ ଲୋକମାନଙ୍କ ଶୋଷଣ ଯୋଗୁ ହେଉ ବା ପଇସା ଲୋଭରେ ଜଙ୍ଗଲବାସୀ ହୁଅନ୍ତୁ · ସେହି ଜଙ୍ଗଲବାସୀ ବର୍ତ୍ତମାନ ସହରକୁ ଆସେଇ ଆସିଲେ ଓ ଜଙ୍ଗଲକୁ ସଫା କରିଦେଇ ସହର ଲୋକମାନଙ୍କୁ କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ବିକିଲେ । ଜଙ୍ଗଲ କ୍ରମଶଃ ସଂକୁଚିତ ହୋଇ ଲୋପ ପାଇବାକୁ ବସିଲା । ଘଟଣା ହେଲା ଜଙ୍ଗଲ ଥିଲା ସେହି ଜଙ୍ଗଲୀ ମନୁଷ୍ୟର ଜୀବନ ଓ ତା'ର ବିକାଶ ପାଇଁ ଏକ ସର୍ବଶ୍ରେଷ୍ଠ ଉତ୍ସ (Jungle was the vital source of sustainable development) । ବର୍ତ୍ତମାନ ସେ ବିକାଶ ଆଉ ସମ୍ଭବ ନୁହେଁ ।

ଏ ସବୁ କଥା ବିଶ୍ଳେଷଣକୁ ନେଲେ ଆମେ କଅଣ ଚୁପ୍ ରହିଯିବା ? ଏ ଉପାଦେୟ ରେଶମ କଥା ଭୁଲିଯିବା ? ଜଙ୍ଗଲ ସୃଷ୍ଟିକରି, ଅନାବାଦି ଓ ଅବ୍ୟବହୃତ ଜମିକୁ ନେଇ ଜଙ୍ଗଲ ତିଆରି କରି ଚାଷୀମାନଙ୍କୁ ପ୍ରୋତ୍ସାହନ ଦେଇ, ବିହନ ଯୋଗାଇ ଓ ଫଳପ୍ରଦ ଚାଷ ପ୍ରଣାଳୀ ଶିଖାଇ ଏ ରେଶମ ଚାଷକୁ ବଞ୍ଚାଇ ରଖି ତା'ର ଅଭିବୃଦ୍ଧି ଦିଗରେ ଆମେ ସମସ୍ତେ ଚେଷ୍ଟିତ ହେବା ବାଞ୍ଛନୀୟ । ସରକାରଙ୍କୁ ଏ ଦିଗରେ ଅବଗତ କରାଇ ଏ ଚାଷପ୍ରତି ମନଦେବା ନିହାତି ଜରୁରୀ ।

ଶାଳ ଜଙ୍ଗଲ, ଅସନ ଜଙ୍ଗଲ ଓ ଅର୍ଜ୍ଜୁନଗଛର ଜଙ୍ଗଲ ସୃଷ୍ଟି କଲେ ଏ ମଥ୍ ଆସି ଆପେ ଆପେ ପୁଣି ଅଣ୍ଡାଦେଇ ତାଙ୍କ ବଂଶବିସ୍ତାରରେ ଲାଗି ଯିବେ ଓ ଆମେ ସମସ୍ତେ ପୁରୁଣାଚାଷ ପରି ରେଶମବସ୍ତ୍ରକୁ ପିନ୍ଧିବା ସମ୍ଭବ ହେବ ଓ ପୁଣି ରାମାୟଣରେ ବର୍ଣ୍ଣିତ ସୀତାଙ୍କ ବ୍ୟବହୃତ "ଅମ୍ଳାନବସ୍ତ୍ର" (ରେଶମ ବସ୍ତ୍ର) ଘଟଣା ଆମ ଆଖିଆଗରେ ଝଲକି ଉଠିବ । ନଚେତ୍ ଏକଥା ,ଆମେ ସମସ୍ତେ ଭୁଲିଯିବା ସ୍ୱପ୍ନ ହୋଇଯିବ ଏ "ରେଶମ ବସ୍ତ୍ର" । ଏ ଚାଷ, ଏ ରେଶମ, ଏ ମଠା ଓ ଏ ମଠାପୋକ ବା ମଥ୍‌କୁ ନ ବଞ୍ଚାଇବା କାହିଁକି ?

ପ୍ରାଧ୍ୟାପକ,
ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର–୭୫୧୦୦୪

# ସଫଳ କାହାଣୀ

## ଓମ୍‌ଫେଡ୍ ଦୁଗ୍ଧ ବନ୍ୟା ଯୋଜନାରେ ନିଭରଣ ଗ୍ରାମ ଆତ୍ମନିର୍ଭରଶୀଳ

ଗାଁଟିର ନାମ ନିଭରଣ । ପୁରୀ ଓ କଟକ ଜିଲ୍ଲାର ସୀମାନ୍ତବର୍ତ୍ତୀ ଗ୍ରାମ । ଏହି ଗ୍ରାମର ଅଧିବାସୀମାନେ ଧାନ କାଟନ୍ତି କଟକ ଜିଲ୍ଲାରେ କିନ୍ତୁ ସେମାନଙ୍କର ବାଡ଼ି ପୁରୀ ଜିଲ୍ଲାରେ । ନିଆଳୀ ବ୍ଲକ ବିନିଶପୁର ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମର ଯୋଗାଯୋଗ ଅବସ୍ଥା ସେତେ ଭଲ ନୁହେଁ । କଟକ ଜିଲ୍ଲାର ଏହା ଶେଷ ଗ୍ରାମ । ଗ୍ରାମର ନବେ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି । ଗ୍ରାମର ୮ ଜଣ ଲୋକ ମିଶି ୨୭–୧୧–୧୯୯୨ ମସିହାରେ ଗ୍ରାମେଶ୍ୱର ଦୁଗ୍ଧ ଉତ୍ପାଦକ ସମବାୟ ଲିଃ ଆରମ୍ଭ କରିଥିଲେ । ସେତେବେଳେ ଗ୍ରାମବାସୀମାନେ ପ୍ରଥମେ ଅବିଶ୍ୱାସ କରି ସେମାନଙ୍କ ସହିତ ବିଶେଷ ସହଯୋଗ କରି ନଥିଲେ । ପ୍ରଥମ ଦିନ କେବଳ ୧୦ ଲିଟର କ୍ଷୀରରୁ ଏହି ସମିତି କାର୍ଯ୍ୟ ଆରମ୍ଭ କରିଥିଲା । ୧୯୯୫ ମସିହାରେ ଏହି ସମବାୟ ସମିତି ସରକାରୀ ରେଜେଷ୍ଟ୍ରିଭୁକ୍ତ ହୋଇଥିଲା । ଏହାର ରେଜିଷ୍ଟ୍ରେସନ ନମ୍ବର ୩୯୯୮/୯୫ ଅଟେ । ବର୍ତ୍ତମାନ ଏହାର ସଭ୍ୟ ସଂଖ୍ୟା ୧୪୦ । ସେଥିରୁ ୧୩୦ ଜଣ ପୁରୁଷ ଓ ୧୦ ଜଣ ମହିଳା । ବର୍ତ୍ତମାନ ପ୍ରତିଦିନ ୨୮୦ ଲିଟର ଦୁଗ୍ଧ ସଂଗୃହୀତ ହେଉଛି । ଯାହାର ଆନୁମାନିକ ମୂଲ୍ୟ ୨୩୨୪ ଟଙ୍କା । ମାସିକ ୬୯ ହଜାର ୭୨୦ ଟଙ୍କା ଏବଂ ବାର୍ଷିକ ୮ ଲକ୍ଷ ୩୬ ହଜାର ୬୪୦ ଟଙ୍କା ଏହି ସମବାୟ ସମିତି କାରବାର କରୁଅଛି । ଏହି ସମିତିରେ ୨ ଜଣ ସ୍ନାତକ ସମ୍ପାଦକ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି । ପ୍ରତିଦିନ ୨ ଜଣ ଦୁଗ୍ଧବାହକ ୨ଥର ନିମାପଡ଼ା ଓମ୍‌ଫେଡ୍ ଚିଲିଂ ପ୍ଲାଣ୍ଟକୁ ଏହି କ୍ଷୀର ନେଇ ଯୋଗାଇଥାନ୍ତି । ବର୍ତ୍ତମାନ ଏହି ସମିତିର ୫୦,୦୦୦ ଟଙ୍କା ନିକଟସ୍ଥ ଏକ ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ରହିଛି । ସରକାର ସେହି ଗ୍ରାମର ପ୍ରତ୍ୟେକ କୃଷୀଙ୍କୁ ୧୦,୦୦୦ ଟଙ୍କା ଆର୍ଥିକ ସାହାଯ୍ୟ ସମବାୟ ସମିତି ଓ ଜାତୀୟକରଣ ବ୍ୟାଙ୍କ ଗ୍ୟାରେଣ୍ଟି ଯୋଗୁଁ ପ୍ରଦାନ କରିଅଛନ୍ତି । ଯେଉଁ ଗ୍ରାମଦିନେ ଘୋର ଅର୍ଥନୈତିକ ଦୁରବସ୍ଥାରେ ଥିଲା ତାହା ଆଜି ଏହି ସମବାୟ ସମିତି ସହାୟତାରେ ଆତ୍ମନିର୍ଭରଶୀଳ ହୋଇପାରିଛି ଓ ପ୍ରତ୍ୟେକ ଗ୍ରାମବାସୀ ଆର୍ଥିକ ସ୍ଥିତାବସ୍ଥା ବଜାୟ ରଖିପାରିଛନ୍ତି । ଏହି ଗ୍ରାମର ଅଧିବାସୀ ମୁଖ୍ୟତଃ ପୁରୀ ଜିଲ୍ଲା ଉପରେ ସେମାନଙ୍କର ଦ୍ରବ୍ୟ ବିକ୍ରୟ ଓ ଶିକ୍ଷା ପାଇଁ ନିର୍ଭର କରିଥାନ୍ତି । ଆଜି ପ୍ରତ୍ୟେକ ଗ୍ରାମବାସୀ ମୁଖରେ ଗୋଟିଏ କଥା—ସମବାୟ ସମିତି ଆମକୁ ଅନ୍ଧକାରରୁ ଆଲୋକ ଦେଖାଇଲା । ଏକ ଆନୁମାନିକ ହିସାବରୁ ଜଣାଯାଇଛି, ଏହି ଗ୍ରାମର ଗୋଟିଏ ଗାଈ ଦୈନିକ ୨୨ ଲିଟର କ୍ଷୀର ଦେଇଥାଏ । ନିଭରଣ ଗ୍ରାମବାସୀ ଓମ୍‌ଫେଡ୍ ଦୁଗ୍ଧ ବନ୍ୟା ଯୋଜନାରେ ସମବାୟ ସମିତି ମାଧ୍ୟମରେ ଆଜି ଆତ୍ମନିର୍ଭରଶୀଳ ।

---

**ଶ୍ରୀ ଗଗନ ନାୟକ,**
**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କଟକ**

## ଆତ୍ମବିଶ୍ୱାସରୁ ଆତ୍ମନିଯୁକ୍ତି

ମନୋଜ କୁମାର ମିଶ୍ର ଜଣେ ୨୭ ବର୍ଷୀୟ ଶିକ୍ଷିତ ଯୁବକ ! ସ୍ନାତକ ଡିଗ୍ରୀ ଶେଷ କରି ବେକାରୀ ସମସ୍ୟାର ମୁକାବିଲା ପାଇଁ ନିଜକୁ ମାନସିକ ଭାବେ ପ୍ରସ୍ତୁତ କରିନେଲେ । ମହାବିଦ୍ୟାଳୟ ଶିକ୍ଷା ଶେଷ ପରେ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଇଲେକ୍‌ଟ୍ରୋନିକ୍ସରେ ଡିପ୍ଲୋମା କୋର୍ସ କରିବା ପରେ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମନିଯୁକ୍ତି ଯୋଜନାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଫୁଲବାଣୀ ଜରିଆରେ ଅର୍ଥ ସହାୟତା ପାଇଁ ଋଣ ଆବେଦନ କଲେ । ମନୋଜଙ୍କ ଉତ୍ସାହ ଓ ଆଗ୍ରହ ଦେଖି କର୍ତ୍ତୃପକ୍ଷ ୧୯୯୨ ମସିହାରେ ତାଙ୍କ ନାମରେ ୨୧,୦୦୦ ଟଙ୍କାର ଏକ ଋଣ ମଞ୍ଜୁର କଲେ । ମନୋଜ ଏହି ଋଣ ଟଙ୍କାରେ ଗୋଟିଏ ଟେଲିଭିଜନ ମରାମତି ଦୋକାନ ଆରମ୍ଭ କଲେ । ନିଜର ନିଷ୍ଠା ଓ ଉଦ୍ୟମ ଫଳରେ ଦୋକାନଟିର ଆସ୍ତେ ଆସ୍ତେ ଉନ୍ନତି ହେଲା । ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଲା । ସେ ଟେଲିଭିଜନ୍ ଓ ଟେପ୍ ରେକର୍ଡ଼ର ମରାମତି କାର୍ଯ୍ୟ ସହିତ କ୍ୟାସେଟ ମଧ୍ୟ ବିକ୍ରୀ କଲେ । ତାଙ୍କ ଲାଭ ଦିନକୁ ଦିନ ବଢ଼ିଲା ।

ସେ ତାଙ୍କର ସମସ୍ତ ଋଣ କିସ୍ତି ଆସ୍ତେ ଆସ୍ତେ ୩ ବର୍ଷ ମଧ୍ୟରେ ପରିଶୋଧ କରିଛନ୍ତି । ବର୍ତ୍ତମାନର ମନୋଜ ଇଲେକ୍ଟ୍ରୋନିକ୍ସ ଦୋକାନଟି ସମ୍ପୂର୍ଣ୍ଣ ନିଜର । ସେ ସହରର ମୁଖ୍ୟ ରାସ୍ତା କଡ଼ରେ ଗୋଟିଏ ଦୋକାନ ପାଇଁ ମାସିକ ୬୫୦ ଟଙ୍କା ଭଡ଼ା ଦେଇ ଏକ ଘର ଭଡ଼ା ନେଇଛନ୍ତି । ବର୍ତ୍ତମାନ ସେ ନିଜର ଦୋକାନ ଓ ବ୍ୟବସାୟ ଖୁବ୍ ସଫଳତାର ସହିତ ଚଳାଇ ରଖିଛନ୍ତି । ତାଙ୍କର ମାସିକ ଆୟ ୩,୦୦୦ରୁ ଊର୍ଦ୍ଧ୍ୱ । ଦୋକାନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ରହିଛି ।

ଆତ୍ମବିଶ୍ୱାସୀ ମନୋଜଙ୍କର ଉତ୍ସାହ ଓ ଆଗ୍ରହ ଆତ୍ମନିଯୁକ୍ତି ପାଇଁ ତାଙ୍କୁ ବାଟ ଦେଖାଇଛି । ସରକାରଙ୍କ ସହାୟତା ପାଇ ସେ ସଫଳତାର ସହ ଅଭ୍ୟୁତ୍ଥାନ ହୋଇ ପାରିଛନ୍ତି । ସମାଜର ଆଦିବାସୀ ହରିଜନ ଓ ଶିକ୍ଷିତ ଯୁବକମାନେ ହତୋତ୍ସାହ ନହୋଇ ଆତ୍ମବିଶ୍ୱାସ ରଖିଲେ, ସରକାରଙ୍କ ବିଭିନ୍ନ ଯୋଜନାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ନେହେରୁ ରୋଜଗାର ଯୋଜନା ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ଜାତୀୟକରଣ ବ୍ୟାଙ୍କର ସହାୟତା ଲାଭ କରି ନିଜକୁ ସଫଳ ରୋଜଗାରକ୍ଷମ ଯୁବକ ଭାବେ ପ୍ରତିଷ୍ଠା କରିପାରିବେ ।

---

ମିଃ ପ୍ରଧାନ,
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
କନ୍ଧମାଳ, ଫୁଲବାଣୀ

## ମରୁଡ଼ିକୁ ଆଉ ନାହିଁ ଡର

ଖରିଆର ପଞ୍ଚାୟତ ସମିତି ଅଧୀନସ୍ଥ ଖାସ୍‌ବାହାଲ ଗ୍ରାମର ଜଣେ କ୍ଷୁଦ୍ର କୃଷୀ ଶ୍ରୀ ଗଙ୍ଗାଧର ଶବର । ଚିର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ହୋଇଥିବାରୁ କୃଷିରୁ ଆଦୌ ତାଙ୍କର ଫସଲ ଉତ୍ପାଦନ ହୁଏନାହିଁ । ୧୯୯୧ ମସିହାରେ ଗ୍ରାମସେବକଙ୍କ ସହାୟତାରେ ଖରିଆର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପିଃ ଏଃ ବାବୁଙ୍କ ପରାମର୍ଶ କ୍ରମେ ଗ୍ରାମସଭାରେ ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନାରେ ଗଙ୍ଗାଧର ଶବରର ନାମ ସେଚ କୂପ ଖନନ ପାଇଁ ତାଲିକାଭୁକ୍ତ କରାଗଲା ତା'ପରେ ଗଙ୍ଗାଧର ଶବର ୧୩,୨୦୦ ଟଙ୍କା ନେଇ କୂପ ଖନନ କଲା ଏବଂ ସେଥିରେ ଡେଙ୍କା ସାହାଯ୍ୟରେ ପନିପରିବା ଚାଷ କଲା । ୧୯୯୩ ମସିହାରେ ପୁନଶ୍ଚ ୫–ଅଶ୍ୱ କ୍ଷମତା ବିଶିଷ୍ଟ ଏକ ଡିଜେଲ ପମ୍ପ ୫୦ ଭାଗ ସବ୍‌ସିଡ଼ିରେ ଋଣ ନେଇ ଅତ୍ୟନ୍ତ ପରିଶ୍ରମ କରି ଧାନଚାଷ ଓ ପନିପରିବା ଚାଷରେ ବ୍ରତୀ ହେଲା । ଦୃଢ଼ ମନୋବଳ ଯୋଗୁଁ ସେ ପୋଟଳ, ଲଙ୍କା, ଟମାଟୋ, ଆଦି ଚାଷରେ ମାସକୁ ହାରାହାରି ୩ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି । ଫଳରେ ତାଙ୍କୁ ଆଉ ମରୁଡ଼ିର ଭୟ ନାହିଁ । ବର୍ତ୍ତମାନ ସେ ତାଙ୍କର ପରିବାରକୁ ସୁଖରେ ଚଳାଇ ପିଲାମାନଙ୍କୁ ସ୍କୁଲରେ ପଢ଼ାଇ ପାରୁଛନ୍ତି ।

## ଇନ୍ଦିରା ଆବାସ, ରାଧାମୋହନକୁ ମିଳିଲା ବାସ

ରାଧାମୋହନ ଦଣ୍ଡସେନା ଖରିଆର ବ୍ଲକର ଦମାପାଲା ଗ୍ରାମର ଜଣେ ଗରିବ ବ୍ୟକ୍ତି । ଅର୍ଥାଭାବରୁ ଭଙ୍ଗା ଘରଟିରେ ପରିବାରବର୍ଗ ରହୁଥିଲେ । ସରକାରଙ୍କର ଇନ୍ଦିରା ଆବାସ ଯୋଜନାରେ ଘର ପାଇଁ ଟଙ୍କା ମିଳେ ବୋଲି ଶୁଣିଥିଲା । ଦିନେ ସରପଞ୍ଚଙ୍କଠାରୁ ସବୁ ବୁଝି ଏକ ଦରଖାସ୍ତ ଫର୍ମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଘର ପାଇଁ ଆର୍ଥିକ ସାହାଯ୍ୟ ସକାଶେ ଆବେଦନ କଲା । ଗ୍ରାମସଭାରେ ମଧ୍ୟ ତାହାର ନାମ ପଠାଯାଇଥିଲା । ଦଶ ହଜାର ଟଙ୍କା ମଞ୍ଜୁରୀ ପରେ ତିନି କିସ୍ତିରେ ଟଙ୍କା ନେଇ ପଥର ଓ ଇଟାରେ ମଜବୁତ୍ କରି ଘର ତିଆରି କଲା । ବର୍ତ୍ତମାନ ତା'ର ପରିବାର ଏକ ସୁନ୍ଦର ରହିବା ଉପଯୋଗୀ ଘରେ ବେଶ୍ ଆରାମରେ ରହୁଛନ୍ତି ।

## ଦୁଃଖ ଦୂର ହେଲା ବିକଳାଙ୍ଗର

ଖରିଆର ବ୍ଲକର ବିଛନା ପାଲି ଗ୍ରାମର ରୂପଧର ଦର୍ଜି ଗୋଟିଏ ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲା । ତା'ର ଜମିବାଡ଼ି ଆଦୌ ନଥିଲା । ବ୍ୟବସାୟରୁ ଯାହା ମିଳେ ସେଥିରେ ପରିବାରଟି କଷ୍ଟେ ମଷ୍ଟେ ଚଳାଉଥିଲା । କିନ୍ତୁ ୧୯୮୧ ମସିହାରେ ତା'ର ବାମ ଗୋଡ଼ ଭାଙ୍ଗିଯିବାରୁ ଗୋଡ଼ଟି କାଟିବାକୁ ପଡ଼ିଲା । ଯାହା ଟିକେ କିଛି ସଞ୍ଚୟ କରି ରଖିଥିଲା ସବୁ ଗୋଡ଼ ପିଛା ଖର୍ଚ୍ଚ ହୋଇଗଲା । ୧୯୮୭ ମସିହାରେ ହଠାତ୍ ଦିନେ ବିଛନାପାଲିର ଗ୍ରାମସେବକ ଓ କ୍ଷେତ୍ରବ୍ୟାଙ୍କ ମ୍ୟାନେଜରଙ୍କୁ ନେଇ ତା'ର ଦୁଃଖ ଜଣାଇଲା । ସେମାନେ ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନାରେ ତା'ର ନାମ ଲେଖି ରିହାତି ଦରରେ ୩,୦୦୦ ଟଙ୍କା ଋଣ କରାଇଦେଲେ । ବ୍ୟବସାୟରୁ ଅଳ୍ପବହୁତ ସଞ୍ଚୟ କରି ଋଣ ସୁଝିବା ପରେ ପୁଣି ୩,୦୦୦ ଟଙ୍କା ମିଳିଲା ଓ ତାର ଯାତାୟତ ପାଇଁ ତିନିଚକିଆ ସାଇକେଲ୍ ମିଳିଲା । ସେହି ସାଇକେଲରେ ଗାଁ ଗାଁ ବୁଲି ବ୍ୟବସାୟରେ ମନ ବଳାଇଲା । ପୁନଶ୍ଚ ୧୯୯୫ ମସିହାରେ ତା'ର ପୁଅ ଓ ସ୍ତ୍ରୀ ନାମରେ ରିହାତିଥିବା ଋଣ ଆଣି ବ୍ୟବସାୟ କରି ଋଣ ପରିଶୋଧ କଲା ଓ ନିଜର ବ୍ୟବସାୟରେ ଉନ୍ନତି ଆଣି ନିଜ ନାମରେ ଓ ସ୍ତ୍ରୀ ନାମରେ ଏ ୨.୧୪ ଡି ଜମି କିଣି ସୁଖ ଶାନ୍ତିରେ ଭବିଷ୍ୟତର ଉନ୍ନତି ସ୍ୱପ୍ନ ନେଇ ଆଗେଇ ଚାଲିଲା ।

---

ଅଶୋକ ରାଉ,
ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ, ନୂଆପଡ଼ା

# ସମ୍ବାଦ ପରିକ୍ରମା

## କଳିଙ୍ଗ ଖାରବେଳ ମହୋତ୍ସବ ପାଇଁ ବ୍ୟାପକ କାର୍ଯ୍ୟକ୍ରମ

୧୯୯୯ ଜାନୁଆରୀ ୧ ତାରିଖଠାରୁ ୨୦୦୦ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଓଡ଼ିଶାରେ କଳିଙ୍ଗ ଖାରବେଳ ବର୍ଷ ପାଳନ କରାଯିବ । ଏ ଅବସରରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ସ୍ଥାନରେ ଉତ୍ସବମାନ ଆୟୋଜିତ ହେବ । ଓଡ଼ିଶାବାସୀଙ୍କୁ ଅତୀତର ଗୌରବ ସଂପର୍କରେ ସଚେତନ କରାଇବା ସଙ୍ଗେ ସଙ୍ଗେ ଉତ୍କଳର ହୃତ ଗୌରବ ଫେରାଇ ଆଣିବା ଏହି ଉତ୍ସବର ମୂଳଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଗତ ଜାନୁଆରୀ ୨ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ କଳିଙ୍ଗ ଖାରବେଳ ବର୍ଷ ପାଳନ ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଗୋଟିଏ ସହସ୍ର ବର୍ଷକୁ ଅତିକ୍ରମ କରି ଆମେ ଆଉ ଏକ ସହସ୍ର ବର୍ଷରେ ପାଦ ଦେବାକୁ ଯାଉଛେ । ଏହି ବର୍ଷକୁ ଓଡ଼ିଆ ଜାତିର ଗର୍ବ, ସ୍ୱାଭିମାନ ଓ ଗୌରବର ବର୍ଷ ଭାବେ ପାଳନ କରାଯିବ । ୨୦୦୦ ବର୍ଷ ତଳେ କଳିଙ୍ଗର ଦିଗ୍‌ବିଜୟୀ ଚକ୍ରବର୍ତ୍ତୀ ସମ୍ରାଟ ଥିଲେ ଖାରବେଳ । ଭାରତବର୍ଷରେ ସେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ପଶ୍ଚିମରେ ଗାନ୍ଧାରଠାରୁ ଉତ୍ତରରେ ମଥୁରା, ମଗଧ ଏବଂ ଦକ୍ଷିଣରେ ମଦୁରାଇ ପର୍ଯ୍ୟନ୍ତ ସମସ୍ତ ଭାରତବର୍ଷକୁ ସେ ନିଜର କରାୟତ୍ତରେ ରଖିଥିଲେ । ଦେଶ ମଧ୍ୟରେ ଯୁଦ୍ଧ ଅଭିଯାନ ଚଳାଇ ସାମ୍ରାଜ୍ୟ ବିସ୍ତାର କରିବା କେବଳ ତାଙ୍କର ଉଦ୍ଦେଶ୍ୟ ନ ଥିଲା । ବିଦେଶୀ ଆକ୍ରମଣକୁ ମଧ୍ୟ ସେ ପ୍ରତିହତ କରିଥିଲେ । ବିଶିଷ୍ଟ ଐତିହାସିକ କେ.ପି.ଜୟସ୍ୱାଲ ବୀରତ୍ୱରେ ତାଙ୍କୁ ନେପୋଲିୟନଙ୍କ ସହିତ ତୁଳନା କରିଛନ୍ତି । ଖାରବେଳ ହେଉଛନ୍ତି ପ୍ରଥମ ସମ୍ରାଟ ଯେ କି 'ଭାରତବର୍ଷ' ଶବ୍ଦକୁ ବ୍ୟବହାର କରିଥିଲେ । ସେ ଜୈନ ଧର୍ମାବଲମ୍ବୀ ଥିଲେ ମଧ୍ୟ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖୁଥିଲେ । ଧର୍ମନିରପେକ୍ଷତାର ସେ ଜଣେ ପ୍ରମୁଖ ପ୍ରବକ୍ତା ଥିଲେ । ସେ ଯେପରି ଯୋଦ୍ଧା ଥିଲେ, ସେହିପରି ଥିଲେ ପ୍ରଜାବତ୍ସଳ । ଏହି ଅବସରରେ ସେହି ଦିଗ୍‌ବିଜୟୀ ବୀର ଓ ମହାନ୍ ସମ୍ରାଟଙ୍କୁ ସ୍ମରଣ କରାଯିବାର ଆବଶ୍ୟକତା ରହିଛି ।

ମୁଖ୍ୟମନ୍ତ୍ରୀ ଖାରବେଳ ମହୋତ୍ସବ କାର୍ଯ୍ୟକ୍ରମର ସୂଚନା ଦେଇ କହିଲେ, ଜାନୁଆରୀ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ବିଶିଷ୍ଟ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ସମାବେଶରେ ଆଲୋଚନାଚକ୍ରର ଆୟୋଜନ କରାଯିବ । ୧୫ ମାସ ଧରି ରାଜ୍ୟ ଏବଂ ଦେଶର ବିଭିନ୍ନ ସ୍ଥାନରେ ସମ୍ରାଟ ଖାରବେଳଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଓଡ଼ିଆ ପାଇକମାନଙ୍କ ସମର କୌଶଳ, ଲୋକନୃତ୍ୟ ଆଦି ପ୍ରଦର୍ଶିତ ହେବ । ଦିଲ୍ଲୀର ପ୍ରଖ୍ୟାତ ଦିଗମ୍ବର ଜୈନ ପାଠାଗାର ପରିସରରେ ଖାରବେଳ ଭବନ ନିର୍ମାଣ କରାଯିବ । ଦିଲ୍ଲୀର ଏକ ପ୍ରମୁଖ ରାଜପଥକୁ ଖାରବେଳଙ୍କ ନାମରେ ନାମିତ କରାଯିବା ଲାଗି ଉଦ୍ୟମ ହେବ । ରାଜ୍ୟର ବିଭିନ୍ନ ଜିଲ୍ଲା ଓ ପ୍ରଧାନ ସହର ଗୁଡିକରେ ଖାରବେଳଙ୍କ ସଂପର୍କରେ ଆଲୋଚନା ଚକ୍ରର ଆୟୋଜନ କରାଯିବ । ଏହି ମହୋତ୍ସବ ପାଇଁ ସର୍ବଭାରତୀୟ ଜୈନ ସଂସ୍ଥା ଋଷଭଦେବ ଫାଉଣ୍ଡେସନ ସହାୟତା କରିବ ।

ମୁଖ୍ୟମନ୍ତ୍ରୀ କହିଲେ ୧୯୯୯ ମସିହା ଓଡ଼ିଶା ପାଇଁ ଏକ କର୍ମମୁଖର ପ୍ରଗତିଶୀଳ ବର୍ଷ ହେବ । ଏହି ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯିବ । ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୩୧ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ଭୂମିହୀନଙ୍କୁ ଘର ଡିହ ଯୋଗାଇ ଦିଆଯିବ । ହଡପ୍ ହୋଇଥିବା ଆଦିବାସୀଙ୍କ ସମସ୍ତ ଜମିକୁ ଏକ ବର୍ଷ ମଧ୍ୟରେ ଫେରାଇ ଦିଆଯିବ । ଆସନ୍ତା ୨୦୦୧ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯିବ ଏବଂ ୧ ଲକ୍ଷ ନଳକୂପ ବସାଯିବ । ଚଳିତବର୍ଷ ୬ ହଜାର ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ଓ ୨୦ ହଜାର ନଳକୂପ ବସାଯିବ । ଭୂସଂସ୍କାର ଆଇନ ଓ ରାଜସ୍ୱ କୋର୍ଡକୁ ସଂଶୋଧନ କରାଯିବ ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ସହିତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଓ ଋଷଭଦେବ ଫାଉଣ୍ଡେସନର ନିର୍ଦ୍ଦେଶକ ଶ୍ରୀ ହୃଦୟନାଥ ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା : ପୂର୍ବ ଭାରତରେ ଅର୍ଥନୈତିକ ବିକାଶର ଦ୍ୱାର — ମୁଖ୍ୟମନ୍ତ୍ରୀ

ପ୍ରବାସୀ ଭାରତୀୟମାନେ ଓଡ଼ିଶାରେ ପ୍ରଚୁର ପୁଞ୍ଜି ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ କରିଛନ୍ତି ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଆନ୍ତର୍ଜାତିକ କଂଗ୍ରେସର 'ଫୋକସ୍ ଓଡ଼ିଶା' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ

ମୁଖ୍ୟମନ୍ତ୍ରୀ କହିଲେ, ପୁଂଜି ବିନିଯୋଗ ନିମନ୍ତେ ଓଡ଼ିଶା ହେଉଛି ଏକ ପ୍ରକୃଷ୍ଟ କ୍ଷେତ୍ର । ବିଦ୍ୟୁତ ଶକ୍ତି କ୍ଷେତ୍ରରେ ଏହା ଏକ ବଳକା ରାଜ୍ୟ । - ପର୍ଯ୍ୟଟନ ଆଲୁମିନିୟମ, ପେଟ୍ରୋ ରସାୟନ, ଖାଦ୍ୟ ପ୍ରକ୍ରିୟାକରଣ, କମ୍ପ୍ୟୁଟର ଏବଂ ଶିଳ୍ପିଭୂମି ଉନ୍ନୟନ କ୍ଷେତ୍ରରେ ଓଡ଼ିଶାରେ ବହୁ ସୁବିଧା ସୁଯୋଗ ରହିଛି । ତେଣୁ ଓଡ଼ିଶାରେ ପ୍ରଚୁର ପୁଂଜି ବିନିଯୋଗ ପାଇଁ ପ୍ରବାସୀ ଭାରତୀୟମାନେ ଆଗେଇ ଆସିବା ଉଚିତ୍ ।

ସେ କହିଲେ ପ୍ରବାସୀ ଚୀନାମାନେ ତାଙ୍କ ଦେଶ, ବିଶେଷତଃ ଚୀନ ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସେହିପରି ଭାରତର ଉପକୂଳ ଏବଂ ବିଶେଷ କରି ଓଡ଼ିଶାର ବିକାଶ ପାଇଁ ପ୍ରବାସୀ ଭାରତୀୟମାନେ ଏ ସମସ୍ତ ସୁବିଧା ସୁଯୋଗର ସଦୁପଯୋଗ କରିବା ଉଚିତ୍ ।

ମୁଖ୍ୟମନ୍ତ୍ରୀ କହିଲେ ଓଡ଼ିଶାରେ ଏତେ ବିଦ୍ୟୁତ୍ ଶକ୍ତି ରହିଛି ଯେ ବର୍ଷ ବର୍ଷ ଧରି ଶିଳ୍ପ ପ୍ରତିଷ୍ଠାନମାନଙ୍କୁ ଅବାଧରେ ଯୋଗାଇ ଦିଆଯାଇପାରିବ । ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ ଯୋଗୁଁ ବିଦ୍ୟୁତ୍ କ୍ଷେତ୍ରରେ ଏହି ସଫଳତା ହାସଲ ହୋଇପାରିଛି । ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରକୁ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି ।

ସେ କହିଲେ ଓଡ଼ିଶାରେ ଖଣିଜ ସମ୍ପଦ ଭରପୂର ହୋଇ ରହିଛି । ସେଥିମଧ୍ୟରେ କୋଇଲା, ଲୁହା, କ୍ରୋମାଇଟ ଓ ବକ୍ସାଇଟ ଅନ୍ତର୍ଭୁକ୍ତ । ଏଠାରେ ୪୮୦ କିଲୋମିଟରର ବ୍ୟାପୀ ସମୁଦ୍ର ଉପକୂଳର ସୁବିଧା ରହିଛି । ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଶସ୍ତାରେ ଶ୍ରମିକ, କୁଶଳୀ କାରିଗର ରହିଛନ୍ତି । ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ, ସ୍ଥିର ସରକାର ଓ ବଳିଷ୍ଠ ରାଜନୈତିକ ନେତୃତ୍ୱ ଯୋଗୁଁ ଏ ରାଜ୍ୟର ବହୁମୁଖୀ ବିକାଶ ସମ୍ଭବପର । ଏହିସବୁ କାରଣରୁ ଓଡ଼ିଶା ପୂର୍ବ ଭାରତରେ ଅର୍ଥନୈତିକ ବିକାଶର ଦ୍ୱାର ରୂପେ ଖ୍ୟାତି ।

## ନବମ ପଞ୍ଚବାର୍ଷିକ ଯୋଜନାରେ IDSMT ଯୋଜନା ଅନ୍ତର୍ଭୁକ୍ତ ହୋଇଥିବା ସହରଗୁଡିକର ଅଗ୍ରାଧିକାର ତାଲିକା

ଓଡ଼ିଶାରେ IDSMT ଯୋଜନା ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଅର୍ଥାତ ୧୯୭୯-୮୦ ମସିହାରୁ ପ୍ରଚଳିତ ହୋଇଆସୁଅଛି । ଅଦ୍ୟାବଧି ୪୦ ଗୋଟି କ୍ଷୁଦ୍ର ଓ ମଧ୍ୟମ ସହରକୁ ଉକ୍ତ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି । ଅବଶିଷ୍ଟ କ୍ଷୁଦ୍ର ଓ ମଧ୍ୟମ ସହରକୁ ଉକ୍ତ ଯୋଜନାର ପରିସରଭୁକ୍ତ ନିମିତ୍ତ ଚିହ୍ନଟ କରାଯାଇ ଅଗ୍ରାଧିକାର ଭିତ୍ତିରେ ଏକ ଚିଠା ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ପୌର ବ୍ୟାପାର ଓ ନିଯୁକ୍ତି ମନ୍ତ୍ରଣାଳୟ ନୂଆଦିଲ୍ଲୀକୁ ପ୍ରେରଣ କରାଯାଇଅଛି । ଉକ୍ତ ସହରମାନଙ୍କର ପ୍ରୋଜେକ୍ଟ ରିପୋର୍ଟ ଅନୁମୋଦନ ଓ (ପ୍ରଥମ କିସ୍ତିର) କେନ୍ଦ୍ରୀୟ ଅନୁଦାନ ମଂଜୁର ନିମନ୍ତେ ମଧ୍ୟ ଚିଠା କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରେରଣ କରାଯାଇ ସାରିଲାଣି । ନିମ୍ନରେ ନବମ ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ସମନ୍ୱିତ କ୍ଷୁଦ୍ର ଓ ମଧ୍ୟମ ସହରର ଉନ୍ନୟନ ନାମମାନ ପ୍ରଦତ୍ତ ହେଲା ଯଥା : ପଟାମୁଣ୍ଡାଇ, ଆନନ୍ଦପୁର, ସୋର, ବରପାଲି, (୧୯୯୭-୯୮) ବାଲେଶ୍ୱର, ଆସ୍କା, ବାଙ୍କୀ, କରଂଜିଆ (୧୯୯୮-୯୯), ବାଲୁଗାଁ, ଜଳେଶ୍ୱର, ରାଜଗାଙ୍ଗପୁର (୧୯୯୯-୨୦୦୦), ଚିକିଟି, ତାଳଚେର, ଗୁଣୁପୁର (୨୦୦୦-୨୦୦୧), ସୋନପୁର, ନୟାଗଡ, ରାଇରଂଗପୁର - (୨୦୦୧-୨୦୦୨)

ଇତି ମଧ୍ୟରେ ନବମ ପଞ୍ଚବାର୍ଷିକ ଯୋଜନା ଅନ୍ତର୍ଭୁକ୍ତ IDSMT ଯୋଜନା କାର୍ଯ୍ୟକ୍ରମ ୧୯୯୭-୯୮ ଓ ୧୯୯୮-୯୯ର ସହରଗୁଡିକ ମଂଜୁରୀ ପ୍ରାପ୍ତ ହୋଇ କାର୍ଯ୍ୟାରମ୍ଭ କଲାଣି ।


## କପା ସଂଗ୍ରହ ପାଇଁ ରାଜ୍ୟରେ ୧୬ଟି କେନ୍ଦ୍ର ଖୋଲାଯିବ

ଚାଷୀମାନଙ୍କଠାରୁ ଉତ୍ପାଦିତ କପା ସଂଗ୍ରହ କରିବା ପାଇଁ ରାଜ୍ୟର ସାତଗୋଟି ଜିଲ୍ଲାରେ ଚଳିତ ବର୍ଷ ୧୬ଟି ସଂଗ୍ରହ କେନ୍ଦ୍ର ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ସଂପ୍ରତି ରାଜ୍ୟ ସଚିବାଳୟଠାରେ କୃଷି ଉତ୍ପାଦନ କମିଶନର ଶ୍ରୀ ଅଭୟାନନ୍ଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କପା ଉତ୍ପାଦନ କମିଟି ବୈଠକରେ ନିଷ୍ପତ୍ତି ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ଉତ୍କେଲା, କରଲାପଡା, ବାଲିପଡା ଓ ବିଶ୍ୱନାଥପୁର, ନୂଆପଡା ଜିଲ୍ଲାର ଖଡିଆଳ, ବଲାଙ୍ଗୀର ଜିଲ୍ଲାର ଭଣ୍ଡାରୀପୋଖରୀ... ଓ ଯୋଗୀମୁଣ୍ଡା, ରାୟଗଡା ଜିଲ୍ଲାର ରାୟଗଡା, ଗୁଣପୁର ଓ ବିଶମ କଟକ, ନବରଙ୍ଗପୁର ଜିଲ୍ଲାର ଉମରକୋଟ, ରାଇଘର, ଡୁମୁରିହି, କୋରାପୁଟ ଜିଲ୍ଲାର ବଂଧୁଗାଁ ଏବଂ ଗଂଜାମ ଜିଲ୍ଲାର ଦିଗପହଣ୍ଡିଠାରେ ଥିବା ନିୟନ୍ତ୍ରିତ ବଜାର କମିଟିର ୟାର୍ଡମାନଙ୍କରେ କପା ସଂଗ୍ରହକେନ୍ଦ୍ର ଖୋଲାଯିବ । ଭାରତୀୟ କପାନିଗମ, କର୍‌ପେଡ ତଥା ଅନ୍ୟାନ୍ୟ ସଂଗ୍ରହକାରୀ ସଂସ୍ଥାମାନେ ରାଜ୍ୟ କୃଷି ବିପଣନ ନିର୍ଦ୍ଦେଶକ ଦ୍ୱାରା ବିଭିନ୍ନ ଅଂଚଳ ପାଇଁ ସ୍ଥିରୀକୃତ ନିର୍ଦ୍ଦିଷ୍ଟ ହାଟ ଦିନମାନଙ୍କରେ ନିୟନ୍ତ୍ରିତ ବଜାର କମିଟି ୟାର୍ଡମାନଙ୍କରେ ଅନୁଷ୍ଠିତ ନିଲାମରେ ଅଂଶଗ୍ରହଣ କରି କପା ସଂଗ୍ରହ କରିବେ ।

କୃଷି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ ରାଜ୍ୟରେ କପାଚାଷର ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟରେ ଉତ୍ପାଦିତ କପା ଉତ୍କୃଷ୍ଟମାନର ହୋଇଥିବାରୁ ଅଧିକରୁ ଅଧିକ ଅଂଚଳରେ କପାଚାଷ ନିମନ୍ତେ ସୁଦୃଢ ବଜାର ବ୍ୟବସ୍ଥାର ଆବଶ୍ୟକତା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ । ଚଳିତ ବର୍ଷ ରାଜ୍ୟରେ ୨,୫୦,୦୦୦ କ୍ୱିଣ୍ଟାଲ କପା ଉତ୍ପାଦିତ ହେବାର ଆଶା କରାଯାଉଅଛି ।

ଅନ୍ୟାନ୍ୟ ବିଷୟମାନଙ୍କ ମଧ୍ୟରେ ରାଜ୍ୟରେ ଅଧିକ ଜିନିଂ ମିଲ୍ ପ୍ରତିଷ୍ଠା, ଉତ୍କୃଷ୍ଟମାନର କପା ବିହନ ଯୋଗାଣ ତଥା ୧୯୯୯-୨୦୦୦ ସୁଦ୍ଧା କପାଚାଷ ୮୦,୦୦୦ ହେକ୍ଟର ଜମିକୁ ସଂପ୍ରସାରିତ ଲକ୍ଷ୍ୟ ପୂରଣ ଆଦି ବିଭିନ୍ନ ବିଷୟରେ ଏହି ବୈଠକରେ ଆଲୋଚନା କରାଯାଇଥିଲା ।

OGP—MP—PTS (L&P H.) 40—6,000—16-1-1999




ଓଡ଼ିଶାର କେ.ବି.କେ.-ଡି.ପି.ଏ.ପି.-ଆଇ. ଡବ୍ଲ୍ୟୁ. ଡି.ପି. ଜିଲ୍ଲାଗୁଡିକରେ ଜଳଛାୟା ଉନ୍ନୟନ ପ୍ରକଳ୍ପ ଉପରେ ଆୟୋଜିତ ଏକ ତାଲିମ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି । 1/12



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗଡ଼ଜାତ ମିଶ୍ରଣର ସୁବର୍ଣ୍ଣଜୟନ୍ତୀ ସମାରୋହରେ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ । 14/12



ରାଜଯକ୍ଷ୍ମା ଓ ଛାତିରୋଗ ସମ୍ପର୍କରେ ଭାରତୀୟ ଯକ୍ଷ୍ମା ସଂଘର ୫୮ତମ ଜାତୀୟ ସମ୍ମିଳନୀକୁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଅମରନାଥ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି । ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଓ ସଙ୍ଗଠନର ସମ୍ପାଦକ ଡଃ ଆର. ସି. ଭୁଟିଆ ଉପସ୍ଥିତ ଥିଲେ । 27/12



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଧାନସଭା ପ୍ରକୋଷ୍ଠରେ ଚିଲିକା ଓ ବେଳାଭୂମିର ପରିବେଶ ସୁରକ୍ଷା ଏବଂ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ ସମ୍ପର୍କୀୟ ଆଲୋଚନା ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । 22/12



ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଦୀର୍ଘ ୪ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ଏକ ସମୀକ୍ଷା ସମ୍ବଳିତ ପୁସ୍ତିକା (1995-98) ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି ଉନ୍ମୋଚନ କରି ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି । 26/12



ରାଜ୍ୟ ଅର୍ଥଆୟୋଗ ଅଧ୍ୟକ୍ଷ ଡଃ ବୈଦ୍ୟନାଥ ମିଶ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ
ଅର୍ଥ ଆୟୋଗର ରିପୋର୍ଟ ପ୍ରଦାନ କରୁଛନ୍ତି । 30/12



ରାଜଧାନୀ ମହାବିଦ୍ୟାଳୟ ଛାତ୍ରସଂସଦର ବାର୍ଷିକ ଉତ୍ସବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି । 12/12



ସାଂସ୍କୃତିକ ଭାବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଉପଲକ୍ଷେ ଓଡ଼ିଶା ପରିଦର୍ଶନରେ ଆସିଥିବା ଉତ୍ତର-ପୂର୍ବାଞ୍ଚଳ ଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି । 9/12



କଟକ ପୋଲିସ୍ ଲାଇନ୍ ପଡ଼ିଆରେ ଅନୁଷ୍ଠିତ ଓଡ଼ିଶା ପୋଲିସ୍ କ୍ରୀଡ଼ାପ୍ରତିଯୋଗିତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କୃତୀ ଖେଳାଳୀମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି । 13/12



ଭୁବନେଶ୍ୱରଠାରେ ଅନୁଷ୍ଠିତ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବକୁ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦଘାଟନ କରୁଛନ୍ତି । 6/12



ଏସିଆନ୍ ହକିର ସ୍ୱର୍ଣ୍ଣ ପଦକ ବିଜେତା ଶ୍ରୀ ଦିଲ୍ଲୀପ୍ ତିର୍କି ଓ ଶ୍ରୀ ଲାଜରୁସ୍ ବାର୍ଲା
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି । 30/12



ଭୁବନେଶ୍ୱର ପ୍ରଦର୍ଶନୀ ପଡିଆ ୟୁନିଟ୍-୩ ଠାରେ ଆୟୋଜିତ ହସ୍ତତନ୍ତ ପ୍ରଦର୍ଶନୀ ଏକ୍ସପୋ-୯୮ କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରି ବିଭିନ୍ନ
ଷ୍ଟଲ ବୁଲିଦେଖୁଛନ୍ତି । 7/12




ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ଜାଳି
ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି । 2/1




ଭୁବନେଶ୍ୱର ଶ୍ରୀରାମମନ୍ଦିରଠାରେ ଆୟୋଜିତ ଓଡ଼ିଆ ଚଳଚ୍ଚିତ୍ର 'ରାଜକୁମାର'ର ମହୁରତ ଉତ୍ସବକୁ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । 15/12




ସୂଚନା ଭବନଠାରେ ଆୟୋଜିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ
ପରିବେଶମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଦାଶ, ସାହିତ୍ୟିକ ଅସିତ କବି, ଲୋକସମ୍ପର୍କ ପ୍ରମୁଖ ଶାସନ ସଚିବ
ଶ୍ରୀ ସଂଜୀବ ଚନ୍ଦ୍ର ହୋତା, ନିର୍ଦ୍ଦେଶକ ଶ୍ରୀ ଆର୍. ଏନ୍. ଦାଶ ଓ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସମ୍ପାଦକ
ଶ୍ରୀ ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଅଛନ୍ତି । 17/12



ଦିବ୍ୟ ଜୀବନ ସଂଘ ପକ୍ଷରୁ ଖଣ୍ଡଗିରିଠାରେ ଆୟୋଜିତ ଅଖିଳଭାରତୀୟ ଦିବ୍ୟ ଜୀବନ ସଂଘ ସମ୍ମେଳନର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି । ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଓ ଅନ୍ୟାନ୍ୟ ସନ୍ନ୍ୟାସୀମାନେ ଉପସ୍ଥିତଅଛନ୍ତି । 13/12



ଭୁବନେଶ୍ୱରର ଶ୍ରୀ ଶ୍ରୀ କଳ୍ପତରୁ ସେବାଶ୍ରମ ପ୍ରାଙ୍ଗଣରେ ବାୟାବାବାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ଓ ମହାରାଜା ଦିବ୍ୟସିଂହଦେବ 7/12



INTERNATIONAL WORKSHOP
ON



Licence No. C.R.N.P. 5—Licensed to post without Pre-payment



ଭୁବନେଶ୍ୱର ବିମାନବନ୍ଦରଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସହିତ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କେନ୍ଦ୍ର ଭୂତଳ ପରିବହନ ମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ପ୍ରଧାନ । 29/ 2



ବାରବାଟୀ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ୪୯ତମ ରାଜ୍ୟ ଆମେଚର ଆଥ୍ଲେଟିକ୍ ମିଟ୍‌ରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି । 15/12

PRINTED AT ORISSA GOVERNMENT PRESS, CUTTACK-753010

# ଉତ୍କଳ ପ୍ରସଙ୍ଗ

ଫେବୃଆରୀ-୧୯୯୯

